# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୮/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, September 18/2021 | ★★★★

୪୭ଶ ଭାଗ ୨୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ଟ୍ରୋଲ୍ ହେଲେ ନୋରା

ଅଭିନେତ୍ରୀ ନୋରା ଫତେହି ସୋସିଆଲ ମିଡିଆରେ ଶେୟାର କରିଥିବା ତାଙ୍କର କେତେକ ଫଟୋକୁ ନେଇ ଟ୍ରୋଲ୍ ହୋଇଛନ୍ତି।

୧୪ ୦୯

## ଦେବାଶିଷଙ୍କୁ ଡବଲ ଟାଇଟଲ

ହରିୟାଣାର ଝାଜରଠାରେ ଅନୁଷ୍ଠିତ ଏଆଇଟିଏ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଦେବାଶିଷ ସାହୁ ଡବଲ ଟାଇଟଲ ହାସଲ କରିଛନ୍ତି।







କେନ୍ଦ୍ରର ୩ କୃଷି ଆଇନକୁ ଶୁକ୍ରବାର ବର୍ଷେ ପୂରିଛି। ଏହାର ଉଚ୍ଛେଦ ଦାବିରେ ନୂଆଦିଲ୍ଲୀରେ ଶିରୋମଣି ଅକାଳୀ ଦଳ ପକ୍ଷରୁ ବିକ୍ଷୋଭ ସମାବେଶ। **(ଫଟୋ: ଚମନ ଗୌତମ) (ରିପୋର୍ଟ: ପୃଷ୍ଠା-୧୨)**

# ପାକିସ୍ତାନକୁ ନ୍ୟୁଜିଲାଣ୍ଡ ଝଟକା

## ଆରମ୍ଭର ୩୦ ମିନିଟ ପୂର୍ବରୁ କ୍ରିକେଟ ମ୍ୟାଚ ବାତିଲ

*ପାକିସ୍ତାନ-ନ୍ୟୁଜିଲାଣ୍ଡ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ପ୍ରସ୍ତୁତି ସରିଥିଲା। ରାୱଲପିଣ୍ଡି ଷ୍ଟାଡିୟମ ମଧ୍ୟକୁ ଦର୍ଶକ ପ୍ରବେଶ କରିବା ସହ ଷ୍ଟମ୍ପ ମଧ୍ୟ ପୋତା ସରିଥିଲା। ଟସ୍‌କୁ ଅପେକ୍ଷା ଥିଲା। ମାତ୍ର ମ୍ୟାଚ ଆରମ୍ଭର ୩୦ ମିନିଟ ପୂର୍ବରୁ ସବୁକିଛି ବଦଳିଗଲା। ଗୋଇନ୍ଦା ବିଭାଗର ରିପୋର୍ଟ ଅନୁସାରେ ସୁରକ୍ଷା କାରଣ ଦର୍ଶାଇ ଗସ୍ତରୁ ଓହରିଗଲା ନ୍ୟୁଜିଲାଣ୍ଡ। ଏଥିରୁ ସ୍ପଷ୍ଟ ହେଉଛି ଯେ, ପାକିସ୍ତାନରେ ଏବେ ବି ବିଦେଶୀ ନାଗରିକଙ୍କ ସୁରକ୍ଷା ଏବଂ ଅନ୍ତର୍ଜାତୀୟ ଖେଳ ପାଇଁ ଅନୁକୂଳ ବାତାବରଣ ନାହିଁ।*

**ରାୱଲପିଣ୍ଡି, ୧୭।୯**

ଚଳିତ ପାକିସ୍ତାନ ଗସ୍ତକୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବାତିଲ କରିଛି। ସ୍ଥାନୀୟ ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ ଆୟୋଜନ ହେବାର ୩୦ ମିନିଟ ପୂର୍ବରୁ ଏପରି ନାଟକୀୟ ଘଟଣା ଘଟିଛି। ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍) ଏହି ନିଷ୍ପତ୍ତି ନେଇଛି। ମ୍ୟାଚ୍ ଆରମ୍ଭ ହେବା ପାଇଁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ବେଳେ ନ୍ୟୁଜିଲାଣ୍ଡର ଏପରି ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି। ଏହି ଗସ୍ତରେ ୩ଟି ଦିନିକିଆ ଓ ୫ଟି ଟି୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଏବେ ସ୍ୱଦେଶ ଫେରିବାକୁ ନ୍ୟୁଜିଲାଣ୍ଡ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏହାକୁ ନାପସନ୍ଦ କରିଛି ଓ ନ୍ୟୁଜିଲାଣ୍ଡର ଏହି ନିଷ୍ପତ୍ତି ଏକତରଫା ବୋଲି କହିଛି।

ପ୍ରଥମ ଦିନିକିଆ ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ଅପରାହ୍ନ ୩ଟାରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା। ଅର୍ଥାତ୍ ଟସ୍ ୨.୩୦ରେ ପଡ଼ିଥାନ୍ତା। ଉଭୟ ଦଳ ସେମାନଙ୍କ ହୋଟେଲ ରୁମ୍‌ରେ ଅବସ୍ଥାନ କରିଥିଲେ। ଏହି ସମୟରେ ନ୍ୟୁଜିଲାଣ୍ଡ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ହୋଟେଲରୁ ବାହାରକୁ ବାହାରିବାକୁ ବାରଣ କରାଯାଇଥିଲା। ଗସ୍ତ ଚାଲୁ ରହିବା ସମ୍ଭବ ନୁହେଁ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ୍ ହ୍ୱାଇଟ୍ କହିଥିଲେ। ଫଳରେ ନ୍ୟୁଜିଲାଣ୍ଡ ଗସ୍ତ ବାତିଲ ହୋଇଥିଲା। ନ୍ୟୁଜିଲାଣ୍ଡ ସରକାରଙ୍କ ପରାମର୍ଶ କ୍ରମେ ଆମେ ଏହି ଗସ୍ତ ବାତିଲ କରିଛୁ ବୋଲି ହ୍ୱାଇଟ ପ୍ରକାଶ କରିଥିଲେ। ଏହାଦ୍ୱାରା ପିସିବି ନିଶ୍ଚିତ ଭାବେ ନିରାଶ ହୋଇଥିବ। ଆୟୋଜକ ଭାବେ ପିସିବି ବେଶ୍ ପ୍ରଶଂସନୀୟ କାର୍ଯ୍ୟ କରିଛି। ତେବେ ଖେଳାଳିମାନଙ୍କ ସୁରକ୍ଷାକୁ ଆମେ ଅଗ୍ରାଧିକାର ଦେଉଛୁ। ତେଣୁ ଆମକୁ ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ହ୍ୱାଇଟ୍ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପିସିବି ଓ ପାକିସ୍ତାନ ☞ପୃଷ୍ଠା-୪

# ଜିଏସ୍‌ଟିକୁ ଆସିଲାନି ପେଟ୍ରୋଲ, ଡିଜେଲ

*ଦେଶରେ ତେଲ ଦର ଆକାଶଛୁଆଁ ହୋଇଥିବାରୁ ଅନ୍ୟ ଜରୁରୀ ସାମଗ୍ରୀଗୁଡ଼ିକର ମୂଲ୍ୟ ମଧ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପରିବହନ ଖର୍ଚ୍ଚ ହ୍ରାସ ନିମନ୍ତେ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ପରିସରକୁ ଆଣିବା ପାଇଁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି। ଗତ ଜୁନ୍‌ରେ ଏନେଇ କେରଳ ହାଇକୋର୍ଟ ଏକ ଆବେଦନର ଶୁଣାଣି କରି ତେଲ ଦରକୁ ଜିଏସ୍‌ଟି ପରିସରଭୁକ୍ତ କରିବା ଲାଗି ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ଲକ୍ଷ୍ନୌରେ ଶୁକ୍ରବାର ଅନୁଷ୍ଠିତ ୪୫ତମ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଥିଲା। ହେଲେ ସହମତି ପ୍ରକାଶ ନ ପାଇବାରୁ ଖାଉଟିଙ୍କ ଆଶା ଆଶାରେ ରହିଗଲା।*

**ନୂଆଦିଲ୍ଲୀ, ୧୭।୯**

ବର୍ତ୍ତମାନ ସାରା ଦେଶରେ ତେଲ ଦର ଆକାଶଛୁଆଁ ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଲୋକଙ୍କୁ କିଛିଟା ଆଶ୍ୱସ୍ତି ପ୍ରଦାନ କରିବେ ବୋଲି ଆଶା କରାଯାଉଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲକ୍ଷ୍ନୌଠାରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦର ୪୫ତମ ବୈଠକରେ ଏହି ପ୍ରସଙ୍ଗ ସ୍ଥାନୀତ ହୋଇଥିଲା। ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବାକୁ କେରଳ ହାଇକୋର୍ଟ ପରିଷଦକୁ ନିର୍ଦ୍ଦେଶ ଦେବା ପରେ ଏନେଇ ବୈଠକରେ ଆଲୋଚନା ହୋଇଥିଲା। ମାତ୍ର ଏହା ଉପରେ କୌଣସି ନିଷ୍କର୍ଷ ବାହାରିପାରିନାହିଁ। କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଏହି ପ୍ରସଙ୍ଗକୁ ନେଇ ସହମତି ପ୍ରକାଶ ପାଇପାରିନାହିଁ।

## କୋଭିଡ୍ ମେଡିସିନର ରିହାତି ଅବଧି ବୃଦ୍ଧି




ସୀତାରାମନ କହିଛନ୍ତି, କେରଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପରିଷଦରେ ଏହି ପ୍ରସଙ୍ଗ ଆଲୋଚନା କରାଯାଇଥିଲା। ମାତ୍ର ସଦସ୍ୟମାନେ ପେଟ୍ରୋଲ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବାକୁ ଇଚ୍ଛା ପ୍ରକଟ କରି ନାହାନ୍ତି। ଏ ନେଇ ସେମାନେ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି। ପେଟ୍ରୋଲ ଓ ଡିଜେଲ ଜିଏସ୍‌ଟି ପରିସରକୁ ଆସି ନ ଥିବାରୁ ବର୍ତ୍ତମାନ ତେଲ ଦରରୁ ଲୋକଙ୍କୁ ଆଶ୍ୱସ୍ତି ମିଳିବନାହିଁ ବୋଲି ଜଣାପଡ଼ିଛି।

ପେଟ୍ରୋଲିୟମ ସାମଗ୍ରୀକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ଲାଗି ବର୍ତ୍ତମାନ ଠିକ୍ ସମୟ ନୁହେଁ ବୋଲି ପରିଷଦ ଉପଲବ୍ଧି କରିଥିବା କୋର୍ଟଙ୍କୁ ଜଣାଇ ଦିଆଯିବ ବୋଲି ସୀତାରାମନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜୁନରେ କେରଳ ହାଇକୋର୍ଟ ଏକ ରିଟ୍ ପିଟିଶନର ଶୁଣାଣି କରି ପେଟ୍ରୋଲ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ଲାଗି ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ।

ଏଠାରେ ନିର୍ଦ୍ଦିଷ୍ଟ ବର୍ଗରେ କୋଭିଡ-୧୯ ମେଡିସିନ ଉପରେ ରହିଥିବା ରିହାତି ଅବଧିକୁ ଚଳିତ ବର୍ଷ ଡିସେମ୍ବର ୩୧ ଯାଏ ବୃଦ୍ଧି କରାଯାଇଛି। ୨ କୋଭିଡ ଔଷଧ ଯଥା-ଜୋଲଜେନସ୍ମା ଏବଂ ଭିଲଟେପ୍ସୋକୁ ଉପରେ ସରକାର ଟିକସ ଛାଡ଼ କରିଛନ୍ତି। ବୈଠକରେ ଲୋକଙ୍କୁ ଲାଭଦେବା ଭଳି ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦୀର୍ଘ ଦିନ ଧରି ଏ ନେଇ ଦାବି ହୋଇ ଆସୁଥିଲା ବୋଲି ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି।

ଆମ୍ଫୋଟେରିସିନ ବି, ଟୋସିଲିଜୋମାବ ଭଳି ମେଡିସିନର ଟିକସ ହାର ବର୍ତ୍ତମାନ ଶୂନକୁ ଖସିଛି। ରେମ୍‌ଡେସିଭିର ଏବଂ ହେମାରିନର ଟିକସ ହାର ଚଳିତ ବର୍ଷ ଜୁନରେ ୫%କୁ ହ୍ରାସ କରାଯାଇଥିଲା। ଏହାର କୋହଳ ସୀମା ସେପ୍ଟେମ୍ବର ୩୦ ଥିବା ବେଳେ ପରିଷଦ ବର୍ତ୍ତମାନ ଏହାକୁ ଡିସେମ୍ବର ୩୧ ଯାଏ ବଢାଇଥିବା ଜଣାପଡ଼ିଛି। ୭ ଅନ୍ୟ ମେଡିସିନ ଉପରେ ଟିକସ ହାର ୧୨ରୁ ୫%କୁ ହ୍ରାସ କରିବା ନେଇ ଫାର୍ମାସିଟିକାଲ ବିଭାଗ ପ୍ରସ୍ତାବ ଦେଇଥିଲା। ଏଗୁଡ଼ିକର ଅବଧି ମଧ୍ୟ ଡିସେମ୍ବର ୩୧ ଯାଏ ବଢ଼ାଯାଇଛି। ☞ପୃଷ୍ଠା-୪

# ସରକାରଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କଲେନି ହାଇକୋର୍ଟ

## ମୂର୍ତ୍ତି ଉଚ୍ଚତା ମାମଲା

■ **ବାଲୁବଜାର ପୂଜା କମିଟିର ଆବେଦନ ଖାରଜ**

**କଟକ ଅଫିସ, ୧୭।୯**

ହାଇକୋର୍ଟରେ ମୂର୍ତ୍ତି ଉଚ୍ଚତା ବିବାଦ ସମ୍ପର୍କିତ ଆଗତ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କଟକ ବାଲୁବଜାର ପୂଜା କମିଟିର ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୪ ଫୁଟ ମୂର୍ତ୍ତି ନିର୍ମାଣ ପାଇଁ ରାଜ୍ୟ ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ତେଣୁ ସରକାରଙ୍କ ନିଷ୍ପତ୍ତି ଉପରେ ହସ୍ତକ୍ଷେପ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଗତବର୍ଷ ଏକ ମାସ ଆଗରୁ ମୂର୍ତ୍ତି ନିର୍ମାଣ ହୋଇସାରିଥିଲା। ତେଣୁ ୯ ପୂଜା ମଣ୍ଡପରେ ମୂର୍ତ୍ତି ବଡ଼ କରିବା ଲାଗି ଅନୁମତି ଦିଆଯାଇଥିଲା। ଚଳିତବର୍ଷ ସେଭଳି ଅବସ୍ଥା ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

**ଦୁର୍ବଳ ପ୍ରଦର୍ଶନ**

## ଆଜିର ମନ୍ତବ୍ୟ

"କେନ୍ଦ୍ର ସରକାର ତୁରନ୍ତ ନୂଆ କୃଷି ଆଇନକୁ ଉଚ୍ଛେଦ କରି ସମାଧାନ ପାଇଁ ଚାଷୀଙ୍କ ସହ ଆଲୋଚନା କରନ୍ତୁ।

-ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ


USHA TRAVELS
www.flyusha.in
For Cheapest Flight Tickets
CALL US! 1800 890 3566
OFFICE:
102, BHARATI TOWER
FOREST PARK,
BHUBANESWAR - 751-009
Tel.: 0674-2595523, Mob.: 9937438896
T&C Apply
NEAR BHUBANESWAR AIRPORT


# ଷ୍ଟେଟ୍ ସ୍କେଲ୍ ଅଧ୍ୟାପକ ଆଇଏଏସ୍ ଅଫିସର ହେବେ

## ନନ୍‌ଷ୍ଟେଟ ସିଭିଲ ସର୍ଭିସ ତାଲିକାରେ ସାମିଲ କରିବାକୁ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖିଲା ଉଚ୍ଚ ଶିକ୍ଷା ବିଭାଗ

**ଭୁବନେଶ୍ୱର, ୧୭।୯ (ବ୍ୟୁରୋ)**

ରାଜ୍ୟ ହାର ଦରମାପ୍ରାପ୍ତ(ଷ୍ଟେଟସ୍ ସ୍କେଲ୍ ଅଫ୍ ପେ) ଅଧ୍ୟାପକମାନେ ଆଇଏଏସ୍ ଅଫିସର ର୍‍ୟାଙ୍କ୍‌କୁ ପଦୋନ୍ନତି ପାଇବେ। ଓଡ଼ିଶା ଶିକ୍ଷା ସେବା(ଓଇଏସ୍)କୁ ନନ୍ ଷ୍ଟେଟ ସିଭିଲ ସର୍ଭିସ ତାଲିକାରେ ସାମିଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖାଯାଇଛି। ଏଥିରେ କୁହାଯାଇଛି ଯେ ଓଇଏସ (ଷ୍ଟେଟସ୍ ସ୍କେଲ୍ ଅଫ୍ ପେ) କ୍ୟାଡରକୁ ନନ୍ ଷ୍ଟେଟ ସିଭିଲ ସର୍ଭିସ ତାଲିକାରେ ସାମିଲ କରାଯାଇ ନାହିଁ। ଏହି କ୍ୟାଡର ଗ୍ରୁପ-ଏ ଅଧ୍ୟାପକ ଓଡ଼ିଶା କ୍ୟାଡର ଆଇଏଏସ୍ ଚୟନରୁ ବଞ୍ଚିତ ହେଉଛନ୍ତି।

ଓଇଏସ୍ (ଷ୍ଟେଟସ୍ ସ୍କେଲ୍ ଅଫ୍ ପେ) କ୍ୟାଡର ଅଧ୍ୟାପକମାନେ ଗ୍ରୁପ-ବି'ରୁ ଚାକିରି ଆରମ୍ଭ କରନ୍ତି। ଏହାର ୮ ବର୍ଷ ପରେ ଗ୍ରୁପ-ଏ ବର୍ଗକୁ ପ୍ରବେଶ କରନ୍ତି। ଗ୍ରୁପ-ଏ'କୁ ପଦୋନ୍ନତି ପାଇବା ପରେ ସେହି ଅଧ୍ୟାପକମାନେ ସଂଶୋଧିତ ହାରରେ ୯,୩୦୦ରୁ ୩୪,୮୦୦ ଟଙ୍କା ସହିତ ୫୪୦୦ ଗ୍ରେଡ୍ ପେ ପାଇଥାଆନ୍ତି, ଯାହାକି ଓଏଏସ୍ କ୍ୟାଡର ଡେପୁଟି କଲେକ୍ଟର ପଦବୀ ସହ ସମାନ। ଏହି ପରିପ୍ରେକ୍ଷୀରେ ଓଇଏସ୍ (ଷ୍ଟେଟସ୍ ସ୍କେଲ୍ ଅଫ୍ ପେ) କ୍ୟାଡରକୁ ନନ୍ ଷ୍ଟେଟ ସିଭିଲ ସର୍ଭିସ ତାଲିକାରେ ସାମିଲ କରାଗଲେ ବରିଷ୍ଠ ଅଧ୍ୟାପକମାନେ ଓଡ଼ିଶା କ୍ୟାଡର ଆଇଏଏସ୍ ଚୟନ ତାଲିକାରେ ସାମିଲ ହୋଇପାରିବେ। ଓଇଏସ୍ କ୍ୟାଡରକୁ ନନ୍ ଷ୍ଟେଟ ସିଭିଲ ସର୍ଭିସ ତାଲିକାରେ ସାମିଲ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ପ୍ରସ୍ତାବ ଦିଆଯାଇଛି। ସରକାରଙ୍କ ଅନୁମୋଦନ ପରେ ବରିଷ୍ଠ ଅଧ୍ୟାପକମାନେ ଆଇଏଏସ୍ ଭଳି ପଦକୁ ପଦୋନ୍ନତି ପାଇ ପାରିବେ।

ଓଇଏସ୍ ଷ୍ଟେଟ୍ ସ୍କେଲ୍ କ୍ୟାଡରକୁ ଆଇଏଏସ୍ ପଦୋନ୍ନତି ତାଲିକାରେ ସାମିଲ କରାଯାଉ ନ ଥିବାରୁ ସରକାରୀ କଲେଜର ବରିଷ୍ଠ ଅଧ୍ୟାପକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଥିଲା। ଆଇଏଏସ୍ ଅଫିସର ତାଲିକାରେ ଦୀର୍ଘ ବର୍ଷ ଧରି ଅଧ୍ୟାପକମାନଙ୍କୁ ସାମିଲ କରାଯାଉ ନ ଥିବାରୁ ସରକାରୀ କଲେଜ ଶିକ୍ଷକ ସଂଘ ମଧ୍ୟ ଏ ନେଇ ବହୁବାର ଆପତ୍ତି ଉଠାଇଛି। ଓଏଏସ୍, ଓଆରଏସ୍ ଏବଂ ଓଏଫ୍‌ଏସ୍ ଭଳି କ୍ୟାଡର ଅଧିକାରୀମାନଙ୍କୁ ଆଇଏଏସ୍ ଅଫିସର ତାଲିକା ଭୁକ୍ତ କରାଯାଉଥିବା ବେଳେ ଶିକ୍ଷା କ୍ଷେତ୍ରକୁ ସର୍ବଦା ଅବହେଳା ☞ପୃଷ୍ଠା-୪

# ମୋଦିଙ୍କୁ ୭୧

## ଦିନକରେ ୨.୨ କୋଟିଙ୍କୁ ଟିକା



ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୧୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୭୧ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସରକାରଙ୍କ ପକ୍ଷରୁ କୋଭିଡ୍ ଟିକାକରଣର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା। ଶୁକ୍ରବାର ସନ୍ଧ୍ୟା ୭ଟା ସୁଦ୍ଧା ଦେଶରେ ୨.୨ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଦିଆଯାଇଛି। ଗୋଟିଏ ଦିନରେ ଟିକାଦାନ ଦୁଇକୋଟି ଟପିବା ଏକ ରେକର୍ଡ। ମୋଦିଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ଲାଗି ରେକର୍ଡ କୋଭିଡ୍ ଟିକାଦାନ ଲାଗି ଭାଜପା ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହା ଦ୍ରୁତତମ ଟିକାକରଣ ଏବଂ ସ୍ୱାସ୍ଥ୍ୟ ☞ପୃଷ୍ଠା-୪


# ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

## ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ-ସୋର-ବାଲେଶ୍ୱର-ବେତନଟୀ-ବାରିପଦା ମାର୍ଗରେ ଚୂଡ଼ାନ୍ତ ସଂଶୋଧିତ ସୁବ୍ୟବସ୍ଥାକରଣ ସମୟସାରଣୀ (Final Rationalized Timing)

ଏତଦ୍ଦ୍ୱାରା ଭୁବନେଶ୍ୱର/ କଟକ-ଆଖୁଆପଦା-ଭଦ୍ରକ-ସୋର-ବାଲେଶ୍ୱର-ବେତନଟୀ-ବାରିପଦା ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ନୂତନ ଚୂଡ଼ାନ୍ତ ପରିବର୍ତ୍ତିତ ସୁବ୍ୟବସ୍ଥାକରଣ ସମୟସାରଣୀ (Final Rationalized Timing) ପ୍ରସ୍ତୁତ କରାଯାଇ ତା୩୦।୦୧।୨୦୨୦ରିଖରୁ ଲାଗୁ କରାଯାଇଥିଲା । ମାତ୍ର ୧୪୧ ବସ୍ ମାଲିକମାନଙ୍କ ଦ୍ୱାରା ପ୍ରଦତ୍ତ ଦରଖାସ୍ତଗୁଡିକୁ ବିଚାରକୁ ନିଆଯାଇ ପୂର୍ବ ପ୍ରକାଶିତ (Final Rationalized Timing)ରେ କେତେକ ପରିବର୍ତ୍ତନ କରାଯାଇଅଛି ଯାହାକି STA Website www.odishatransport.gov.inରେ ଉପଲବ୍ଧ। ଉକ୍ତ ନୂତନ ପରିବର୍ତ୍ତିତ (Rectified Final Rationalized Timing) ସମୟ ସାରଣୀ ତା୨୦।୦୯।୨୦୨୧ରିଖରୁ ଲାଗୁ କରାଯିବା ପାଇଁ ସ୍ଥିର କରାଗଲା ।

**ବି.ଦ୍ର.-** ନୂତନ ସୁବ୍ୟବସ୍ଥାକରଣ ସମୟ ସାରଣୀ (Rectified Final Rationalized Timing) ସମ୍ବନ୍ଧରେ ଯଦି କୌଣସି ତ୍ରୁଟି ଥାଏ ସମ୍ପୃକ୍ତ ବସ୍ ମାଲିକ ତା୧୮।୧୦।୨୦୨୧ ରିଖ ମଧ୍ୟରେ ଦରଖାସ୍ତ ଦାଖଲ କରିପାରିବେ। ଉକ୍ତ ଦରଖାସ୍ତଗୁଡିକୁ Case to Case ଶୁଣାଣି ମାଧ୍ୟମରେ ବିଚାର କରାଯିବ। ଧାର୍ଯ୍ୟ ସମୟ ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ।

ପ୍ରକାଶ ଥାଉକି ତ୍ରୁଟି ସଂଶୋଧନ ପରେ ଖାଲିଥିବା ସ୍ଲଟ୍ (Slot)ଗୁଡିକୁ Websiteରେ ପ୍ରକାଶିତ କରାଯିବ। ଏହା ପରେ ଇଚ୍ଛୁକ ବସ୍ ମାଲିକମାନେ ଉକ୍ତ ଖାଲିଥିବା ସ୍ଲଟ୍‌ରେ ନୂତନ ପରିମିଟ୍ ପାଇଁ OPMS onlineରେ ଦରଖାସ୍ତ କରିପାରିବେ।

**ସ୍ୱା./- ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ**
**ଓଡ଼ିଶା, କଟକ**

# ୩ ମାସ ଗୁରୁତ୍ୱପୂର୍ଣ୍ଣ: ଡିଏମ୍‌ଇଟି

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଆରମ୍ଭ ହୋଇଛି ପାର୍ବଣ ଋତୁ। ୩ ମାସ ଦୋକାନ ବଜାରରେ ଲୋକଙ୍କ ଭିଡ଼ ଅଧିକ ହେବ। ତେଣୁ ଏହି ସମୟରେ ପୁଣିଥରେ ସଂକ୍ରମଣ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ତେଣୁ ଏହି ୩ ମାସ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି। ରାଜ୍ୟରେ କରୋନା ସଂକ୍ରମଣ ସ୍ଥିତି ଓ ସମ୍ଭାବନାକୁ ନେଇ ଡିଏମ୍‌ଇଟି କହିଛନ୍ତି, ପାର୍ବଣ ସମୟ ପାଇଁ ଏବେ ଆମକୁ କୋଭିଡ଼ ଗାଇଡ଼ଲାଇନ୍ ମାନିବାକୁ ପଡିବ। ଟିକାକରଣକୁ ଜୋର୍‌ଦାର କରାଯାଇଛି। ଏହାସତ୍ତ୍ୱେ ସଂକ୍ରମଣ ନିୟନ୍ତ୍ରଣକୁ ଆସିପାରୁନି। ବିଶେଷକରି ଭୁବନେଶ୍ୱର ଓ କଟକରୁ ଅଧିକ ସଂକ୍ରମିତ ବାହାରୁଛନ୍ତି। କାରଣ ଏହି ଦୁଇ ସହର ହେଉଛି ରାଜ୍ୟର ହେଉଛି ହେଲ୍‌ଥ ହବ୍। ଏଠାକୁ ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ରାଜ୍ୟ ବାହାରୁ ଲୋକ ଆସୁଛନ୍ତି। ଭିଡ଼ ବଢୁଛି, ତେଣୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ହେଲେ ଲୋକଙ୍କ ସହଯୋଗ ଆବଶ୍ୟକ। ଏଥିପାଇଁ ଲୋକଙ୍କୁ ସଚେତନ ହେବାକୁ ପଡ଼ିବ ବୋଲି ଡିଏମ୍‌ଇଟି କହିଛନ୍ତି।

ସେପଟେ ରାଜ୍ୟରେ ଗତ କିଛିଦିନ ହେବ କରୋନା ସଂକ୍ରମଣ ୫ଶହ ତଳେ ରହୁଥିବାବେଳେ ଏବେ ପୁଣି ବଢୁଥିବା ଦେଖିବାକୁ ମିଳିଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ତଥ୍ୟ ଅନୁସାରେ, ଗତ ୧୫ ତାରିଖରେ ରାଜ୍ୟରେ ୪୫୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୬ ତାରିଖରେ ୫୮୦ଜଣ ଚିହ୍ନଟ ହୋଇଥିଲେ। ତେବେ ୧୭ ତାରିଖରେ ତାହା ପୁଣି ବଢ଼ିଯାଇଛି ଅର୍ଥାତ୍ ଗତ ୨୪ଘଣ୍ଟାରେ ରାଜ୍ୟରେ ଆଉ ୬୨୮ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ବର୍ଗର ୯୬ଜଣ ଅଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୨୯୧ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରୁ ୭୨ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୧୮,୯୨୬ରେ ପହଞ୍ଚିଛି। ଶୁକ୍ରବାର ଆଉ ୭୧୯ ଆକ୍ରାନ୍ତ ସୁସ୍ଥ ହେବା ପରେ ମୋଟ ଆରୋଗ୍ୟ ସଂଖ୍ୟା ୧୦,୦୫,୫୬୪କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୫,୧୮୭ ଜଣ ସକ୍ରିୟ ରୋଗୀ ଥିବାବେଳେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨,୨୧୨ଜଣ ରହିଛନ୍ତି। ଫଳରେ ଅନ୍ୟ ସମସ୍ତ ଜିଲା ଗ୍ରୀନ ଜୋନ୍‌ରେ ଥିବାବେଳେ କେବଳ ଖୋର୍ଦ୍ଧା ୟେଲୋ ଜୋନ୍‌ରେ ରହିଛି।

ସେହିପରି ରାଜ୍ୟରେ ଆଉ ୪ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କଟକ, ଖୋର୍ଦ୍ଧା, ଜଗତସିଂହପୁର ଓ ଭଦ୍ରକରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ୮,୧୨୨କୁ ବୃଦ୍ଧି ପାଇଛି।

## ପୁଣି ଉପରମୁହାଁ କରୋନା

- ଆଉ ୬୨୮ ଆକ୍ରାନ୍ତ ଚିହ୍ନଟ, ୪ ମୃତ୍ୟୁ
- ଆଉ ୯୬ ପିଲା ସଂକ୍ରମିତ



## ସଂକ୍ଷେପରେ

### ନାବାଳିକାଙ୍କୁ ଗଣବଳାତ୍କାର ଧରାପଡ଼ିଲେ ୪ ଅଭିଯୁକ୍ତ

**ବାରିପଦା ଅଫିସ,୧୭।୯:** ମୟୂରଭଞ୍ଜ ଜିଲା ବହଳଦା ଥାନା ଅଞ୍ଚଳରେ ଜନୈକା ନାବାଳିକାଙ୍କୁ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅନ୍ୟ ଦୁଇ ନାବାଳକଙ୍କୁ ବାରିପଦା ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଭାଇରା ସୋରେନ(୨୬) ଓ ଶ୍ରୀରାମ ହେମ୍ବ୍ରମ(୨୫)। ଏ ସଂକ୍ରାନ୍ତରେ ପୋକ୍‌ସୋ ଆକ୍ଟରେ ପୋଲିସ ଏକ ମାମଲା (ନଂ.୮୮/୨୧) ରୁଜୁ କରିଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୫ଟା ସମୟରେ ନାବାଳିକା ଜଣକ ଏକ ଇଟାଭାଟିରେ କାମ କରୁଥିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ଗଣ ବଳାତ୍କାର କରିଥିଲେ। ଏପରିକି ବଳାତ୍କାର ସମୟର ଦୃଶ୍ୟ ସେମାନେ ମୋବାଇଲରେ ରେକର୍ଡିଂ କରିଥିବା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

### ବୈଦ୍ୟୁତିକ ଯାନରେ ପ୍ରୋତ୍ସାହନ ଲାଗି ପାଣ୍ଠି ସ୍ଥାପନ ହେବ

ଭୁବନେଶ୍ୱର,୧୬।୯(ବ୍ୟୁରୋ): ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ବୈଦ୍ୟୁତିକ ଯାନ ନୀତି ୨୦୨୧ ଘୋଷିତ ହୋଇଛି। ଏହି ନୀତି ଅନୁଯାୟୀ ବିଭିନ୍ନ ବର୍ଗର ବୈଦ୍ୟୁତିକ ଯାନ କ୍ରୟ ନିମନ୍ତେ ସରକାର ବିଭିନ୍ନ ପ୍ରୋତ୍ସାହନ ୪ ବର୍ଷ ପର୍ଯ୍ୟନ୍ତ ଯୋଗାଇ ଦେବାକୁ ବ୍ୟବସ୍ଥା କରୁଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଏହିସବୁ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ସରକାର ଖୁବ୍‌ଶୀଘ୍ର ଏକ ବୈଦ୍ୟୁତିକ ଯାନ ପାଣ୍ଠି ସ୍ଥାପନ କରିବାକୁ ଯାଉଥିବା ନେଇ ସୂଚନା ମଧ ଦିଆଯାଇଛି। ୨ ଚକିଆ ବୈଦ୍ୟୁତିକ ଯାନ କ୍ରୟ ପାଇଁ ଗାଡ଼ି ମୂଲ୍ୟର ୧୫ ପ୍ରତିଶତ ଏବଂ ସର୍ବୋଚ୍ଚ ୫ ହଜାର ଟଙ୍କା, ୩ ଚକିଆ ପାଇଁ ଗାଡ଼ି ମୂଲ୍ୟର ୧୫ ପ୍ରତିଶତ ଏବଂ ସର୍ବୋଚ୍ଚ ୧୦ ହଜାର ଟଙ୍କା ତଥା ୪ ଚକିଆ ଯାନ ପାଇଁ ଗାଡ଼ି ମୂଲ୍ୟର ୧୫ ପ୍ରତିଶତ ଓ ସର୍ବୋଚ୍ଚ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯିବ। ବସ୍ କ୍ରୟ ନିମନ୍ତେ ଗାଡ଼ି ମୂଲ୍ୟର ୧୦ ପ୍ରତିଶତ ଏବଂ ସର୍ବୋଚ୍ଚ ୪ ଲକ୍ଷ ଟଙ୍କା ପ୍ରୋତ୍ସାହନ ଯୋଗାଇଦେବାକୁ ଥିବାବେଳେ ମାଲବାହୀ ଯାନ ପାଇଁ ୩୦ ହଜାର ଟଙ୍କାର ପ୍ରୋତ୍ସାହନ ଦିଆଯିବ। ଯଦି କେହି ନିଜସ୍ୱ ବ୍ୟବହାର ପାଇଁ ବୈଦ୍ୟୁତିକ ଗାଡ଼ି କିଣିବାକୁ ଋଣ କରିବେ ତେବେ ଋଣ ଉପରେ ୫ ପ୍ରତିଶତ ସୁଧ ଛାଡ଼ କରାଯିବ। ନିର୍ଦ୍ଧାରିତ ସମୟ ମଧରେ ସବୁବର୍ଗର ବୈଦ୍ୟୁତିକ ଯାନର ପଞ୍ଜୀକରଣ ଓ ମୋଟର ଯାନ ଟିକସ ଦେୟ ମଧ ଛାଡ଼ କରାଯିବାର ବ୍ୟବସ୍ଥା କରାଯାଉଛି। ବୈଦ୍ୟୁତିକ ଯାନ ନିର୍ମାଣ କରୁଥିବା ସଂସ୍ଥାଗୁଡ଼ିକୁ ଶତ ପ୍ରତିଶତ ନିଟ୍ ଏସ୍‌ଜିଏସ୍‌ଟି ଛାଡ଼ କରାଯିବ ଏବଂ ଅଣୁ, ମଧମ ଓ କ୍ଷୁଦ୍ର ନୀତି-୨୦୧୬ ଅନୁସାରେ ସମସ୍ତ କ୍ଷୁଦ୍ର ଓ ଅଣୁ ବ୍ୟାଟେରି ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ମିଳିବ। ଏହି ଉଦ୍ୟୋଗୀଙ୍କ ନିମନ୍ତେ ବ୍ୟାଟେରି ଉତ୍ପାଦନ ପାଇଁ ଷ୍ଟାର୍ଟଅପ୍ ପଲିସି ଅନୁଯାୟୀ ସମସ୍ତ ସୁବିଧା ଉପଲବ୍ଧ ହେବ। ସେହିପରି ବିଭିନ୍ନ ସହରରେ ବୈଦ୍ୟୁତିକ ଯାନଗୁଡ଼ିକ ପାଇଁ ରହିଥିବା ପାର୍କିଂ ଫିସ୍‌ରେ ରିହାତି ମିଳିବ। ବ୍ୟାଟେରୀ ଚାର୍ଜିଂ ଷ୍ଟେସନ୍‌ଗୁଡ଼ିକୁ ବିଦ୍ୟୁତ ଶୁଳ୍କ ନିମନ୍ତେ ମଧ ରିହାତି ଦିଆଯିବାର ବନ୍ଦୋବସ୍ତ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଗଣିତରେ ତପସ୍ୱିନୀ, ଶିକ୍ଷାରେ ସୀମାଞ୍ଚଳ, ବାଣିଜ୍ୟରେ ପ୍ରିୟଙ୍କା ଟପ୍ପର

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକ ଶେଷ ପରୀକ୍ଷାଫଳ

କୋରାପୁଟ,୧୭।୯(ସ୍ୱ.ପ୍ର.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇଛି। କୋରାପୁଟ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ୩ଟି ବିଭାଗରେ ଟପ୍ପର ହୋଇ ଗୋଲ୍‌ଡ ମେଡାଲ ପାଇଛନ୍ତି। ଏଥିସହ ର୍‍ୟାଙ୍କିଙ୍ଗ୍‌ରେ ୪ ଜଣ ଛାତ୍ରୀଛାତ୍ର ରହିଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶୁଭେନ୍ଦୁ ପାଢ଼ୀ କହିଛନ୍ତି। ସମସ୍ତଙ୍କୁ ଶୁକ୍ରବାର ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ୫୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କୋରାପୁଟ ସରକାରୀ ମହାବିଦ୍ୟାଳୟର ଏତେ ସଂଖ୍ୟକ ଛାତ୍ରୀଛାତ୍ର ଟପ୍ପର ଓ ର୍‍ୟାଙ୍କ୍‌ରେ ସ୍ଥାନ ପାଇଛନ୍ତି। ମହାବିଦ୍ୟାଳୟର ଗଣିତରେ ତପସ୍ୱିନୀ ସାହୁ ଟପ୍ପର ହୋଇଥିବାବେଳେ ଶିକ୍ଷାରେ ସୀମାଞ୍ଚଳ ଦାସ ଏବଂ ବାଣିଜ୍ୟରେ ପ୍ରିୟଙ୍କା ଖରା ଟପ୍ପର ହୋଇ ଗୋଲ୍‌ଡ ମେଡାଲ ପାଇଛନ୍ତି।



ଗଣିତରେ ଟପ୍ପର ହୋଇଥିବା ତପସ୍ୱିନୀ।

ସେହିପରି ତପସ୍ୱିନୀ ପ୍ରିୟଦର୍ଶିନୀ ବାଣିଜ୍ୟରେ ୪ ନମ୍ବର ର୍‍ୟାଙ୍କ ପାଇଥିବାବେଳେ ପି. ନାଗଦୁର୍ଗା ପ୍ରସାଦ ରାଓ ବାଣିଜ୍ୟରେ ୭ମ ର୍‍ୟାଙ୍କ, ଛାତ୍ରୀ ଚାନ୍ଦମିନି କିଶୋରୀ ନାୟକ ଶିକ୍ଷାରେ ୭ମ ର୍‍ୟାଙ୍କ, ଛାତ୍ରୀ ଆକାଂକ୍ଷା ନାୟକ କମ୍ପ୍ୟୁଟର ସାଇନ୍ସରେ ୧୦ମ ର୍‍ୟାଙ୍କ ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏପରି ସଫଳତାରେ ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ ମହଲରେ ଆନନ୍ଦ ଖେଳିଯାଇଛି।



ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ଗାଡୁଭଙ୍ଗାଠାରେ ସୁବର୍ଣ୍ଣରେଖା ମୁଖ୍ୟ କେନାଲର କଂକ୍ରିଟ ୱାଲ୍ ଭୁଶୁଡ଼ି ପଡ଼ିଛି।

# ଓଡ଼ିଶା ବନସେବା ପରୀକ୍ଷାଫଳ ପ୍ରକାଶ

## ପ୍ରଥମ ସ୍ଥାନରେ ଆୟୁଷୀ ପତି

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଓଡ଼ିଶା ବନସେବା ପରୀକ୍ଷା-୨୦୧୯ର ଫଳ ପ୍ରକାଶ ପାଇଛି। ଆୟୁଷୀ ପତି ପ୍ରଥମ ସ୍ଥାନରେ ରହିଛନ୍ତି। ଶୁକ୍ରବାର ଓଡ଼ିଶା ଲୋକସେବା ଆୟୋଗ ଏହି ପରୀକ୍ଷା ଫଳ ଘୋଷଣା କରିଛି। କୋଭିଡ୍ ପ୍ରଥମ ଏବଂ ଦ୍ୱିତୀୟ ଲହର ଯୋଗୁ ପରୀକ୍ଷା ଫଳ ପ୍ରକାଶନରେ ବହୁ ବିଳମ୍ବ ହୋଇଥିଲା। ତେବେ ଏହି ପରୀକ୍ଷାରେ ମହିଳାମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାବେଳେ ପ୍ରଥମ ୧୦ ମେଧା ତାଲିକାରେ ୬ଜଣ ମହିଳା ଅଛନ୍ତି। ମହିଳାଙ୍କ ପାଇଁ ୨୦ ପଦବୀ ସଂରକ୍ଷିତ ଥିବାବେଳେ ୨୬ଜଣ ମହିଳା କୃତକାର୍ଯ୍ୟ ହୋଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ୬୭ ଖାଲି ପଦବୀ ପାଇଁ ଏହି ପରୀକ୍ଷା ହୋଇଥିଲା। ୧୨,୯୦୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨,୭୧୭ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୬୭ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କୁ ତୁରନ୍ତ ଖାଲି ପଡ଼ିଥିବା ସମସ୍ତ ୬୭ଟି ପଦବୀରେ ନିଯୁକ୍ତି ଦିଆଯାଇଛି। ଅଣସଂରକ୍ଷିତ ୩୬ଟି ପଦବୀରୁ ୧୨ଜଣ ମହିଳା, ସାମାଜିକ ଏବଂ ଆର୍ଥିକ ଅନଗ୍ରସର ବର୍ଗର ୧୬ଟି ପଦବୀରୁ ୪ ଜଣ ମହିଳା, ଅନୁସୂଚିତ ଜାତି ବର୍ଗର ୬ଟି ପଦବୀରୁ ଜଣେ ମହିଳା, ଅନୁସୂଚିତ ଜନଜାତି ବର୍ଗର ୯ଟି ପଦବୀକୁ ପୂରଣ କରାଯାଇଛି ବୋଲି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି।

# ସୁବର୍ଣ୍ଣରେଖା ମୁଖ୍ୟ କେନାଲରେ ଘଳିଆ

କୁଳିଅଣା,୧୭।୯(ଡି.ଏନ୍.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ସହିତ ଗାଲୁଡ଼ିହି ବ୍ୟାରେଜ୍‌ରୁ ଜଳ ନିଷ୍କାସନ ହେବାରୁ ସୁବର୍ଣ୍ଣରେଖା ମୁଖ୍ୟ କେନାଲର କଂକ୍ରିଟ ୱାଲ୍ ଫାଟି ଘଳିଆ ସୃଷ୍ଟି ହୋଇଛି। କେନାଲର ଆର୍‌ଡି.୩.୫୦୦କି.ମିର କୁଳିଅଣା ବ୍ଲକ ଅଧୀନ ଗାଡୁଭଙ୍ଗାଠାରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଯଥା ଶୀଘ୍ର କେନାଲ ମରାମତି ସହିତ ନିମ୍ନମାନର କାମ ଯୋଗୁ ବିଭାଗୀୟ ଯନ୍ତ୍ରୀଙ୍କ ନିଲମ୍ବନ ଓ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଜେଏମ୍‌ଏମ୍‌ର ଜିଲା ଯୁବ ସଭାପତି ଅର୍ଜ୍ଜୁନ ମୁର୍ମୁ ଦାବି କରଛନ୍ତି। ଏନେଇ ଶୁକ୍ରବାର ସେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପି.ଡି.ଏବଂ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୭୮ରେ ଆରମ୍ଭ ହୋଇଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାମ ୪୩ ବର୍ଷ ପରେ ମଧ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଫଳରେ ଏହି ପ୍ରକଳ୍ପ ଦ୍ୱରା ଠିକାଦାର,ବିଭାଗୀୟ ଅଧିକାରୀ ଓ ରାଜନେତା ମାଲେମାଲ ହେଉଛନ୍ତି। ଏହି ଜଳସେଚନ ପ୍ରକଳ୍ପ ବହୁମୁଖୀ ଚାଷ କାର୍ଯ୍ୟରେ ସହାୟକ ହେବା ସହ ସମଗ୍ର ଜିଲା ଦିନେ ଶସ୍ୟ ଶାମଳା ହେବ ଭାବି ଜିଲାବାସୀ ବେଶ ଆଶାବାଦୀ ଥିଲେ। ମାତ୍ର ସେମାନଙ୍କ ଆଶା କେବଳ ଆଶାରେ ହିଁ ରହିଯାଇଛି। ଡ୍ୟାମ୍ ପାଇଁ ଭିଟାମାଟି ଛାଡ଼ି ଥିବା ଅଞ୍ଚଳବାସୀ ଓ ଚାଷୀ ଏବେ ହତାଶ ହୋଇପଡ଼ିଛନ୍ତି। ଏହି କେନାଲରେ କେବଳ ବନ୍ୟାଜଳ ଛଡ଼ାଯାଉଛି। ଯାହା ଫଳରେ ଚାଷ ଜମିରେ ଅତ୍ୟଧିକ ପାଣି ଜମି ରହି ଫସଲ ନଷ୍ଟ ହେବା ହେଉଛି। ଦରକାର ସମୟରେ କେନାଲ ଶୁଖିଲା ପଡୁଛି ବୋଲି ଜେଏମ୍‌ଏମ୍ ଜିଲା ଯୁବ ସଭାପତି ମୁର୍ମୁ ଅଭିଯୋଗ କରିଛନ୍ତି।

# ଏଣିକି ପୋଲିସ, ଅଗ୍ନିଶମ ସେବା ପାଇଁ ନଂ. ୧୧୨

କଟକ ଅଫିସ,୧୭।୯

ଏଣିକି ଗୋଟିଏ ନମ୍ବରରେ ମିଳିବ ପୋଲିସ ଓ ଅଗ୍ନିଶମ ସେବା। ୧୦୧ ପରିବର୍ତ୍ତେ ୧୧୨କୁ କଲ୍ କରି ଜରୁରିକାଳୀନ ପରିସ୍ଥିତିରେ ଲୋକେ ଅଗ୍ନିଶମ ସେବା ପାଇ ପାରିବେ। ସେହିଭଳି ପୂର୍ବରୁ ପୋଲିସ ପାଇଁ ୧୦୦କୁ ଡାଏଲ୍ କରାଯାଉଥିବାବେଳେ ଏବେ ୧୧୨ରେ କଲ୍ କରି ହେବ। ଏହି ନମ୍ବର ସମ୍ପୂର୍ଣ୍ଣ ଦେୟମୁକ୍ତ। ଏହାଦ୍ୱାରା ଜରୁରୀ ସମୟରେ ଶୀଘ୍ର ସେବା ମିଳିପାରିବ। ସେଥିପାଇଁ ଲୋକଙ୍କୁ ୧୧୨ ଇଣ୍ଡିଆ ମୋବାଇଲ ଆପ୍ ଡାଉନ୍‌ଲୋଡ କରିବାକୁ ପଡିବ। ସେଥିରେ ନିଜକୁ ୧୧୨ ସ୍ୱେଚ୍ଛାସେବୀଭାବେ ପଞ୍ଜିକରଣ କରି ବିପଦରେ ଥିବା ଅନ୍ୟମାନଙ୍କୁ ସାହାଯ୍ୟ କରିପାରିବେ ବୋଲି ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।




# ବିଜୟଙ୍କ ନାଁରେ ଓଡ଼ିଶାରେ ଜମି, ହୋଟେଲ, ଫାର୍ମହାଉସ୍

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ବହୁ କୋଟି ଟଙ୍କାର ୱେଲ୍‌ଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇ ୩ ଦିନିଆ ରିମାଣ୍ଡରେ ଥିବା ଆନ୍ଧ୍ର ପ୍ରଦେଶର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦଙ୍କ ଓଡ଼ିଶା ଲିଙ୍କ୍‌ର ଗୁମର ଫିଟିବାରେ ଲାଗିଛି। କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ତାଙ୍କୁ ପଚରାଉଚରା ଜାରି ରଖିଛି। ତେବେ ଜେରା ସମୟରେ ତାଙ୍କଠୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଇଓଡବ୍ଲ୍ୟୁ ଏସ୍‌ପି ବିଜି ମହାନ୍ତି ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି। ଓଡିଶାରେ ତାଙ୍କର ମୂଲ୍ୟବାନ ଜମି, ହୋଟେଲ୍, ଫାର୍ମହାଉସ୍ ଆଦି କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା ଜଣାପଡିଛି। ତେବେ ଏସବୁ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା (ଓପିଆଇଡି) କୋର୍ଟକୁ ଜଣାଇବାକୁ ଇଓଡବ୍ଲ୍ୟୁ ପ୍ରସ୍ତୁତ ହେଉଛି। ସମ୍ପତ୍ତି ଜବତ ପରେ ଜମାକାରୀଙ୍କୁ ଟଙ୍କା ଫେରାଇବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ଶନିବାର ଅଭିଯୁକ୍ତଙ୍କ ରିମାଣ୍ଡର ଅବଧି ସରିବାକୁ ଥିବାବେଳେ ଇଓଡବ୍ଲ୍ୟୁ ତାଙ୍କୁ କଟକର ଓପିଆଇଡି କୋର୍ଟରେ ହାଜର କରିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ମାଲ୍ଲା ବିଜୟ ପ୍ରସାଦ ୱେଲ୍‌ଫେୟାର ବିଲ୍ଡିଂ ଆଣ୍ଡ୍ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ ଖୋଲିଥିଲେ। ଜମାରାଶି ଉପରେ ଅଧିକ ରିଟର୍ନ ସହ ଭାଇଜାଗ୍‌ରେ ଶସ୍ତାରେ ଜମି ଯୋଗାଇଦେବାର ଲୋଭ ଦେଖାଇ ମାଲ୍ଲାଙ୍କ ସଂସ୍ଥା ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଲୋକଙ୍କଠାରୁ ଟଙ୍କା ଆଦାୟ କରିଥିଲା। ନିର୍ଦ୍ଧାରିତ ସମୟରେ ଜମି ନ ମିଳିବାରୁ ଏନେଇ ଓଡ଼ିଶା କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ନିକଟରେ ପ୍ରାୟ ୧୫୦ଟି ଅଭିଯୋଗ ହୋଇଥିଲା। ଇଓଡବ୍ଲ୍ୟୁ ବିଶାଖାପାଟଣାରୁ ମାଲ୍ଲା ବିଜୟଙ୍କୁ ଗିରଫ କରି ଗତ ୭ ତାରିଖରେ କଟକ ଓପିଆଇଡି କୋର୍ଟରେ ହାଜର କରାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ବିଜୟ ପ୍ରସାଦଙ୍କ ଠକେଇ ସଂକ୍ରାନ୍ତ ଅଧିକ ତଥ୍ୟ ହାସଲ କରିବାକୁ ଇଓଡବ୍ଲ୍ୟୁ ପକ୍ଷରୁ କୋର୍ଟରେ ୩ ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। କୋର୍ଟ ଅଭିଯୁକ୍ତଙ୍କୁ ୧୫ ତାରିଖ ଅପରାହ୍ନ ୪ଟାରୁ ୧୮ ତାରିଖ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ରିମାଣ୍ଡ ଅନୁମତି ପ୍ରଦାନ କରିଥିଲେ।

## ୱେଲ୍‌ଫେୟାର ଚିଟ୍‌ଫଣ୍ଡ୍ ଠକେଇ ମାମଲା



ମାଲ୍ଲା ବିଜୟ ପ୍ରସାଦ

- ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଆବେଦନ କରିବ ଇଓଡବ୍ଲ୍ୟୁ
- ଶନିବାର ସରିବ ରିମାଣ୍ଡ୍ ଅବଧି

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୮୦,୭୪,୮୮୮ | ୪୬,୮୭,୮୮୪ | ୨୦,୪୭,୨୪,୬୬୯ |
| ଭାରତ | ୩,୩୩,୯୨,୪୮୬ | ୪,୪୪,୪୩୧ | ୩,୨୬,୦୩,୬୯୮ |
| ଓଡ଼ିଶା | ୧୦,୧୮,୯୨୬ | ୮୧୨୨(+୫୩) | ୧୦,୦୫,୫୬୪ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଖଣି ପାଇଁ ଉଜୁଡ଼ିବ ୬୦୦ ହେକ୍ଟର ଜଙ୍ଗଲ

## ବିଭିନ୍ନ ପ୍ରକଳ୍ପ ଲାଗି ନଷ୍ଟ ହେଲାଣି ୫୭ ହଜାର ହେକ୍ଟର

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ବିକାଶ ନାଁରେ ରାଜ୍ୟରେ ଛାରଖାର ହୋଇଯାଉଛି ଜଙ୍ଗଲ ସମ୍ପଦ। ପ୍ରତ୍ୟେକ ବର୍ଷ ବିଭିନ୍ନ ପ୍ରକଳ୍ପ ସକାଶେ ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ବିଭିନ୍ନ ପ୍ରକଳ୍ପ ପାଇଁ ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ୫୭ ହଜାର ୪୧୦ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରାଯାଇଥିବା ବେଳେ ଚଳିତ ବର୍ଷ ଆଉ ୫୯୦.୨୧ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହେବ। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ରାଜ୍ୟରେ ଖଣି ଖନନ ପାଇଁ ଏସବୁ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରିବା ପାଇଁ ଅନୁମତି ଦେଇଛନ୍ତି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏପରି ଧାରା ବଜାୟ ରହିଲେ ରାଜ୍ୟରେ ଜଙ୍ଗଲ ଲୋପ ପାଇବା ସହ ଆଗାମୀ ଦିନରେ ପ୍ରାକୃତିକ ବିପଦ ଆହୁରି ଘନେଇବ ବୋଲି ପରିବେଶବିତ୍ ଚେତାବନୀ ଦେଇଛନ୍ତି।

୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୫୭ ହଜାର ୪୧୦ ହେକ୍ଟର ଜଙ୍ଗଲକୁ ଅଣଜଙ୍ଗଲ କିସମରେ ପରିଣତ କରାଯାଇଛି। ସେଥିରୁ ୧୮୬ଟି ଖଣି ପ୍ରକଳ୍ପ ପାଇଁ ୨୮,୪୦୯ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିଣତ କରାଯାଇଥିବା ବେଳେ ୮୪ ଜଳସେଚନ ପ୍ରକଳ୍ପ ପାଇଁ ୧୦,୬୫୨ ହେକ୍ଟର, ୨୯ଟି ଶିଳ୍ପ ପ୍ରକଳ୍ପ ପାଇଁ ୪୪୦୫ ହେକ୍ଟର, ୭୦ ଟ୍ରାନ୍ସମିଶନ ପ୍ରୋଜେକ୍ଟ ପାଇଁ ୪,୩୩୯ ହେକ୍ଟର, ୪ଟି ପ୍ରତିରକ୍ଷା ପ୍ରକଳ୍ପ ପାଇଁ ୩,୮୬୫ ହେକ୍ଟର, ୨୦ଟି ରେଲୱେ ପ୍ରକଳ୍ପ ପାଇଁ ୨,୪୩୩ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଛି। ସେହିପରି ଖଣିଜ ସନ୍ଧାନରେ ୧୦୧ ହେକ୍ଟର ଜମିରେ ଡ୍ରିଲିଂ ଯୋଗୁ ଏବଂ ୮୪୬ ହେକ୍ଟର ଜଙ୍ଗଲ ଜମିକୁ ଛୋଟ ଛୋଟ ପ୍ରକଳ୍ପ ପାଇଁ ଅଣଜଙ୍ଗଲ କିସମରେ ପରିବର୍ତ୍ତନ କରାଯାଇଛି।

ଏଥିସହିତ ରାଜ୍ୟ ସରକାର ମଧ୍ୟ ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ ପ୍ରକଳ୍ପ ପାଇଁ ନିଜେ ୭୮.୩୪୮ ହେକ୍ଟର ଜଙ୍ଗଲ ଜମିର କିସମକୁ ବଦଳାଇଛନ୍ତି। କେବଳ ସେତିକି ନୁହେଁ ୨୦୧୯ ଜାନୁୟାରୀ ପହିଲାରୁ ନଭେମ୍ବର ୬ ତାରିଖ ମଧ୍ୟରେ ମାତ୍ର ୧୪ଟି ପ୍ରକଳ୍ପ ପାଇଁ ଓଡ଼ିଶାରେ ସର୍ବାଧିକ ୪ ହଜାର ୫୧୪ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ମନ୍ତ୍ରଣାଳୟ ଅନୁମତି ଦେଇସାରିଛି।

୨୦୦୬ରୁ ୨୦୧୨ ମଧ୍ୟରେ ଶିଳ୍ପ, ଖଣି, ଜଳସେଚନ, ରାସ୍ତା ନିର୍ମାଣ, ବିଦ୍ୟୁତ୍ ଆଦି ପାଇଁ ୮୮୨୦.୭୭ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଥିଲା। ସେହିପରି ୨୦୧୧-୧୨ରେ କେତେକ ପ୍ରକଳ୍ପ ପାଇଁ ୧୨.୨୭ ଲକ୍ଷ ବୃକ୍ଷ କାଟି ପଦା କରାଯାଇଛି। ତେବେ ଗତ ୧୦ ବର୍ଷ (୨୦୧୦-୧୧ରୁ ୨୦୨୦-୨୧) ମଧ୍ୟରେ ବିଭିନ୍ନ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ପାଇଁ ୧,୮୫,୦୦,୭୪୮ ଗଛ କାଟି ପଦା କରାଯାଇଛି। ଏହି ସମୟରେ ୨୯,୮୩,୫୭୩ ବୃକ୍ଷ ରୋପଣ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

କେନ୍ଦ୍ର ସରକାର ନିକଟରେ ଦେଇଥିବା ଜଙ୍ଗଲ ଜମିର ଅଣଜଙ୍ଗଲ କିସମ ବଦଳରେ କ୍ଷତିର ଭରଣା ପାଇଁ ରାଜ୍ୟ ସରକାର ଆସନ୍ତା ୩ ବର୍ଷ ମଧ୍ୟରେ ୮୪୫.୧୭ ହେକ୍ଟର ଜମିରେ କ୍ଷତିପୂରଣ ବନୀକରଣ କରିବେ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।

ସରକାର ଯେତେ ଗଛ କାଟୁଛନ୍ତି ସେହି ପରିମାଣର ବୃକ୍ଷ ରୋପଣ ହେଉ ନାହିଁ। ଅଣଜଙ୍ଗଲ ଅଞ୍ଚଳରେ ଗୋଟିଏ ଗଛ କାଟିଲେ ଏହା ବଦଳରେ ୨ରୁ ୧୦ ଗୁଣ ଗଛ ଲଗାଇବା ନେଇ ସରକାରୀ ଗାଇଡ୍‌ଲାଇନ ରହିଛି। ସାମାଜିକ କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି ଯେ ଖଣି ପାଇଁ ଜଙ୍ଗଲ ସମ୍ପଦ ନଷ୍ଟ କରିବା ଅର୍ଥ ବିନାଶ ରାସ୍ତାରେ ବିକାଶର ଧାରା। ଜଙ୍ଗଲ ନଷ୍ଟ କରି ଯେଉଁ ଖଣି ଖୋଲା ଯାଉଛି ସେଥିରେ ରାଜ୍ୟବାସୀଙ୍କର କିଛି ଲାଭ ହେଉ ନାହିଁ। ପର୍ଯ୍ୟାପ୍ତ ନିଯୁକ୍ତି ମିଳୁ ନ ଥିବା ବେଳେ କୌଣସି ଉତ୍ପାଦନ ହେଉ ନାହିଁ। କେବଳ ମୂଲ୍ୟବାନ ଗଛ ଓ ପରିବେଶ ନଷ୍ଟ ହୋଇ ଚାଲିଛି। ପୁଞ୍ଜିପତିମାନଙ୍କ ସ୍ୱାର୍ଥ ପାଇଁ ଜୀବନ ରକ୍ଷାକାରୀ ପ୍ରାକୃତିକ ସମ୍ପଦକୁ ନଷ୍ଟ କରାଯାଉଛି।

# ପୁଅକୁ ମାରି ପୋତିଦେଲେ ବାପା

## ୪ ଦିନ ପରେ ମୃତଦେହ ଜବତ କଲା ପୋଲିସ

ଫୁଲବାଣୀ ଅଫିସ,/ ବାଲିଗୁଡ଼ା(ଡି.ଏନ୍.ଏ.)୧୭।୯

### ବାପା, ୨ ପୁଅ ଅଟକ

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ୨ଟି ହତ୍ୟାକାଣ୍ଡ ଘଟିଛି। ଗୁରୁବାର ରେବିଙ୍ଗିଆ ଗ୍ରାମର ବ୍ୟବସାୟୀ ନବଘନ ସାହୁଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ତାଙ୍କ ପଡ଼ୋଶୀ ଭୀମ ବେହେରାଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେହିପରି ଅନ୍ୟ ଏକ ହତ୍ୟାକାଣ୍ଡ ପରମପାଙ୍ଗା ପାଖ ପାଙ୍ଗୁରମିଲା ଗ୍ରାମରେ ଘଟିଛି। ବାପା ନିଜ ପୁଅକୁ ମାରି ମାଟି ତଳେ ପୋତି ଦେଇଛନ୍ତି। ହତ୍ୟାକାଣ୍ଡରେ ଅନ୍ୟ ଦୁଇ ପୁଅ ମଧ୍ୟ ସାମିଲ ଅଛନ୍ତି। ଘଟଣା ଘଟିବାର ୪ ଦିନ ପରେ ଏହା ପଦାକୁ ଆସିଛି। ପରମପାଙ୍ଗା ସରପଞ୍ଚ ରମେଶ ମଲ୍ଲିକଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ବାପା ଏବଂ ଅନ୍ୟ ଦୁଇ ପୁଅଙ୍କୁ ଅଟକ ରଖିଛି। ପାଙ୍ଗୁରମିଲା ଗ୍ରାମର ଭାସ୍କର ପୂଜାରୀ ଓ ପୁଅ ଚୈତନ୍ୟ (୨୧)ଙ୍କ ମଧ୍ୟରେ କୌଣସି କାରଣରୁ ଅଧିକାଂଶ ସମୟରେ ଝଗଡ଼ା ଲାଗି ରହୁଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଗତ ମଙ୍ଗଳବାର ଭାସ୍କର, ଅନ୍ୟ ଦୁଇ ପୁଅ ପ୍ରଫୁଲ୍ଲ ଏବଂ ଜାମ୍ବେବନଙ୍କ ସହ ମିଶି ଚୈତନ୍ୟଙ୍କୁ ହତ୍ୟା କରିଥିଲେ। କେହି ଜାଣିବା ପୂର୍ବରୁ ସେମାନେ ମୃତଦେହକୁ ନେଇ ଗ୍ରାମ ନିକଟ ଜଙ୍ଗଲରେ ପୋତି ଦେଇଥିଲେ। ଚୈତନ୍ୟଙ୍କୁ ଗ୍ରାମବାସୀ ଦେଖୁନଥିବାରୁ ତାଙ୍କ ପରିବାର ଲୋକଙ୍କୁ ପଚାରିଥିଲେ। ହେଲେ ସେମାନେ କୌଣସି ଉତ୍ତର ଦେଉ ନ ଥିଲେ। ସନ୍ଦେହ ହେବାରୁ ଗ୍ରାମବାସୀ ଏ ସମ୍ପର୍କରେ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ବାଲିଗୁଡ଼ା ଥାନାରେ ଏତଲା ଦେଇଥିଲେ। ସରପଞ୍ଚଙ୍କ ଏତଲାକୁ ଭିତ୍ତି କରି ପୋଲିସ ଗୁରୁବାର ଭାସ୍କର, ପ୍ରଫୁଲ୍ଲ, ଜାମ୍ବେବନଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଶୁକ୍ରବାର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ମାଜିଷ୍ଟ୍ରେଟ ଶଶାଙ୍କ ଶେଖର ପାତ୍ରଙ୍କ ଉପସ୍ଥିତିରେ ମାଟି ଖୋଳି ମୃତଦେହକୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଭାସ୍କର କହିଛନ୍ତି ପୁଅ ସବୁବେଳେ ନିଶା ଖାଇ ହଇରାଣ କରୁଥିଲେ। ସେ ନିଜେ ରଶି ଲଗାଇ ଆତ୍ମହତ୍ୟା କରିଛି, ମୁଁ ତାକୁ ମାରି ନାହିଁ। କିନ୍ତୁ କାହିଁକି ମାଟି ତଳେ ପୋତିଲ ବୋଲି ପଚାରିବାରୁ ସେ କିଛି କହି ନାହାନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ବାବାଶଙ୍କର ସରାଫ କହିଛନ୍ତି।

# ହାଇକୋର୍ଟରେ ଆଉ ଏକ ମାମଲା

## ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣା

କଟକ ଅଫିସ,୧୭।୯

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣାକୁ ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ହାଇକୋର୍ଟରେ ମାମଲା ଦାଏର ହୋଇଛି। ଏହି ଘଟଣାର ଠିକ୍ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଉ ଅଥବା ଦୁଷ୍ମନ୍ତଙ୍କ ମୃତ୍ୟୁର କାରଣ ଜାଣିବାକୁ ହାଇକୋର୍ଟର ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କମିଟି ଦ୍ୱାରା ତଦନ୍ତ କରାଯିବାକୁ ଆବେଦନକାରୀ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟଙ୍କ ନିକଟରେ ନିବେଦନ କରିଛନ୍ତି। ଏହି ମାମଲାରେ କେନ୍ଦ୍ର ଗୃହ ବିଭାଗ ସଚିବ, ମୁଖ୍ୟ ଶାସନ ସଚିବ, ରାଜ୍ୟ ଗୃହ ସଚିବ, ଡିଜିପି, ପୋଲିସ କମିଶନର, ଭୁବନେଶ୍ୱର ଡିସିପି, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଅଧୀକ୍ଷକ, ଜଗତ୍‌ସିଂହପୁର ଏସ୍‌ପି, କ୍ୟାପିଟାଲ ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ଗୋପାଳ ଚନ୍ଦ୍ର ଜେନା ଏହି ମାମଲା ପରିଚାଳନା କରୁଛନ୍ତି। ସେହିପରି ଗୁରୁବାର ଆଇନଜୀବୀ ପଦ୍ମାଳୟା ମହାପାତ୍ର ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଏକ ମାମଲା ଦାଏର କରିଥିଲେ।

ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ଦୁଷ୍ମନ୍ତ ୨୦୨୦ ମାର୍ଚ୍ଚ ୨୨ ତାରିଖରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଗୋଡରେ ଗଭୀର ଆଘାତ ଲାଗିଥିବାରୁ ୨୩ ତାରିଖରେ ତାଙ୍କୁ ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ସେ ଜୁଲାଇ ୧୫ରେ ମେଡିକାଲରୁ ଡିସ୍‌ଚାର୍ଜ ହୋଇଥିବାବେଳେ ତାଙ୍କର ୨ଥର ଅସ୍ତ୍ରୋପଚାର କରାଯାଇଥିଲା। ବାମ ଗୋଡର ଚିକିତ୍ସା ଭୁଲବଶତଃ କରାଯାଇଥିବା ନେଇ ଦୁଷ୍ମନ୍ତ ଗତ ଜୁଲାଇ ୨୦ ତାରିଖରେ ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ଲେଖିଥିଲେ। ଅନ୍ୟପକ୍ଷରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୨ଟି ହସ୍ପିଟାଲ ପକ୍ଷରୁ ତାଙ୍କୁ ଚିକିତ୍ସା ଯୋଗାଇ ଦିଆଯିବାକୁ ମନା କରାଯାଇଥିବା ସେ ଅଭିଯୋଗ କରିଥିଲେ। ବାରମ୍ବାର ଚିକିତ୍ସାରେ ଅବହେଳା ଓ ନିର୍ଯାତିତ ହୋଇ ସେ ଗତ ୮ ତାରିଖରେ ବିଧାନସଭା ନିକଟରେ ବିଷ ପିଇବା ସହ ହାତ କାଟି ଦେଇଥିଲେ। ଚିକିତ୍ସା ଲାଗି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ପ୍ରଥମ ଡୋଜ୍ ଟିକାକରଣ ୨କୋଟି ଟପିଲା

## ଦ୍ୱିତୀୟ ଡୋଜ୍ ନେବାକୁ ଲୋକେ ଭୁଲିଯାଉଛନ୍ତି: ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ରାଜ୍ୟରେ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଛି। ଦିନକୁ ୩ଲକ୍ଷରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଦିଆଯାଉଛି। ଫଳରେ ଶୁକ୍ରବାର ଟିକାକରଣରେ ଆଉଏକ ମାଇଲଖୁଣ୍ଟ ଅତିକ୍ରମ କରିଛି ଓଡ଼ିଶା। ୨କୋଟିରୁ ଊର୍ଦ୍ଧ୍ୱ ଲୋକ ପ୍ରଥମ ଡୋଜ୍ ନେଇସାରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ସୂଚନା ଦେଇଛି। ସ୍ୱାସ୍ଥ୍ୟକର୍ମୀଙ୍କ କଠିନ ପରିଶ୍ରମ ଓ ଲୋକଙ୍କ ସହଯୋଗ ଯୋଗୁ ଏହି ସଫଳତା ମିଳିଛି ବୋଲି ବିଭାଗ କହିଛି। କୋୱିନ ପୋର୍ଟାଲ ତଥ୍ୟାନୁସାରେ, ଓଡ଼ିଶାରେ ଏଯାଏ ୨,୭୦,୨୨,୫୦୪ ଡୋଜ୍ ଟିକାକରଣ ହୋଇଛି। ୨,୦୦,୮୬,୯୨୮ଜଣ ହିତାଧିକାରୀ ପ୍ରଥମ ଡୋଜ୍ ଟିକା ନେଇଥିବାବେଳେ ପାଖାପାଖି ୭୦ଲକ୍ଷ ହିତାଧିକାରୀ ଦୁଇ ଡୋଜ୍ ସମ୍ପୂର୍ଣ୍ଣ କରିଛନ୍ତି। ବର୍ତ୍ତମାନ ରାଜ୍ୟର ୧,୬୧୪ କେନ୍ଦ୍ରରେ ଟିକା ଦିଆଯାଉଛି। ସେଥିମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ୧,୫୭୬ ଟିକା କେନ୍ଦ୍ର ରହିଥିବାବେଳେ ୩୮ ଘରୋଇ ଟିକାକରଣ କେନ୍ଦ୍ର ଚାଲୁଛି। ତେବେ ଦ୍ୱିତୀୟ ଡୋଜ୍ ଟିକାକରଣ କମ୍ ହୋଇଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ ଏବେ ଟିକାର ଅଭାବ ନାହିଁ। ହେଲେ ପ୍ରଥମ ଡୋଜ୍ ନେବା ପରେ ଆଉ ଦ୍ୱିତୀୟ ଡୋଜ୍ ନେବାକୁ ଲୋକେ ଭୁଲି ଯାଉଛନ୍ତି। ରାଜ୍ୟରେ ୬୪% ଲୋକ ପ୍ରଥମ ଡୋଜ୍ ନେଇ ସାରିଥିବାବେଳେ ମାତ୍ର ୨୮ ପ୍ରତିଶତ ଲୋକ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ତେଣୁ ୨ୟ ଡୋଜ୍ ନେଇ ନ ଥିବା ଲୋକଙ୍କ ତାଲିକା ଜିଲା ସ୍ତରରେ ପ୍ରକାଶ କରାଯିବ। ଭୁବନେଶ୍ୱର ଓ ଗଞ୍ଜାମରେ କେବଳ କୋଭାକ୍ସିନ ଟିକା ଦିଆଯାଉଥିବାବେଳେ ରାଜ୍ୟର ଅନ୍ୟସବୁ ଜିଲାରେ କୋଭିଶିଲ୍ଡ ଦିଆଯାଉଛି। କୋଭାକ୍ସିନର ପ୍ରଥମ ଓ ଦ୍ୱିତୀୟ ଡୋଜ୍ ମଧ୍ୟରେ ୧ ମାସ ଅନ୍ତର ରହୁଥିବାବେଳେ କୋଭିଶିଲ୍ଡରେ ୧୨ରୁ ୧୬ ସପ୍ତାହ ରହୁଛି। ଫଳରେ କୋଭାକ୍ସିନଠାରୁ ଅଧିକ ସଂଖ୍ୟକ କୋଭିଶିଲ୍ଡ ହିତାଧିକାରୀ ଦ୍ୱିତୀୟ ଡୋଜ୍ ନେବାକୁ ଭୁଲି ଯାଉଛନ୍ତି। ତେଣୁ ସ୍ୱାସ୍ଥ୍ୟ କର୍ମୀଙ୍କ ଜରିଆରେ ସେମାନଙ୍କୁ କେନ୍ଦ୍ରକୁ ଆଣି ଟିକା ଦେବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ମଧ୍ୟ ସେ କହିଛନ୍ତି, ଦ୍ୱିତୀୟ ଡୋଜ୍ ନେବାର ୩ଦିନ ପୂର୍ବରୁ ସେମାନଙ୍କୁ ମେସେଜ ଯାଉଛି। ଏଥିସହ ଟିକା ପାଇଁ ନିର୍ଦ୍ଧାରିତ ଦିନ ବି ମେସେଜ ଯାଉଛି। ଏହାପରେ ବି ନ ଆସିଲେ ସେମାନଙ୍କ ନିକଟକୁ ବାରମ୍ବାର ମେସେଜ ଯାଉଛି। ଏହାସତ୍ତ୍ୱେ ଯେଉଁ ଅନୁପାତରେ ଲୋକେ ପ୍ରଥମ ଡୋଜ୍ ନେବାକୁ ଆସୁଛନ୍ତି, ସେହି ଅନୁସାରେ ଦ୍ୱିତୀୟ ଡୋଜ୍ ନେବାକୁ ଆସୁ ନାହାନ୍ତି। ଚଳିତବର୍ଷ ଶେଷ ସୁଦ୍ଧା ଅତିକମ୍‌ରେ ସମସ୍ତଙ୍କୁ ପ୍ରଥମ ଡୋଜ୍ ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିନିମନ୍ତେ ବ୍ୟାପକ ସଚେତନ କରାଯିବ ବୋଲି ଡ. ମହାପାତ୍ର କହିଛନ୍ତି।

# ଆଇଜିଙ୍କ ଅଫିସରେ ଡିଆରଡିଓ ମୁଖ୍ୟ ସିକ୍ୟୁରିଟି ଅଫିସର

## ଗୁପ୍ତ ତଥ୍ୟ ଲିକ୍ ଘଟଣା

### ୧ଘଣ୍ଟା ରୁଦ୍ଧଦ୍ୱାର ଆଲୋଚନା

ବାଲେଶ୍ୱର ଅଫିସ, ୧୭।୯

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆରଡିଓ)ର ଗୁପ୍ତ ତଥ୍ୟ ଲିକ୍ ଘଟଣାର ତଦନ୍ତକୁ ଜୋରଦାର କରାଯାଇଛି। ଶୁକ୍ରବାର ବାଲେଶ୍ୱରସ୍ଥିତ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ୍‌ଙ୍କ କାର୍ଯ୍ୟାଳୟରେ ଡିଆରଡିଓର ମୁଖ୍ୟ ସିକ୍ୟୁରିଟି ଅଫିସର ଅନୁରାଗ ସେନ୍ ପହଞ୍ଚି ପ୍ରାୟ ୧ ଘଣ୍ଟା ରୁଦ୍ଧଦ୍ୱାର ଆଲୋଚନା କରିଛନ୍ତି। ଉଭୟଙ୍କ ମଧ୍ୟରେ ଡିଆରଡିଓର ସୁରକ୍ଷା ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ହେଲେ ଉଭୟ ଅଧିକାରୀ ଏ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦେଇନାହାନ୍ତି।

ପାକିସ୍ତାନୀ ଯୁବତୀଙ୍କ ସହ ସମ୍ପର୍କ ରଖି ଗୁପ୍ତ ତଥ୍ୟ ପ୍ରଦାନ ଅଭିଯୋଗରେ ୪ଜଣ ଠିକା କର୍ମଚାରୀ ଓ ଜଣେ ସ୍ଥାୟୀ କର୍ମଚାରୀ ଗିରଫ ହେବା ପରେ ଘଟଣା ଅଧିକ ସଙ୍ଗିନ ହୋଇପଡ଼ିଛି। ଗୋଟିଏପଟେ କ୍ରାଇମବ୍ରାଞ୍ଚ ତନାଘନା ଚଳାଇଥିବା ବେଳେ ଏହା ଜାତୀୟ ସୁରକ୍ଷା



ରୁଦ୍ଧଦ୍ୱାର ଆଲୋଚନା ପରେ ଡିଆରଡିଓ ମୁଖ୍ୟ ସିକ୍ୟୁରିଟି ଅଫିସର ଆଇଜିଙ୍କ ଅଫିସରୁ ବାହାରୁଛନ୍ତି।

ପ୍ରସଙ୍ଗ ହୋଇଥିବାରୁ କୋଲକାତାରୁ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ)ର ୨ଜଣିଆ ଟିମ୍ ବାଲେଶ୍ୱରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଚାନ୍ଦିପୁର ଥାନାରେ ରୁଜୁ ହୋଇଥିବା ମାମଲା(ନଂ. ୭୬/୨୦୨୧)କୁ ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ତଦନ୍ତ ଦାୟିତ୍ୱ ନେବା ପରେ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ବିଶୋଇଙ୍କ ନେତୃତ୍ୱରେ ଏକ ୪ ଜଣିଆ ଏସ୍‌ଆଇଟି ଟିମ୍ ପଚରାଉଚୁରା ଆରମ୍ଭ କରିଛନ୍ତି। କ୍ରାଇମବ୍ରାଞ୍ଚ ସାଇବର ସେଲ୍‌ର ଜଣେ ଇନ୍ସପେକ୍ଟର ଓ ଜଣେ ସବ-ଇନ୍ସପେକ୍ଟର ବାଲେଶ୍ୱରରେ ରହି ସହଯୋଗ କରୁଛନ୍ତି। ଅଭିଯୁକ୍ତମାନେ ହନିଟ୍ରାପରେ ଶିକାର ହୋଇଥିବା କାରଣରୁ ସେମାନଙ୍କର ଫେସ୍‌ବୁକ, ଟୁଇଟର, ହ୍ୱାଟସ୍‌ଆପ, ଭଏସ୍ କଲ୍ ସମେତ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ତଦନ୍ତ ପରିସରଭୁକ୍ତ କରାଯିବ। ଏପରିକି ସେମାନଙ୍କ ପରିବାର ଏବଂ ସମ୍ପର୍କୀୟ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବେ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୋବ ଧାଉଳିଆ ଯୋଉଠି**
**ସୁଉକି ଅଧୁଲି ସେଇଠି।**

ବଡ଼ବଡ଼ିଆଙ୍କ ପାଖରେ ସମସ୍ତେ ନେଇ ଅର୍ଥ ଠୁଳ କରନ୍ତି । କ୍ଷମତାଶାଳୀଙ୍କ ପାଖରେ ଟଙ୍କା ଭୋଗ ନ ଥୋଇଲେ କାମ କିଛି ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଧାନ ଖୁଞ୍ଚା ପାଳକୁ,**
**ରୁଆ ଖୁଞ୍ଚା ଜାଳକୁ,**
**କନିଆ ଭାରିଯା ପରକୁ ,**
**କଣ ରେଞ୍ଚା ଘର ଚୋରକୁ ;**
**ଅଶିଣ ମାସରେ ଧାନ ରୋଇଲେ**
**ନ ଅଣ୍ଟଇ ରଜା କରକୁ ।**

ଧାନ ଖୁଞ୍ଚା ପାଳ ହେବା ପରି ରୁଆ ଖୁଞ୍ଚା କେବଳ ଜାଳ ହେବା ସାର ହୋଇଥାଏ । ଗାଁ ମୁଣ୍ଡରେ ଏକୁଟିଆ ଥିବା ଘରକୁ ଚୋର ସଦାସର୍ବଦା ଆଖେଇଥାଏ । ବୃଦ୍ଧ କାଳେ ବିଭା ହୋଇଥିବା ତରୁଣୀ ଭାର୍ଯ୍ୟା ପର ପୁରୁଷ ପ୍ରତି ମନ ବଳେଇଥାଏ । ସେହିପରି ଡେରି ରେ ଧାନ ଚାଷ ଆରମ୍ଭ କଲେ ଅଧିକ ଅମଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ପିଇଓ

କାକଟପୁର/ନିମାପଡ଼ା,୧୭।୯(ଡି.ଏନ୍.ଏ.)-କାକଟପୁର ବ୍ଲକ ପାଟସୁନ୍ଦରପୁର ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପ୍ରତାପ କୁମାର ସାମଲ ଲାଞ୍ଚ ନେଉଥିବାବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ମୁତାବକ, କାକଟପୁରର ଜଣେ ବ୍ୟକ୍ତି ଆବାସ ଯୋଜନାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ପିଇଓ ସାମଲଙ୍କୁ କହିଥିଲେ। କିନ୍ତୁ ସେ ଏଥିପାଇଁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ବ୍ୟକ୍ତି ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ଭୁବନେଶ୍ୱର ଡିଭିଜନ ଭିଜିଲାନ୍ସ ଟିମ୍ ପକ୍ଷରୁ ପୂର୍ବ ଯୋଜନା ମୁତାବକ, ଶୁକ୍ରବାର ବ୍ୟକ୍ତି ଜଣକ ନିମାପଡ଼ାର ଏକ ହୋଟେଲ ନିକଟରେ ପିଇଓ ସାମଲଙ୍କୁ ୫ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ଟିମ୍ ପକ୍ଷରୁ ଚଢ଼ାଉ କରି ପିଇଓ ସାମଲଙ୍କୁ ଧରିବା ସହ ତାଙ୍କ ନିକଟରୁ କେମିକାଲ ମିଶା ଟଙ୍କାକୁ ଜବତ କରିଥିଲେ। ଏ ନେଇ ଭିଜିଲାନ୍ସ ଟିମ୍ ପକ୍ଷରୁ ଏକ ମାମଲା(ନଂ. ୨୫ ୟୁ/ଏସ୍ ୭) ରୁଜୁ କରି ଗିରଫ କରାଯାଇଛି। ଏଥିସହ ପିଇଓ ସାମଲଙ୍କ କାକଟପୁରରେ ରହୁଥିବା ଭଡ଼ା ଘର ଓ ପିପିଲିସ୍ଥିତ ବାସଗୃହରେ ଚଢ଼ାଉ ଜାରି ରଖିଛି।


ପ୍ରତାପ କୁମାର ସାମଲ

# ସୈନିକ ସ୍କୁଲରେ ହେବ ୧୦୦ ବେଡ୍ ଛାତ୍ରୀ ନିବାସ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲରେ ପ୍ରାଥମିକ ପର୍ଯ୍ୟାୟରେ ୧୦ଜଣ ଛାତ୍ରୀଙ୍କୁ ନାମ ଲେଖା ସୁଯୋଗ ମିଳିଛି। ଆଗାମୀ ଦିନରେ ଏହି ସଂଖ୍ୟା ବଢ଼ିପାରେ। ସ୍କୁଲ ପାଇଁ ୧୦୦ ବେଡ୍ ବିଶିଷ୍ଟ ଛାତ୍ରୀ ନିବାସ ପାଇଁ ଅନୁମୋଦନ ମିଳିସାରିଛି। ଏ ନେଇ ଶୁକ୍ରବାର ମଧ୍ୟ ଭାରତ ଜେନେରାଲ ଅଫିସର କମାଣ୍ଡିଂ(ଜିଓସି) ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍. ମୋହନ ସୂଚନା ଦେଇଛନ୍ତି। ସୈନିକ ସ୍କୁଲ ଗସ୍ତ ଅବସରରେ ସେ ଛାତ୍ରୀଛାତ୍ରଙ୍କୁ ନିଜ ଅଭିଜ୍ଞତା ବାଣ୍ଟିବା ସହ ଦେଶ ପାଇଁ ରହିଥିବା ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଛନ୍ତି। ଛାତ୍ରୀଛାତ୍ରଙ୍କୁ ନିଜ ଲକ୍ଷ୍ୟ ସମ୍ପର୍କରେ ପଚାରି ସେନାରେ ଯୋଗଦେବା ପାଇଁ ଉତ୍ସାହିତ କରିଛନ୍ତି। ଏଥିସହ ପାକିସ୍ତାନ ଉପରେ ଭାରତର ୧୯୭୧ ଯୁଦ୍ଧ ବିଜୟର ସ୍ମୃତି ବହନ କରୁଥିବା ମଶାଲ ଶୋଭାଯାତ୍ରା ଭୁବନେଶ୍ୱରରେ ଅକ୍ଟୋବର ୨୦ରେ ପହଞ୍ଚିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଗସ୍ତ ଅବସରରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍. ମୋହନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ଭେଟିଥିଲେ।

**ରାଜ୍ୟପାଳଙ୍କୁ ଭେଟିଲେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍. ମୋହନ**

## ହୀରାକୁଦର ୨୮ ଗେଟ୍‌ରେ ଜଳ ନିଷ୍କାସନ

ସମ୍ବଲପୁର,୧୭।୯(ବ୍ୟୁରୋ): ହୀରାକୁଦ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଶୁକ୍ରବାର ଏହା ୬୨୮.୫୪ ଫୁଟ୍‌ରେ ପହଞ୍ଚିଛି। ରାତି ୯ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ବାମପାର୍ଶ୍ୱରେ ୧୯ ଓ ଡାହାଣପାର୍ଶ୍ୱରେ ୯ ମୋଟ ୨୮ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ପ୍ରତି ସେକେଣ୍ଡରେ ୪ଲକ୍ଷ ୧୪ହଜାର ୫ କ୍ୟୁସେକ ଜଳ ପ୍ରବେଶ କରୁଛି। ଗେଟ୍ ଦେଇ ୪ ଲକ୍ଷ ୫୭ ହଜାର ୨୯୬ କ୍ୟୁସେକ, ପାୱାର ଚାନେଲରେ ୨୩ ହଜାର ୨୮୮, ଶିଳ୍ପକୁ ୨୮୨କ୍ୟୁସେକ ଓ ଚାଷ ପାଇଁ ବିଭିନ୍ନ କେନାଲରେ ୩ ହଜାର ୨୧ ଏପରି ମୋଟ ୪ ଲକ୍ଷ ୮୩ ହଜାର ୮୮୭ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୨୪ହଜାର ୫ଶହ, ପର୍ଥଲାରେ ୭୨ ହଜାର ୮୩୩, ଖଇରମାଳରେ ୬ ଲକ୍ଷ ୩୮ ହଜାର, ବରମୁଲାରେ ୬ ଲକ୍ଷ ୩୪ ହଜାର, ମୁଣ୍ଡଳୀରେ ୬ ଲକ୍ଷ ୫୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି।

## 'ମରୁଡ଼ି ସ୍ଥିତି ସମୀକ୍ଷା କରି କେନ୍ଦ୍ରକୁ ଜଣାଅ'

ଭୁବନେଶ୍ୱର,୧୭।୯(ବ୍ୟୁରୋ): ଓଡ଼ିଶାର ବିଭିନ୍ନ ଜିଲାରେ ମରୁଡ଼ି ସ୍ଥିତି ଉତ୍କଟ ହୋଇଛି ବୋଲି ଭାରତୀୟ କିଶାନ୍ ମୋର୍ଚ୍ଚା ରାଷ୍ଟ୍ରୀୟ ସମ୍ପାଦିକା ପିଙ୍କି ଶିବରାଜ୍ ଶାହା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶାହା କହିଛନ୍ତି, ଏତେସବୁ ସତ୍ତ୍ୱେ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ମରୁଡ଼ି ସ୍ଥିତି ସମୀକ୍ଷା କରି କେନ୍ଦ୍ରକୁ ଜଣାଇଲେ ଚାଷୀମାନେ ଉପକୃତ ହୋଇପାରିବେ। ଓଡ଼ିଶାରେ ମରୁଡ଼ି ପ୍ରତିକାର ପାଇଁ ଜଳସେଚନର ଘୋର ଅବ୍ୟବସ୍ଥା ଓ ଉଠା ଜଳସେଚନର ବ୍ୟବସ୍ଥା ସମ୍ପୂର୍ଣ୍ଣ ଖରାପ ଅଛି। ଚାଷୀମାନେ ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ। ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେଲେ ଚାଷୀ ଆନ୍ଦୋଳନ କରିବେ ବୋଲି କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଚେତାବନୀ ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସରକାରଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ ...

ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଦର୍ଶାଇଥିଲେ ଯେ, ୧୫୧୪ ମସିହାରୁ ବାଲୁବଜାର ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଆସୁଛି। ଗତବର୍ଷ ପରି ଲକ୍‌ଡାଉନ୍ ଅବସ୍ଥା ଏବେ ନାହିଁ। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ୪ଫୁଟ ମୂର୍ତ୍ତି ନିର୍ମାଣ ନିଷ୍ପତ୍ତିର କୌଣସି ଯଥାର୍ଥତା ନାହିଁ। ଏହି ନିଷ୍ପତ୍ତି କଟକବାସୀଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଛି। ଅନ୍ୟପକ୍ଷରେ ବାଲୁବଜାର ପୂଜା କମିଟି ସଭାପତି ସୂର୍ଯ୍ୟକାନ୍ତ ସାଙ୍ଗନାରିଆ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ୪ ଫୁଟର ମୂର୍ତ୍ତି ନିର୍ମାଣ କରାଯିବ। ଏଥିପାଇଁ ଶନିବାର ଏକ ବୈଠକ ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, ଚଳିତବର୍ଷ ସରକାରଙ୍କ ପୂଜା ଗାଇଡ୍‌ଲାଇନକୁ ଚ୍ୟାଲେଞ୍ଜ କରିବା ସହ ୮ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରିବାକୁ ବାଲୁବଜାର ପୂଜା କମିଟି ସମ୍ପାଦକ ରମେଶ ଚନ୍ଦ୍ର ବେହେରା ଗତ ମଙ୍ଗଳବାର ହାଇକୋର୍ଟରେ ମାମଲା ଦାଏର କରିଥିଲେ।

## ଷ୍ଟେଟ ସ୍କେଲ ଅଧ୍ୟାପକ ...

ପ୍ରଦର୍ଶନ କରାଯାଉଛି। ନିଜ ନାମ ଗୋପନ ରଖି ଜଣେ ବରିଷ୍ଠ ଅଧ୍ୟାପକ କହିଛନ୍ତି ଯେ ସରକାରୀ ସ୍ତରରେ ଆମେମାନେ ଲବି କରି ପାରୁ ନ ଥିବାରୁ ଶିକ୍ଷକମାନଙ୍କୁ ଆଇଏଏସ୍ ଅଫିସର ପଦୋନ୍ନତି ମିଳୁନାହିଁ। ଗ୍ରୁପ-ଏ ବର୍ଗର ହୋଇଥିଲେ ମଧ୍ୟ ଶିକ୍ଷକମାନଙ୍କୁ ସବୁବେଳେ ଅଣଦେଖା କରାଯାଇ ଆସୁଛି । ଅନ୍ୟ କ୍ୟାଡର ଭଳି ଶିକ୍ଷା କ୍ଷେତ୍ରକୁ ମଧ୍ୟ ସମାନ ଅଧିକାର ମିଳିବା ଆବଶ୍ୟକ ବୋଲି ସେ କହିଛନ୍ତି। ଓଡ଼ିଶା ରାଜ୍ୟ ସରକାରୀ କଲେଜ ଶିକ୍ଷକ ସଂଘର ସଭାପତି ଡକ୍ଟର ମାନସ ବେହେରା କହିଛନ୍ତି ଯେ ଷ୍ଟେଟସ୍ ସ୍କେଲ୍ କ୍ୟାଡରକୁ ସାମିଲ କରିବା ପାଇଁ ସଂଘ ପକ୍ଷରୁ ବହୁଦିନ ଧରି ସରକାରଙ୍କ ନିକଟରେ ଦାବି କରାଯାଉଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ଦିଆଯାଇଥିବା ପ୍ରସ୍ତାବ ସ୍ୱାଗତଯୋଗ୍ୟ।

## ଜିଏସ୍‌ଟିକୁ ଆସିଲାନି ...

କର୍କଟ ଚିକିତ୍ସା ଲାଗି ବ୍ୟବହୃତ କେଟ୍ରୁଡା ଭଳି ଅନ୍ୟ ମେଡିସିନ ଟିକସ ହାର ୧୨ରୁ ୫%କୁ କମାଇବା ଲାଗି ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏହାକୁ ମଧ୍ୟ କାର୍ଯ୍ୟକାରୀ କରାଯିବ। ଏୟାରକ୍ରାଫ୍ଟ ସାମଗ୍ରୀ ଏବଂ ଅନ୍ୟ ଲିଜ୍ ସାମଗ୍ରୀ ଆମଦାନୀ କ୍ଷେତ୍ରରେ ଦ୍ୱେତ ଟିକସକୁ ହ୍ରାସ କରାଯାଇଛି।

ସେହିଭଳି ଅଏଲ୍ ମାର୍କେଟିଂ କମ୍ପାନୀଗୁଡ଼ିକ ଦ୍ୱାରା ବ୍ୟବହାର ହେଉଥିବା ବାୟୋ ଡିଜେଲ ଉପରେ ଜିଏସ୍‌ଟି ହାର ୧୨ରୁ ୫%କୁ ହ୍ରାସ କରାଯାଇଥିବା ସୀତାରାମନ ଘୋଷଣା କରିଛନ୍ତି। ସ୍ୱିଗି ଜୋମାଟୋ ଭଳି ଫୁଡ୍ ଡେଲିଭରି ଆପ୍‌ଗୁଡ଼ିକ ରେଷ୍ଟୁରାଣ୍ଟଙ୍କ ଲାଗି ଜିଏସ୍‌ଟି ଆଦାୟ କରିବେ। ରେଷ୍ଟୁରାଣ୍ଟଗୁଡ଼ିକର ସର୍ଭିସ ସେମାନେ ଯୋଗାଉଥିବାରୁ ଜିଏସ୍‌ଟି ଆଦାୟ କରିବାକୁ ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି। କୋଭିଡ ପରେ ଏହା ପରିଷଦର ପ୍ରଥମ ବୈଠକ ଯେଉଁଠାରେ ସଦସ୍ୟମାନେ ପ୍ରତ୍ୟକ୍ଷ ଉପସ୍ଥିତ ରହିଥିଲେ। ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା।

### ଅନ୍ୟ ପ୍ରମୁଖ ନିଷ୍ପତ୍ତି

- ପେନରେ ୧୮% ଜିଏସ୍‌ଟି
- ନିର୍ଦ୍ଦିଷ୍ଟ ନବୀକରଣୀୟ କ୍ଷେତ୍ର ଯନ୍ତ୍ରାଂଶ ୧୨% ଟିକସ
- ମିଶ୍ରଣ ପାଇଁ ବାୟୋ ଡିଜେଲ ଜିଏସ୍‌ଟି ୧୨ରୁ ୫%କୁ ହ୍ରାସ
- ସାମଗ୍ରୀ ପରିହନ ପରିଚାଳନା କ୍ଷେତ୍ରରେ ରାଜ୍ୟଗୁଡ଼ିକ ପକ୍ଷରୁ ଚାର୍ଜ କରାଯାଉଥିବା ଜାତୀୟ ପରମିଟ ଫି ଛାଡ଼
- ଫୁଟୱେର ଏବଂ ଟେକ୍ସଟାଇଲ କ୍ଷେତ୍ର ଲାଗି ଜିଏସ୍‌ଟି
- ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଯାନରେ ବ୍ୟବହୃତ ରେଟ୍ରୋଫିଟ୍‌ମେଣ୍ଟ କିଟ୍ ୫%
- ସମନ୍ୱିତ ଶିଶୁ ବିକାଶ ସେବା ଯୋଜନାରେ ବ୍ୟବହୃତ ନିର୍ଦ୍ଦିଷ୍ଟ ବର୍ଗର ଚାଉଳରେ ୫%ଟିକସ
- କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ତାଲିମ କାର୍ଯ୍ୟକ୍ରମକୁ ଜିଏସ୍‌ଟିରୁ ବାଦ
- ଶିଶୁଙ୍କ ଚିକିତ୍ସା ଲାଗି ସମସ୍ତ ଜୀବନ ରକ୍ଷାକାରୀ ମେଡିସିନ ଟିକସ ମୁକ୍ତ

## ପାକିସ୍ତାନକୁ ନ୍ୟୁଜିଲାଣ୍ଡ...

ସରକାର ପ୍ରତ୍ୟେକ ଭ୍ରମଣକାରୀ ଦଳ ପାଇଁ ସବୁପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଆସିଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟକୁ ମଧ୍ୟ ସମାନ ପ୍ରକାର ପ୍ରତିଶ୍ରୁତି ଦେଇଥିଲୁ ବୋଲି ପିସିବି ତରଫରୁ କୁହାଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ମଧ୍ୟ ଏ ସମ୍ପର୍କରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେର୍ନଙ୍କ ସହ କଥା ହୋଇଥିଲେ। ପାକିସ୍ତାନର ଗୋଇନ୍ଦା ସଂସ୍ଥା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସଂସ୍ଥା ଓ ନ୍ୟୁଜିଲାଣ୍ଡ ଦଳ ପାଇଁ କୌଣସି ବିପଦ ନାହିଁ ବୋଲି ସେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ତଥାପି ନ୍ୟୁଜିଲାଣ୍ଡ ଗସ୍ତରୁ ଓହରିବା ନିଷ୍ପତ୍ତିକୁ ବଦଳାଇଲା ନାହିଁ।

ଦୀର୍ଘ ୧୮ ବର୍ଷ ପରେ ନ୍ୟୁଜିଲାଣ୍ଡ ପାକିସ୍ତାନ ଗସ୍ତ କରିଥିଲା। କିନ୍ତୁ ଖେଳାଳିଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେଇଛୁ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ପ୍ଲେୟର୍ସ ଆସୋସିଏଶନ ମୁଖ୍ୟ କାର୍ଯ୍ୟନିର୍ବାହୀ ହିଥ୍ ମିଲ୍ସ କହିଛନ୍ତି। ତେବେ ସୁରକ୍ଷା ବ୍ୟବସ୍ଥା ନେଇ ବିସ୍ତୃତ ଭାବେ କିଛି କହିବାକୁ ନ୍ୟୁଜିଲାଣ୍ଡ କ୍ରିକେଟ ମନା କରିଦେଇଛି। ନ୍ୟୁଜିଲାଣ୍ଡ ପ୍ରଥମେ ସୁରକ୍ଷା ବ୍ୟବସ୍ଥା ନେଇ ସନ୍ତୁଷ୍ଟ ଥିଲା ବୋଲି ପିସିବି କହିଛି। ଭ୍ରମଣକାରୀ ଦଳର ଏହି ନିଷ୍ପତ୍ତିରେ ପାକିସ୍ତାନ ଓ ସାରା ବିଶ୍ୱର କ୍ରିକେଟ ପ୍ରେମୀ ନିରାଶ ହୋଇଛନ୍ତି ବୋଲି ପିସିବି କହିଛି। କିଛିଦିନ ତଳେ ତାଲିବାନ ଆଫଗାନିସ୍ତାନରେ ଶାସନ ହାତକୁ ନେବା ପରେ ପାକିସ୍ତାନରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଲ୍ଲେଖଥାଉ କି ୨୦୦୯ରେ ଲାହୋରର ଗଦ୍ଦାଫି ଷ୍ଟାଡିୟମ ନିକଟରେ ଶ୍ରୀଲଙ୍କା କ୍ରିକେଟ ଦଳ ଉପରେ ଆତଙ୍କବାଦୀ ଆକ୍ରମଣ ହେବା ପରେ ପାକିସ୍ତାନ ଗସ୍ତ କରିବାକୁ ବିଭିନ୍ନ ଦେଶ ଅନିଚ୍ଛା ପ୍ରକାଶ କରିଥିଲେ। ଏଥିରେ ୬ଜଣ ଶ୍ରୀଲଙ୍କା କ୍ରିକେଟର ଆହତ ହୋଇଥିଲେ ଏବଂ ୬ ପାକିସ୍ତାନ ପୋଲିସ କର୍ମଚାରୀ ଓ ୨ଜଣ ନାଗରିକଙ୍କ ମୃତ୍ୟୁ ଘଟିଥିଲେ। ଚଳିତ ବର୍ଷ ଶେଷ ଆଡକୁ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ପାକିସ୍ତାନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୨୦୨୨ ଆରମ୍ଭରେ ଅଷ୍ଟ୍ରେଲିଆ ମଧ୍ୟ ପାକିସ୍ତାନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଶେଷ ମୁହୂର୍ତ୍ତରେ ନ୍ୟୁଜିଲାଣ୍ଡର ଏହି ନିଷ୍ପତ୍ତି ଏବେ ଅନ୍ୟ ଦଳଗୁଡ଼ିକର ଗସ୍ତ ଉପରେ ପ୍ରଶ୍ନବାଚୀ ଲଗାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ବନ୍ଧୁବର୍ଗଙ୍କ ସହଯୋଗ ଆପଣଙ୍କୁ ଅଗ୍ରଗତି କରାଇବ। ରାଶ୍ୟାଧିପଙ୍କ ବଳହୀନତା ହେତୁ ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ବ୍ୟସ୍ତ ଓ ବିବ୍ରତ କରାଇପାରେ। ସଠିକ୍ ବୁଝାମଣା ମାଧ୍ୟମରେ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ**

ଶନି ଓ ରାହୁଙ୍କ ପାରସ୍ପରିକ ଦୃଷ୍ଟି ହେତୁ ସମସ୍ୟା ଜାଲରେ ଛନ୍ଦି ହୋଇ ମାନସିକ ଦୁର୍ବଳ ହୋଇପଡ଼ିବେ। ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ। କିନ୍ତୁ ଲୋକସମ୍ପର୍କ, ଗଠନମୂଳକ କାମରେ ବ୍ୟତିକ୍ରମର ଆଶଙ୍କା ରହିଛି। ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି।

**ମିଥୁନ**

ଆଜି ଚତୁର୍ଥ କେନ୍ଦ୍ରସ୍ଥ ବୁଧାଦିତ୍ୟ ଯୋଗ ସହ ଚନ୍ଦ୍ରଙ୍କ ସଂଯୋଗରୁ ସଂଗଠନ, ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ନୂତନ ବ୍ୟବସାୟ ଯୋଡ଼ିବା ପାଇଁ ଚିନ୍ତା କରିପାରନ୍ତି। କିନ୍ତୁ ଆର୍ଦ୍ରା ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ**

କେତେକ ଆକସ୍ମିକ ଅସୁବିଧା ଦେଖାଦେବା କାରଣରୁ ଆଜି ସହଜରେ କାମ ହାସଲ ହେବା କଷ୍ଟକର ହେବ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ପରିବାରରେ ବ୍ୟସ୍ତତା ବଢ଼ିପାରେ। ବନ୍ଧୁଙ୍କୁ ଟଙ୍କା ପଇସା, ନେବା ଆଣିବା, ଦିଆନିଆ, କ୍ଷେତ୍ରରେ ସତର୍କ ରହନ୍ତୁ। କଚେରି ମାମଲା ମନ୍ଥର ହୋଇପାରେ, ଫଳରେ ମାନସିକ ଶାନ୍ତି ରହିବ ନାହିଁ।

**ସିଂହ**

ଧନାଧିପତି ଧନଭାବସ୍ଥ ଯୋଗୁ ଆର୍ଥିକ ଦିଗରୁ ଉପକୃତ ହେବେ, କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ସରସ ସୁନ୍ଦର କରିପାରେ। ଆଲୋଚନା ପରିସରରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି, ଏଣୁ ଭାବିଚିନ୍ତି କହନ୍ତୁ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ କରିବାରେ ସଫଳ ହେବେ।

**କନ୍ୟା**

କର୍ମକ୍ଷେତ୍ରରେ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ଆତ୍ମୀୟଙ୍କ ଅସହଯୋଗ, ଅସମ୍ମାନ ପାଇଁ ଦୁଃଖିତ ହେବେ। କୌଣସି ସମ୍ପର୍କୀୟ ବନ୍ଧୁଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବାନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା**

କାର୍ଯ୍ୟ ହାସଲ ସକାଶେ ବନ୍ଧୁଙ୍କ ଜରିଆରେ ଆଶା ଫଳବତୀ ନ ହୋଇପାରେ। ସାମାଜିକ ସ୍ତରରେ ଅନୁଷ୍ଠାନ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି ମନେ ମନେ ବିରକ୍ତ ପ୍ରକାଶ କରିପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ତଥା ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।

**ବିଛା**

ଦୀର୍ଘଦିନରୁ ଯାହା ମନରେ ଆଶା ବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଉପକୃତ ହେବେ। କଳା, ସାହିତ୍ୟ, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ଲାଭବାନ୍ ହୋଇପାରନ୍ତି।

**ଧନୁ**

ଆଜିର ଯାତ୍ରା ସମୟରେ ମିତ୍ରତା ସୃଷ୍ଟି କରି ଖୁସି ହେବେ। ନୂଆ ଯୋଜନା କାର୍ଯ୍ୟକାରୀ କରିବାରେ ଅସୁବିଧା ହେବନାହିଁ। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହେବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପରିଜନଙ୍କ ସହ ନୂଆ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର**

କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହଠାତ୍ ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ପରିବାର ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ପରିଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାର ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ବୈବାହିକ କର୍ମ ସକାଶେ ବନ୍ଧୁ ପ୍ରସ୍ତାବ ସ୍ଥିରିକୃତ ହେବାର ଆଶା ରହିଛି।

**କୁମ୍ଭ**

ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରିତ ରହିବାର ଆଶା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଦୀର୍ଘ ଦିନରୁ ଲାଗି ରହିଥିବା ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇବେ। ପ୍ରଶାସନିକ ସଫଳତା ପାଇବା ସାଙ୍ଗକୁ କଚେରି ମାମଲାରେ ବିଜୟ ଲାଭ କରିବାର ସମ୍ଭାବନା ରହିଛି।

**ମୀନ**

ପାରିବାରିକ ସହମତିରେ ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି। ରୋଗପୀଡ଼ା, ଋଣ ପରିଶୋଧ ଏବଂ ପରୋକ୍ଷ ଶତ୍ରୁତା ସାମୟିକ ପ୍ରଗତିର ଗତିରୋଧ କରିପାରେ। ଆନୁଷ୍ଠାନିକ କର୍ମ ସମ୍ପାଦନ କରିବା ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି।

## ମୋଦିଙ୍କୁ ...

କର୍ମଚାରୀ ଓ ଦେଶବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଉପହାର ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟ କହିଛନ୍ତି। ଏହାକୁ ମିଶାଇ ଦେଶରେ ବର୍ତ୍ତମାନ ସୁଦ୍ଧା ୭୯ କୋଟିରୁ ଅଧିକ ଡୋଜ୍ କୋଭିଡ୍ ଟିକା ଦିଆଗଲାଣି। ପୂର୍ବରୁ ଅଗଷ୍ଟ ୩୧ରେ ଗୋଟିଏ ଦିନରେ ସର୍ବାଧିକ ୧.୩୦ କୋଟି ଡୋଜ୍ ଦିଆଯାଇଥିଲା। ଗୋଟିଏ ଦିନରେ ଦୁଇକୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟିକା ଦିଆଯିବା ମୋଦିଙ୍କ ନେତୃତ୍ୱାଧୀନ ନୂଆ ଭାରତର ପ୍ରତିଫଳନ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି।


# classifieds Everyday
0674-2580101, 2549302




**SALE**

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାରି commercial ଜାଗା ବିକ୍ରିହେବ। (Single Owner). ଷ୍ଟାର ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। ଯୋଗାଯୋଗ-8917413036. D-71160

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71702

**ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952.** D-71703

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71154

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21531

6BHK duplex Hanspal, BDA yellowzone plot SUM hospital-9668194157, 8093465134. D-80955

**2400sft. GA East Facing plot immediate sale at Bharatpur (near Sum Hospital) Bhubaneswar. Please contact DEEPAK-9937329999.** D-69994

**ଭୁବନେଶ୍ୱର ବିଜେବିନଗରରେ 5000 ବର୍ଗଫୁଟ ଜାଗା ଉପରେ ଦୁଇ ମହଲା ଘର ଓ 2BHK ଆପାର୍ଟମେଣ୍ଟ ବିକ୍ରୟ ହେବ। Please contact only buyer. 6372897984, 8658289289.** D-21665

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21590

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-21472

Farm House ଉପଯୋଗୀ ସ୍ଥିତିବାନ ପ୍ଲଟ ଦେଢ଼ଏକର ମିନିଚିନ୍‌ପାଟଣା ମୌଜାର ବିକ୍ରି କରାଯିବ। Contact No.: 9861814701, Dist.- Khordha. D-21646

**Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805.** D-70900




RCC Godown at 8Km. from Cuttack. Rent Rs.10/- per sqft. at Bhanpur between Cuttack-Bhubaneswar. Contact: 9437033691. D-70241

Single, Double rooms at Sisupalgada & Tankapani Road, Bhubaneswar. 9437764734. D-70736

**2x2000sqft. Hall near Airport on 100ft. wide Bhimatangi Main road for Office or commercial. 9958003695.** D-71415

For small family in Goutam Nagar (Kalpana). Contact: 9937010827, 8118024546. D-21668

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Monalisa massage Club: All types Body massage with hiprofile smart lady rooms service available. 9708545108. D-21660

**Refreshing your mind, your body with tha best therapy at Lotus Spa. 8018891951.** D-70484

Newly open SPA centre with therapist full body massage. 8455987557. D-71418

Life is great, massage makes it better. Book appointment. 7852986810. D-71416

Swarna SPA newly open positively health benefits with expert therapist. 9556978408. D-71156

Take wellness relax massage trained ladies/gents therapist 800/-, 7008773793. D-71417

Newly Open Saikrupa Panchakarma Spa positively health benefits with Expert. 8984068077. D-21568

Newly open SPA offer @799/-, positively health benefits, Jaydevbihar. 7846814019. D-71419

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଟ୍ରଲିରେ ବୁହାହେଲା ଯୁବକଙ୍କ ମୃତଦେହ

**ବରୀ,୧୭।୯(ଡି.ଏନ.ଏ.)**

ରାଜ୍ୟ ସରକାର ଲୋକଙ୍କ ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଏହି ଯୋଜନା ଅନେକ ସ୍ଥାନରେ ପହଞ୍ଚି ପାରୁନାହିଁ। ଯାହାର ଏକ ଉଦାହରଣ ଶୁକ୍ରବାର ଦେଖିବାକୁ ମିଳିଛି ଯାଜପୁର ଜିଲାର ବରୀ ବ୍ଲକ ଅଞ୍ଚଳରେ। ବନ୍ୟା ସ୍ରୋତରେ ଭାସିଯାଇ ମୃତ୍ୟୁବରଣ କରିଥିବା ଉକ୍ତ ବ୍ଲକ ଅଧୀନ ଇଶାଣପୁର ପଞ୍ଚାୟତ ଶଙ୍କରାକୁଳ ଗ୍ରାମର ରଞ୍ଜନ କୁମାର କର(୩୯)ଙ୍କ ମୃତଦେହକୁ ପୋଲିସ ଟ୍ରଲିରେ ବୋହି ନେଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଅନେକ ବୁଦ୍ଧିଜୀବୀ ଏହାକୁ ନିନ୍ଦା କରିବା ସହ ଏଥିପାଇଁ ସ୍ଥାନୀୟ ପ୍ରଶାସନକୁ ଦାୟୀ କରିଛନ୍ତି।

ସୂଚନା ଅନୁସାରେ, ୩ ଦିନ ତଳେ ରଞ୍ଜନ ସ୍ଥାନୀୟ ବଜାରକୁ ଆସିଥିଲେ ମଧ୍ୟ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ସ୍ଥାନୀୟ ଇଶାଣପୁର ପାଟରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ବରୀ ରାମଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଯୁବକଙ୍କ ସହାୟତାରେ ମୃତଦେହ ଜବତ କରିଥିଲା। ମାତ୍ର ମୃତଦେହ ଆଣିବା ପାଇଁ ଘଟଣା ସ୍ଥଳକୁ ମହାପ୍ରୟାଣ କିମ୍ବା ଆମ୍ବୁଲାନ୍ସ ଆସି ନ ଥିଲା। ଫଳରେ ପୋଲିସ କର୍ମଚାରୀମାନେ ଏକ ଟ୍ରଲି ଯୋଗେ ମୃତଦେହକୁ ବୋହି ନେଇଥିଲେ। ଏହି ଘଟଣା ଦେଖିବା ପରେ ସରକାରଙ୍କ ବିକାଶର ଧାରା ବରୀରେ ଅପହଞ୍ଚ ବୋଲି ସାଧାରଣରେ ଆଲୋଚିତ ହେଉଛି। ପ୍ରଶାସନିକ ଅଧିକାରୀ ମୃତଦେହ ନେବା ପାଇଁ କାହିଁକି ବ୍ୟବସ୍ଥା କଲେନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ କିଛି ଦିନ ପୂର୍ବେ ବ୍ଲକ ଅଧୀନ ଭବାନୀପୁର ଗ୍ରାମକୁ ଆମ୍ବୁଲାନ୍ସ ନ ଆସିବାରୁ ଜଣେ ପ୍ରସୂତି ଗଛମୂଳେ ଏକ ସନ୍ତାନକୁ ଜନ୍ମ ଦେଇଥିଲେ। ତେବେ ବିଭିନ୍ନ ସମୟରେ ଏଭଳି ଅବହେଳା କରାଯାଉଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସମ୍ପର୍କରେ ବରୀ ଏବିଡିଓ ମହେଶ୍ୱର ସେଠୀ କହିଛନ୍ତି, ମୃତଦେହ ମିଳିବା ସମ୍ପର୍କରେ ଖବର ମିଳିଥିଲା। ହେଲେ ତାହାକୁ କିପରି ଅଣାଯିବ ସେ ସମ୍ପର୍କରେ ସେଠାରେ ଥିବା ପୋଲିସ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅବଗତ କରାଇ ନ ଥିଲେ। ସେମାନେ ନିଜ ଉଦ୍ୟମରେ ଏପରି କରିଛନ୍ତି।



ପୋଲିସ କର୍ମଚାରୀମାନେ ମୃତଦେହକୁ ଟ୍ରଲିରେ ବୋହି ନେଉଛନ୍ତି।

# ‘ବିପଜ୍ଜନକ ବର୍ଜ୍ୟ ସଂଗ୍ରହରେ ସହଯୋଗ କର’

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ରାଜ୍ୟର ୧୧୪ ସହରାଞ୍ଚଳରେ ବିପଜ୍ଜନକ ବର୍ଜ୍ୟ ସଂଗ୍ରହ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଯାଇଛି। ପ୍ରତି ସପ୍ତାହର ଶନିବାର ବୈଦ୍ୟୁତିକ ବର୍ଜ୍ୟ ଏବଂ ବାସଗୃହରୁ ବାହାରୁଥିବା ହାନିକାରକ ଆବର୍ଜନା ସଂଗ୍ରହ କରାଯାଉଛି। ଏହି ବ୍ୟବସ୍ଥାର ସଦୁପଯୋଗ କରି ଆଖପାଖ ପରିବେଶକୁ ବିଷାକ୍ତ ପ୍ରଦୂଷଣ ବଳୟରୁ ରକ୍ଷା କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିବେଦନ କରିଛନ୍ତି। ଇ-ବର୍ଜ୍ୟ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ ବର୍ଜ୍ୟ ଏଣେତେଣେ ପକାଇଲେ ମାଟି, ପାଣି, ପବନ ବିଷାକ୍ତ ହୁଏ। ଏଭଳି ବିପଜ୍ଜନକ ଆବର୍ଜନା ପୃଥକ୍ ରଖି ପ୍ରତି ଶନିବାର ବର୍ଜ୍ୟ ସଂଗ୍ରହ ଗାଡ଼ିରେ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରାୟ ୫ ସପ୍ତାହ ତଳେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକୁ ଇତିମଧ୍ୟରେ ସବୁ ସହରାଞ୍ଚଳରେ ଲାଗୁ କରାଯାଇଛି। ଅନ୍ୟ ଅଳିଆ ପରି ଘରକୁ ଘର ବୁଲି ଏହାକୁ ସଂଗ୍ରହ କରାଯାଉଛି। ସହରାଞ୍ଚଳରେ କରାଯାଇଥିବା ବର୍ଜ୍ୟ ସଂଗ୍ରହ କେନ୍ଦ୍ରରେ ଇ-ବର୍ଜ୍ୟ ଏବଂ ଘରୋଇ ବର୍ଜ୍ୟକୁ ଅଲଗା କରାଯାଉଛି। ବର୍ଜ୍ୟ ପୃଥକୀକରଣ ପ୍ରକ୍ରିୟାରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏ ସମ୍ପର୍କିତ ତଥ୍ୟ ‘ଆମ ସହର’ ମୋବାଇଲ ଆପ୍‌ରେ ଅପ୍‌ଲୋଡ୍ କରୁଛନ୍ତି। ଓଡ଼ିଶା ପ୍ରଦୂଷଣ ବୋର୍ଡ ଦ୍ୱାରା ସ୍ୱୀକୃତ ଓ ଲାଇସେନ୍ସପ୍ରାପ୍ତ ଇ-ବର୍ଜ୍ୟ ପ୍ରକ୍ରିୟାକରଣ ସଂସ୍ଥାଗୁଡିକ ସହରାଞ୍ଚଳରୁ ଏହି ବର୍ଜ୍ୟ ସଂଗ୍ରହକରି ନିର୍ଦ୍ଧାରିତ ନିୟମ ଅନୁସାରେ ପ୍ରକ୍ରିୟାକରଣ କରୁଛନ୍ତି।

# ରାସ୍ତାରେ ଖେଳିଲେ ଅହିରାଜ



ରାସ୍ତାରେ ଖେଳୁଥିବା ଅହିରାଜ ସାପ।

**ପାରଳାଖେମୁଣ୍ଡି,୧୭।୯(ଡି.ଏନ୍.ଏ.)**

ଗଜପତି ଜିଲା ଗଣ୍ଡାହାତୀ ଜଳପ୍ରପାତ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ମନୋରମ ଦୃଶ୍ୟ ଦେଖିବାକୁ ମିଳିଥିଲା । ଜଳପ୍ରପାତ ନିକଟ ରାସ୍ତାରେ ୨ଟି ଅହିରାଜଙ୍କ ଖେଳ ଦେଖି ପର୍ଯ୍ୟଟକମାନେ ବିମୋହିତ ହୋଇଥିଲେ। ଗଜପତିର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଗଣ୍ଡାହାତୀ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଏଠାକୁ ପ୍ରତିଦିନ ବହୁ ପର୍ଯ୍ୟଟକ ଆସିଥା’ନ୍ତି। ଗୁରୁବାର ପର୍ଯ୍ୟଟକମାନେ ଗଣ୍ଡାହାତୀ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ବେଳେ ହଠାତ୍ ୨ଟି ଅହିରାଜ ଖେଳି ଖେଳି ରାସ୍ତା ଉପରକୁ ଆସିଯାଇଥିଲେ। ସାପ ଦେଖି ଲୋକେ ଭୟଭୀତ ହୋଇ ଯାଇଥିଲେ ମଧ୍ୟ ଦୂରରେ ଥାଇ ଏହାକୁ ଉପଭୋଗ କରିଥିଲେ। ପ୍ରାୟ ୧୫ ମିନିଟ୍ ସାପ ଦୁଇଟି ଖେଳିବା ପରେ ପୁଣି ଜଙ୍ଗଲକୁ ଚାଲିଯାଇଥିଲେ। ଏ ସମ୍ପର୍କରେ ଏସିଏଫ୍ ଗୌରୀ ରଥ କହିଛନ୍ତି, କେବଳ ଗଣ୍ଡାହାତୀ ନୁହେଁ, ମହେନ୍ଦ୍ରଗିରି ଏବଂ ଲଖାରି ଜଙ୍ଗଲରେ ମଧ୍ୟ ବହୁ ସଂଖ୍ୟକ ଏହି ପ୍ରଜାତିର ସାପ ରହିଛନ୍ତି। ଅଧିକାଂଶ ସନ୍ତସନ୍ତିଆ ଅଞ୍ଚଳରେ ଏମାନେ ବସବାସ କରନ୍ତି। ବର୍ତ୍ତମାନ ମିଳନ ଋତୁ ଚାଲିଥିବାରୁ ସାପ ବାହାରକୁ ଆସିଥା’ନ୍ତି ବୋଲି ରଥ ସୂଚନା ଦେଇଛନ୍ତି।

# ୪ରୁ ହିନ୍ଦୀ, ସଂସ୍କୃତ ଓ ଶାରୀରିକ ଶିକ୍ଷା ପ୍ରଶିକ୍ଷକଙ୍କ ନିଯୁକ୍ତି ପରୀକ୍ଷା

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ରାଜ୍ୟର ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ପ୍ରଶିକ୍ଷକଙ୍କ ନିଯୁକ୍ତି ନିମନ୍ତେ ଆସନ୍ତା ଅକ୍ଟୋବର ୪ ଓ ୫ ଦୁଇଦିନ ଧରି ପରୀକ୍ଷା ଅନୁଷ୍ଠିତ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଛି। ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିଯୁକ୍ତି ସମ୍ପର୍କିତ ଆଲୋଚନା ହୋଇଛି। ଗତ ଅଗଷ୍ଟ ୧୩ରେ ଏହି ସଂକ୍ରାନ୍ତରେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିଲା। ବିଜ୍ଞାପନ ଅନୁସାରେ ଆସନ୍ତା ଅକ୍ଟୋବର ୪ ତାରିଖ ଦିନ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ଏବଂ ୫ ତାରିଖରେ ଶାରୀରିକ ଶିକ୍ଷା ପ୍ରଶିକ୍ଷକଙ୍କ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟର ୨୪ଟି ଜିଲାରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନେ ୨୫ ତାରିଖଠାରୁ ବିଭାଗୀୟ ୱେବ୍‌ସାଇଟ୍‌ରୁ ପ୍ରବେଶ ପତ୍ର (ଆଡ୍‌ମିଟ୍ କାର୍ଡ) ଡାଉନ୍‌ଲୋଡ୍ କରିପାରିବେ। ଏ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ ସହିତ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରିବାକୁ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ବିଭାଗର ଅତିରିକ୍ତ ଶାସନ ସଚିବ ରଘୁରାମ ଆୟାରଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**JOBS IN AIRPORT**
(PERMANENT JOB)ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper, Supervisors, Checkers, Loaders, Drivers, Guards and Helpers.
Qualification: ପାଠ ପଢିନଥିବା + Graduate
Salary: Rs 25000 - 75000 + Bonus + Cab ( ରହିବା + ଖାଇବା Free )
9724880119, 7202099236

ଗୋଆରେ ଅକ୍ଟୋବରଠାରୁ ପେସାଦାର କିଚେନ୍ ଅଭିଜ୍ଞତାଧାରୀ ଓଡ଼ିଆ ସେଫ୍ (Chef) ଆବଶ୍ୟକ ।
ଖାଇବା ଓ ରହିବା ସୁବିଧା ଦିଆଯିବ ।
ଯୋଗାଯୋଗ: 9920027635

**APPOINTMENT**
Excellent Career & Earning opportunity 150 yrs. Legacy Company hiring Male/ Female in Bhubaneswar. Work full / part time. Any one can apply.
Mobile: 8686933457, 9866320431
Email ID: pratyush.rout2@gmail.com

**WANTED**
MARKETING EXECUTIVE for Plywood. Graduate / under Graduate, Age- 31 +, vehicle must. Salary- 10,000/- + free accommodation for BBSR.
Contact: 9338023979, 9692133979

LEPRA SOCIETY requires Project Manager for Target Intervention (IDU) Project, Bhubaneswar. Master in Social Science or Graduate with Minimum 3 Yrs. experience with Social Development.
Salary Rs.15,000. Apply to:
hrd@leprahealthinaction.in
within 7 days.
For detail visit: www.leprasociety.in

**APPOINTMENT**
Meridian Medicare Ltd. for its expansion programme required experience Pharma Personnel to fillup uncovered area. Please mail your resume with full confidence to
meridianmedicare.mml@gmail.com.


# ବାଇକ୍‌କୁ ଧକ୍କାଦେଇ ଜଳିଗଲା ଗ୍ୟାସ୍ ଟ୍ୟାଙ୍କର

## ଦୁଇ ଗୁରୁତର, ତିନିଘଣ୍ଟା ଜାତୀୟ ରାଜପଥ ଅଚଳ

**ଚଣ୍ଡିଖୋଲ,୧୭।୯(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର କଡ଼ାଇଛକ ନିକଟରେ ଶୁକ୍ରବାର ସକାଳେ ଏକ ଗ୍ୟାସ୍ ଟ୍ୟାଙ୍କର(ନଂ. ଏନ୍‌ଏଲ୍-୦୧-ଏଲ୍-୧୯୨୫) ଗୋଟିଏ ବାଇକ୍‌କୁ ଧକ୍କା ଦେଇ ଜଳିଯାଇଛି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଟ୍ୟାଙ୍କର ଜଳିବା ପରେ ତିନିଘଣ୍ଟା ଧରି ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

କଟକ ପଟୁ ଆସୁଥିବା ଭାରତ ପେଟ୍ରୋଲିୟମର ଗ୍ୟାସ୍ ଟ୍ୟାଙ୍କରଟି ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ଦୁଇ ଆରୋହୀ ଭୁବନେଶ୍ୱରର ଦେବାଶିଷ ଦାସ(୫୪) ଓ ଭଦ୍ରକର ନବକିଶୋର ଦାସ(୭୪) ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ବାଇକ୍‌ଟି ଟ୍ୟାଙ୍କର ଦ୍ୱାରା ଘୋଷାରି ହୋଇଯିବାରୁ ଟ୍ୟାଙ୍କରଟି ଜଳିବାକୁ ଲାଗିଥିଲା। ଟ୍ୟାଙ୍କର ଜଳିବା ସମୟରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଯେହେତୁ ଗ୍ୟାସ ବୋଝେଇ ଟ୍ୟାଙ୍କର ଥିଲା ବଡ଼ଧରଣର ବିପଦ ଆଶଙ୍କାରେ ଜାତୀୟ ରାଜପଥ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଖବରପାଇ ବଡ଼ଚଣା ପୋଲିସ ଓ ଚଣ୍ଡିଖୋଲ ଦମକଳବାହିନୀ ପହଞ୍ଚିଥିଲେ। ଦୁର୍ଘଟଣାରେ ଗୁରୁତର ଦ୍ୱୟଙ୍କୁ ପୋଲିସ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଉଭୟ ଟ୍ୟାଙ୍କର ଓ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି। ଏହି ଦୁର୍ଘଟଣା ସମୟରେ ଭୟରେ ହଜାର ହଜାର ଗାଡ଼ି ୧୬ ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଦମକଳବାହିନୀ ନିଆଁକୁ ଆୟତ୍ତ କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।



# ସମ୍ବଲପୁରରୁ ଆଉ ଜଣେ ଅଭିଯୁକ୍ତ ଗିରଫ

## ଚାଷୀଙ୍କୁ ସବ୍‌ସିଡି ନାଁରେ ୬ କୋଟିରୁ ଊର୍ଦ୍ଧ୍ୱ ଠକେଇ

**ଭୁବନେଶ୍ୱର/ସମ୍ବଲପୁର, ୧୭।୯ (ବ୍ୟୁରୋ)**

ଚାଷୀଙ୍କ ନାଁରେ ସବ୍‌ସିଡି ଉଠାଇ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଆଉଜଣେ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସମ୍ବଲପୁର ଜିଲା ମହୁଲପାଲି ଥାନା ପକେଲପଡାର ଲେଲିନ ଚୌଧୁରୀ। ଗୁରୁବାର ରାତିରେ ଲେଲିନ ତାଙ୍କ ବାସଭବନରେ ଶୋଇଥିବାବେଳେ ଇଓଡବ୍ଲ୍ୟୁର ଏକ ଟିମ୍ ତାଙ୍କୁ ଉଠାଇ ଆଣିଥିଲା। ଅପରପକ୍ଷରେ ମୁଖ୍ୟ ଅଭିଯୁକ୍ତ ଶ୍ରୀନାଥ ରାଣାଙ୍କୁ ଗତ ୩ ତାରିଖରେ ଗିରଫ କରାଯାଇଥିଲା। ଏନେଇ ଅଧିକ ତଦନ୍ତ ଚାଲିଛି। ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଇଓଡବ୍ଲ୍ୟୁ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ବେଙ୍ଗାଲୁରୁରେ ଥିବା ଭରୁଷାପ୍ରିୟ ଏଗ୍ରୋଟେକ୍ ପ୍ରାଇଭେଟ ଲିମିଟେଡ୍ ନାମକ କମ୍ପାନୀର ବ୍ରାଞ୍ଚ୍ ଅଫିସ ଭୁବନେଶ୍ୱର ବରମୁଣ୍ଡାରେ ରହିଛି। ଉକ୍ତ କମ୍ପାନୀରେ ମୁଖ୍ୟ ଅଭିଯୁକ୍ତ ଶ୍ରୀନାଥ ରିଜିଓନାଲ ମ୍ୟାନେଜର ଭାବେ ୨୦୧୮ରୁ ୨୦୨୦ ମଧ୍ୟରେ କାର୍ଯ୍ୟ କରୁଥିଲେ। ତେବେ ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ସହ ଅନୁବନ୍ଧିତ ହୋଇ ଚାଷୀମାନଙ୍କୁ ଧାନରୁଆ ଯନ୍ତ୍ର ଯୋଗାଇଥାଏ। ପ୍ରତି ଧାନରୁଆ ଯନ୍ତ୍ରର ଦାମ ୨ ଲକ୍ଷ ୩୩ ହଜାରରୁ ୩ ଲକ୍ଷ ମଧ୍ୟରେ ରହିଥିଲାବେଳେ ସରକାର ଚାଷୀଙ୍କୁ ୯୩ ହଜାରରୁ ଆରମ୍ଭ କରି ଦେଢ ଲକ୍ଷ ପର୍ଯ୍ୟନ୍ତ ସବ୍‌ସିଡି ଦେଇଥାନ୍ତି। ତେବେ ଶ୍ରୀନାଥ ଚାକିରି ସମୟରେ ୫୦୦ରୁ ଊର୍ଦ୍ଧ୍ୱ ଧାନରୁଆ ଯନ୍ତ୍ରକୁ ମିଛ କାଗଜପତ୍ର କରି ଓଡିଶାର ୧୮ଟି ଜିଲାର ଚାଷୀଙ୍କୁ ବିକ୍ରି କରିଛନ୍ତି ବୋଲି ଦର୍ଶାଇଥିଲେ। ଏଥିରେ ସମ୍ବଲପୁରର ଏମ୍‌ଏସ୍ ଖୁସି ଏଗ୍ରୋଟେକ୍‌ର ମାଲିକ ଲେଲିନ ଚୌଧୁରୀ ସହଯୋଗ କରିଥିଲେ। ଏମାନେ ଚାଷୀଙ୍କଠାରୁ କାଗଜପତ୍ର ହାତେଇ ସେମାନଙ୍କୁ ୫ ହଜାରରୁ ୪୦ ହଜାର ଟଙ୍କା ସବ୍‌ସିଡି ଦେଇ ବଳକା ଅର୍ଥ ହଡପ କରିଥିଲେ। କିନ୍ତୁ ବାସ୍ତବରେ କୌଣସି ଧାନରୁଆ ଯନ୍ତ୍ର ବିକ୍ରି ହୋଇ ନ ଥିବା ଜାଣିପାରି କମ୍ପାନୀର ନିର୍ଦ୍ଦେଶକ କେ.ଜି. ଶ୍ରୀ ଚରଣ ଗତ ଜାନୁୟାରୀ ୨୦ରେ ଭୁବନେଶ୍ୱର ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୪/୨୧) ରୁଜୁ କରିଥିଲା। ପରେ ଏହି ମାମଲାର ତଦନ୍ତ ଭାର ଇଓଡବ୍ଲ୍ୟୁ ନେବା ପରେ ମାମଲା (ନଂ.୧୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ‘ଆଗାମୀ ୨୫ ବର୍ଷରେ ଯୁବଗୋଷ୍ଠୀ ହେବେ ଆତ୍ମନିର୍ଭର’

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ଆଗାମୀ ଦିନରେ ଦେଶରେ ଉତ୍ପାଦନ ଏବଂ ଅର୍ଥନୀତିକୁ ବଢ଼ାଇବା ପାଇଁ ଦେଶର ଯୁବତୀଯୁବକଙ୍କୁ ସ୍କିଲ୍ ମାଧ୍ୟମରେ ସ୍ୱାବଲମ୍ବୀ କରାଯିବ। ଏହି ପୃଷ୍ଠଭୂମିରେ ସେମାନଙ୍କୁ ଆତ୍ମନିର୍ଭର କରିବା ଅମୃତ ମହୋତ୍ସବର ଅମୃତବିନ୍ଦୁ। ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବା ତଥା ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଏହାକୁ ସଂକଳ୍ପରେ ପରିଣତକରି ଯୁବଗୋଷ୍ଠୀଙ୍କୁ ସଶକ୍ତ ଲାଗି ଏହି ସୁଯୋଗକୁ ଉପଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ବିଶ୍ୱକର୍ମା ପୂଜା ଅବସରରେ ଭାରତବର୍ଷର ବିଭିନ୍ନ ରାଜ୍ୟରୁ ଦକ୍ଷ ପ୍ରଶିକ୍ଷକଙ୍କୁ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଉଦ୍ୟମିତା ପ୍ରଶିକ୍ଷକ ସମେତ ବିଭିନ୍ନ ବିଭାଗରେ ୩୬ ଜଣ ପ୍ରଶିକ୍ଷକଙ୍କୁ କୌଶଳାଚାର୍ଯ୍ୟ ପୁରସ୍କାର-୨୦୨୧ରେ ସମ୍ମାନିତ କରିଛନ୍ତି। ଓଡ଼ିଶାରୁ ଜନଶିକ୍ଷଣ ସଂସ୍ଥାନର ହସ୍ତକଳା ପ୍ରଶିକ୍ଷକ ଚନ୍ଦ୍ରାବଳୀ ଖଟୁଆ, ଜନ ଶିକ୍ଷଣ ସଂସ୍ଥାର ବୈଷୟିକ ପ୍ରଶିକ୍ଷକ ଅଜୟ କୁମାର ସ୍ୱାଇଁ, ଆଇଟିଆଇରେ ମାଷ୍ଟର ଟ୍ରେନର ବିପିନ ବିହାରୀ ଗୌଡ଼ ଏବଂ ଆଇଟିଆଇରେ ଡିଜିଟି ମାଷ୍ଟର ଟ୍ରେନର ନିବେଦିତା ମୋହନ ପାତ୍ରଙ୍କୁ କୌଶଳାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଧର୍ମେନ୍ଦ୍ର କହିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ପାଳନ କରୁଥିବା ବେଳେ ମୋଦି ସରକାର ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ଉପରେ ଗୁରୁତ୍ୱ ଦେଇଛନ୍ତି। ନୂତନ ବ୍ୟବସାୟ ଏବଂ ସ୍କିଲିଂ ମଡେଲଗୁଡ଼ିକ ବିକଶିତ ହେଉଛି, ଯାହା ମହାମାରୀ ପରବର୍ତ୍ତୀ ଦୁନିଆରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଦେଶର ଆବଶ୍ୟକତା ବଢୁଥିବା ବେଳେ ଦକ୍ଷତା ଏବଂ ଉଦ୍ୟମିତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯୁବତୀ ଯୁବକଙ୍କୁ ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ କରିବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ।


**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office: Burla, Dist.- Sambalpur (Odisha) - 768017
**NOTICE INVITING TENDER**
**Tender Notice No. TPWODL/ PJ/ TS/ Comp/ 018**
TP Western Odisha Distribution Limited, invites quotations (in 2 part) from eligible vendors/ suppliers for the following packages:
**Rate contract for Grid Modernization (Design, Supply, Installation, Testing & Commissioning of 33KV & 11KV Control Panels along with Relays / BCPUs, RTUs and Ethernet Switches at various locations in TPWODL, Odisha).**
Interested bidders to submit tender participation fee and authorization letter by e-mail on or before **28th September 2021, 15.00 hrs.**, in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit tender section of TPWODL website: **www.tpwesternodisha.com**.
Sd./- Chief-Contracts and Stores

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12**
**ସୂଚନା**
No.CAD-1179:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର), ସେକ୍ଟର- 13ରେ ପ୍ଲଟ୍ ନଂ. 13-3E/975ଟିକୁ ଶ୍ରୀମତୀ ପ୍ରିୟବତୀ ବିଶ୍ୱାଳ, ସ୍ୱାମୀ- ଅମ୍ବରୀଶ କାନୁନ୍‌ଗୋ, ସା./ପୋ.- ଇରଞ୍ଚ, ଥା.- ନିଆଳି, ଜିଲ୍ଲା- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ପ୍ରିୟବତୀ ବିଶ୍ୱାଳ ଉକ୍ତ ପ୍ଲଟ୍‌ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସରସ୍ୱତୀ ରାଉତ, ସ୍ୱାମୀ- ବାଙ୍କନିଧି ରାଉତ, ସା./ପୋ.- ଯମୁନାକୋଟ, ଥା.- ଭୁବନ, ଜିଲ୍ଲା- ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
ସ୍ୱା./- ସଚିବ
OIPR-13037/11/0079/2122

**ପୂର୍ବ ତଟ ରେଳପଥ**
**ଚୁକ୍ତିଭିତ୍ତିକ ମେଡିକାଲ ପ୍ରାକ୍ଟିସନର(CMP) ନିଯୁକ୍ତି (ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଇଣ୍ଟରଭ୍ୟୁ)**
ନିଯୁକ୍ତି ସୂଚନା ସଂ.: 02/2021-CMP, ତାରିଖ : 07.09.2021 ଏବଂ ଶୁଦ୍ଧିପତ୍ର, ତାରିଖ : 14.09.2021
ବିଶ୍ୱସ୍ତରୀୟ ମହାମାରୀ COVID-19 ସମ୍ବନ୍ଧୀୟ ତତ୍କାଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପ୍ରସ୍ତୁତି ନିମନ୍ତେ ଅସ୍ଥାୟୀ ଭିତ୍ତିରେ 04 ଗୋଟି ଚୁକ୍ତିଭିତ୍ତିକ ମେଡିକାଲ ପ୍ରାକ୍ଟିସନର(CMP)ଙ୍କୁ କାର୍ଯ୍ୟରେ ଯୋଗଦାନ ଦେବା ତାରିଖଠାରୁ 06(ଛଅ) ମାସ କିମ୍ବା ତା.31.03.2022ରିଖ ଅବଧି ପର୍ଯ୍ୟନ୍ତ କିମ୍ବା ମହାମାରୀ COVID-19 ପ୍ରକୋପ ଜାରୀ ରହିଥିବା ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ହୋଇଥିବ, ସେହି ଅବଧି ପର୍ଯ୍ୟନ୍ତ ପୂର୍ବ ତଟ ରେଳପଥର ସମ୍ବଲପୁରରେ ନିଯୁକ୍ତି ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି, ଯାହାକୁ କେବଳ ବିଶେଷକରି ପ୍ରଶାସନିକ ଆବଶ୍ୟକତା ଅନୁସାରେ ସଂପ୍ରସାରଣ କରାଯାଇପାରେ।
ଯୋଗ୍ୟ ଆଗ୍ରହୀ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଫର୍ମାଟରେ ସେମାନଙ୍କ ଆବେଦନର ସ୍କାନ କପିକୁ ପଠାଇବେ ଓ ଏଥି ସହିତ ସେମାନଙ୍କର ପ୍ରମାଣପତ୍ର/କାର୍ଯ୍ୟକାରୀ ଅଭିଜ୍ଞତା (ଯଦି ଥାଏ)/ପ୍ରାମାଣିକ ଗୁଡ଼ିକୁ ତା.05.10.2021 ସୁଦ୍ଧା ବା ତା ପୂର୍ବରୁ ମେଲ୍ ଆଇଡ଼ି cms_sbp@sbp.railnet.gov.inରେ ପଠାଇବା ଆବଶ୍ୟକ। ଦରଖାସ୍ତଗୁଡ଼ିକୁ ଯାଞ୍ଚ କଲାପରେ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଇଣ୍ଟରଭ୍ୟୁ ପରୀକ୍ଷାରେ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମନୋନୟନ କରାଯିବ ଓ ସେମାନଙ୍କୁ ତାଙ୍କର ଇ-ମେଲ୍ ଏବଂ ହ୍ୱାଟ୍‌ସଆପ୍ ନମ୍ବର ଜରିଆରେ ସୂଚନା ପ୍ରଦାନ କରାଯିବ। ମନୋନିତ ପ୍ରାର୍ଥୀମାନଙ୍କୁ ତାଙ୍କର ଇ-ମେଲ୍ ଏବଂ ହ୍ୱାଟ୍‌ସଆପ୍ ନମ୍ବର ଜରିଆରେ ପରୀକ୍ଷା ଫଳାଫଳ ବିଷୟରେ ସୂଚନା ପ୍ରଦାନ କରାଯିବ। କର୍ତ୍ତବ୍ୟ ପାଇଁ ରିପୋର୍ଟିଂ ସମୟରେ ପ୍ରାର୍ଥୀ ତାଙ୍କର ମୂଳ ପ୍ରମାଣପତ୍ର/ପ୍ରାମାଣିକ କାଗଜାତଗୁଡ଼ିକୁ ଯାଞ୍ଚ ପାଇଁ ସାଙ୍ଗରେ ଆଣିବେ ଓ ଏଥି ସହିତ ଦୁଇଗୋଟି ପାସପୋର୍ଟ ସାଇଜ୍ ଫଟୋଗ୍ରାଫ ଆଣିବା ଉଚିତ୍। ପ୍ରମାଣପତ୍ର/ପ୍ରାମାଣିକଗୁଡ଼ିକୁ ଯାଞ୍ଚ କଲାପରେ, ଚୂଡ଼ାନ୍ତ ନିଯୁକ୍ତି ଆଦେଶ ଜାରୀ କରାଯିବ।
ଦ୍ରଷ୍ଟବ୍ୟ : ଦରଖାସ୍ତ ଫର୍ମାଟ, ମୋଟ୍ ଖାଲି ପଦବୀ ସଂଖ୍ୟା, ଶିକ୍ଷାଗତ ଯୋଗ୍ୟତା / ଉପଯୁକ୍ତତା, ବୟସ, ପାରିଶ୍ରମିକ ଏବଂ ଅନ୍ୟାନ୍ୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବସାଇଟ୍ http://www.eastcoastrail.indianrailways.gov.in ➲ About us ➲ Division ➲ Sambalpur Division ➲ Recruitment ଅବଲୋକନ କରନ୍ତୁ।
PR-388/M/21-22
ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ)/ସମ୍ବଲପୁର

SUNDARAM HOME
ପଞ୍ଜୀକୃତ କାର୍ଯ୍ୟାଳୟ: ନଂ. ୨୧, ପାଟୁଲୋସ୍ ରୋଡ୍, ଚେନ୍ନାଇ-୬୦୦୦୦୨ ।
କର୍ପୋରେଟ୍ କାର୍ଯ୍ୟାଳୟ: ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍ସ ରୋଡ୍, ଚେନ୍ନାଇ-୬୦୦୦୧୪ ।
ଶାଖା କାର୍ଯ୍ୟାଳୟ: ଏ/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର-୭୫୧୦୦୭ । ଫୋନ୍: ୦୬୭୪-୨୫୪୪୬୬୭
**ଦଖଲ ନୋଟିସ**
**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୨)**
ଯେହେତୁ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ**, ପୂର୍ବରୁ ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃ ଭାବେ ପରିଚିତର ପ୍ରାଧିକୃତ ଅଧିକାରୀ, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩ (୧୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଧାରା **୧୩(୨) ଅଧୀନରେ ଏକ ଡିମାଣ୍ଡ ନୋଟିସ ତାରିଖ ୦୧।୦୮।୨୦୧୭** ଜାରି କରି **ଋଣଗ୍ରହୀତା ଶ୍ରୀ ବିଷ୍ଣୁଚରଣ ମଲ୍ଲିକ, ସହ-ଋଣଗ୍ରହୀତା, ଶ୍ରୀମତୀ ସରୋଜିନୀ ମଲ୍ଲିକ**ଙ୍କୁ ନୋଟିସରେ ଦର୍ଶିତ ତଥା **ଋଣ ଖାତା ସଂଖ୍ୟା ୬୬୨୦୦୨୯୦** ଅଧୀନରେ ବକେୟା ଓ ପୈଠଯୋଗ୍ୟ ଅର୍ଥରାଶି ଅର୍ଥାତ୍ ଟ.୯,୦୮,୯୦୬/- (**ନଅ ଲକ୍ଷ ଆଠହଜାର ନଅଶହ ଛଅ ଟଙ୍କା ମାତ୍ର**) ଏବଂ ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ଶୁଳ୍କ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନରେ ପୈଠ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।
ଋଣଗ୍ରହୀତା, ସହ-ଋଣଗ୍ରହୀତା ସମ୍ପୂର୍ଣ୍ଣ ଅର୍ଥରାଶିକୁ ପୈଠ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩ (୪) ସହିତ ପଠନପୂର୍ବକ କଥିତ ନିୟମାବଳୀର ନିୟମ ୮ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ **ତା୧୬।୦୯।୨୦୨୧ରିଖ** ଦିନ ନିଜ ଦଖଲକୁ ନେଇଛନ୍ତି ।
ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮) ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି ।
ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କାରବାର କରାଗଲେ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ** ଦ୍ୱାରା **ତା୧୬।୦୯।୨୦୨୧ରିଖ ସୁଦ୍ଧା ରହିଥିବା ଟ.୭,୯୧,୩୨୫/- (ସାତଲକ୍ଷ ଏକାନବେ ହଜାର ତିନିଶହ ପଚିଶ ଟଙ୍କା ମାତ୍ର)**ର ଅର୍ଥରାଶି ଏବଂ ତା’ ଉପରେ ବାର୍ଷିକ @୨୪% ହାରରେ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ଶୁଳ୍କ ଆଦାୟ କରାଯିବ ।
**ସମ୍ପତ୍ତିର ଅନୁସୂଚୀ**
ଖାତା ନଂ.୫୪୧, ପ୍ଲଟ୍ ନଂ.୮ରେ ସମ୍ବଳିତ ୦.୧୦୦ ଡେସିମିଲ ପରିମାପର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଯାହା ସାବକ ଖାତା ନଂ.୧୬୨/୮ ସାବକ ପ୍ଲଟ୍ ନଂ.୧/୮ ଅନୁରୂପ ଅଟେ । ଅବସ୍ଥିତି ସ୍ଥାନ – ଉପନିବନ୍ଧକ: ଯାଜପୁର ରୋଡ୍‌ସ୍ଥିତ ଡୋଲିପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ମୌଜା/ରାଜସ୍ୱ ଗ୍ରାମ: ୟୁନିଟ୍ ନଂ.୦୧, ଚୋରଦା, ଯାଜପୁର ରୋଡ୍, ଥାନା- ଯାଜପୁର ରୋଡ୍, ତହସିଲ- ସୁକିନ୍ଦା, ହାଲ୍ ତହସିଲ- ବ୍ୟାସନଗର, ଜିଲ୍ଲା- ଯାଜପୁର, ଓଡ଼ିଶା । ଚଉହଦି: ଉତ୍ତର : ଚାନ୍ଦମାର ଗ୍ରାମ ବାଉଣ୍ଡରୀ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.୦୯, ପଶ୍ଚିମ: ପ୍ଲଟ୍ ନଂ. ୮ (ଅଂଶ) ।
ତାରିଖ: ୧୬।୦୯।୨୦୨୧
ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ
ପ୍ରାଧିକୃତ ଅଧିକାରୀ

“ଯେତେବେଳେ ଦେଖାଯାଏ ଯେ, ଆଉ କିଛି କରିବାର ନାହିଁ– ଅଛି କେବଳ ଧ୍ୱଂସ ଆଉ ବିନଷ୍ଟି– ସେତେବେଳେ ବି ଜଣେ ପରମ ଦିଶାରୀ ଅକସ୍ମାତ୍ ଆମ ସମ୍ମୁଖରେ ଉଭା ହୋଇଯାନ୍ତି ଓ ଆମ ହାତଧରି ତାଙ୍କ ସହିତ ନେଇଚାଲନ୍ତି। –ଶ୍ରୀଅରବିନ୍ଦ



# ଦୁର୍ବଳ ପ୍ରଦର୍ଶନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହାଉସିଂ ଆଣ୍ଡ୍ ଅର୍ବାନ୍ ଡେଭଲପ୍‌ମେଣ୍ଟ କର୍ପୋରେଶନ ଲିମିଟେଡ୍ (ହୁଡ୍‌କୋ) ଭାରତ ସରକାରଙ୍କର ଏକ ପ୍ରମୁଖ ହାଉସିଂ ଫାଇନାନ୍ସ କର୍ପୋରେଶନ। ସେପ୍ଟେମ୍ବର ୨୦୧୯ରେ ଡ. ଏମ୍. ରବି କାନ୍ତଙ୍କ ସମ୍ପ୍ରସାରିତ କାର୍ଯ୍ୟକାଳ ଶେଷ ହେବା ପରେ ଆଇଏଏସ୍‌ରୁ ଇସ୍ତଫା ଦେଇଥିଲେ ଓ ସେବେଠାରୁ କର୍ପୋରେଶନ ବିନା ନିୟମିତ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି)ରେ ଚାଲିଛି । ଆଶ୍ଚର୍ଯ୍ୟର କଥା, ସରକାର ଅସ୍ଥାୟୀ ସିଏମ୍‌ଡିମାନଙ୍କୁ ନିଯୁକ୍ତି ଦେଇ କାର୍ଯ୍ୟ କରିବାରେ ବେଶ୍ ସନ୍ତୁଷ୍ଟ ଅଛନ୍ତି। ଏହି ପଦବୀରେ ସରକାର ଗୃହନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟରୁ ବିଭିନ୍ନ କ୍ୟାଡର୍‌ର ଆଇଏଏସ୍ ଅଧିକାରୀମାନଙ୍କୁ ଆଣି ନିଯୁକ୍ତି ଦେଇ ହୁଡ୍‌କୋକୁ ସଞ୍ଚାଳନ କରି ଆସିଛନ୍ତି। ପୂର୍ବରୁ ମଧ୍ୟ କର୍ପୋରେଶନକୁ ସୁରୁଖୁରୁରେ ଚଳାଇବାକୁ ତିନି ଆଡ୍‌ହକ୍ ସିଏମ୍‌ଡିଙ୍କୁ ନିଯୁକ୍ତି ଦିଆଯାଇଥିଲା। କର୍ପୋରେଶନର ସିଏମ୍‌ଡିମାନଙ୍କ ମଧ୍ୟରେ ରହିଛନ୍ତି କର୍ପୋରେଟ ପ୍ଲାନିଂର ନିର୍ଦ୍ଦେଶକ ଏମ୍. ନାଗରାଜ ଏବଂ ଶିବ ଦାସ ମେନନ୍ ଓ କାମ୍‌ରନ ରିଜ୍‌ଭି । ଉଭୟେ ମେନନ୍ ଏବଂ ରିଜ୍‌ଭି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଥିଲେ। ହୁଡ୍‌କୋର ପଦବୀ ପୂରଣ କରିବାରେ ସରକାରଙ୍କ ଅକ୍ଷମତାରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ। କିନ୍ତୁ ଏହାକୁ ନେଇ କେତେଜଣ ବାବୁଙ୍କ ହୃଦ୍‌ବୋଧ ହେଉଛି ଯେ, ମନ୍ତ୍ରଣାଳୟରେ ବାବୁମାନେ ଜାଣିଶୁଣି ନିଯୁକ୍ତିରେ ବିଳମ୍ବ କରୁଛନ୍ତି; ଯଦିଓ କେହି ଚିହ୍ନା ପଡ଼ି ସ୍ପଷ୍ଟ ଭାବେ କିଛି କହିବାକୁ ଚାହୁଁନାହାନ୍ତି। ସୂତ୍ରରୁ ଜଣାପଡ଼ିଛି , ଅତୀତରେ କର୍ପୋରେସନର ଇନିସିଆଲ୍ ପବ୍ଲିକ ଅଫରିଂ(ଆଇପିଓ)କୁ ନିବେଶକମାନେ ୮୦ଗୁଣ ସବ୍‌ସ୍କ୍ରାଇବ କରିଥିଲେ। ଏହା ସତ୍ତ୍ୱେ ମଧ୍ୟ ଏହି ନେତୃତ୍ୱହୀନ କର୍ପୋରେଶନର ପ୍ରଦର୍ଶନ ଅତ୍ୟନ୍ତ ଦୁର୍ବଳ ରହିଆସିଛି। ଏହା ନିବେଶଙ୍କ ଦ୍ୱାରା ଭଲ ଭାବେ ଗଢ଼ାଯାଇପାରିଥାଆନ୍ତା। କିନ୍ତୁ ଲାଭକୁ ହାତଛଡ଼ା କରାଯାଇଛି। ଏହାର କାରଣ ବି କାହାକୁ ଜଣାନାହିଁ।

### ବିରାଟ ବିଜୟ

ଡ.ପରାଶରମ୍ ପି.କେ. ରାମାଚାର୍ୟ୍ୟୁଲୁ ରାଜ୍ୟସଭାର ସେକ୍ରେଟାରୀ ଜେନେରାଲ ଭାବେ ନିଯୁକ୍ତି ପାଇଛନ୍ତି। ଏହା ପାଇବାରେ ସେ ହେଉଛନ୍ତି ରାଜ୍ୟସଭା କ୍ୟାଡର୍ (ଆର୍‌ଏସ୍ କ୍ୟାଡର)ର ପ୍ରଥମ ଅଧିକାରୀ। ଆଇଏଏସ୍ ଅଧିକାରୀ ଦେଶ୍ ଦୀପକ ବର୍ମାଙ୍କ ପରେ ତାଙ୍କୁ ଏହି ପଦବୀ ମିଳିଛି। ବର୍ମାଙ୍କ ପୂର୍ବରୁ ଏହି ପଦବୀରେ କେବଳ ଶକ୍ତିଶାଳୀ ଆଇଏଏସ୍‌ମାନେ ରହୁଥିଲେ ଓ ଏହାଯୋଗୁ ଆର୍‌ଏସ୍ କ୍ୟାଡର ଅଧିକାରୀମାନେ ସୁଯୋଗରୁ ବଞ୍ଚିତ ହେଉଥିଲେ । ତେବେ ରାମାଚାର୍ୟ୍ୟୁଲୁଙ୍କ ନିଯୁକ୍ତି ନିଶ୍ଚିତ ଭାବେ ଆର୍‌ଏସ୍ କ୍ୟାଡର ଅଧିକାରୀଙ୍କ ପାଇଁ ଏକ ଖୁସି ଖବର , ବିରାଟ ବିଜୟ। ଆଶ୍ଚର୍ଯ୍ୟର କଥା, ରାମାଚାର୍ୟ୍ୟୁଲୁଙ୍କ ନିଯୁକ୍ତି ପତ୍ରରେ ତାଙ୍କ କାର୍ଯ୍ୟକାଳ ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ନିଯୁକ୍ତି ଚୁକ୍ତିଭିତ୍ତିରେ କରାଯାଇଛି ବୋଲି ରାଜ୍ୟସଭା ଅଧ୍ୟକ୍ଷଙ୍କ ଦପ୍ତର ଦ୍ୱାରା ଜାରି ନିଯୁକ୍ତି ବିଜ୍ଞପ୍ତିରେ କୁହାଯାଇଛି ଓ ପରବର୍ତ୍ତୀ ଅର୍ଡର ନ ପାଇବା ଯାଏ କାର୍ଯ୍ୟ କରିବା ଲାଗି ଦର୍ଶାଯାଇଛି। କେନ୍ଦ୍ରର ଏଭଳି ପଦକ୍ଷେପରେ ବାବୁମାନେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ ରାଜ୍ୟସଭା ଅଧ୍ୟକ୍ଷ ଥିବା ଯାଏ ରାମାଚାର୍ୟ୍ୟୁଲୁ ତାଙ୍କ ପଦବୀରେ ରହିବେ କି ? ମୋଦି ସରକାର ଆଇଏଏସ୍ ଅଧିକାରୀମାନଙ୍କ ପଞ୍ଝାରୁ ଆଉ ଏକ ପଦବୀକୁ ଛଡ଼ାଇନେବାକୁ ଚେଷ୍ଟା କରୁଛନ୍ତି କି? ଏଭଳି ପ୍ରଶ୍ନ ବାବୁମାନଙ୍କ ମନରେ ମଧ୍ୟ ଉଙ୍କି ମାରୁଛି। ଜାଣିବାକୁ ମିଳିଛି, ଏହି ପଦବୀ ଲାଗି ରାମାଚାର୍ୟ୍ୟୁଲୁଙ୍କୁ ଉପରାଷ୍ଟ୍ରପତିଙ୍କ ସମର୍ଥନ ମିଳିଥିଲା ଓ ତାଙ୍କ ବ୍ୟତୀତ ଆଉ କାହା ନାମ ବିଚାରକୁ ନିଆଯାଇପାରିବ ନାହିଁ ବୋଲି ସେ କହିଥିଲେ। କିନ୍ତୁ ସରକାରରେ ଅନେକ ଦେଶ ଦୀପକ ଆଉ ଏକ ଟର୍ମ ରହିବା ଲାଗି ଚାହୁଁଥିଲେ ବି ନାଇଡୁଙ୍କ କଥା ରହିଥିଲା। ରାଜ୍ୟସଭା କ୍ୟାଡର୍ ଅଧିକାରୀଙ୍କର ଶୀର୍ଷ ପଦକୁ ପଦୋନ୍ନତି ହେବା ଏକ ଐତିହାସିକ ଘଟଣା। ସରକାର ତାଙ୍କ କାର୍ଯ୍ୟକାଳ ଉପରେ ରହିଥିବା ସନ୍ଦେହ ସ୍ପଷ୍ଟ କଲେ ଆହୁରି ଭଲ ହୁଅନ୍ତା।

### ମୁଖିଆ ଖୋଜା ଚାଲିଛି

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ମୁଖ୍ୟ ଏସ୍.କେ.ମିଶ୍ରଙ୍କ ପରେ ସେହି ପଦବୀରେ ଆଉ ଆଇଏଏସ୍ ଅଧିକାରୀ ନ ରହି ଆଇଆର୍‌ଏସ୍ କିମ୍ବା ଆଇପିଏସ୍ ଅଧିକାରୀ ରହିବେ ବୋଲି ବାବୁମାନଙ୍କର ବିଶ୍ୱାସ ଜନ୍ମିଛି। କିନ୍ତୁ ଜାଣିବାକୁ ପାଉଛୁ ଯେ ଏଭଳି ପ୍ରମୁଖ ପଦବୀର ନିଯୁକ୍ତି ଉପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ନିଷ୍ପତ୍ତି ନିଆଯାଏ ଏବଂ ଏହା ଏବେ ଏକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିବ ବୋଲି ମନେହେଉଛି। ଏସ୍.କେ. ମିଶ୍ର ନଭେମ୍ବର ମଧ୍ୟଭାଗ ସୁଦ୍ଧା ଅବସର ନେବା ସମ୍ଭାବନା ରହିଛି। ସରକାର ତାଙ୍କ ସ୍ଥାନରେ ନିଯୁକ୍ତି ପାଇଁ ଅନ୍ୟ ଅଧିକାରୀମାନଙ୍କୁ ଖୋଜୁଥିବା ସ୍ପଷ୍ଟ ହୋଇଛି। ଏହି କ୍ରମରେ ଇଡିର ମୁଖ୍ୟ ପଦ ଲାଗି ବହୁ ସମ୍ଭାବ୍ୟ ନାଁ ଚର୍ଚ୍ଚାକୁ ଆସୁଛି। ସେମାନଙ୍କ ମଧ୍ୟରେ ରହିଛନ୍ତି, ବରିଷ୍ଠ ଆଇଆର୍‌ଏସ୍ ଅଧିକାରୀ ସୀମାଞ୍ଚଳ ଦାସ। ସୂଚନାଯୋଗ୍ୟ, ଦାସଙ୍କ ପାଇଁ ସେତେବେଳର ଅର୍ଥମନ୍ତ୍ରୀ ଅରୁଣ ଜେଟିଲିଙ୍କ କୃପାରୁ ଇଡିରେ ଏକ ପ୍ରିନ୍ସିପାଲ ସ୍ପେଶିଆଲ ଡାଇରେକ୍ଟର ପଦବୀ ସୃଷ୍ଟି କରାଯାଇଥିଲା। ଏହି ଦୌଡରେ ଅନ୍ୟ ଅଧିକାରୀଙ୍କ ମଧ୍ୟରେ ରହିଛନ୍ତି ୧୯୮୮ ବ୍ୟାଚ୍ ଗୁଜରାଟ କ୍ୟାଡର୍ ଆଇପିଏସ୍ ଅଧିକାରୀ ତଥା ଏବକାର ସିବିଆଇ ସ୍ପେଶିଆଲ ଡାଇରେକ୍ଟର ପ୍ରବୀଣ ସିହ୍ନା । ଏହାବାଦ୍ ୟୁନିୟନ୍ ଟେରିଟୋରି କ୍ୟାଡର୍‌ର ଏସ୍.ଏମ୍. ସହାଇ ନିଯୁକ୍ତି ଦୌଡ଼ର ସବୁଠୁ ଆଗରେ ରହିଥିବା କୁହାଯାଉଛି। ଆଇପିଏସ୍ ଅଧିକାର ବଲେଶ କୁମାର କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମାଶୁଳ୍କ ବୋର୍ଡର ସଦସ୍ୟ ଭାବେ ନିଯୁକ୍ତି ପାଇଥିବାରୁ ସେ ଦୌଡରୁ ବାହାରେ ରହିଥିବା ଚର୍ଚ୍ଚାହେଉଛି। କିନ୍ତୁ ପର୍ଯ୍ୟବେକ୍ଷକମାନେ କହୁଛନ୍ତି, ଦୌଡ଼ରେ ସାମିଲ ହେବା ପାଇଁ ତାଙ୍କର ମଧ୍ୟ ଇଚ୍ଛା ରହିଛି ।

Email: dilipcherian@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 5 | | | 3 | | |
| | | | | 1 | | 5 | 4 | |
| | | | | 9 | 4 | | | |
| | 8 | 3 | | | | | | 1 |
| | | | | | | 9 | | |
| | 2 | | 9 | 5 | 6 | | | |
| 7 | 4 | | | | | 2 | | |
| | | | | | | 7 | | |
| | 6 | | 3 | 4 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 6 | 8 | 3 | 1 | 9 | 7 | 5 |
| 3 | 8 | 7 | 5 | 9 | 2 | 4 | 6 | 1 |
| 5 | 1 | 9 | 6 | 7 | 4 | 8 | 3 | 2 |
| 1 | 6 | 2 | 4 | 8 | 9 | 7 | 5 | 3 |
| 8 | 9 | 5 | 3 | 2 | 7 | 1 | 4 | 6 |
| 7 | 3 | 4 | 1 | 5 | 6 | 2 | 9 | 8 |
| 6 | 2 | 8 | 9 | 4 | 3 | 5 | 1 | 7 |
| 4 | 7 | 3 | 2 | 1 | 5 | 6 | 8 | 9 |
| 9 | 5 | 1 | 7 | 6 | 8 | 3 | 2 | 4 |

ଗତକାଲିର ଉତ୍ତର

# ବୟନ ଶିଳ୍ପ–ଏକ ପୋଷଣୀୟ ସମ୍ଭାବନା



ଇଂ. ଶକ୍ତି ପ୍ରସାଦ ଦାସ

ନିକଟରେ କେନ୍ଦ୍ର କ୍ୟାବିନେଟ୍ ବୟନ ଶିଳ୍ପ କ୍ଷେତ୍ରରେ ଘରୋଇ ଉତ୍ପାଦନ ଓ ରପ୍ତାନି ବୃଦ୍ଧି କରିବା ଲକ୍ଷ୍ୟରେ ୧୦,୬୮୩ କୋଟି ଟଙ୍କା ମୂଲ୍ୟର 'ଉତ୍ପାଦନ ସମ୍ପର୍କିତ ପ୍ରୋତ୍ସାହନ' (ପିଏଲ୍‌ଆଇ) ଯୋଜନାକୁ ଅନୁମୋଦନ କରିଛନ୍ତି। ଦେଶରେ ବୟନଶିଳ୍ପ କ୍ଷେତ୍ରରେ ଉଚ୍ଚ ମୂଲ୍ୟଯୁକ୍ତ ମାନବକୃତ ତନ୍ତୁ (ଏମ୍‌ଏମ୍‌ଏଫ୍)ର କପଡ଼ା, ବସ୍ତ୍ର ଓ ଟେକ୍ନିକାଲ ଟେକ୍ସଟାଇଲ ଉତ୍ପାଦନରେ ନୂଆ ନିବେଶକୁ ଏହା ଉତ୍ସାହିତ କରିବ। ଆକାଂକ୍ଷୀ ଜିଲା ; ତୃତୀୟ ତଥା ଚତୁର୍ଥ ସ୍ତରୀୟ ସହର ଓ ଗ୍ରାମାଞ୍ଚଳରେ ନିବେଶ ପାଇଁ ଏହି ଯୋଜନା ମାଧ୍ୟମରେ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟ ଓଡ଼ିଶା କଥା ସ୍ୱତଃ ମନକୁ ଆସୁଛି। ଓଡ଼ିଶାର ଅର୍ଥନୀତି ଆଉ କେତେଦିନ ସେହି ଖଣି ଖାଦାନ ଉପରେ ନିର୍ଭର କରି ଚାଲିଥିବ? ଉତ୍ତରାଧିକାର ସୂତ୍ରେ ପାଇଥିବା ସୀମିତ ଖଣିଜ ସମ୍ପଦର ବିକ୍ରିଲବ୍ଧ ଆୟକୁ ରାଜ୍ୟର ରାଜସ୍ୱ ବା ଆୟ ବୋଲି ଭାବିବା ଭୁଲ୍। ରାଜ୍ୟର ଜମି, ଜଳ, ଜଙ୍ଗଲକୁ ଆଧାର କରି ରାଜ୍ୟ ଅର୍ଥନୀତିର ମଙ୍ଗ ବଦଳାଇବାକୁ ହେବ। କାରଣ, ଅଭିବୃଦ୍ଧିକୁ ପୋଷଣୀୟ କଲେ ପରବର୍ତ୍ତୀ ପିଢ଼ି ଏହାକୁ ଉପଭୋଗ କରିପାରିବେ।

ଦକ୍ଷତା ଅଭାବରୁ କୃଷିକ୍ଷେତ୍ର ଲାଭଜନକ ହେଉ ନ ଥିବାରୁ ବଳକା ଶ୍ରମବଳ ସେବା ଓ ଶିଳ୍ପ କ୍ଷେତ୍ର ଆଡ଼କୁ ମୁହାଁଇଛନ୍ତି। ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ଅର୍ଥ ବ୍ୟବସ୍ଥାର ଅନ୍ୟ ସବୁ କ୍ଷେତ୍ରକୁ କାର୍ଯ୍ୟ–ପ୍ରଭାବୀ କରିଥାଏ। ତେଣୁ, ଓଡ଼ିଶା ଭଳି ଏକ କୃଷି ଆଧାରିତ ଜନ–ଜୀବନକୁ ଧୀରେ ଧୀରେ ଶିଳ୍ପାଭିମୁଖୀ କରିବା ପାଇଁ ବୟନ ଶିଳ୍ପକୁ ଅଗ୍ରାଧିକାର ଦିଆଯାଇପାରେ। କାରଣ, ବୟନ ଶିଳ୍ପକୁ ଆମେ ପାରମ୍ପରିକ ଭାବରେ ଏକ କୃଷି ଆଧାରିତ ଶିଳ୍ପ ବୋଲି ଜାଣୁ।

ରାଜ୍ୟରେ ୧.୬୮ ଲକ୍ଷ ହେକ୍ଟର ଜମିରେ କପା ଚାଷ କରାଯାଇ ବାର୍ଷିକ ୪.୫୦ ଲକ୍ଷ ବେଲ୍ (ବେଲ୍ ପିଛା ୧୭୦ କେଜି) କପା ଉତ୍ପାଦନ ସହିତ ଦେଶରେ ଏକାଦଶ ସ୍ଥାନରେ ରହିଛି ଓଡ଼ିଶା। କଳାହାଣ୍ଡି, ବଲାଙ୍ଗୀର, ରାୟଗଡ଼ା, ନୂଆପଡ଼ା, ସୋନପୁର, ଗଜପତି ଓ ବୌଦ୍ଧ ଜିଲାରେ କପା ଚାଷ କରାଯାଉଛି। ସେହିପରି କେନ୍ଦ୍ରାପଡ଼ା, ଭଦ୍ରକ, କଟକ ଓ ଯାଜପୁର ପରି ଉପକୂଳବର୍ତ୍ତୀ ଜିଲାରେ ୧୯୭୦ରୁ ୧୯୯୫ ମଧ୍ୟରେ ପ୍ରାୟ ୨୦ଲକ୍ଷ ହେକ୍ଟର ଝୋଟ ଚାଷ କରାଯାଉଥିବାବେଳେ, ଚାହିଦା ଅଭାବରୁ ୨୦୧୮–୧୯ ସୁଦ୍ଧା ଏହା ହ୍ରାସ ପାଇ ୪ ଲକ୍ଷ ହେକ୍ଟରରେ ପହଞ୍ଚିଛି । ପାରାଦୀପସ୍ଥିତ ଆଇଓସିଏଲ୍‌ର ପଲିପ୍ରୋପିଲିନ କାରଖାନାରୁ ସମ୍ଭାବିତ ମାନବକୃତ ତନ୍ତୁ (ଏମ୍‌ଏମ୍‌ଏଫ୍) ଓଡ଼ିଶାରେ ବୟନ ଶିଳ୍ପକୁ ଆଗକୁ ନେବାରେ ବେଶ୍ ଅନୁକୂଳ ସାବ୍ୟସ୍ତ ହେବ।

ଉଭୟ ଘରୋଇ ଓ ରପ୍ତାନି କ୍ଷେତ୍ରକୁ ହିସାବକୁ ନେଲେ ବୟନ ଓ ପୋଷାକ ଶିଳ୍ପ ଦେଶର ଜିଡିପିରେ ୫.୧୪ ପ୍ରତିଶତ ଯୋଗଦାନ କରୁଥିବାର ଜଣାଯାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୃଷି କ୍ଷେତ୍ର ପରେ ବୟନ ଶିଳ୍ପ, ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରାୟ ୧୦୫ ନିୟୁତ ଲୋକଙ୍କୁ ରୋଜଗାର ଯୋଗାଇ ଦେଇ ଦେଶରେ ଦ୍ୱିତୀୟ ବୃହତ୍ତମ ନିଯୁକ୍ତିଦାତା ଭାବରେ ପରିଗଣିତ ହେଉଛି। ଅତଏବ, ରାଜ୍ୟକୁ ଶିଳ୍ପୋନ୍ନତ କରିବା ଓ ରୋଜଗାର ଉପଲବ୍ଧ କରାଇବାରେ ବୟନ ଶିଳ୍ପକୁ ବ୍ୟବହାର କରାଯାଇ ପାରିଲେ ଆମ ଯୁବଗୋଷ୍ଠୀଙ୍କୁ ଆଉ ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ ଓ କର୍ନାଟକ ଭଳି ରାଜ୍ୟକୁ ଯିବାକୁ ପଡ଼ନ୍ତା ନାହିଁ। କେବଳ ଗଞ୍ଜାମ ଜିଲାରୁ ସୁରଟ ସୂତାକଳଗୁଡ଼ିକରେ ପ୍ରାୟ ୬ ଲକ୍ଷରୁ ଅଧିକ ଲୋକ କାମ କରୁଥିବାର ଜଣାଯାଏ।

ବିଧିର ବିଡ଼ମ୍ବନା, ଆମ ରାଜ୍ୟର ବୟନ ଶିଳ୍ପ କେବଳ ପରମ୍ପରାଗତ ହସ୍ତତନ୍ତ କାରିଗରି ମଧ୍ୟରେ ସୀମିତ ରହିଯାଇଛି। ରାଜ୍ୟରେ ବୃହଦାକାରରେ ରୋଜଗାର ସୃଷ୍ଟି କରିବାକୁ ହେଲେ କେବଳ ହିତାଧିକାରୀ କଲ୍ୟାଣ–ଅଭିମୁଖୀ ନୀତିରୁ ଊର୍ଦ୍ଧ୍ୱକୁ ଉଠିବାକୁ ହେବ। ରାଜ୍ୟରେ ବୟନଶିଳ୍ପକୁ ଆଗେଇ ନେବାରେ ବାଧକ ସାଜୁଥିବା କାରଣଗୁଡ଼ିକ ଖୋଜି ଏସବୁର ସମାଧାନ କରିବାକୁ ହେବ।

ଶିଳ୍ପାୟନ ବାବଦରେ ରାଜ୍ୟ ସମ୍ମୁଖୀନ ହେଉଥିବା ଦୁଇଟି ପ୍ରମୁଖ ଆହ୍ୱାନ ହେଉଛି ଖଣି ଓ ଖଣିଜ କ୍ଷେତ୍ର ବ୍ୟତିରେକେ ରାଜ୍ୟରେ ଉପଲବ୍ଧ ଅନ୍ୟାନ୍ୟ ବ୍ୟବସାୟିକ ସୁବିଧା ସୁଯୋଗ ବାବଦରେ ନିବେଶକଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ବିଷୟରେ ଜ୍ଞାନର ଅଭାବ। ରାଜ୍ୟ ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ ଏ ଦିଗରେ ଏକ ଭଲ ଉଦ୍ୟମ। ଏହାକୁ କେତେ ଆନ୍ତରିକତାର ସହ ଅନୁସରଣ କରାଯାଉଛି, ତାହା ଉପରେ ସବୁ କିଛି ନିର୍ଭର କରୁଛି। ଖୋଲା ପୁଞ୍ଜି ନିବେଶ ଓ ନୂତନ ପ୍ରଯୁକ୍ତି ବିଦ୍ୟାକୁ ଆମନ୍ତ୍ରଣ କରି ଉପଲବ୍ଧ ଶ୍ରମବଳ ମଧ୍ୟରେ କୌଶଳ ଓ ସମ୍ଭାବନାକୁ ବ୍ୟାଖ୍ୟାନ କରି ବୈଶ୍ୱିକ ଧାରାରେ ବୟନ ଶିଳ୍ପ କ୍ଷେତ୍ରରେ ଆଧୁନିକ ବିନିର୍ମାଣ କ୍ଷେତ୍ର ଗଢ଼ି ତୋଳିବାକୁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ସରକାରଙ୍କ ଧ୍ୟେୟ ହେବା ଜରୁରୀ।

ଦେଖାଯାଏ, କେନ୍ଦ୍ର ସରକାରଙ୍କ ପିଏଲ୍‌ଆଇ ଭଳି ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା ସବୁର ସିଂହଭାଗ ଲାଭ କେବଳ ଗୁଜରାଟ, ମହାରାଷ୍ଟ୍ର ଭଳି ଶିଳ୍ପୋନ୍ନତ ରାଜ୍ୟଗୁଡ଼ିକ ହାତେଇ ନେଉଛନ୍ତି। ଆମ ରାଜ୍ୟର କଳାହାଣ୍ଡି, ବଲାଙ୍ଗୀର, ରାୟଗଡ଼ା, ନୂଆପଡ଼ା ଓ ଗଜପତି ପରି ଆକାଂକ୍ଷୀ ଜିଲାଗୁଡ଼ିକରେ ବୟନ ଶିଳ୍ପରେ ଅଧିକ ନିବେଶ ପାଇଁ ସ୍ଥାନୀୟ ତଥା ଜାତୀୟ ବାଣିଜ୍ୟିକ ସଂସ୍ଥାଗୁଡ଼ିକ ସହିତ ସକ୍ରିୟ ଭାବରେ ଜଡ଼ିତ ରହି ବଜାର ସୁବିଧାକୁ ସୁଗମ କରିବାରେ ସରକାରଙ୍କୁ ସହାୟତାର ହାତ ବଢ଼ାଇବା ଆବଶ୍ୟକ। ବୟନ ଶିଳ୍ପ ପାଇଁ ଆବଶ୍ୟକ ବିଭିନ୍ନ କଞ୍ଚାମାଲର ସ୍ଥାନୀୟ ଉତ୍ପାଦନଠାରୁ ଆରମ୍ଭ କରି ବିଦ୍ୟୁତ୍‌ଶକ୍ତି, ଜଳ, ରାସ୍ତାଘାଟ, ବନ୍ଦର ଭଳି ଢାଞ୍ଚାଗତ ସୁବିଧାର ସୁବନ୍ଦୋବସ୍ତ ମିଶନ ଢଙ୍ଗରେ ଉପଲବ୍ଧ କରାଇପାରିଲେ ଆମେ ମଧ୍ୟ ଲାଭ ଉଠାଇ ପାରିବା।

ଜଳସେଚନ ଅଭାବରୁ କପାକୁ କେବଳ ବର୍ଷାଦିନିଆ ଫସଲ ଭାବରେ ଚାଷ କରାଯାଉଛି। କମ୍ ସାର ଓ ଖତ ବ୍ୟବହାର ହେତୁ ଉତ୍ପାଦକତା ବଢୁନାହିଁ। ସଂରକ୍ଷଣ ଗୋଦାମ ଅଭାବରୁ ଚାଷୀ ସ୍ୱଳ୍ପ ମୂଲ୍ୟରେ କପା ବିକ୍ରି କରିବାକୁ ବାଧ୍ୟ ହେଉଛି । ରାଜ୍ୟରେ ଆବଶ୍ୟକ ଗିନିଂ ମିଲ, କପା ମଞ୍ଜି ତେଲ ନିଷ୍କାସନ ମିଲ ଓ ସ୍ପିନିଂ ମିଲ୍ ଅଭାବରୁ ଉତ୍ପାଦିତ କପା ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ ଭଳି ରାଜ୍ୟରେ ଗିନିଂ ଓ ସ୍ପିନିଂ କରାଯାଉଛି। ଅର୍ଥାତ୍ ଆମ ଚାଷୀ ଅଧିକ ଲାଭ ଉଠାଇ ପାରୁନାହିଁ। ତେଣୁ, ରାଜ୍ୟ ମଧ୍ୟରେ ଘରୋଇ ନିବେଶକୁ ପ୍ରୋତ୍ସାହିତ କରି ଏ ସବୁ ସୁବିଧା ସୁଯୋଗର ବନ୍ଦୋବସ୍ତ କରିବାର ଅଛି।

ଆଜିର ଉପଭୋକ୍ତା ଉନ୍ମୁଖୀ ବଜାର ବ୍ୟବସ୍ଥାରେ ମୂଲ୍ୟ–ଶୃଙ୍ଖଳକୁ ସମ୍ପୂର୍ଣ୍ଣ କରିବା ଦିଗରେ 'ପୋଷାକ ତିଆରି ଶିଳ୍ପ' ଉଜ୍ଜ୍ୱଳ ସମ୍ଭାବନା ରଖେ। ବିନିଯୋଗ ହେଉଥିବା ପ୍ରତି କୋଟିଏ ଟଙ୍କାରେ ସିଲେଇ, ଫିନିଶିଂ ଓ ପ୍ୟାକିଂ ବାବଦରେ ପ୍ରାୟ ଶହେଟି ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୁଏ। ଏହା ଛଡ଼ା ପ୍ରିଣ୍ଟିଂ, ଏମ୍ବ୍ରୋଡରି, ୱାଶିଂ ଓ ସଜେଇ ଇତ୍ୟାଦିରେ ମଧ୍ୟ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୁଏ। ତେଣୁ 'ପୋଷାକ ତିଆରି ଶିଳ୍ପ' ପାଇଁ ରାଜ୍ୟରେ ଅଗ୍ରାଧିକାର ଭିତ୍ତିରେ ଘରୋଇ ପୁଞ୍ଜି ନିବେଶକୁ ଆମନ୍ତ୍ରଣ କରିବାର ଅଛି। ଅବଶ୍ୟ, ଆଦିତ୍ୟ ବିର୍ଲା ଫ୍ୟାଶନ, ସାହି ଏକ୍ସପୋର୍ଟ ଭଳି କିଛି କମ୍ପାନୀ ସେମାନଙ୍କର କାରଖାନା ଓଡ଼ିଶାରେ ବସାଇଥିବାର ଜଣାଯାଏ। ଏହି ଧାରାକୁ ବଳବତ୍ତର କରିବାକୁ ପଡ଼ିବ।

ଭାରତରେ ମାନବକୃତ ତନ୍ତୁ ଓ ସୂତାର ଉପଲବ୍ଧତା ସତ୍ତ୍ୱେ ଗୁଣାତ୍ମକ ମାନର ଏମ୍‌ଏମ୍‌ଏଫ୍ କପଡ଼ା ପର୍ଯ୍ୟାପ୍ତ ଭାବରେ ଉତ୍ପାଦିତ ହେଉନାହିଁ। ଆଜିର ଦିନରେ ଦେଶରେ ଉତ୍ପାଦିତ ଏମ୍‌ଏମ୍‌ଏଫ୍ ଆଧାରିତ ପୋଷାକ, ମୋଟ ପୋଷାକ ଉତ୍ପାଦନର ମାତ୍ର ୨୦% ରହିଛି। ଆଜିକାଲି 'ଟେକ୍ନିକାଲ ଟେକ୍ସଟାଇଲ'କୁ ନୂତନ ଯୁଗରେ ବୟନ ଶିଳ୍ପ ବୋଲି କୁହାଯାଉଛି। ଏହାର ପ୍ରୟୋଗ ଭିତ୍ତିଭୂମି, ଜଳ, ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ସୁରକ୍ଷା, ଅଟୋମୋବାଇଲ, ବିମାନ ଚଳାଚଳ ଇତ୍ୟାଦି କ୍ଷେତ୍ରରେ ଖୁବ୍ ପ୍ରଭାବୀ ରହିଛି।

ଭଦ୍ରକ ଜିଲାର ଧାମନଗରଠାରେ ଶହେ ଏକର ପରିମିତ ଅଞ୍ଚଳରେ ଆଇଓସିଏଲ ଏକ 'ଟେକ୍ନିକାଲ୍ ଟେକ୍ସଟାଇଲ ପାର୍କ' ସ୍ଥାପନ କରିବାକୁ ଯାଉଥିବା ଖବର ନିଶ୍ଚୟ ସ୍ୱାଗତଯୋଗ୍ୟ। ଏସବୁ କ୍ଷେତ୍ରରେ ଅର୍ଥନୀତିର ଦକ୍ଷତା ବୃଦ୍ଧି କରିବାରେ ପୁଞ୍ଜି ନିବେଶକୁ ଆକର୍ଷିତ କରିବାରେ କେନ୍ଦ୍ର ସରକାରଙ୍କ ସାମ୍ପ୍ରତିକ ପିଏଲ୍‌ଆଇ ଯୋଜନା ସହାୟକ ହେବ ବୋଲି ଆଶା କରାଯାଏ।

ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟରେ ଏକ ଶିଳ୍ପାଭିମୁଖୀ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ହେବ। ଅନ୍ୟଥା, 'ପଟାଟୋ ମିଶନ'ରୁ କୋଲ୍ଡ ଷ୍ଟୋରେଜ୍ ଯୋଜନାର ଦୟନୀୟ ଅବସ୍ଥା ଭଳି ବୟନ ଶିଳ୍ପର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯିବାକୁ ଅଧିକ ସମୟ ଲାଗିବ ନାହିଁ। ଓଡ଼ିଶା ସରକାରଙ୍କ 'ଇଣ୍ଡଷ୍ଟ୍ରିଆଲ ପଲିସି ରିଜୋଲ୍ୟୁସନ– ୨୦୧୫' ଏବଂ 'ଓଡ଼ିଶା ଆପାରେଲ ପଲିସି–୨୦୧୬' ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ବୟନ ଶିଳ୍ପ ଓ ପୋଷାକ ଶିଳ୍ପକୁ ରାଜ୍ୟରେ ଆଗେଇ ନେବ ବୋଲି ଆଶା କରିବା।

ବୟନ ଶିଳ୍ପ କେବଳ ରୋଜଗାର ଓ ସମ୍ପଦ ବୃଦ୍ଧିର ସମ୍ଭାବନା ସୃଷ୍ଟି କରୁନାହିଁ, ଓଡ଼ିଶାର ସମୃଦ୍ଧ ଐତିହ୍ୟର ପ୍ରତୀକ ଭାବରେ ଏହା ଗୁରୁତ୍ୱପୂର୍ଣ୍ଣ ମଧ୍ୟ। ଏକ ପୋଷଣୀୟ ଅଭିବୃଦ୍ଧିକୁ ଆଗେଇ ନେବାରେ ସାଧନର ଅଭାବ ନାହିଁ। ଯାହା ଅଭାବ ରହିଛି, ତାହା ହେଉଛି ରାଜନୈତିକ ଇଚ୍ଛାଶକ୍ତି ଓ ଆମର ଉଦ୍‌ଯୋଗୀ ପ୍ରବୃତ୍ତି। ମାନସିକତାରେ ପରିବର୍ତ୍ତନ ଆସିଲେ, ଦେଶ ବିଦେଶରୁ ନିବେଶକଙ୍କର ଲମ୍ବା ଧାଡ଼ି ଲାଗିବ।

**ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର**
**ମୋ: ୯୪୩୭୧୬୪୬୧୧**
Email: saktiprasadd@yahoo.in

# ଘର କରିବାର ସ୍ୱପ୍ନ



ରୁଦ୍ର ପ୍ରସନ୍ନ ରଥ

ଭାରତବର୍ଷରେ ଦ୍ରୁତ ସହରୀକରଣର ଯୁଗ କାହିଁ କେବେଠାରୁ ଆରମ୍ଭ ହୋଇଯାଇଛି। ଗାଁରୁ ସବୁ ଦିନ ଲକ୍ଷ ଲକ୍ଷ ଲୋକ ଭଲକରି ଗଣ୍ଡେ ଖାଇବାକୁ ଆଉ ଖଣ୍ଡେ ପିନ୍ଧିବାକୁ ସହରରେ ପାଦ ଦେଉଛନ୍ତି। ସହରରେ ପାଦ ଦେଲାମାତ୍ରେ ନିଜ ପାଇଁ ସ୍ଥାୟୀ ଚାକିରି ଆଉ ଅସ୍ଥାୟୀ ବାସସ୍ଥାନ ଖଣ୍ଡେ ଯୋଗାଡ଼ କରିବାକୁ ଲାଗିପଡୁଛନ୍ତି। ସମୟର ଚକ ଗଡ଼ିଚାଲିବା ସହିତ ଗାଁରୁ ସହରୀ ହୋଇ ସାରିଥିବା ମଣିଷଟି ନିଜ ପାଇଁ କ୍ରମେ କ୍ରମେ ସ୍ଥାୟୀ ବାସସ୍ଥାନ ଖଣ୍ଡେ ଖୋଜିବା ହିଁ ତା'ର ଜୀବନର ସର୍ବଶ୍ରେଷ୍ଠ ଧ୍ୟେୟ ହୋଇଯାଉଛି।

ସହରରେ ଟିକିଏ ପାଦ ଲାଗିଗଲା ବେଳକୁ ମଣିଷ ମନରେ ଘର କରିବାର ସ୍ୱପ୍ନ ଉଙ୍କି ମାରୁଛି। ଗାଁରେ ଘର ଛପର ନ ହୋଇଥାଉ ପଛେ, ସହରରେ ନିଜର ବଳକା ଜମାପୁଞ୍ଜି ସବୁକୁ ସମୟର ପଶାପାଲିରେ ଗଡ଼ାଇ ଦେଇ ମଣିଷ ନିଜ ପାଇଁ ସ୍ୱପ୍ନର ଘର କରିବାକୁ ମସ୍‌ଗୁଲ ରହୁଛି। ଘର କରିବାର ନିଶା ଏତେ ଅଧିକ ଯେ ମଣିଷ ଏଥିପାଇଁ ମୋଟା ଅଙ୍କର ଲୋନ୍ ନେବାକୁ ବସୁଛି। ଶନିବାର କିମ୍ବା ରବିବାର ହେଲାମାତ୍ରେ ମଣିଷ ଗାଡ଼ି ଧରି ନିଜର ଈପସିତ୍ ଘର କରିବା କିମ୍ବା ଜମି କିଣିବା ନିମନ୍ତେ ଦୌଡ଼ିବା ଆରମ୍ଭ କରିଦେଉଛି। ଖାଇବା ପିଇବା ଛାଡ଼ି ଘର ପରେ ଘର, ଜମି ପରେ ଜମି ଦେଖି ଦେଖି ସନ୍ଧ୍ୟାରେ ହତାଶ ହୋଇ ଘରକୁ ଫେରୁଛି। କେଉଁଠି ଜମି କିମ୍ବା ଘରର ମୂଲ୍ୟ ଆକାଶଛୁଆଁ ତ ଆଉ କେଉଁଠି ଦେଖିଥିବା ଜମି କିମ୍ବା ଘର ବହୁତ ଦୂରରେ। ପୁଣି ଏମିତି ବି ହୁଏ, ଘର କିମ୍ବା ଜମି ପସନ୍ଦ ଆସିଲେ ବି ସେ ସବୁର କାଗଜପତ୍ର ଠିକ୍ ନାହିଁ ବୋଲି ଅନୁମାନ ହୁଏ।

ତଥାପି ଗାଁରୁ ଆସିଥିବା କିଛି କିଛି ଲୋକଙ୍କର ସହରରେ ଘର କରିବାର ସ୍ୱପ୍ନ ସାର୍ଥକ ହୁଏ। ଅବଶ୍ୟ ଏଥିପାଇଁ ତାକୁ ଅନେକ ମୂଲ୍ୟ ଦେବାକୁ ହୁଏ। ଘର ପାଇଁ ଋଣ ଦେଇ ବ୍ୟାଙ୍କ ଲାଭବାନ୍ ହୁଏ। ବିଲ୍ଡର ତା'ର ଲାଭ ପାଇଯାଏ। ଘର ବିକୁଥିବା ଦଲାଲ କମିଶନି ନେଇଯାଏ। ପୁଣି ଘର ପାଇଁ ବିଜୁଳି ସଂଯୋଗଠାରୁ ଆରମ୍ଭ କରି ଅନ୍ୟାନ୍ୟ କାମ ପାଇଁ ବେଳେବେଳେ ମୋଟା ଅଙ୍କର ଲାଞ୍ଚ ବି ଦେବାକୁ ହୁଏ। ଏତେ ସବୁ ବ୍ୟବସ୍ଥା ଭିତରେ ମଣିଷଟା ଘର କିଣେ ସତ, ହେଲେ ସେ ନୂଆ ଘରେ ରହିବାର ନିଶା ଉତୁରି ଯାଇଥାଏ।

ସହରରେ ଥିବା ଛଦ୍ମବେଶୀ ମଣିଷଗୁଡ଼ା ଗାଁରୁ ଆସିଥିବା ସେ ମଧ୍ୟବିତ୍ତକୁ ଠକିବାକୁ ଠିକା ନେଇଥା'ନ୍ତି ଯେମିତି। ଦଲାଲମାନେ ତାକୁ ଗୋଟିଏ ଜମି ଦେଖାଇ ଆଉ ଗୋଟିଏ ଜମି ବିକନ୍ତି। ବିଲ୍ଡର ସବୁ ପଇସା ନେଇ ସାରିଲା ପରେ ବି କାମ ସାରି ଘର ଦେବାକୁ ଲୁଚକାଳି ଖେଳିବୁଲେ। କମ୍ପାନୀ ହେଉ ବା ସୁପରଭାଇଜର, ସମସ୍ତେ ନିଜ ନିଜ ବାଟରେ ଠକିବାକୁ ଜାଲ ବସେଇଥା'ନ୍ତି। ସେମାନଙ୍କର ଜାତି କିମ୍ବା ଧର୍ମ ଭିନ୍ନ ହୋଇପାରେ, ତେବେ ଅଧିକାଂଶଙ୍କର ଲକ୍ଷ୍ୟ ସମାନ। ନିରୀହ ଭଦ୍ର ମଧ୍ୟବିତ୍ତ ପାଖରୁ ତା'ର ଜମାପୁଞ୍ଜି ସବୁକୁ କାଇଦାରେ ବାହାର କରିନେବା। ସେ ଦଲାଲ ମିଶ୍ରବାବୁ ହୁଅନ୍ତୁ କି ବିଲ୍‌ଡର ହୁସେନ୍‌ବାବୁ ପଇସା ପାଇବାମାତ୍ରେ ନିଜ ନିଜର ପ୍ରକୃତ ରଙ୍ଗ ଦେଖାଇବା ଆରମ୍ଭ କରିଥାଆନ୍ତି। ଯେଉଁ ମୁହଁରେ ଜମି ଆଉ ଘର ବିକିବା ପୂର୍ବରୁ ଘିଅ ଆଉ ମହୁର ପ୍ରତିଶ୍ରୁତି ଦେଇଥାଆନ୍ତି, ସେହି ମୁହଁକୁ ଲୁଚାଇ ବୁଲିଥାଆନ୍ତି। ଆଜି କରିଦେବା, କାଲି କରିଦେବା ନ୍ୟାୟରେ ଦିନ ପରେ ଦିନ ଗଡ଼େଇ ଚାଲିଥାଆନ୍ତି। ବେଳେବେଳେ ଗୁଣ୍ଡା ଲଗାଇ ଜମି କିମ୍ବା ଘର କିଣିଥିବା ଲୋକଙ୍କୁ ପିଟିବା କିମ୍ବା ଯଦି କେହି ଟଙ୍କା ଫେରାଇବାକୁ ଅନୁରୋଧ କରେ, ତେବେ ତାଙ୍କ ଟଙ୍କା ନ ଫେରାଇ ତାକୁ ବିଭିନ୍ନ କାରଣ କହି ଦିନ ପରେ ଦିନ ଦୌଡ଼ାଇବା ଏବଂ ସ୍ଥଳ ବିଶେଷରେ ଆଦୌ ପଇସା ନ ଫେରାଇବା ଏବେ ତ ବେଶ୍ ସାଧାରଣ କଥା ହୋଇଗଲାଣି। ସ୍ଥିତି ଏପରି ଯେ, ଲୋକ ପୋଲିସ୍‌ଠାରୁ ବି ବିଶେଷ ନ୍ୟାୟ ପାଇବାର ଆଶା ନ ରଖି ନିଜ ଭାଗ୍ୟକୁ ଆଦରି ପଡି ରହୁଛନ୍ତି।

ଆମ ବିଧିବ୍ୟବସ୍ଥା ଏତେ ଭୟଙ୍କର ଯେ, ଏଠାରେ ଦୁରନ୍ତ ପୀଡ଼ିତକୁ ନ୍ୟାୟ ମିଳିବା କଷ୍ଟକର। ଥରେ ଘର କିମ୍ବା ଜମି କିଣିବା ପାଇଁ ଅଗ୍ରିମ ଦେଇ ସାରିଲା ପରେ ନିଜେ ଲୁଟି ହେବା ଛଡ଼ା ମଧ୍ୟବିତ୍ତ ପାଖରେ ବିଶେଷକିଛି କରିବାର ନଥାଏ। କାଳେ ଘର କିମ୍ବା ଜମି ମିଳିବାକୁ ଡେରି ହେବ, ସେହି ଭୟରେ ପୋଲିସ୍ କିମ୍ବା ନ୍ୟାୟାଳୟରେ ଅଭିଯୋଗ କରିବାକୁ ଡରେ। ଥରେ ନ୍ୟାୟାଳୟକୁ ଗଲେ ନ୍ୟାୟ ମିଳିବାକୁ ବହୁତ ସମୟ ଲାଗିଯାଏ ଆଉ ସେହି ସମୟଯାକ ଘର କିଣିଥିବା ମଧ୍ୟବିତ୍ତ ପାଇଁ ବେଶ୍ କଷ୍ଟକର ସମୟ ପାଲଟି ଯାଇଥାଏ। କାରଣ ଘର କରିବା ପାଇଁ ସେ ଯେଉଁ ଋଣ ବ୍ୟାଙ୍କରୁ ନେଇଥାଏ, ସେଥିପାଇଁ ବ୍ୟାଙ୍କ ତାହାର ସୁଧ ଛାଡ଼ିନଥାଏ। ଏକ ସମୟରେ ଘରଭଡ଼ା ଆଉ ବ୍ୟାଙ୍କ ସୁଧ ଦେବା ବେଳେ ମଧ୍ୟବିତ୍ତ ଜଣଙ୍କର ସହରରେ ଘର କରିବାର ସ୍ୱପ୍ନର ଇମାରତ୍ ଭୁଶୁଡ଼ିଗଲା ପରି ଲାଗିଥାଏ।

ସରକାର ଯଦିଓ ଗତ କିଛି ବର୍ଷ ତଳେ ଏହି ଜମିଜମା ଏବଂ ଘର କିଣାବିକା କାରବାରକୁ ନିୟନ୍ତ୍ରଣକୁ ଆଣିବା ପାଇଁ ରିଏଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି ଗଠନ କରିଥିଲେ, ତେବେ ଏହା ଏବେଯାଏ ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହେବାରେ ସମର୍ଥ ହୋଇନାହିଁ। ଆଇନରେ ଥିବା ଗଳାବାଟ ଦେଇ ଦଲାଲମାନେ ଖସି ଯାଉଥିବାବେଳେ ଆଇନର ଦ୍ୱାରସ୍ଥ ହେଉଥିବା ଲୋକ ନିଜ ହାତରୁ ପଇସା ଖର୍ଚ୍ଚ କରି ନ୍ୟାୟ ପାଇବା ପାଇଁ ବର୍ଷ ବର୍ଷ ଧରି କୋର୍ଟକୁ ଧାଉଁଛି।

ସହରର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ସହରର ଜମି ଏବଂ ଘରର ମୂଲ୍ୟ ଆଶାତୀତ ବୃଦ୍ଧି ପାଉଛି। ଅନେକ କ୍ଷେତ୍ରରେ ଏହା ଏତେ ଅଧିକ ହୋଇଯାଉଛି ଯେ, ଜଣେ ନିଜର ସାରା ସଞ୍ଚିତ ଜମାପୁଞ୍ଜିକୁ ଦେଇ ମଧ୍ୟ ସହରରେ ଘର କରିବାକୁ ଅକ୍ଷମ ହେଉଛି। ଜଣେ ଘର କିଣିବା ଅର୍ଥ ହେଉଛି ଏହା ଦ୍ୱାରା ଅନେକ ଲୋକ ରୋଜଗାର ପାଇବା। ତେବେ ଯଦି ଜଣେ ଏଥିପାଇଁ ଠକେଇର ଶିକାର ହୁଏ, ଯଦି ଜଣେ ଲୁଟି ହେବାର ଅନୁଭବ କରେ, ତେବେ ଏହା ଏକ ସୁଖଦ ଅନୁଭବ ନୁହେଁ ନିଶ୍ଚିତ।

ଏପରି ସ୍ଥିତିରେ ସରକାର ନିଜେ ସ୍ୱଳ୍ପମୂଲ୍ୟର ଘର ତିଆରି କରିବା ସହ ଏହାକୁ ମଧ୍ୟବିତ୍ତମାନଙ୍କୁ ବିକ୍ରି କରିବା ପାଇଁ ଆଗଭର ହେବା ଉଚିତ। ଏହାବାଦ୍ ସରକାରୀ– ବେସରକାରୀ ସହଭାଗିତାରେ ମଧ୍ୟ ସରକାର ସୁଲଭ ମୂଲ୍ୟରେ ପ୍ରକଳ୍ପ ଆରମ୍ଭ କରି ଲୋକଙ୍କୁ ଯୋଗାଇ ଦେଲେ ଲୋକ ଦଲାଲ ଏବଂ ଅସାଧୁ ବିଲ୍‌ଡରଙ୍କ ଦାଉରୁ ରକ୍ଷା ପାଆନ୍ତେ। ଲୋକ ଉଚିତ୍ ମୂଲ୍ୟରେ ଘର ପାଇବା ସହ ବ୍ୟାଙ୍କର ମୂଳଧନ ମଧ୍ୟ ସୁରକ୍ଷିତ ରୁହନ୍ତା। ସରକାର ଏ ଦିଗରେ ଗୁରୁତର ସହ ଚିନ୍ତା କରିବାର ଆବଶ୍ୟକତା ରହିଛି।

**ଧବଳଗିରି, ଯାଜପୁର ରୋଡ**
**ମୋ: ୭୯୭୮୬୭୧୭୭୬**

## ଏଇ ଭାରତରେ

ଡେରାଡୁନ୍‌ର ପ୍ରକୃତିପ୍ରେମୀ ମହେଶ ଚନ୍ଦ୍ର ଏବେ ଗଛଗୁଡ଼ିକୁ ଲୁହା ବନ୍ଧନରୁ ମୁକ୍ତି କରିବା ଲାଗି ଯେଉଁ ବାଟ ଦେଖାଇଛନ୍ତି ତାହା ବାସ୍ତବିକ ପ୍ରେରଣାଦାୟକ। ମହେଶ ଜଣେ ଅବସରପ୍ରାପ୍ତ ପୋଲିସ ଇନ୍ସପେକ୍ଟର। ଟ୍ରି ଗାର୍ଡରେ ବାନ୍ଧି ହୋଇଯାଇଥିବା ଗଛର ପୀଡାକୁ ଅନୁଭବ କରି ପ୍ରଥମେ ସେ ଉତ୍ତରାଖଣ୍ଡର ମୁଖ୍ୟ ସଚିବ ଓ ରାଜ୍ୟପାଳଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। କିନ୍ତୁ ସୁଫଳ ନ ମିଳିବାରୁ ପିଏମ୍‌ଓକୁ ଅବଗତ କରିଥିଲେ। ପିଏମଓ ଏହା ଉପରେ ପଦକ୍ଷେପ ନେବା ଲାଗି ପରିବେଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା ପରେ ମନ୍ତ୍ରଣାଳୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଦେଶ ଜାରି କରିଛନ୍ତି। ୨୦ ବର୍ଷ ତଳେ ସହର ଓ ଗ୍ରାମଗୁଡ଼ିକରେ ରୋପଣ କରାଯାଇଥିବା ଗଛଗୁଡ଼ିକର ସୁରକ୍ଷା ଲାଗି ଟ୍ରି ଗାର୍ଡ ଲଗାଯାଇଥିଲା। ଗଛ ବଡ଼ ହେବା ପରେ ଗାର୍ଡକୁ ବାହାର ନ କରିବାରୁ ତାହା ଗଛ ମଧ୍ୟରେ ପଶି ରହିଛି। ତେଣୁ ଗଛଗୁଡ଼ିକ ଭଲରେ ବଢ଼ିବା ଲାଗି ଏହାକୁ ହଟାଇବାର୍ ଲକ୍ଷ୍ୟରେ ମହେଶ ଏଭଳି ଅଭିଯାନ ଆରମ୍ଭ କରି ସଫଳ ହୋଇଛନ୍ତି। କେତେକ ରାଜ୍ୟରେ ଏହା ଉପରେ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଉତ୍ତରାଖଣ୍ଡରେ ମଧ୍ୟ ଗଛଗୁଡ଼ିକୁ ଟ୍ରି ଗାର୍ଡ ବେଡ଼ିରୁ ମୁକ୍ତ କରାଯିବା ଲାଗି କାର୍ଯ୍ୟ ଆରମ୍ଭ କରାଯାଇଛି। ମହେଶଙ୍କ ଏହି ପ୍ରୟାସକୁ ସବୁ ସ୍ତରରେ ପ୍ରଶଂସା କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ସେପ୍ଟେମ୍ବର ୧୯୯୬

- ଟେଲିକମ ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ଯୋଗାଯୋଗ ମନ୍ତ୍ରୀ ସୁଖରାମ ସିବିଆଇ ଦ୍ୱାରା ଗିରଫ।
- କୃଷି, ଅର୍ଥନୀତି, ଭୂତତ୍ତ୍ୱ ଏବଂ ସମ୍ବଳ କ୍ଷେତ୍ରରେ ଭାରତ ଏବଂ ମଙ୍ଗୋଲିଆ ମଧ୍ୟରେ ତିନୋଟି ସହଯୋଗୀ ରାଜିନାମା ସ୍ୱାକ୍ଷରିତ।
- ବିଶିଷ୍ଟ କଂଗ୍ରେସ ନେତା ତଥା କାମାକ୍ଷାନଗର ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ୪୭ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ମୁକତି ବନ୍ଧନ ଦୁଃଖ ସୁଖ ଯେତେ ହାୟ
ଆସେ ଯାଏ ନିତି ସେ ଯେ ଦିବା ରାତ୍ରି ପ୍ରାୟ
ସମୟର ସ୍ରୋତ ସମ
ଜୀବନର ଶିଖା ମମ
ସବୁରି ଉପରେ ଜାଳି ଡିବ ଅନ୍ୟାୟ
ଆରମ୍ଭିବି ଜୀବନର ନବୀନ ଅଧ୍ୟାୟ।

–(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

### ବର୍ଷାଜଳ ଅମଳ କରାଯାଉ

ମହାଶୟ,

ଖରସ୍ରୋତା ନଦୀଜଳକୁ ଭଦ୍ରକ ଜିଲାର ଚାରୋଟି ବ୍ଲକବାସୀଙ୍କୁ ପାନୀୟଜଳ ଭାବେ ଯୋଗାଇଦେବା ନାଁରେ ଶିଳ୍ପସଂସ୍ଥାକୁ ଦେବା ନେଇ ସରକାରୀ କଳ ଓ ଖରସ୍ରୋତା ସଂଗ୍ରାମ ସମିତି ମାଧ୍ୟମରେ ଆଳି–କନିକାବାସୀଙ୍କ ଟଣାଓଟରା ଚାଲିଛି। ବାସ୍ତବରେ ଭଦ୍ରକ ଜିଲାରେ ପାନୀୟ ଜଳର କିଛି ଅଭାବ ନ ଥିବାସ୍ଥଳେ ଜନସାଧାରଣ ନିର୍ବାଚନରେ ଶିଳ୍ପପତିଙ୍କ ଅର୍ଥରେ ନିର୍ବାଚନ ବୈତରଣୀ ପାର ହୋଇଥିବା ସରକାରୀ ଦଳର ଏହା ଆର୍ଥିକ ସହାୟତାର ପ୍ରତିଦାନ। ପ୍ରକୃତି ମାତା ତଥା ଧରିତ୍ରୀ ମାତା ଆମର ଉତ୍କଳ ପ୍ରଦେଶକୁ ପ୍ରାକୃତିକ ସମ୍ପଦ ସହ ଜୀବନ ଧାରଣର ସମସ୍ତ ଉପାଦାନରେ ପରିପୂର୍ଣ୍ଣ କରିଛି। କିନ୍ତୁ ତା'ର ସଦ୍‌ବ୍ୟବହାର ନ କରାଯାଇ ଶାଗ ମାଛ ମୂଲ୍ୟରେ ବିକ୍ରି ଚାଲିଛି। ନଦୀ ହେଉଛି ନଦୀକୂଳବାସୀଙ୍କର ସୁଖ ଦୁଃଖର ସାଥୀ। ମାନବ ସଭ୍ୟତା ପ୍ରଥମେ ନଦୀକୂଳରେ ହିଁ ଗଢ଼ିଉଠିଥିଲା। ତେଣୁ ନଦୀ ଉପରେ ନଦୀକୂଳବାସୀଙ୍କର ପ୍ରଥମ ଅଧିକାର। ବନ୍ୟାଜଳ ଓ କୁମ୍ଭୀରାଦି ଜଳଜୀବର ଦାଉ ସହିବେ ଏ ଅଞ୍ଚଳବାସୀ ଆଉ ଜଳ ନେବ ଆଉ କିଏ। ଯଦି ପାନୀୟ ଜଳ ପାଇଁ ଏତେ ଚିନ୍ତା, ତେବେ ପ୍ରତି ଘରେ ବର୍ଷାଜଳ ଅମଳର ବ୍ୟବସ୍ଥା କରାଯାଉ।

**–ବ୍ରଜନାଥ ବଳ, ରାଜକନିକା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ରାଜସ୍ୱ, କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ

ଧର୍ମଶାଳା,(ଡି.ଏନ.ଏ.): ଲଘୁଚାପ ଯୋଗୁ ଧର୍ମଶାଳା ବ୍ଲକ ଅଞ୍ଚଳରେ ସର୍ବାଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଛି। ବ୍ଲକର ୪୫ ପଞ୍ଚାୟତରେ ୧୪୨ କଚ୍ଚା ଘର ଭାଙ୍ଗିଥିବା ରିପୋର୍ଟ କରାଯାଇଛି ବୋଲି ତହସିଲଦାର ସ୍ୱାଗତ ଦାଶ ସୂଚନା ଦେଇଛନ୍ତି। ସେହିପରି ୧୪୨ଟି ରାଜସ୍ୱ ଅଞ୍ଚଳରେ ୨୩୨୦ ହେକ୍ଟର ଧାନ ଚାଷ ଓ ୪୫୦ ହେକ୍ଟର ପନିପରିବା ଚାଷ ନଷ୍ଟ ହୋଇଥିବା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ବ୍ଲକ କୃଷି ଅଧିକାରୀ ପ୍ରଦୀପ ମହାନ୍ତି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ରାଜପଥରେ ଲୁଟ୍ ଉଦ୍ୟମ, ୩ କୋର୍ଟଚାଲାଣ

**ଚଣ୍ଡିଖୋଲ,୧୭।୯(ଡି.ଏନ.ଏ.):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ୫୩ ନଂ. ଜାତୀୟ ରାଜପଥର ଓଲାଶୁଣୀ ଛକ ନିକଟରେ ୧୫ ତାରିଖ ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଜଣେ ବାଇକ୍ ଆରୋହୀଙ୍କୁ ଲୁଟ୍ ଅଭିଯୋଗରେ ପୋଲିସ ୩ ଲୁଟେରାଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦ୍ରପଡ଼ା ସଦର ଥାନା ବାବରମଲାପାଟଣା ଗ୍ରାମର ଆକବର ଖାଁ(୨୯), ସେକ ଅଜିରୁଦ୍ଦିନ (୨୭) ଓ ସେକ ନସିରୁଦ୍ଦିନ(୨୭)। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଏକ ବାଇକ୍ ଓ ନଗଦ ଟଙ୍କା ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ, ୧୫ ତାରିଖ ରାତିରେ ମାହାଙ୍ଗା ଥାନା ବାଲିପଡ଼ା ଗ୍ରାମର ସନ୍ତୋଷ ସିଂହ ବାଇକ୍ ଯୋଗେ କେନ୍ଦ୍ରାପଡ଼ା ଅଞ୍ଚଳରୁ ଜାତୀୟ ରାଜପଥରେ ଘରକୁ ଫେରୁଥିଲେ। ଓଲାଶୁଣୀ ଛକ ନିକଟରେ ତିନି ଲୁଟେରା ତାଙ୍କୁ ଅଟକାଇ ଲୁଟ ଉଦ୍ୟମ କରିଥିଲେ। ସନ୍ତୋଷ ଏହାର ପ୍ରତିବାଦ କରୁଥିଲେ। ଏହି ସମୟରେ କେତେଜଣ ଲୋକେ ପହଞ୍ଚି ଯିବାରୁ ଲୁଟେରାଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଲୁଟେରାଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ଏନେଇ ପୋଲିସ ପକ୍ଷରୁ ଏକ ମାମଲା ନଂ. ୨୮୭/୨୧ ରୁଜୁ ହୋଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଧର୍ମଶାଳା,୧୭।୯(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରାହ୍ମଣଦା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜାରକା ନିକଟସ୍ଥ ଟିକରସାହିର ତ୍ରିଲୋଚନ ସାମଲ(୩୯) ବୋଲି ଜଣାପଡ଼ିଛି। ସେ ଆରୁହାସ୍ଥିତ ଏକ କ୍ରଶରରେ କାମ କରୁଥିଲେ। ଗୁରୁବାର ରାତିରେ କାମ ସାରି ଘରକୁ ଫେରୁଥିବା ବେଳେ କୌଣସି କାରଣରୁ ତାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ରାତିସାରା ସେଠାରେ ତାଙ୍କର ମୃତଦେହ ପଡିଥିବା ବେଳେ ଶୁକ୍ରବାର ସକାଳେ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୪୭୧/୨୧ ରୁଜୁ ହୋଇଛି।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**କଳିଙ୍ଗନଗର,୧୭।୯(ଡି.ଏନ.ଏ.):** ଯାଜପୁର ରୋଡ୍ ରେଲୱେ ଥାନା ଅନ୍ତର୍ଗତ ସାଇ ମନ୍ଦିର ରେଳ ଫାଟକ ନିକଟରେ ଶୁକ୍ରବାର ଅପରାହ୍ଣରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ସାପଗଡ଼ିଆ ଅଞ୍ଚଳର ଜାଫର ଖାନ୍। ଜାଫର ରେଳ ଫାଟକ ପାର ହୋଇ ଘରକୁ ଫେରୁଥିବାବେଳେ ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ଏକ ହାତ କଟି ଯାଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହାୟତାରେ ତାଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରେଲୱେ ପୋଲିସ ଅଧିକାରୀ ପପୁ ନାୟକ କହିଛନ୍ତି, ଦୁର୍ଘଟଣା ଘଟିଛି। କିନ୍ତୁ ଏନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

### ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଥାନା ଅଧିକାରୀଙ୍କୁ ପ୍ରଶିକ୍ଷଣ

**ଯାଜପୁର ଟାଉନ,୧୭।୯(ଡି.ଏନ.ଏ.):** ଯାଜପୁର ଜିଲାରେ ହେଉଥିବା ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣ ଓ ଅନଲାଇନ ମାଧମରେ ସୂଚନା ଦେବା ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନେଇ ସମସ୍ତ ଥାନା ଅଧିକାରୀଙ୍କୁ ଆଭାସି ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଛି। ଦୁର୍ଘଟଣା ଜନିତ ମୋବାଇଲ ଆଇଆର୍ଏଡି ଆପ୍ ମାଧ୍ୟମରେ ଦୁର୍ଘଟଣା ସ୍ଥଳରେ ଗୁରୁତର ବ୍ୟକ୍ତି, ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ସୂଚନା ଓ ଗାଡ଼ିର ବିବରଣୀ ସ୍ଥାନୀୟ ଆର୍ଟିଓ ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଦେବା ସହିତ ଗାଡି ଚାଳକ ନିଶାଶକ୍ତ ଅବସ୍ଥାରେ ଦୁର୍ଘଟଣା ଘଟାଇଛନ୍ତି କି ନାହିଁ ସେ ସମ୍ପର୍କିତ ଫଟୋ, ଭିଡିଓ ଆଦିକୁ ଆପ୍ ମାଧମରେ ପଠାଇବା ପାଇଁ ତାଲିମ ଦିଆଯାଇଛି। ଥାନା ଅଧୀନରେ ହେଉଥିବା ଦୁର୍ଘଟଣା ଗୁଡିକର କାରଣ ସମ୍ପର୍କରେ ବିବରଣୀ କେନ୍ଦ୍ରକୁ ପ୍ରଦାନ କରିବା ସହିତ ତୁରନ୍ତ ଦୁର୍ଘଟଣାଜନିତ ବ୍ୟକ୍ତିଙ୍କୁ ଚିକିତ୍ସା ଯୋଗାଇବା ଏହି ଆପ୍‌ର ମୂଳ ଲକ୍ଷ୍ୟ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଥାନାର ଅଧିକାରୀ ଯୋଗ ଦେଇଥିଲେ। ପ୍ରଶିକ୍ଷଣକୁ ଜିଲା ରୋଲ୍ଆଉଟ ମ୍ୟାନେଜର ଶୁଭେନ୍ଦୁ କୁମାର ଶତପଥୀ ଓ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଯାଜପୁର ଜିଲା ସୂଚନା ବିଜ୍ଞାନ ଅଧିକାରୀ ସୁଧାଂଶୁ ମୋହନ ଶତପଥୀ ପରିଚାଳନା କରିଥିଲେ।

# ବନ୍ୟାର ସ୍ଥାୟୀ ପ୍ରତିକାରକୁ ଅଣଦେଖା

**ଯାଜପୁର ଅଫିସ,୧୭।୯**

ବିକଶିତ ଜିଲା ଭାବେ ପରିଗଣିତ ଯାଜପୁର ଜିଲାର ବରୀ, ବଡଚଣା, ରସୁଲପୁର, ଦଶରଥପୁର, ବିଞ୍ଝାରପୁର ଓ କୋରେଇ ବ୍ଲକବାସୀଙ୍କ ପାଇଁ ବନ୍ୟା ଚିର ସହଚର ହୋଇଛି। ଚଳିତ ବନ୍ୟାରେ ଜିଲାର ୬୯୧ ଗ୍ରାମର ୯୨,୮୦୨ ଲୋକ ପ୍ରଭାବିତ ହୋଇଥିବାବେଳେ ଏଯାଏ ୩ ଜଣଙ୍କ ମୃତ୍ୟୁ ହୋଇଛି। ବନ୍ୟା ପାଣିରେ ୩୮,୯୧୫ ହେକ୍ଟର ଚାଷ ଜମି ବୁଡି ରହିଛି। ବ୍ରାହ୍ମଣୀ ନଦୀବନ୍ଧରେ ୩ଟି ଘାଇ ସୃଷ୍ଟି ହୋଇଥିବାବେଳେ ୫୯,୬୯୩ ଜଣ ଲୋକ ଜଳବନ୍ଦୀ ହୋଇଥିଲେ। ଏହାର ସ୍ଥାୟୀ ପ୍ରତିକାର ଦିଗରେ ପ୍ରଶାସନ କିମ୍ବା ଲୋକ ପ୍ରତିନିଧିମାନଙ୍କ ଆନ୍ତରିକତା ଦେଖିବାକୁ ମିଳୁନାହିଁ। ବ୍ରାହ୍ମଣୀ ନଦୀର ଜେନାପୁରଠାରେ ଶୁକ୍ରବାର ଅପରାହ୍ଣ ୫ଟା ସୁଦ୍ଧା ବିପଦସଙ୍କେତ ୬୭ ଫୁଟଠାରୁ ତଳେ ଅର୍ଥାତ୍ ୬୧.୩୦ ଫୁଟ ଜଳପତ୍ତନ ରହିଥିବାରୁ ବରୀ ବ୍ଲକବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ତେବେ ରେଙ୍ଗାଲି ଡ୍ୟାମରେ ଅଧିକ ଜଳ ନିଷ୍କାସନ କରାଗଲେ ଆଗକୁ ବିପଦ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି। ସେହିପରି ବୈତରଣୀ ନଦୀର ଜଳପତ୍ତନ ମଧ କ୍ରମଶଃ ହ୍ରାସ ପାଉଥିବା ସୂଚନା ମିଳିଛି।

ଯାଜପୁର ଜିଲାର ଜଳ, ଖଣିଜ ସମ୍ପଦ, ପରିବହନ, ଶିଳ୍ପ ପ୍ରଭୃତି କ୍ଷେତ୍ରରୁ ବାର୍ଷିକ ବହୁ କୋଟି ଟଙ୍କାର ରାଜସ୍ୱ ଆଦାୟ ହେଉଛି। କିନ୍ତୁ ଲୋକେ ଯାହା ଆଶା କରୁଛନ୍ତି ତାହା ସେମାନଙ୍କୁ ମିଳି ପାରିନାହିଁ। ସାମାଜିକ ଦାୟିତ୍ୱବୋଧକୁ ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧି ଭୁଲି ଯାଇଥିବାରୁ ଜିଲାବାସୀ ବନ୍ୟା ଦାଉରୁ ମୁକୁଳି ପାରିନାହାନ୍ତି। ବିଶେଷକରି ବରୀ ବ୍ଲକର ବ୍ରାହ୍ମଣୀ, ବିରୂପା, କେଲୁଅ ନଦୀ ଘେରିବନ୍ଧ ନିର୍ମାଣ କାର୍ଯ୍ୟ ୯ ବର୍ଷ ହେଲା ଅଧାପନ୍ତରିଆ ହୋଇ ପଡ଼ିଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଦିଗରେ ନିର୍ବାଚିତ ପ୍ରତିନିଧିମାନେ ସ୍ୱର ଉଠାଉନାହାନ୍ତି। ସେମାନେ ସତେ ଯେପରି ଚାହୁଛନ୍ତି ଯେ, ଉକ୍ତ ଅଞ୍ଚଳର ଲୋକେ ପ୍ରତିବର୍ଷ ବନ୍ୟା ଜଳରେ ନୟାନ୍ତ

**ଯାଜପୁର ଜିଲା**



ହେଉଥାନ୍ତୁ। ଶତାଧିକ ଏକର ଚାଷ ଜମି ଉଜୁଡିଯାଉ। ଏଭଳି ଭାବରେ ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ନ ହେଉ। ଫଳରେ ପ୍ରତିବର୍ଷ ନିର୍ବାଚିତ ପ୍ରତିନିଧିମାନେ ବନ୍ୟା ପ୍ରଭାବିତ ଲୋକଙ୍କଠାରୁ ସହାନୁଭୂତି ହାସଲ କରୁଥିବେ ଏବଂ ବନ୍ୟା ବିପତ୍ତି ନାମରେ ଅନୁଦାନ ଆଣି ଠିକାଦାର ପୋଷୁଥିବେ ବୋଲି କ୍ଷୋଭପ୍ରକାଶ ପାଇଛି।

୨୦୧୧-୧୨ ଆର୍ଥିକ ବର୍ଷରେ ଧର୍ମଶାଳା ବ୍ଲକ ବାରବାଟୀଠାରୁ ବରୀ ବ୍ଲକ ଗମ୍ଭୁ ପର୍ଯ୍ୟନ୍ତ ୮୪ କିଲୋମିଟର ଘେରିବନ୍ଧ କରିବାକୁ କେନ୍ଦ୍ର ସରକାର ୭୨ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଥିଲେ। ରାଜ୍ୟ ସରକାରଙ୍କ ୧୦ ପ୍ରତିଶତ ଅନୁଦାନ ମଧ ରହିଛି। ପ୍ରତିବର୍ଷ ଏହି ପ୍ରକଳ୍ପର ବ୍ୟୟ ଅଟକଳ ବୃଦ୍ଧି ପାଇବାରେ ଲାଗିଛି। ଏହି ନିମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଗୋଳକୁଣ୍ଡ, ବାଲିଆ, ଧାରପୁର, ସ୍ୱାଇଁଖଣ୍ଡ, ଇଶାଣପୁର, ସାହୁପଡା, ଚନ୍ଦନପୁର, ମନ୍ଦାରୀ, ରତ୍ନଗିରି, ମହାକାଳପଡା, ସେରପୁର ପ୍ରଭୃତି ଗ୍ରାମର ପ୍ରାୟ ୬୦ ହଜାର ଲୋକ ବନ୍ୟା ଦାଉରୁ ରକ୍ଷା ପାଇପାରନ୍ତେ। ୨୦୨୦ ଅଗଷ୍ଟ ଶେଷ ବେଳକୁ ଜିଲାରେ ପ୍ରଳୟଙ୍କରୀ ବନ୍ୟା ହୋଇଥିଲା। ଏଥିରେ ୭୫,୭୩୭ ହେକ୍ଟର ଚାଷ ଜମିରେ ପଟୁ ଓ ବାଲି ପୋତି ହୋଇ ପଡିଥିଲା। ବହୁ ଲୋକଙ୍କ ଜୀବିକା ଉଜୁଡି ଯାଇଥିବାବେଳେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା। ତଥାପି କୌଣସି ନେତା ବିଧାନସଭାରେ ସ୍ଥାୟୀ ବନ୍ୟା ପ୍ରତିକାର ଦିଗରେ ଦାବି ନ କରିବା ଦୁର୍ଭାଗ୍ୟଜନକ ବୋଲି ଲୋକେ କ୍ଷୋଭ ପ୍ରକାଶ କରି କହୁଛନ୍ତି।



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଢ଼େଇଧରା ଉପରଛକରେ ପୂଜା ପାଉଥିବା ବିଶ୍ୱକର୍ମା।

## ମା' ବିରଜାଙ୍କ ବନଜାଗବିଧି, ବେଲବରଣ ପୂଜା

**ଯାଜପୁର ଟାଉନ,୧୭।୯(ଡି.ଏନ.ଏ.)**

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଶାରଦୀୟ ଦୁର୍ଗାପୂଜା ଏବଂ ରଥଟଣା କାର୍ଯ୍ୟକ୍ରମ ସମ୍ପାଦନା ପାଇଁ ଜିଲା ପ୍ରଶାସନ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୁନିଆଁରେ ମା'ଙ୍କ ବନଜାଗବିଧବ ଓ ବେଲବରଣ ପୂଜା ଅନୁଷ୍ଠିତ ହୋଇଛି। ଏଥିସହିତ ଦେବୀଙ୍କ ମୁଖ୍ୟ ପର୍ବୋତ୍ସବଗୁଡିକର କାର୍ଯ୍ୟନିର୍ଘଣ୍ଟ ପ୍ରକାଶ କରାଯାଇଛି। ବିରଜା ମନ୍ଦିର ମୁଖ୍ୟ ପରିଚାଳକ ଶରତ ଚନ୍ଦ୍ର ମହାପାତ୍ର ଏବଂ ମୁଖ୍ୟ ପୁରୋଧା ହିମାଂଶୁ ଶେଖର ପତିମିଶ୍ରଙ୍କ ଦସ୍ତଖତ ସମ୍ବଳିତ ଏକ ସାରଣୀ ଗଣମାଧ୍ୟମକୁ ପ୍ରଦାନ କରାଯାଇଛି।

ପ୍ରଦତ୍ତ ତଥ୍ୟ ମୁତାବକ ଶୁକ୍ରବାର ସୁନିଆ ଓ ବନଜାଗବିଧି ହୋଇଥିବା ବେଳେ ୨୮ରେ ଦେବୀଙ୍କ ଷୋଡଶଦିବସୀୟ ପୂଜାରମ୍ଭ ହେବ। ଅକ୍ଟୋବର ୫ ଷୋଡ଼ଶ ଉପଚାର ନିତ୍ୟପୂଜା, ଯଜ୍ଞମଣ୍ଡପେ ବ୍ରହ୍ମାଦି ଘଟପୂଜା, ସିଂହଧ୍ୱଜ ରଥାଧିବାସ

**ଅକ୍ଟୋବର ୬ରେ ରଥଟଣା, ୧୨ରେ ମହାଷ୍ଟମୀ**



ଅନୁଷ୍ଠିତ ହେବ। ୬ ତାରିଖ ମହାଳୟା ଦିନ ନାଭିଗୟାରେ ପିତୃଶ୍ରାଦ୍ଧ ସିଂହଧ୍ୱଜ ରଥ ପ୍ରତିଷ୍ଠା ସହ ଅପରାହ୍ଣ ୩ଟା ୫୪ରେ ଦେବୀଙ୍କ ରଥାରୋହଣ, ପରେ ଷୋଡଶ ଉପଚାର ପୂଜା ଏବଂ ରଥଚାଳନା ଅନୁଷ୍ଠିତ ହେବ। ୧୦ ତାରିଖ ପଞ୍ଚମୀରେ ମହାସ୍ନାନ ରାତି ୭ଟା ୪୮ ମିନିଟ୍ ପରେ ଯଜ୍ଞକାର୍ଯ୍ୟ ଆରମ୍ଭ। ୧୨ ତାରିଖ ମହାଷ୍ଟମୀ ଅବସରରେ ବଡହୋମ ସମେତ ନିଶାର୍ଦ୍ଧ ପୂଜା ତଥା ବିଶେଷ ପୂଜାନ୍ତେ ପଶୁପ୍ରୋକ୍ଷଣ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ୧୩ ତାରିଖ ମହାନବମୀ ଅବସରରେ ରଥାବତାରଣ, ରାତ୍ରୋଲାଖବିନ୍ଧା, ଦିଗବିଜୟୀ ଯାତ୍ରା, ଶରସନ୍ଧାନ ବିଧି ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ ଓ ମହିଷ ପ୍ରୋକ୍ଷଣ କାର୍ଯ୍ୟ ଅନୁଷ୍ଠିତ ହେବ। ୧୪ ତାରିଖ ବିଜୟାଦଶମୀରେ ଅପରାଜିତା ପୂଜାନ୍ତେ ମଙ୍ଗଳାରୋପଣ ଓ ଘଟ ବିସର୍ଜନ ଏବଂ ରଥ ବିସର୍ଜନ ଅନୁଷ୍ଠିତ ହେବ। ଏହାସହିତ ରଥାଧିଷ୍ଠାତୃ ଦେବତାଙ୍କର ବିସର୍ଜନ ହେବ। ୧୯ ତାରିଖରେ ଦେବୀଙ୍କ କୁମାରୋତ୍ସବ ଓ ଅକ୍ଷୟ କ୍ରୀଡା। ଜାନୁୟାରୀ ୧୪ରେ ମକର ସଂକ୍ରାନ୍ତି, ଫେବୃଆରୀ ୧ ତ୍ରିବେଣୀ ଅମାବାସ୍ୟା ଅବସରରେ ଶ୍ରୀଙ୍କ ଜନ୍ମୋତ୍ସବ ଏବଂ ମାର୍ଚ୍ଚ ୧୮ ଦୋଳତ୍ସବ ଓ ଚାଚେରୀ କ୍ରୀଡା ଅନୁଷ୍ଠିତ ହେବା ସହିତ ନୂତନ ପଞ୍ଜିକା ପାଠ କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଫୁଲୁଛି ବ୍ରାହ୍ମଣୀ, ଲୋକେ ଛାନିଆ

**ଧର୍ମଶାଳା,୧୭।୯(ଡି.ଏନ.ଏ.):** ୩ ଦିନ ପରେ ପୁଣି ବ୍ରାହ୍ମଣୀ ନଦୀ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ନଦୀ କୂଳିଆଲୋକେ ଛାନିଆ ହୋଇପଡ଼ିଛନ୍ତି। ଗୁରୁବାର ବ୍ରାହ୍ମଣୀ ନଦୀର ରେଙ୍ଗାଲି ଡ୍ୟାମରେ ୩ ଗେଟ୍ ଖୋଲାଯାଇଥିଲା। ହେଲେ କିଛି ସମୟ ମଧ୍ୟରେ ଗୋଟିଏ ଗେଟ ବନ୍ଦ କରିଦେବା ଫଳରେ ଏବେ ୨ ଗେଟ୍ ଦେଇ ବନ୍ୟାଜଳ ନଦୀରେ ପ୍ରବେଶ କରୁଛି। ନଦୀ ବଢୁଥିଲେ ମଧ୍ୟ ଶୁକ୍ରବାର ସନ୍ଧ୍ୟାସୁଦ୍ଧା ଜେନାପୁରଠାରେ ବିପଦ ସଙ୍କେତର ବହୁ ତଳେ ବନ୍ୟାଜଳ ପ୍ରବାହିତ ହେଉଛି। ଜେନାପୁରଠାରେ ବିପଦ ସଙ୍କେତ ପାଖାପାଖି ରହିବ ଏବଂ ସେଭଳି ବଡଧରଣର ବନ୍ୟା ଆଶଙ୍କା ନାହିଁ ବୋଲି ଜାରକା ଜଳସମ୍ପଦ ଡିଭିଜନ ଅଧୀକ୍ଷଣଯନ୍ତ୍ରୀ ଦେବାଶିଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ରାତିରେ ବ୍ରାହ୍ମଣୀ ଓ ତା'ର ଶାଖା ନଦୀରେ ବନ୍ୟାଜଳ ବୃଦ୍ଧି ପାଇବ। ଏଥିଲାଗି ବିଭାଗ ପକ୍ଷରୁ ବାଲିବସ୍ତା ମହଜୁଦ ରଖାଯାଇଥିବା ବେଳେ ରାତି ପାଟ୍ରୋଲିଂ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଅନ୍ୟପଟେ ମହାନଦୀ ସିଷ୍ଟମରେ ଗେଙ୍ଗୁଟି ଓ ବିରୁପା ନଦୀରେ ବନ୍ୟା ଆସି ଧର୍ମଶାଳା ବ୍ଲକର କଣ୍ଟିଗଡ଼ିଆ, କ୍ଷେତ୍ରପାଳ, ପରୁଣିଆ, କଦମପାଳ, କୋଟପୁର, ମିର୍ଜାପୁର ଓ ପାଟପୁର ଆଦି ପଞ୍ଚାୟତ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି।

## କର୍ୟାଁ, କମାରଡ଼ିହରେ ବନ୍ୟା ଦୁର୍ଦ୍ଦଶା

**ଝୁମ୍ପୁରୀ,୧୭।୯(ଡି.ଏନ୍.ଏ)**

ବୈତରଣୀ ଓ କାଣୀ ନଦୀରେ ବନ୍ୟା ଜଳ ହ୍ରାସ ପାଇଛି। କିନ୍ତୁ କର୍ୟାଁ ଓ କମାରଡ଼ିହ ପଞ୍ଚାୟତରେ ସ୍ଥିତି ସଙ୍ଗିନ ହୋଇଛି। ଏହି ଦୁଇ ପଞ୍ଚାୟତ ପ୍ରାୟ ସବୁ ଗ୍ରାମରେ ବନ୍ୟା ପାଣି ପଶିଯାଇଥିବାବେଳେ ଚାଷଜମି ବାଲିଚର ହୋଇଯାଇଛି। ୫୦ରୁ ଊର୍ଦ୍ଧ୍ୱ କଚ୍ଚା ଘର ଭୁଶୁଡ଼ି ପଡ଼ିଛି। କମାରଡିହ ସରପଞ୍ଚ ସ୍ମିତାରାଣୀ ବିଶ୍ୱାଳ, କର୍ୟାଁ ସରପଞ୍ଚ ମଞ୍ଜୁଲତା ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ ଉଦ୍ଧାର କାର୍ଯ୍ୟ କରିବା ସହ ସ୍ଥିତି ପରଖିଛନ୍ତି। ଗୃହପାଳିତ ପ୍ରାଣୀମାନେ ଘରୁ ପଦାକୁ ବାହାରି ପାରୁ ନ ଥିବାରୁ ଖାଦ୍ୟାଭାବ ଦେଖାଦେଇଛି। ତୁରନ୍ତ ଏହି ଦୁଇ ପଞ୍ଚାୟତରେ ଗୋଖାଦ୍ୟ ଯୋଗାଇ ଦେବାକୁ ଉଭୟ ସରପଞ୍ଚ ଜିଲାପାଳଙ୍କ ନିକଟରେ ଦାବୀ କରିଛନ୍ତି। କାଣୀ ନଦୀର ପଲ୍ଲୀସାହି ନିକଟରେ ପ୍ରାୟ ୫୦ ଫୁଟରୁ ଊର୍ଦ୍ଧ୍ୱ ନଦୀବନ୍ଧ ଧସି ଯାଇଥିବାବେଳେ ଜଳସମ୍ପଦ ବିଭାଗ ପକ୍ଷର ବାଉଁଶରେ ଜାଫିରି କରାଯିବା ସହ ବାଲିବସ୍ତା ଦିଆଯାଇ ସମ୍ଭାବ୍ୟ ଘାଇରୁ ଅଟକାଯାଇଛି। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରା ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ବୈତରଣୀ ଓ କାଣୀ ନଦୀର ବନ୍ଧକୁ କିପରି ସୁରକ୍ଷିତ ରଖାଯିବ ସେ ନେଇ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯିବା ସହ ସ୍ଥିତି ଉପରେ ନଜର ରଖାଯାଇଛି ବୋଲି ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ କହିଛନ୍ତି।

## ପାଣି ଘେରରେ ଶତାଧିକ ପରିବାର

**ବିଞ୍ଝାରପୁର,୧୭।୯(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ବାଙ୍ଗରା ପଞ୍ଚାୟତର ୧୫ ଓ ୧୬ ନମ୍ବର ୱାର୍ଡର ଦେଢ଼ଶହରୁ ଊର୍ଦ୍ଧ୍ୱ ପରିବାର ଏବେବି ପାଣି ଘେରରେ ଅଛନ୍ତି। ଏ ନେଇ ପ୍ରଶାସନ ପାଖରେ କୌଣସି ଖବର ନାହିଁ। ଲଘୁଚାପ ଜନିତ ଲଗାଣ ବର୍ଷା ଛାଡିବାକୁ ୩ ଦିନ ବିତିଥିଲେ ମଧ ଲୋକଙ୍କ ଦୁର୍ଦ୍ଦଶା କମିନି। ଘର ଚାରିପଟେ ପାଣି ଲାଗିଥିବା ବେଳେ ରାସ୍ତାଘାଟରେ ଜଙ୍ଘେଲେଖା ପାଣି। ଘରୁ ପଦାକୁ ଯାଇପାରୁ ନାହାନ୍ତି ଗ୍ରାମବାସୀ। ଭୋକ ଉପାସରେ ଦିନ କାଟୁଛନ୍ତି। ହେଲେ ବିପନ୍ନଙ୍କ କୌଣସି ଅଧିକାରୀ ପହଞ୍ଚି ନ ଥିବା ଗ୍ରାମର ବୈକୁଣ୍ଠ ଯେନା, ବାବୁରାମ ଯେନା, ଲକ୍ଷ୍ମୀଧର ଯେନା, ଧୀରେନ ଯେନା, ନିମାଇ ଯେନା, ଜଗା ଯେନା, ବିକ୍ରମ ଯେନା, ଧରଣୀ ଯେନା ଓ ଚରଣ ଯେନା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ବିଡିଓ ମିନତି ଜଗଦେବଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।



ଜଣେ ମହିଳା ପିଇବା ପାଣି ସଂଗ୍ରହ କରିବାକୁ ଯାଉଛନ୍ତି।

## ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିଲେ ନାବାର୍ଡ ଅଧକ୍ଷ




ଏକ କାର୍ଯ୍ୟକ୍ରମରେ ନାବାର୍ଡ ଅଧକ୍ଷ, ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଯାଜପୁର ଟାଉନ,୧୭।୯(ଡି.ଏନ.ଏ.)**

ନାବାର୍ଡ ଅଧକ୍ଷ ଜି.ଆର୍ ଚିନ୍ତାଲା ଶୁକ୍ରବାର ଯାଜପୁର ଜିଲା ଗସ୍ତରେ ଆସି ନାବାର୍ଡ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିଛନ୍ତି। ଏଥିରେ ନାବାର୍ଡ କିଷାନର ନିର୍ଦ୍ଦେଶିକା ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସୁଶୀଲା ଚିନ୍ତାଲା, ନାବାର୍ଡ ଓଡ଼ିଶାର ମୁଖ୍ୟ ମହାପ୍ରବନ୍ଧକ ସି. ଉଦୟ ଭାସ୍କର, ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ନାବାର୍ଡର ଜିଲା ବିକାଶ ପ୍ରବନ୍ଧକ ସୁବ୍ରତ ସାହୁ ଓ ନାବାର୍ଡର ଅନ୍ୟାନ୍ୟ ଅଧିକାରୀଙ୍କ ସହ ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷ ପ୍ରଥମେ ମା' ବିରଜାଙ୍କ ଦର୍ଶନ କରିଥିଲେ। ପରେ ନାବାର୍ଡ ସହାୟତାରେ ଗଠନ କରାଯାଇଥିବା 'ତାରା ଦେବୀ କୃଷକ ଉତ୍ପାଦକ କମ୍ପାନୀ'ର ବିଭିନ୍ନ କାର୍ଯ୍ୟକ୍ରମ ଦେଖିବା ସହ କମ୍ପାନୀ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ନାବାର୍ଡ କିଷାନ ପକ୍ଷରୁ 'ତାରା ଦେବୀ କୃଷକ ଉତ୍ପାଦକ କମ୍ପାନୀ'ର ମଞ୍ଜୁର ହୋଇଥିବା ୧୨ ଲକ୍ଷ ୬୪ହଜାର ଟଙ୍କା ଋଣ ଓ ଅନୁଦାନ ମଞ୍ଜୁର ପତ୍ର ପ୍ରଦାନ କରିଥିଲେ। କମ୍ପାନୀକୁ ଏକ ମୋବାଇଲ୍ ପିକ୍ଅପ ଭ୍ୟାନ ପ୍ରଦାନ କରିଥିଲେ। ଏହାପରେ ନାବାର୍ଡ ସହାୟତାରେ ଯାଜପୁର ଜିଲାରେ ପରିଚାଳିତ 'ସୌନ୍ଦର୍ଯ୍ୟ ଗ୍ରାମୀଣ ଦୋକାନ' ପରିଦର୍ଶନ କରିଥିଲେ। 'ପିକୋ ସେଣ୍ଟର' ଉଦ୍‌ଘାଟନ କରି ଉପସ୍ଥିତ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ନାବାର୍ଡ ଦ୍ୱାରା ମଞ୍ଜୁର 'ଅଣକୃଷି ଉତ୍ପାଦକ ସଂଗଠନ'ର ଉଦ୍‌ଘାଟନ ସହ ପରିଚାଳନା ପରିଷଦ ନିର୍ଦ୍ଦେଶକଙ୍କୁ ମଞ୍ଜୁର ପତ୍ର ପ୍ରଦାନ କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

**ବରୀ,୧୭।୯(ଡି.ଏନ.ଏ.):** ବରୀ ବ୍ଲକ ଧାରପୁର ପଞ୍ଚାୟତର ସାମାଜିକ କର୍ମୀ କୃପାସିନ୍ଧୁ ଦାସ(୮୮)ଙ୍କ ଦେହାନ୍ତ ହୋଇଛି। ସେ ଏକମାସ ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିଲେ। ଗୁରୁବାର ପୁନଶ୍ଚ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତିକରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେ ସାମାଜିକ କର୍ମୀଭାବେ ବିଭିନ୍ନ ସାମାଜିକ ସଂଗଠନ ସହ ଜଡ଼ିତ ଥିବାରୁ ଅଞ୍ଚଳରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟିକା ସୁନନ୍ଦା ଦାସ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବରୀ ବ୍ଲକ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ଜାରକା ଫ୍ଲାଏଓଭର ଶୀଘ୍ର ସାରିବାକୁ ଦାବି

**ଧର୍ମଶାଳା,୧୭।୯(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଜାରକାଠାରେ ଚାଲିଥିବା ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ ଜାତୀୟ ଦାବି କରିଛନ୍ତି। ଏଥିସହିତ ଏଠାରେ ଥିବା ଗଳିପୋଲକୁ ସମ୍ପ୍ରସାରଣ କରି ନୂତନ ଭାବେ ନିର୍ମାଣ କରିବାକୁ ଜଣାଇଛନ୍ତି। ଲାବଣ୍ୟ ଭୁବନେଶ୍ୱରସ୍ଥିତ ଏନ୍ଏଚଏଆଇ କାର୍ଯ୍ୟାଳୟଠାରେ ଏନ୍ଏଚ୍ଏଆଇ ସିଜିଏମ୍ ଡ. ରାମପ୍ରସାଦ ପଣ୍ଡାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଫ୍ଲାଏଓଭର କାର୍ଯ୍ୟ ବିଳମ୍ବ ଯୋଗୁ ଟ୍ରାଫିକ ସମସ୍ୟା ହେବା ସହିତ ବାରମ୍ବାର ଦୁର୍ଘଟଣା ଘଟୁଛି। ଦେଢବର୍ଷ ଧରି ସାଧାରଣ ଜନତା ଅକଥନୀୟ ଦୁର୍ଦ୍ଦଶା ଭୋଗି ଆସୁଛନ୍ତି। ସର୍ଭିସ ରୋଡରେ ଖାଲଖମା ହେବା ସହିତ ପାଣି କାଦୁଅ ରାସ୍ତାରେ ଯିବା ଆସିବା କରି ଜୀବନ ଦୁର୍ବିସହ ହୋଇପଡିଲାଣି ବୋଲି ଲାବଣ୍ୟ ଦାବିପତ୍ରରେ ଉଲ୍ଲେଖ କରିବା ସହ ସର୍ଭିସ ରୋଡକୁ ତୁରନ୍ତ ମରାମତି କରିବାକୁ ଦାବି କରିଛନ୍ତି।

ଜାରକା ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ବିଭିନ୍ନ ଅଞ୍ଚଳରୁ ଦୈନିକ ଲୋକ ଏଠାକୁ ଆସିଥାନ୍ତି। ବର୍ଷସାରା ବିଭିନ୍ନ ପର୍ବପର୍ବାଣି ପାଳନ ହେବା ସହିତ ସାଂସ୍କୃତିକ, ସାମାଜିକ ତଥା ରାଜନୈତିକ ସମାବେଶ ହୋଇଥାଏ। ଧର୍ମଶାଳା ମହୋତ୍ସବରେ ଲକ୍ଷାଧିକ ଲୋକଙ୍କର ସମାଗମ ହୋଇଥାଏ। ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏଠାରେ ଥିବା ଗଳିପୋଲର ଆବଶ୍ୟକତା ରହିଛି ବୋଲି ଲାବଣ୍ୟ ସିଜିଏମ୍‌ଙ୍କୁ ଅବଗତ କରାଇଥିଲେ। ଗଳିପୋଲ ଜାରକା ଉପର ବଜାର ଓ ତଳ ବଜାରକୁ ସଂଯୋଗ କରୁଥିବାରୁ ସ୍ଥାନୀୟ ବ୍ୟବସାୟୀ ଉପକୃତ ହେଉଛନ୍ତି। ତେଣୁ ଏହାକୁ ସମ୍ପ୍ରସାରଣ କରି ପୂର୍ବବତ ଏଠାରେ ରଖିବାକୁ ଲାବଣ୍ୟ ଅବଗତ କରିଛନ୍ତି। ସିଜିଏମ୍ ପଣ୍ଡା ଦାବିପତ୍ରକୁ ଗ୍ରହଣ କରିବା ସହିତ ଫ୍ଲାଇ ଓଭର ଶୀଘ୍ର ଶେଷ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏଥିସହିତ ଗଳିପୋଲକୁ ପୁନଃନିର୍ମାଣ କରାଯାଇ ଏଠାରେ ପୂର୍ବବତ ରଖାଯିବ ବୋଲି ଲାବଣ୍ୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



ଏନ୍ଏଚ୍ଏଆଇ ସିଜିଏମ୍‌ଙ୍କୁ ରବି ଲାବଣ୍ୟ ଦାବିପତ୍ର ଦେଉଛନ୍ତି।

## ବୁଣାକାରଙ୍କୁ ମିଳିଲା ବନ୍ୟା ସହାୟତା

**ରସୁଲପୁର,୧୭।୯(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ଗୋପାଳପୁରର ବୁଣାକାରଙ୍କୁ ମିଳିଛି ବନ୍ୟା ସହାୟତା। ଏହାକୁ ନେଇ ବୁଣାକାର ନେତା ରମେଶ ଦାସ, ଶ୍ରୀଧର ବେହେରା, ମକରଧ୍ୱଜ ଗୁଇଁ, ଅଶୋକ ଗୁଇଁଙ୍କ ସମେତ ବୁଣାକାର ସଂଘ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ଦାବିପୂରଣ ଦିଗରେ ସହଯୋଗ କରିଥିବା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ରୂପାରୋଶନ ସାହୁ, ଏମ୍‌ପି ଶର୍ମିଷ୍ଠା ସେଠୀ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବୟନଶିଳ୍ପ ବିଭାଗ କମିଶନର ଶୋଭା ଶର୍ମା, ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ ଓ ଉପନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ ପ୍ରମୁଖଙ୍କୁ ବୁଣାକାରମାନେ ଧନ୍ୟବାଦ ଜଣାଇଛନ୍ତି। ବୁଣାକାରଙ୍କ ପକ୍ଷରୁ ସରକାରଙ୍କ ନିକଟରେ ୧୧ଟି ଦାବି କରାଯାଇଥିଲା। ସେଥିମଧ୍ୟରୁ ସରକାର ୭ଟି ଦାବିକୁ ମାନି ନେଇଥିଲେ। ବନ୍ୟା ସହାୟତାକୁ ପ୍ରଥମ ଦାବି ବୋଲି ବିବେଚନା କରାଯାଉଥିଲା। ପୂର୍ବରୁ ସରକାର ୨୪୧ ବୁଣାକାରଙ୍କୁ ବନ୍ୟା ସହାୟତା ପ୍ରଦାନ କରିଥିଲେ। ୪୦୩ ବୁଣାକାର ସହାୟତାରୁ ବଞ୍ଚିତ ହୋଇଥିଲେ। ବଞ୍ଚିତ ବୁଣାକାରଙ୍କ ଜମାଖାତାକୁ ୪,୧୦୦ଟଙ୍କା ଲେଖାଏ ସହାୟତା ଦିଆଯାଇଛି।

୧୬।୮।୨୦୨୧ରେ ବୁଣାକାର ସେମାନଙ୍କ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ବାହାରି ଥିଲେ। ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଏକ ଦଳ ବୁଣାକାରଙ୍କୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ ରଥିଆଠାରେ ଅଟକାଇ ଥିଲେ। ପରେ ବୁଣାକାରଙ୍କ ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିଲେ। ସେଠାରେ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ମାସକ ମଧ୍ୟରେ ବୁଣାକାରଙ୍କୁ ବନ୍ୟା ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସୂଚନାଯୋଗ୍ୟ, ୨୯।୮।୨୦୨୦ରେ ବ୍ରାହ୍ମଣୀ ନଦୀରେ ବନ୍ୟା ଆସି ଗୋପାଳପୁରର ଗଧବଜାର ନିକଟରେ ଘାଇ ହୋଇଥିଲା। ଏଥିରେ ବୁଣାକାରଙ୍କ ବହୁ କ୍ଷତି ହୋଇଥିଲା।

## ବିଧାୟକଙ୍କୁ ଦୁଃଖ ଜଣାଇଲେ ଚାଷୀ

**ରସୁଲପୁର,୧୭।୯(ଡି.ଏନ.ଏ.)**

ରସୁଲପୁର ବ୍ଲକରେ ବର୍ଷା ବିପ୍ଳାତରେ ପରିବା ଚାଷ ପ୍ରଭାବିତ ହୋଇଛି। ଏହିକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ତାଙ୍କ ନିର୍ବାଚନମଣ୍ଡଳୀ ଅଧୀନ ଓଡିଶୋ, ସିଂହାପୁର, କଳଣ, ବାରବାଟୀ ଆଦି ପଞ୍ଚାୟତର କୃଷିକ୍ଷେତ ବୁଲି ଦେଖିଛନ୍ତି। ଚାଷୀଙ୍କ ଜହ୍ନି, ଭେଣ୍ଡି, କଲରା, ପୋଟଳ, କଖାରୁ, ବାଇଗଣ, ଝୁଡଙ୍ଗ, ବିନ୍ସ, ନାଡୁକା ଆଦି ପରିବା ଫସଲ ନଷ୍ଟ ହୋଇଯାଇଛି ବୋଲି ବିଧାୟକ ଅନୁଭବ କରିଛନ୍ତି। ତେବେ ପ୍ରାକୃତିକ ଜଳଧାର ଗୁଡିକ ଅବରୋଧ ହୋଇ ଯାଉଥିବାରୁ ବିଲରୁ ପାଣି ନିଷ୍କାସନ ହୋଇପାରୁ ନାହିଁ ବୋଲି ଚାଷୀମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମସ୍ୟାରେ ସୁଧାର ଆଣିବାକୁ ହେଲେ ୪ ପଞ୍ଚାୟତର ଚାଷୀ, ବୁଦ୍ଧିଜୀବୀ, ଜନପ୍ରତିନିଧିମାନେ ମିଳିତ ଭାବରେ ଆଲୋଚନା କରି ନିଷ୍ପତ୍ତି ନେବାକୁ ବିଧାୟକ ଚାଷୀଙ୍କୁ କହିଥିଲେ।

# ଭିତରକନିକାକୁ ଚାରିଆଡୁ ବିପଦ

**କେନ୍ଦ୍ରାପଡ଼ା ଅଫିସ, ୧୭।୯**

ପ୍ରକୃତିର ବିସ୍ମୟ ଭିତରକନିକା। ଏହାର ଜୈବ ବିବିଧତା, ସାମୁଦ୍ରିକ ଓ ବନ୍ୟପ୍ରାଣୀ, ଦେଶୀ, ବିଦେଶୀ ପକ୍ଷୀ ସମ୍ପର୍କରେ ବିଶ୍ୱ ଅବଗତ। ଏହାକୁ ଜାତୀୟ ଉଦ୍ୟାନ ଓ ରାମ୍‌ସାର ସାଇଟ ପରି ଅନ୍ତର୍ଜାତୀୟ ମାନ୍ୟତା ମିଳିଛି। ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ପାଇଁ ବିଗତ ଦିନରେ ଉଦ୍ୟମ ହୋଇଥିଲେ ମଧ୍ୟ ୨୦୧୭ ଜୁଲାଇରେ ପୋଲାଣ୍ଡର କ୍ରାକ୍‌ଓଠାରେ ଇଣ୍ଟରନାଲ ୟୁନିୟନ ଫର କଞ୍ଜରଭେଶନ ଅଫ ନେଚର (ଆଇୟୁସିଏନ୍)ର ବୈଠକରେ ଖାରଜ ହୋଇଯାଇଛି। ସେଠାରେ ଏ ନେଇ ହୋଇଥିବା ସମୀକ୍ଷାରେ ଭିତରକନିକା ଆର୍ଦ୍ରଭୂମି ପରିଚାଳନାଗତ ତ୍ରୁଟି ସହ ବିଭିନ୍ନ ଅବ୍ୟବସ୍ଥାକୁ ପଦାରେ ପକାଇଛି। ଏଥିସହ ଦିଆଯାଇଥିବା ତଥ୍ୟାବଳୀ (ଡୋଜିଅର)ରେ ତଥ୍ୟଗୁଡିକରେ ବହୁ ଭୁଲ ରହିଛି। ଭିତରକନିକା ପ୍ରତି ଚାରିଆଡୁ ବିପଦ ଥିବା ଦର୍ଶାଇବା ସହ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲକୁ ଅଗ୍ରାହ୍ୟ କରି ଦିଆଯାଇଥିଲା।

ଏ ସମ୍ପର୍କରେ ଭିତରକନିକା ଇକୋ ସେନ୍‌ସିଟିଭ ଜୋନ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ, ପରିବେଶବିତ୍ ହେମନ୍ତ କୁମାର ରାଉତ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, ପ୍ରଦୀପ କୁମାର ତରାଇ ପ୍ରମୁଖ କହିଛନ୍ତି, ତଥ୍ୟାବଳୀରେ ଲୁଣା କୁମ୍ଭୀର, ୨ ପ୍ରକାର ବିରଳ ସମେତ ୬ ପ୍ରକାର ଡଲ୍‌ଫିନ, ୪୧ ପ୍ରଜାତିର ମାଛ, ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ, ୩୬ ପ୍ରକାର ବିରଳ ବନ୍ୟଜନ୍ତୁ, ୨୮୦ ପ୍ରକାର ଦେଶୀ ବିଦେଶୀ ପକ୍ଷୀ, ୩୪ ପ୍ରକାର ସରୀସୃପ ଆଦି ସହ ହେନ୍ତାଳବଣ ସମ୍ପର୍କରେ ଉଲ୍ଲେଖ ରହିଛି। ତେବେ ହେନ୍ତାଳ ପ୍ରଜାତି ତଥ୍ୟରେ ବିଭିନ୍ନ ପୃଷ୍ଠାରେ ଭିନ୍ନ ତଥ୍ୟ ଅଛି। ପୃଷ୍ଠା ୧୫, ୫୦ ଓ ୬୪ରେ ୫୮ ପ୍ରଜାତି, ୩୪ ପୃଷ୍ଠାରେ ୮୨ ପ୍ରଜାତି, ୩୫ ପୃଷ୍ଠାରେ ୫୫ ପ୍ରଜାତି, ଆଇୟୁସିଏନ୍ କମିଟି ତଦନ୍ତ ସମୟରେ ୬୭ ପ୍ରଜାତିର ହେନ୍ତାଳ ଭିତରକନିକାରେ ଥିବା ଦର୍ଶାଯାଇଥିବା ବେଳେ ଏହି ଆର୍ଦ୍ର ଅଞ୍ଚଳରେ କାଳିଭଞ୍ଜଡିହା ଦ୍ୱୀପରେ ୧୦୧ ପ୍ରଜାତିର ହେନ୍ତାଳ ଥିବା ସୂଚନା ଦିଆଯାଇଛି। ଭିତରକନିକା ପାଇଁ ଭାରତୀୟ ଜାତୀୟ ବନ୍ୟଜୀବ ସଂରକ୍ଷଣ ଆଇନ ୧୯୭୨ ଲାଗୁ ହୋଇଛି। ଏହାସତ୍ତ୍ୱେ ଏହି ବନାଞ୍ଚଳ ମଧ୍ୟରେ ବ୍ୟକ୍ତିଗତ ଜମି, ସ୍ଥାନୀୟ ଲୋକଙ୍କ ଅବାଧ ପ୍ରବେଶ, ଚାଷ, ଗୋରୁ ମଇଁଷି ବୁଲିବା, ଚିଙ୍ଗୁଡି ଘେରି ଆଦି ରହିଥିବା ୨୦୧୬ ନଭେମ୍ବରରେ ଆସିଥିବା ବୈଷୟିକ ଟିମ୍‌ର ସଦସ୍ୟ

- ବିଶ୍ୱ ଐତିହ୍ୟ ତାଲିକାରୁ ବାଦ୍ ସମ୍ପର୍କରେ ସମୀକ୍ଷା ନାହିଁ
- ପରିଚାଳନା ଅବ୍ୟବସ୍ଥା ଜଳଜଳ ହୋଇ ଦିଶୁଛି
- ଡୋଜିଅରରେ ଦିଆଯାଇଥିଲା ଭୁଲ୍ ତଥ୍ୟ


ଭିତରକନିକାର ହେନ୍ତାଳ ବଣ।

ନାଆମୀ ଡୋକ ଓ ରେମ୍‌କୋ ଭନ ମର୍ମ ଅନୁଧ୍ୟାନ କରିଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି ପରିସୀମା ରକ୍ଷଣର ଅଭାବ ରହିଛି। ଭିତରକନିକା ମଧ୍ୟରେ ୪୦୦ରୁ ଅଧିକ ଗ୍ରାମ, ଇକୋ ସେନ୍‌ସିଟିଭ ଜୋନ ଅଞ୍ଚଳକୁ ଚିହ୍ନଟ ଓ ଗାଇଡ୍‌ଲାଇନ୍‌ର କାର୍ଯ୍ୟକାରିତା, ଧାମରା ବନ୍ଦରର ଅବସ୍ଥିତି, ହ୍ୱିଲର ଦ୍ୱୀପର ମିଜାଇଲ ଟେଷ୍ଟିଂ ଆଦି ଭିତରକନିକା ସୁରକ୍ଷା ଦିଗରେ ଅଭାବ ସୃଷ୍ଟି କରିଛି। ହେନ୍ତାଳବଣ ଓ ଅନ୍ୟ ପ୍ରାଣୀଙ୍କ ପାଇଁ ମଧୁର ଜଳ ଆବଶ୍ୟକ। ତେବେ ଏହାର ପରିମାଣ କ୍ରମଶଃ ହ୍ରାସ ପାଉଛି। ମତ୍ସ୍ୟଜୀବୀଙ୍କ ଲୋଲୁପ ଦୃଷ୍ଟି ସର୍ବଦା ଏହି ସଂରକ୍ଷିତ ସାମୁଦ୍ରିକ ଅଞ୍ଚଳରେ ରହିଥିବା ବେଳେ କର୍ମଚାରୀଙ୍କ ଅଭାବ ରହିଛି। ସେହିପରି ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ ଓ ତଟକ୍ଷୟକୁ ରୋକିବା ଆଦିର ଅଭାବ ଅଛି। ବିଶେଷକରି ଇକୋ ସେନ୍‌ସିଟିଭ ଜୋନର ଗାଇଡ୍‌ଲାଇନ୍‌କୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ରିପୋର୍ଟରେ କ୍ଷୋଭ ପ୍ରକାଶ କରାଯାଇଛି। ଏଥିସହ ଅନ୍ୟ କାରଣ ଦର୍ଶାଇ ବିଶ୍ୱ ଐତିହ୍ୟ ପାଇଁ ଭିତରକନିକା ଅଯୋଗ୍ୟ ବୋଲି ବୈଠକରେ ମତ ଦିଆଯାଇଛି। ଏ ନେଇ ସମୀକ୍ଷା କରାଯିବାକୁ ଦାବି ସହ ପରିବେଶବିତ୍ ଓ ସାମାଜିକ କର୍ମୀମାନେ ସମସ୍ୟାର ସମାଧାନ କରନ୍ତୁ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତିଙ୍କୁ ପଚାରିବାରେ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ପାଇଁ ଥିବା ବାଧାଗୁଡିକର ସମୀକ୍ଷା କରାଯାଉଛି। ଏଥିରେ ତାଲିକାଭୁକ୍ତ ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବର୍ଷା ପରେ ବୃଦ୍ଧ ଦମ୍ପତିଙ୍କ ଘର ଭାଙ୍ଗିଲା



ରାଜନଗର, ୧୭।୯(ଡି.ଏନ.ଏ.)
ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ନୁରୁଗାଁର ବୁଦ୍ଧଦେବ ସାହୁଙ୍କ ଘର ଭୁଶୁଡି ପଡିଛି। ଲଗାଣ ବର୍ଷାରେ ଘରର କାନ୍ଥ ଭିଜି ରହିଥିଲା। ଗୁରୁବାର ସକାଳେ ତାଙ୍କର ଘରର କାନ୍ଥଗଳି ପଡିଥିଲା। ରାତିରେ ବୃଦ୍ଧ ଦମ୍ପତି ଘରେ ଶୋଇଥିବାବେଳେ ପଡୋଶୀ ଭଙ୍ଗା ଘରେ ନ ଶୋଇବାକୁ ପରାମର୍ଶ ଦେଇ ଘରକୁ ଡାକି ନେଇଥିଲେ। କିଛି ସମୟ ପରେ ଘରଟି ଭୁଶୁଡି ପଡିଥିଲା। ବୃଦ୍ଧ ଦମ୍ପତି ପଡୋଶୀଙ୍କ ଘରକୁ ଚାଲି ଯାଇଥିବାରୁ ସୌଭାଗ୍ୟ ବସତଃ ଜୀବନ ବଞ୍ଚିଯାଇଛି।ବୃଦ୍ଧ ଦମ୍ପତିଙ୍କୁ ଆଜି ଯାଏ ଇନ୍ଦିରାଆବାସ ମିଳିନି। ବୃଦ୍ଧ ଦମ୍ପତି ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବର୍ଷାରେ ଡେରାବିଶ ବ୍ଲକର ୫ ଗ୍ରାମ ପ୍ରଭାବିତ

**ଡେରାବିଶ,୧୭।୯(ସ୍ୱ.ପ୍ର.):** ଲଗାଣ ବର୍ଷାରେ ଡେରାବିଶ ବ୍ଲକ ଅଧୀନ ୩ ପଞ୍ଚାୟତର ୫ ଗ୍ରାମ ବିଶେଷ ଭାବେ ପ୍ରଭାବିତ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଏହି ଗ୍ରାମଗୁଡିକ ହେଲା ଗୁଆଲସିଂ ପଞ୍ଚାୟତର ଉଦୟନଗର, ପଲେଇ ପଞ୍ଚାୟତର ପୁରୀପଡା ଓ ଚାନ୍ଦୋଳ ପଞ୍ଚାୟତର ଗଣେଶପୁର, ଓରଗଳା ଓ ଖରିଦା ସାହି। ଏହି ଗ୍ରାମଗୁଡିକ ବର୍ଷା ଜଳବନ୍ଦୀ ହୋଇପଡିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏପରି କି ଏହି ଗ୍ରାମର ଅନେକଙ୍କ ଘରେ ବର୍ଷାପାଣି ପଶି ରହିବାରୁ ବହୁ ପରିବାର ବାଧ ହୋଇ ଘର ବାହାରକୁ ପଳାଇ ଆସି ବିଦ୍ୟାଳୟ କିମ୍ବା ସରକାରୀ କାର୍ଯ୍ୟାଳଗୁଡିକରେ ଆଶ୍ରୟ ନେଇଛନ୍ତି। ତେବେ ଏହ ବର୍ଷା ବିପନ୍ନମାନଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ସମେତ ରିଲିଫ ପ୍ରଦାନ କରାଯାଇଥିବା ନେଇ ବିଡିଓ ଗୋପବନ୍ଧୁ ଭୋସାଗର ସୂଚନା ଦେଇଛନ୍ତି। ତେବେ ଗ୍ରାମରୁ ବର୍ଷାଜଳ ନିଷ୍କାସନ ପରେ ଅନେକ ବିପନ୍ନ ସେମାନଙ୍କ ଘରକୁ ଫେରି ଯାଇଛନ୍ତି। ଗୁଆଲସିଂ ପଞ୍ଚାୟତ ଅଧୀନ ଉଦୟନଗର ଗ୍ରାମ ଏଯାବତ ଜଳବନ୍ଦୀ ହୋଇ ରହିଥିବାରୁ ପ୍ରାୟ ୯୦ ଜଣ ଶୁକ୍ରବାର ସୁଦ୍ଧା ଠାକୁହାଟସ୍ଥିତ ସୁଦର୍ଶନ ହାଇସ୍କୁଲ ଓ ଗୁଆଲସିଂ ପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଆଶ୍ରୟ ନେଇଥିବା ଜଣାଯାଇଛି। ଏମାନଙ୍କୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇବା ପାଇଁ ବ୍ଲକ ପ୍ରଶାସନ ଠିକଣା ଢଙ୍ଗରେ କାର୍ଯ୍ୟ ଜାରି ରଖିଥିବା ନେଇ ବିଡିଓ ଭୋସାଗର ସୂଚନା ଦେଇଛନ୍ତି।

## ଚୋରି କରିଥିବା ଅଭିଯୁକ୍ତଙ୍କୁ ବର୍ଷେ ଜେଲଦଣ୍ଡ

**ରାଜନଗର, ୧୭।୯(ଡି.ଏନ.ଏ.)**

ଦୁଇଟି ପୃଥକ ପୃଥକ ଚୋରି ମାମଲାରେ ବିଚାର କରି ରାଜନଗରର ଜେଏମ୍‌ଏଫ୍‌ସି ଚୋରି କରିଥିବା ଅଭିଯୁକ୍ତଙ୍କୁ ବର୍ଷେ ଜେଲ ଦଣ୍ଡର ରାୟ ଶୁଣାଇଛନ୍ତି। ସୂଚନାମୁତାବ କଣିଲପୋଖରୀ ଗାଁର ବିଦୂର ମଣ୍ଡଳଙ୍କ ତେଜରାତି ଦୋକାନରୁ ୨୦୨୦ଅକ୍ଟୋବର ୨୨ରେ ୧୫ ହଜାର ଟଙ୍କା ସହ ତେଜରାତି ସାମଗ୍ରୀ ଓକିଲପାଳ ଗାଁର ଅଭୟ ସାମଲ ଓ ତାଙ୍କ ୨ ସାଙ୍ଗ ମିଶି ଚୋରି କରିଥିଲେ ବୋଲି ରାଜନଗର ଥାନାରେ ଅଭିଯୋଗ ହୋଇଥିଲା। ସେହି ଗାଁର ଉଦୟ ମଣ୍ଡଳଙ୍କ ତେଜରାତି ଓ ଷ୍ଟେସନାରୀ ଦୋକାନରୁ ୩ ହଜାର ଟଙ୍କା ସହିତ ତେଜରାତି ସାମଗ୍ରୀ ଅଭୟ ଚୋରି କରିଥିବା ନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ଏହାର ବିଚାରା କରି ଜେଏମ୍‌ଏଫ୍‌ସି ସାଧନଜିତ ପଣ୍ଡା ପ୍ରତ୍ୟେକ କେସରେ ବର୍ଷେ ଲେଖାଏ କାରାଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣ ଅଭାବରୁ ଅନ୍ୟମାନଙ୍କୁ ମୁକ୍ତ କରାଯାଇଛି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ମନୋରଞ୍ଜନ କବି ଓ ଅଭିଯୋଗକାରୀଙ୍କ ପକ୍ଷରୁ ସରକାରୀ ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ ଓ ପ୍ରଭାତ କୁମାର ଜେନା କେସ ପରିଚାଳନା କରିଥିଲେ।

# କଦଳୀଭେଳାରେ ମା’ ମନସା ପୂଜା

**ମହାକାଳପଡ଼ା,୧୭।୯ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବଙ୍ଗୀୟ ପରମ୍ପରା ଅନୁସାରେ ଅଷ୍ଟ ନାଗମାତା ମା’ ମନସାଙ୍କୁ ପୂଜାର୍ଚ୍ଚନା କଲେ ସର୍ପ ଦଂଶନରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। ଏହି ପରମ୍ପରା ଅନୁଯାୟୀ, ପ୍ରତ୍ୟେକ ବର୍ଷ କନ୍ୟା ସଂକ୍ରାନ୍ତି ଦିନ ମା’ଙ୍କୁ ଯଥାରୀତି ପୂଜାର୍ଚ୍ଚନା କରାଯାଇଥାଏ। ଏହି ପରମ୍ପରା ଅନୁସାରେ ମା’ ଅଷ୍ଟନାଗ ମା’ ମନସାଙ୍କ ଏକ ମୃଣ୍ମୟୀ ମୂର୍ତ୍ତିକୁ ନିର୍ମାଣ କରାଯାଏ। ପରେ ମା’ଙ୍କୁ ଏକ ସୁସଜ୍ଜିତ କଦଳୀ ଗଣ୍ଡିକୁ ବାନ୍ଧି ଉକ୍ତ ଭେଲାରେ ମା’ଙ୍କୁ ଅବସ୍ଥାପିତ କରାଯାଏ। ପରେ ମା’ଙ୍କ ଗଳାରେ ବିଭିନ୍ନ ଫୁଲମାଳ, ଟଙ୍କାମାଳ, ବେଲପତ୍ର ଆଦି ପଡ଼ିଥାଏ। ପରେ ସମ୍ମୁଖରେ ବିଭିନ୍ନ ପ୍ରକାରର ଫଳ ଫୁଲୁରି, କଦଳୀ, କ୍ଷୀର, ମହୁ, ଦହିରେ ପଣା, ଚିନିରେ ପ୍ରସ୍ତୁତ ବତାସା ଭୋଗ ଆଦି ଅର୍ପଣ କରାଯାଏ। ପରିବାର ମଙ୍ଗଳ କାମନା ସହ ଶିଶୁ, ରୋଗୀମାନଙ୍କ ଶରୀର ସୁସ୍ଥ ଓ ମାନସିକ ପୂରଣ ଲାଗି ମାନସିକଧାରୀ ମହିଳାପୁରୁଷମାନେ ମା’ଙ୍କ ନିକଟରେ ଭୋଗ ଲାଗି କରିଥା’ନ୍ତି। ପୂଜାର୍ଚ୍ଚନା ସମାପନ ପରେ କଦଳୀ ଭେଳାକୁ ନଦୀ ମଧ୍ୟକୁ ଭସାଇ ଦିଆଯାଏ ବୋଲି ଆୟୋଜକ ଅନୁଷ୍ଠାନର କର୍ମକର୍ତ୍ତା ମତବ୍ୟକ୍ତ କରିଛନ୍ତି। ଏହି ବଙ୍ଗୀୟ ପରମ୍ପରା ଅନୁସାରେ ଏହାର କିମ୍ବଦନ୍ତୀ ରହିଛି, ମା’ଙ୍କ ମସ୍ତକରେ ପୂଜା ପାଉଥିବା ଅଷ୍ଟନାଗ ହେଲେ ମା’ଙ୍କ ଆଠଭାଇ। ଏହି ପୂଜା କଲେ ମା’ଙ୍କ ସହ ଆଠଭାଇ ସନ୍ତୁଷ୍ଟ ହୋଇ ଜଗତର କଲ୍ୟାଣ କରିଥା’ନ୍ତି ବୋଲି ବିଶ୍ୱାସ ରହିଛି। ବ୍ଲକ ଅଧୀନ ଉପକୂଳ ଅଞ୍ଚଳର ତଥା ପେଟ୍‌ଛେଲା, ଖରିନାସୀର ହରିଆବାଙ୍କ, ବଡିଘର ପଞ୍ଚାୟତ ଦକ୍ଷିଣ ବରକୋଳି ଖୋଲା ନଦୀପାର୍ଶ୍ୱରେ ଅନୁଷ୍ଠିତ ହୋଇଥାଏ। ସେହିପରି ଜମ୍ବୁ, ସୁନିତି, ତନ୍ତିଆପାଳ ଆଦି ବଙ୍ଗୀୟ ଅଞ୍ଚଳରେ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ପୂଜାରେ ବଙ୍ଗୀୟ ପରିବାରରେ ନୂଆବସ୍ତ୍ର, ଖିରି, ପୁଖି, ପିଠାପଣା ଆଦି ପ୍ରସ୍ତୁତ ହୋଇଥାଏ। ପ୍ରତ୍ୟେକ ପରିବାରରେ ବନ୍ଧୁ ପରିଜନ ଅତିଥିମାନେ ଆସି ଭିଡ଼ ଜମାଉଛନ୍ତି। କୋଲକାତା, ବାଲେଶ୍ୱର, ଭଦ୍ରକ, ନଦୀୟା ନବଦ୍ୱୀପ ଆଦି ସ୍ଥାନରୁ ଆସିଥା’ନ୍ତି।


ପେଟ୍‌ଛେଲା ପଞ୍ଚାୟତର ସ୍ଥାନୀୟ ରାମଚଣ୍ଡୀ ଗକିଆ ନଦୀ ପେଟ୍‌ଛେଲା ସେତୁ ନିକଟର କଦଳୀ ଭେଳାରେ ମା’ ମନସାଙ୍କୁ ପୂଜା କରାଯାଉଛି।

## ବିଭିନ୍ନ ଦାବିରେ ସିପିଆଇଏମ୍ ପକ୍ଷରୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା ଅଫିସ, ୧୭।୯**

ସିପିଆଇଏମ୍ କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ୧୭ ଦଫା ଦାବିପତ୍ର ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସମ୍ପାଦକ ଗୟାଧର ଧଳ କହିଛନ୍ତି, ସାମ୍ପ୍ରତିକ ସମୟରେ ବର୍ଷା ଓ ବନ୍ୟା ପାଇଁ ଜିଲାର କୃଷକ ସମସ୍ୟାରେ ଅଛନ୍ତି। ଋଣ କରି ଚାଷ କରିଥିଲେ ମଧ୍ୟ କ୍ଷେତ ଉଜୁଡିବା ନିଶ୍ଚିତ ହୋଇଛି। ଜିଲାବାସୀ ପ୍ରତିବର୍ଷ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ ଉପଯୁକ୍ତ ପରିଚାଳନାର ଅଭାବ ରହିଛି। ସେହିପରି ଦରଦାମ ବୃଦ୍ଧି, ନୂତନ ତିନି କୃଷି ଆଇନ ଆଦି ସମସ୍ୟାକୁ ସମାଧାନ ପାଇଁ ଦଳ ପକ୍ଷରୁ ୧୭ ଦଫା ଦାବି ଉପସ୍ଥାପନ କରାଯାଇଛି। ବିକ୍ଷୋଭର ଜଗତଜୀବନ ଦାସ, ମାଧବ ଦାସ, ବିନୟ କୁମାର ମଲ୍ଲିକ, ଅଶୋକ ନାଥ ପ୍ରମୁଖ ନେତୃତ୍ୱ ଦେଇଛନ୍ତି।



ସିପିଆଇଏମ୍‌ର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଜନସଚେତନତା ପରିଷଦର ବାର୍ଷିକ ଉତ୍ସବ



ଉତ୍ସବରେ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କେନ୍ଦ୍ରାପଡ଼ା ଅଫିସ, ୧୭।୯**

**ଡା. ବୀରେନ୍ଦ୍ର ଦାସ, ସାମାଜିକ କର୍ମୀ ଶଙ୍କର୍ଷଣ ପଣ୍ଡା ସମ୍ବର୍ଦ୍ଧିତ**

କେନ୍ଦ୍ରାପଡ଼ା ଜନସଚେତନତା ପରିଷଦର ୨୬ତମ ବାର୍ଷିକ ଉତ୍ସବ ସହରର କଜଳାସ୍ଥିତ ପରିଷଦର ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡା. ବୀରେନ୍ଦ୍ର କୁମାର ଦାସ ଓ ସାମାଜିକ କର୍ମୀ ଶଙ୍କର୍ଷଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ଡା. ଅଲେଖ ଚନ୍ଦ୍ର ଦାସଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ଦାସ, ଗବେଷକ ଡ. ବାସୁଦେବ ଦାସ, ଆଇନଜୀବୀ ଧରଣୀଧର ସୁଆର, ସାମାଜିକ କର୍ମୀ ଗୋପାଳ ଚନ୍ଦ୍ର ମହାଳିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଶିକ୍ଷାବିତ୍ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମାଜିକ ଆନ୍ଦୋଳନକୁ ଗୁରୁତ୍ୱ ଦେବାକୁ ମତ ରଖିଥିଲେ। ସମ୍ପାଦକ ଗଣେଶ ଚନ୍ଦ୍ର ସାମଲ ବାର୍ଷିକ ବିବରଣୀ ସମେତ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଉତ୍ସବକୁ ଭୁବନ ମୋହନ ଦାସ, ଲକ୍ଷ୍ମୀକାନ୍ତ ନାୟକ, ଅଭିମନ୍ୟୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ସମ୍ଭାବ୍ୟ ବନ୍ୟା: ନଦୀକୂଳିଆ ଲୋକେ ଆତଙ୍କିତ

**ଡେରାବିଶ,୧୭।୯(ସ୍ୱ.ପ୍ର.)**

ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରେ ସମ୍ଭାବ୍ୟ ବନ୍ୟା ପାଇଁ ଡେରାବିଶ ବ୍ଲକ ଅଞ୍ଚଳର ନଦୀକୂଳିଆ ଗ୍ରାମବାସୀ ଅତଙ୍କିତ ହୋଇ ପଡ଼ିଛନ୍ତି। ମହାନଦୀରେ ଆସୁଥିବା ବନ୍ୟାଜଳ ନରାଜଠାରେ ୮ଲକ୍ଷ କ୍ୟୁସେକ୍ ହେବ। ଜଳସମ୍ପଦ ବିଭାଗ ପକ୍ଷରୁ ବାରମ୍ବାର ସୂଚନା ଦିଆଯିବା ପରେ ମହାନଦୀର ଶାଖା ନଦୀ ଲୁଣା ଓ କରାଣ୍ଡିଆରେ ଶନିବାର ସୁଦ୍ଧା ଏହି ବନ୍ୟାଜଳ ପ୍ରବାହିତ ହେବାର ଆଶଙ୍କା ରହିଛି। ବ୍ଲକ ଅଧୀନ ଦାନପୁର, ବସପୁର, ଇନ୍ଦାଳୋ, ହରିଅଙ୍କ ପଞ୍ଚାୟତର ନଦୀକୂଳରେ ଥିବା ଗାଁର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଲୁଣାନଦୀର ଦାନପୁରଠାରେ ବିପଦସଙ୍କେତ ୩୩.୯ ଫୁଟ ଥିବାବେଳେ ବସୁପୁରଠାରେ ବିପଦ ସଙ୍କେତ ୨୬.୮ ଫୁଟ ରହିଛି। ଶୁକ୍ରବାର ସନ୍ଧ୍ୟା ୫ଟା ସୁଦ୍ଧା ଲୁଣାନଦୀର ଦାନପୁର ଠାରେ ୨୯.୦୪ ବନ୍ୟାଜଳ ପ୍ରବାହିତ ହେଉଥିବା ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ ସୂଚନା ଦେଇଛନ୍ତି। ତେବେ ନରାଜରୁ ଛଡ଼ା ଯାଇଥିବା ବନ୍ୟାଜଳ ଶନିବାର ସକାଳ ସୁଦ୍ଧା ପହଞ୍ଚିବାର ସମ୍ଭାବନା ଥିବାରୁ ଲୁଣା ଓ କରାଣ୍ଡିଆ ନଦୀବନ୍ଧରେ କନିଷ୍ଠଯନ୍ତ୍ରୀ ନବୀନ କିଶୋର ପାଣିଗ୍ରାହୀଙ୍କ ସମେତ ବିଭାଗୀୟ କର୍ମଚାରୀ ସଜାଗ ରହିଥିବା ରାୟ ସୂଚନା ଦେଇଛନ୍ତି। ବନ୍ୟା ଜଳ ଅଧିକ ହେଲେ ଡେରାବିଶ ବ୍ଲକ ବସପୁର ପଞ୍ଚାୟତର ଆରିପଦା, ଢିଅ ବସୁପୁର ଓ କରାଣ୍ଡିଆ ନଦୀର ଅବବାହିକାରେ ଥିବା ଇନ୍ଦାଳୋ ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମ ଅଧିକ ପ୍ରଭାବିତ ହେବ। ସେଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିବା ବିଡିଓ ଗୋପବନ୍ଧୁ ଭୋସାଗର କହିଛନ୍ତି। ବନ୍ୟା ପ୍ରପିଡ଼ିତଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ରନ୍ଧାଖାଦ୍ୟ ଓ ରିଲିଫ୍ ପହଞ୍ଚାଇବା ପାଇଁ ପ୍ରସ୍ତୁତି ମଧ୍ୟ କରାଯାଇଛି। ସେହିପରି ବ୍ରାହ୍ମଣୀ ସିଷ୍ଟମରେ ଶନିବାର ଅଧିକ ବନ୍ୟାଜଳ ପ୍ରବାହିତ ହେବାକୁ ଥିବାରୁ ଏହାର ଶାଖା ବିରୂପା ନଦୀର ବ୍ଲକ ଅଧୀନ ବେଣୀପୁର ଓ ମଙ୍ଗଳପୁର ଗ୍ରାମ ଅଧିକ ପ୍ରଭାବିତ ହେବା ଆଶଙ୍କା କରାଯାଇଛି। ତେବେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ ସମସ୍ତ କାର୍ଯ୍ୟକୁ ତଦାରଖ କରିବା ସହ ବିଡିଓ ଓ ତହସିଲଦାର ଏ ନେଇ ତୀକ୍ଷ୍ଣ ନଜର ରଖିଛନ୍ତି।

## କେନ୍ଦ୍ରାପଡ଼ା-ଗୋଲରାହାଟକୁ ଯୋଗାଯୋଗ ବିଚ୍ଛିନ୍ନ



**ଖୋଳା ଯାଇଥିବା ରାସ୍ତାକୁ ପୋତିଲା ପୂର୍ତ୍ତ ବିଭାଗ**

**ଡେରାବିଶ, (ସ୍ୱ.ପ୍ର.):** କେନ୍ଦ୍ରାପଡ଼ା-ଗୋଲରାହାଟ ପୂର୍ତ୍ତ ବିଭାଗ ରାସ୍ତାର ଅଢ଼ଙ୍ଗା ମଲ୍ଲିକେଶ୍ୱରପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ବର୍ଷା ପାଣି ନିଷ୍କାସନ ପାଇଁ କେହି ରାସ୍ତାକୁ ଖୋଳି ଦେଇଥିଲେ। ଗୁରୁବାର ଡେରାବିଶ-ଚାନ୍ଦୋଳ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥଲା। ତେବେ ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ (୨) ନିର୍ବାହୀଯନ୍ତ୍ରୀ ସରୋଜ କୁମାର ନାୟକ ଘଟଣାସ୍ଥଳକୁ ଆସି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ କରି ସନ୍ଧ୍ୟା ସୁଦ୍ଧା ରାସ୍ତାକୁ ମରାମତି କାମ ସାରିଛନ୍ତି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଆକାରରେ ଜଣାଇଥିବାବେଳେ ଥାନାରେ ଏତଲା ଦେଇଥିବା ସେ ସୂଚନା ଦେଇଛନ୍ତି।

# ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା

**ଆଳି,୧୭।୯(ଡି.ଏନ.ଏ.)**

**୩ ଦିନ ହେବ ୧୪ ପଞ୍ଚାୟତର ୭୫ ହଜାର ଲୋକ ଜଳବନ୍ଦୀ**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ ଶାଖା କାଣୀ ନଦୀରେ ବନ୍ୟା ଆସିବା ପରେ ୧୪ ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ୧୦ ପଞ୍ଚାୟତ ଆଂଶିକ ଭାବେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ଆଳି ଧୋଆଞ୍ଚଳର ମୁଖ୍ୟ ରାସ୍ତାରେ ୬ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ ହୋଇ ଯାଇଛି। ଧୋଆଞ୍ଚଳର ଡ଼ିମିରିପାଳ, ଅରଗଳ, କୁଆଣିଆ, ଗୋବିନ୍ଦପୁର, କେତୁଆପାଳ, ଦେସାହି, ଏରଡ଼ଙ୍ଗ, ପାଳିମି, ପେଟପଡା, ସଂସିଧା, ପଦ୍ମିନିପାଳ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ମାଣିକପାଟଣା, ଦଶିପୁର, ନରେନ୍ଦ୍ରପୁର ପଞ୍ଚାୟତ ଜଳବନ୍ଦୀ ହୋଇ ରହିଛନ୍ତି। ଉପରୋକ୍ତ ପଞ୍ଚାୟତର ପ୍ରାୟ ୭୫ ହଜାର ଲୋକ ଜଳବନ୍ଦୀ ଥିବା ଆଳି ବିଡିଓ ଦ୍ୱିବେନ୍ଦୁ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ପ୍ରତ୍ୟେକ ପଞ୍ଚାୟତକୁ ଚୁଡା, ଗୁଡ଼, ବିସ୍କୁଟ ଓ ପାଣିପାଉଚ ପଠାଇ ଦିଆଯାଇଛି। ଏଥିସହ ବ୍ଲକର ସମସ୍ତ ଅଧିକାରୀ, ପଞ୍ଚାୟତର ସରପଞ୍ଚମାନଙ୍କୁ ସମସ୍ୟା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ କୁହାଯାଇଛି। ଅଞ୍ଚଳରେ ବନ୍ୟା ପାଣି ସ୍ଥିର ଥିବା ବେଳେ ରେଙ୍ଗାଲି ଯେଉଁ ପାଣି ଛାଡିଛି ତାହା ଶନିବାର ଏହି ଅଞ୍ଚଳରେ ପହଞ୍ଚିବା ପରେ ପୁଣି ବୃଦ୍ଧି ପାଇବ। ଏଥିପ୍ରତି ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବା ବିଡିଓ ଦାସ କହିଛନ୍ତି। ଅପରପକ୍ଷରେ ଆଳିରେ ବନ୍ୟା ପରିସ୍ଥିତି ପରଖିବା ପାଇଁ ତଟବନ୍ଧ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅସୀମ ମହାପାତ୍ର ଗୁରୁବାରଠାରୁ ଆଳିରେ ଅବସ୍ଥାନ କରୁଛନ୍ତି। ଶୁକ୍ରବାର ସର୍ବୋଚ୍ଚ ଯନ୍ତ୍ରୀ ମହାପାତ୍ର ଆଳିର ରିଙ୍ଗବନ୍ଧର ରାଜବାଟୀ ଗଡ଼ଠାରୁ ଆରମ୍ଭ କରି ଟୁଙ୍ଗାର କାଳିଆ ଘାଇ, କଳମୋଡା, ଅର୍ଜ୍ଜନପୁର ସ୍ଲୁଇସ୍, ବାଙ୍କେଶ୍ୱର, ପତ୍ରପୁର, ମଦନପୁର, ରାଜକନିକାର ପୁରୁଣା ବଗି ବନ୍ଧ, ପୁରୁଣା ମରହଟ୍ଟା ବନ୍ଧର ବିଭିନ୍ନ ସ୍ପର୍ଶ କାତର ସ୍ଥାନଗୁଡ଼ିକ ପରିଦର୍ଶନ କରିଥିଲେ। ତାଙ୍କ ସହ ଆଳି ତଟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସରୋଜ କୁମାର ମିଶ୍ର ଓ ଡେପୁଟି ଏକଜିକ୍ୟୁଟିଭ ଇଞ୍ଜିନିୟର ଅଞ୍ଜନ ବେହେରା ପ୍ରମୁଖ ରହିଥିଲେ। ରିଙ୍ଗବନ୍ଧର ବିଭିନ୍ନ ସ୍ପର୍ଶ କାତର ସ୍ଥାନ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଥିବା ବେଳେ ବାଲିବସ୍ତା ପ୍ରସ୍ତୁତ କରି ରଖାଯାଇଛି। ଶୁକ୍ରବାର ସକାଳେ ଟ୍ରାକ୍ଟର ଯୋଗ ଅନେକ ସ୍ଥାନକୁ ବାଲିବସ୍ତା ପଠାଯାଇଥିବା ଅଧିକ୍ଷଣ ଯନ୍ତ୍ରୀ କହିଛନ୍ତି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଆଳିରେ ପ୍ରବାହିତ ନଦୀଗୁଡିକର ଜଳସ୍ତର ବିପଦ ସଂକେତ ତଳେ ରହିଛି। ଆଳି ରାଜବାଟୀଠାରେ ଖରସ୍ରୋତା ନଦୀର ଜଳସ୍ତର ୧୨.୨ ଫୁଟ ରହିଛି। ଏଠାରେ ବିପଦ ସଂକେତ ସ୍ତର ହେଉଛି ୧୪.୮୦ଫୁଟ, ସେହିପରି ପତ୍ରପୁରଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ୧୬.୦୦ଫୁଟ, ଏଠାରେ ବିପଦ ସଂଙ୍କେତ ସ୍ତର ହେଉଛି ୧୬.୮୦, ମଧୁସୂଦନପୁରଠାରେ କାଣୀ ନଦୀର ଜଳସ୍ତର ୨୬.୦୨ ରହିଛି। ଏଠାରେ ବିପଦ ସଂଙ୍କେତ ସ୍ତର ହେଉଛି ୨୭.୭୭ଫୁଟ।


ଜଳବନ୍ଦୀ ଥିବା ଜଣେ ଯୁବକ ଡଙ୍ଗାରେ ପାର ହେଉଛନ୍ତି।

ଧରିତ୍ରୀ DHARITRI
ଶନିବାର, ୧୮ ସେପ୍ଟେମ୍ବର, ୨୦୨୧

**ଚାଷୀଙ୍କ ଆକାଉଣ୍ଟରେ ୫୨ କୋଟି**

ବିହାରର ଦୁଇଜଣ ସ୍କୁଲ ପିଲାଙ୍କ ବ୍ୟାଙ୍କ ଖାତାରେ ୯୬୦ କୋଟି ଟଙ୍କା ଜମା ହେବାର ଦିନକ ପରେ ମୁଜାଫରପୁର ଜିଲା ସିଙ୍ଗାରି ଗ୍ରାମର ଜଣେ ଚାଷୀଙ୍କ ଆକାଉଣ୍ଟରେ ୫୨ କୋଟି ଟଙ୍କା ଜମା ହୋଇଥିବା ଜଣାପଡ଼ିଛି। ରାମବାହାଦୁର ଶାହା ନାମକ ଏହି ବୃଦ୍ଧ ଚାଷୀଙ୍କ ଆକାଉଣ୍ଟକୁ ବାର୍ଦ୍ଧକ୍ୟ ଭତ୍ତା ଆସିଛି କି ନାହିଁ ଯାଞ୍ଚ କରିବାକୁ ସେ ଶୁକ୍ରବାର କଟ୍ରାସ୍ଥିତ ସିଏସ୍‌ପି ଆଉଟ୍‌ଲେଟ୍‌କୁ ଯାଇଥିଲେ। ଆକାଉଣ୍ଟରେ ୫୨ କୋଟି ଟଙ୍କା ବାଲାନ୍ସ ଦେଖି ସିଏସ୍‌ପି ଅପରେଟର ହତବାକ୍ ହୋଇଯାଇଥିଲେ।



## ସଂକ୍ଷେପରେ

### ସିଦ୍ଧୁ ପଞ୍ଜାବ ରାଜନୀତିର ରାଖୀ ସାୱନ୍ତ: ଏଏପି ନେତା



**ଚଣ୍ଡିଗଡ଼, ୧୭।୯:** ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ପଞ୍ଜାବ ସହପ୍ରଭାରୀ ତଥା ଦିଲ୍ଲୀ ବିଧାୟକ ରାଘବ ଚଡ଼ା ପ୍ରଦେଶ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କୁ ସମାଲୋଚନା କରିଛନ୍ତି। ସିଦ୍ଧୁ ପଞ୍ଜାବ ରାଜନୀତିର ରାଖୀ ସାୱନ୍ତ ବୋଲି ରାଘବ ଟୁଇଟ୍ କରିଛନ୍ତି। କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନକୁ ଦିଲ୍ଲୀ ସରକାର ଲୋକ ଦେଖାଣିଆ ବିରୋଧ କରୁଛନ୍ତି ବୋଲି ସିଦ୍ଧୁ ପୂର୍ବରୁ ଟୁଇଟ୍ କରିଥିବାବେଳେ ରାଘବ ଏହାର ଜବାବ ଦେଇଛନ୍ତି। ଗତବର୍ଷ ଡିସେମ୍ବରରେ ଦିଲ୍ଲୀ ସରକାର ୩ କୃଷି ଆଇନ ମଧ୍ୟରୁ ଗୋଟିଏ ଉପରେ ବିଜ୍ଞପ୍ତି ପ୍ରକାଶ କରି ଚାଷୀମାନଙ୍କୁ ମଣ୍ଡି ବାହାରେ ଫସଲ ବିକ୍ରି କରିବା ଲାଗି ଅନୁମତି ପ୍ରଦାନ କରିଥିଲେ। ଏହି ବିଜ୍ଞପ୍ତିକୁ ହଟାଯାଇଛି କି ନାହିଁ ତାହା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କଠାରୁ ସେ ଜାଣିବା ପାଇଁ ଦାବି କରିଥିଲେ। କ୍ୟାପ୍‌ଟେନ୍ ଅମରିନ୍ଦର ସିଂଙ୍କୁ ବାରମ୍ବାର ସମାଲୋଚନା କରୁଥିବା ସିଦ୍ଧୁଙ୍କୁ କଂଗ୍ରେସ ହାଇକମାଣ୍ଡ ଭର୍ତ୍ସନା କରିବା ପରେ ସେ କେଜ୍‌ରିୱାଲଙ୍କ ପଛରେ ପଡ଼ିଥିବା ରାଘବ କହିଛନ୍ତି।

### ଦିଲ୍ଲୀ ବିମାନବନ୍ଦରରୁ ୫ ବାଂଲାଦେଶୀ ଗିରଫ

**ନୂଆଦିଲ୍ଲୀ, ୧୭।୯:** ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଭାରତୀୟ ପାସ୍‌ପୋର୍ଟ ସହ ୫ ବାଂଲାଦେଶୀଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି। ୧୧ ତାରିଖରେ ସୁରକ୍ଷା ଯାଞ୍ଚ ବେଳେ ୩ ଜଣ ଗିରଫ ହୋଇଥିବାବେଳେ ସେମାନଙ୍କୁ ଜେରା ପରେ ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରାଯାଇଥିବା ବିମାନବନ୍ଦର ଡିସିପି ବିକ୍ରମ ପୋର୍‌ୱାଲ କହିଛନ୍ତି। ପୋଲିସ ହାଜତରେ ଥିବା ଏହି ସନ୍ଦିଗ୍ଧମାନଙ୍କଠାରୁ ବିଭିନ୍ନ ଦେଶର ଷ୍ଟାମ୍ପ୍ ଥିବା ୨୭ଟି ପାସ୍‌ପୋର୍ଟ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ସେମାନଙ୍କ ବିରୋଧରେ ପାସ୍‌ପୋର୍ଟ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

ଗତ ମଙ୍ଗଳବାର ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଆଇଏସ୍‌ଆଇ ତାଲିମପ୍ରାପ୍ତ ୬ ଆତଙ୍କବାଦୀଙ୍କୁ ଗିରଫ କରିବା ସହ ପାକିସ୍ତାନ ପ୍ରାୟୋଜିତ ଆକ୍ରମଣ ଯୋଜନାକୁ ପଣ୍ଡ କରିଦେଇଥିଲା। ସେମାନଙ୍କଠାରୁ ଆର୍‌ଡିଏକ୍ସ ଜବତ ହୋଇଛି। ୧୯୯୩ ବମ୍ବେ ବିସ୍ଫୋରଣ ଭଳି ବିଭିନ୍ନ ସହରରେ ଆକ୍ରମଣ କରିବାକୁ ସେମାନେ ଯୋଜନା କରିଥିଲେ। ଦିଲ୍ଲୀ ଓ ଏହାର ପଡୋଶୀ ରାଜ୍ୟଗୁଡ଼ିକ ଉପରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ହେଉଥିବା ଜଣାପଡ଼ିବା ପରେ ଶୁକ୍ରବାର ଦିଲ୍ଲୀ ପୋଲିସ ମୁଖ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଲ୍ଲୀ ଓ ପଡୋଶୀ ରାଜ୍ୟଗୁଡ଼ିକର ପୋଲିସ ଅଧିକାରୀ ଏବଂ ବିଭିନ୍ନ ଗୋଇନ୍ଦା ସଂସ୍ଥାର ଅଫିସରମାନେ ଯୋଗଦେଇଥିଲେ। ବୈଠକରେ ତାଲିବାନ୍ ନିୟନ୍ତ୍ରଣାଧୀନ ଆଫଗାନିସ୍ତାନ ସ୍ଥିତି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

# ମୌଳବାଦ ବଡ଼ ଚ୍ୟାଲେଞ୍ଜ

## ଏସ୍‌ସିଓ ସମ୍ମିଳନୀରେ ମୋଦିଙ୍କ ବାର୍ତ୍ତା

**ନୂଆଦିଲ୍ଲୀ/ବେଜିଂ, ୧୭।୯**



କ୍ରମବର୍ଦ୍ଧିଷ୍ଣୁ ମୌଳବାଦ ବିଶ୍ୱ ଶାନ୍ତି, ସୁରକ୍ଷା ଓ ଆସ୍ଥା ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଉଛି। ଏହାର ମୁକାବିଲା ପାଇଁ ୯ ସଦସ୍ୟ ବିଶିଷ୍ଟ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ପ୍ରଭାବଶାଳୀ ଢଙ୍ଗରେ କଠୋରପନ୍ଥୀ ଚିନ୍ତାଧାରା ଓ ମୌଳବାଦର ମୁକାବିଲା ଲାଗି ରଣନୀତି ପ୍ରସ୍ତୁତ କରିବା ଜରୁରୀ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି।

ତାଜିକିସ୍ତାନର ଦୁଶାନ୍‌ବେରେ ଚାଲିଥିବା ୨୧ତମ ଏସ୍‌ସିଓ ସମ୍ମିଳନୀର ବିସ୍ତୃତ ଅଧିବେଶନକୁ ପ୍ରଧାନମନ୍ତ୍ରୀ ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ୬ ମିନିଟ ଧରି ସମ୍ବୋଧିତ କରିଛନ୍ତି। ମୋଦି କହିଛନ୍ତି, ମୌଳବାଦ ଓ ଅନାସ୍ଥାଭାବ ହେଉଛି କେନ୍ଦ୍ରୀୟ ଏସିଆର ଶାନ୍ତି ପାଇଁ ସବୁଠୁ ବଡ଼ ଆହ୍ୱାନ। ଆଫଗାନିସ୍ତାନରେ ଯାହା ଚାଲିଛି ଆମେ ସମସ୍ତେ ଦେଖୁଛେ। ଆଫଗାନିସ୍ତାନର ସଦ୍ୟ ଘଟଣାକ୍ରମ ଏହି ଚ୍ୟାଲେଞ୍ଜକୁ ଆହୁରି ସ୍ପଷ୍ଟ କରିଦେଇଛି। ଆମେ ଯଦି ଇତିହାସକୁ ଦେଖିବା କେନ୍ଦ୍ରୀୟ ଏସିଆ ଉଦାରବାଦ, ବିକାଶଶୀଳ ସଂସ୍କୃତି ଓ ମୂଲ୍ୟବୋଧର କେନ୍ଦ୍ରସ୍ଥଳ ରହିଆସିଥିବା ଜାଣିବାକୁ ପାଇବା। ଏଠାରେ ସୁଫିବାଦର ଉତ୍ପତ୍ତି ଘଟି ସାରା ବିଶ୍ୱରେ ବିସ୍ତାର ଲାଭ କରିଛି। ଏପରି କି ଏହାକୁ ଏବେ କେନ୍ଦ୍ରୀୟ ଏସିଆର ସାଂସ୍କୃତିକ ପରମ୍ପରା ଭାବେ ବିବେଚନା କରାଯାଉଛି। ଏସ୍‌ସିଓ ଭାରତ ସମେତ ସଦସ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରଚଳିତ ଇସ୍‌ଲାମ ସହ ଜଡ଼ିତ ପରମ୍ପରା ଏବଂ ଉଦାର, ସହିଷ୍ଣୁ ଓ ସମାବେଶୀ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଏକ ମଜଭୁତ ନେଟ୍‌ୱର୍କ ବିକଶିତ କରିବା ଉଚିତ।

ଏହି ଅବସରରେ ମୋଦି କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରଗୁଡ଼ିକୁ ଭାରତର ବୃହତ୍ ବଜାର ସହ ଯୋଡ଼ିହୋଇ ଲାଭବାନ ହେବାକୁ ଆମନ୍ତ୍ରଣ କରିଛନ୍ତି। କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରଗୁଡ଼ିକ ସହ ଭାରତ ଯୋଗସୂତ୍ରକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସେହିପରି ଯୋଗାଯୋଗ ପ୍ରସଙ୍ଗରେ ଚାଇନାକୁ ଇଙ୍ଗିତ କରି ମୋଦି କହିଛନ୍ତି, କୌଣସି ଯୋଗାଯୋଗ ପଦକ୍ଷେପ ୱାନ୍-ୱେ ଷ୍ଟ୍ରିଟ୍ ଭଳି ହୋଇପାରିବ ନାହିଁ। ଏହା ନିଶ୍ଚିତ, ପରାମର୍ଶଭିତ୍ତିକ, ସ୍ୱଚ୍ଛ ଓ ସହଭାଗୀ ହେବା ଜରୁରୀ। ସମସ୍ତ ଦେଶର କ୍ଷେତ୍ରୀୟ ଅଖଣ୍ଡତା ପ୍ରତି ସମ୍ମାନ ରହିବା ଉଚିତ ବୋଲି ମୋଦି କହିବା ସହ ଚାବାହାର ଓ ଉତ୍ତର ଦକ୍ଷିଣ ଅନ୍ତର୍ଜାତୀୟ କରିଡର ସପକ୍ଷରେ ମତ ଦେଇଛନ୍ତି। ଏହି ବ୍ଲକ୍‌ରେ ନୂଆ ସଦସ୍ୟ ଇରାନକୁ ସ୍ୱାଗତ କରିବା ସହ ମୋଦି କହିଛନ୍ତି, ସାଉଦି ଆରବ, ଇଜିପ୍ଟ ଓ କାତାର ଏସ୍‌ସିଓର ଆଲୋଚନା ସହଯୋଗୀ। ସେମାନଙ୍କ ଭାଗୀଦାରି ଏସ୍‌ସିଓକୁ ଆହୁରି ମଜଭୁତ କରିବ ବୋଲି ମୋଦି ଆଶା ବ୍ୟକ୍ତ କରିଛନ୍ତି। ସେପଟେ ଦୁଶାନବେରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କୁ ଭେଟିଛନ୍ତି। ଏହି ଅବସରରେ ଭାରତ-ଚାଇନାର ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ବିବାଦ ଭଳି ପ୍ରସଙ୍ଗର ସମାଧାନ ପାଇଁ ଦୁଇଦେଶର ସାମରିକ ଏବଂ କୂଟନୈତିକ ଅଧିକାରୀମାନେ ଆଲୋଚନା ଜାରି ରଖିବାକୁ ସହମତି ପ୍ରକାଶ ପାଇଛି।



“ବାହ୍ୟ ଶକ୍ତିଗୁଡ଼ିକୁ କେବେହେଲେ ଅନ୍ୟ ଦେଶରେ ହସ୍ତକ୍ଷେପ କରିବାକୁ ଅନୁମତି ଦିଆଯିବା ଅନୁଚିତ।
–ଶି ଜିନ୍‌ପିଙ୍ଗ, ଚାଇନା ରାଷ୍ଟ୍ରପତି



“ଆଫଗାନିସ୍ତାନବାସୀ ସ୍ୱାଧୀନତାର ମୂଲ୍ୟ ବୁଝନ୍ତି। ସେମାନଙ୍କୁ ବାହାରୁ ନିୟନ୍ତ୍ରଣ କରିବା ଅସମ୍ଭବ।
–ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ

“ତାଲିବାନ୍ ଦ୍ୱାରା ଗଠିତ ଆଫଗାନିସ୍ତାନ ସରକାର ପ୍ରତିନିଧିମୂଳକ ନୁହେଁ। ଏହାସତ୍ତ୍ୱେ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ତାଲିବାନ୍ ସହ କାମ କରିବାକୁ ପଡ଼ିବ।
–ଭ୍ଲାଡିମିର ପୁଟିନ, ରୁଷିଆ ରାଷ୍ଟ୍ରପତି





ଆଫଗାନିସ୍ତାନର ଜଣେ ତାଲିବାନ୍ ଲଢୁଆ ଶୁକ୍ରବାର ମସ୍‌ଜିଦ୍‌ରେ ନମାଜ ପଢୁଛନ୍ତି।

## ୮ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ନାମ ସୁପାରିସ

**ନୂଆଦିଲ୍ଲୀ, ୧୭।୯**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ୟୁ.ୟୁ. ଲଳିତ ଏବଂ ଏ.ଏମ୍. ଖାନ୍‌ୱିଲକରଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ କଲେଜିୟମ୍ ୮ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି ନାମ ସୁପାରିସ କରିଛନ୍ତି। ଏକାଥରେ ୮ ଜଣଙ୍କୁ ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ପାଇଁ ସୁପାରିସ୍ କରାଯିବା ଏକ ରେକର୍ଡ। ଏହା ବ୍ୟତୀତ ବିଭିନ୍ନ ହାଇକୋର୍ଟର ୫ ମୁଖ୍ୟ ବିଚାରପତି ଏବଂ ୨୮ ବିଚାରପତିଙ୍କ ବଦଳି ପାଇଁ ସୁପାରିସ କରାଯାଇଛି। କାଲକାଟା ହାଇକୋର୍ଟର କାର୍ଯ୍ୟକାରୀ ବିଚାରପତି ଜଷ୍ଟିସ୍ ରାଜେଶ ବିନ୍ଦଲଙ୍କୁ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଲାଗି ସୁପାରିସ କରାଯାଇଛି। ସେହିପରି ମଧ୍ୟପ୍ରଦେଶ ହାଇକୋର୍ଟ ବିଚାରପତି ପ୍ରକାଶ ଶ୍ରୀବାସ୍ତବଙ୍କୁ କାଲକାଟା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ, ଛତିଶଗଡ଼ ହାଇକୋର୍ଟ ବିଚାରପତି ପ୍ରଶାନ୍ତ କୁମାର ମିଶ୍ରଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଋତୁରାଜ ଅୱସ୍ଥିଙ୍କୁ କର୍ଣ୍ଣାଟକ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କୁ ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି, ମେଘାଳୟ ହାଇକୋର୍ଟ ବିଚାରପତି ରଞ୍ଜିତ୍ ଭି. ମୋରେଙ୍କୁ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଅରବିନ୍ଦ କୁମାରଙ୍କୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଆର୍.ଭି. ମାଲିମାଥଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପ୍ରିମକୋର୍ଟ କଲେଜିୟମ କହିଛି।

ଏହା ବ୍ୟତୀତ ତ୍ରିପୁରା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅକିଲ କୁରେଶୀଙ୍କୁ ରାଜସ୍ଥାନ ବଦଳି ଲାଗି ସୁପାରିସ କରାଯାଇଥିବାବେଳେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଅରୂପ କୁମାର ଗୋସ୍ୱାମୀଙ୍କୁ ଛତିଶଗଡ଼, ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍‌ଙ୍କୁ ହିମାଚଳପ୍ରଦେଶ, ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଇନ୍ଦ୍ରଜିତ ମହାନ୍ତିଙ୍କୁ ତ୍ରିପୁରା ଏବଂ ମେଘାଳୟ ହାଇକୋର୍ଟ ମୁଖ୍ୟ ବିଚାରପତି ବିଶ୍ୱନାଥ ସୋମାଦେର୍‌ଙ୍କୁ ସିକ୍କିମ ହାଇକୋର୍ଟକୁ ବଦଳି ଲାଗି କଲେଜିୟମ୍ ସୁପାରିସ କରିଛି।



ଆର୍ଜେଣ୍ଟିନାରେ ରାଷ୍ଟ୍ରପତି ନିର୍ବାଚନ ପାଖେଇ ଆସୁଥିବାବେଳେ ଆର୍ଥିକ ସଙ୍କଟ ଦେଖାଦେଇଛି। ବେରୋଜଗାରୀ, ଖାଦ୍ୟ ଅସୁରକ୍ଷା ଓ ସମ୍ବଳ ଅଭାବକୁ ନେଇ ବୁଏନୋସ୍ ଏୟାର୍ସରେ ବିକ୍ଷୋଭ ବେଳେ ନିଜ ପୁଅକୁ କାନ୍ଧେଇଛନ୍ତି ଜଣେ ମହିଳା।

## ଏସ୍‌ଏଡିର ବିକ୍ଷୋଭ: ସୁଖବୀର, ହରସିମ୍ରତ୍ ଅଟକ

**ନୂଆଦିଲ୍ଲୀ, ୧୭।୯**

କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନ ନେଇ ଶୁକ୍ରବାର ଦିଲ୍ଲୀରେ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିବା ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଅଧ୍ୟକ୍ଷ ସୁଖବୀର ସିଂ ବାଦଲ, ଦଳୀୟ ନେତ୍ରୀ ହରସିମ୍ରତ୍ କୌର ବାଦଲ ଏବଂ ଅନ୍ୟ ୧୧ ଜଣଙ୍କୁ ପୋଲିସ ଅଟକ ରଖିଛି। ଦଳୀୟ କର୍ମୀମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା ବୋଲି ସୁଖବୀର କହିଛନ୍ତି।

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ କାର୍ଯ୍ୟକାରୀ ହେବା ଶୁକ୍ରବାର ଗୋଟିଏ ବର୍ଷ ପୂରଣ କରିଥିବାବେଳେ ଏହାକୁ କଳା ଦିବସ ଭାବେ ପାଳନ କରିବା ଲାଗି ଏସ୍‌ଏଡି ଆହ୍ୱାନ ଦେଇଥିଲା। ଦଳୀୟ କର୍ମୀମାନେ କୃଷି ଆଇନ ପ୍ରତ୍ୟାହାର ଦାବିରେ ଗୁରୁଦ୍ୱାରା ତଲାବଗଞ୍ଜ ସାହିବ୍‌ରୁ ପାର୍ଲାମେଣ୍ଟ ହାଉସ୍ ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ।

## କେନ୍ଦ୍ରମନ୍ତ୍ରୀ ଦାନ୍‌ଭେ ଭବିଷ୍ୟତର ବନ୍ଧୁ: ଉଦ୍ଧବ

**ମୁମ୍ବାଇ, ୧୭।୯**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଶୁକ୍ରବାର ଏକ ସଭାରେ ମରାଠୱାଡା ଅଞ୍ଚଳର ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରାଓସାହେବ ଦାନ୍‌ଭେଙ୍କୁ ଭବିଷ୍ୟତର ବନ୍ଧୁ କହି ରାଜନୈତିକ ବଜାରରେ ହଟଚମଟ ସୃଷ୍ଟି କରିଛନ୍ତି। ଔରଙ୍ଗବାଦରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଥିଲେ, ମୋ ପୂର୍ବତନ ବନ୍ଧୁ ଦାନ୍‌ଭେ ଏଠାରେ ଉପସ୍ଥିତ ଅଛନ୍ତି। ଆମେ ଯଦି ପୁଣି ଏକାଠି ଆସିବୁ ତେବେ ସେ ମୋର ଭବିଷ୍ୟତର ବନ୍ଧୁ। ଜଲାନା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଦାନ୍‌ଭେଙ୍କ ପ୍ରତି ଉଦ୍ଧବଙ୍କ ଏପରି ସମ୍ବୋଧନକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଭବିଷ୍ୟତରେ ଶିବସେନା ଓ ଭାଜପା ମଧ୍ୟରେ ପୁଣି ମେଣ୍ଟ ହୋଇପାରେ ବୋଲି କେତେକ ମହଲରେ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ପୂର୍ବରୁ ଶିବସେନା ଓ ଭାଜପା ମହାରାଷ୍ଟ୍ରରେ ଏକାଠି ହୋଇ ସରକାର ଗଢ଼ିଥିଲେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ମଧ୍ୟ ଶିବସେନା ଏକ ସହଯୋଗୀ ଦଳ ଥିଲା।

## ଛାତ୍ର, ପୁରୁଷ ଶିକ୍ଷକଙ୍କୁ ସ୍କୁଲ ଆସିବାକୁ ଅନୁମତି ଦେଲା ତାଲିବାନ୍

**କାବୁଲ୍, ୧୭।୯**

ଆଫଗାନିସ୍ତାନରେ ଶନିବାରଠାରୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ ହେବାକୁ ଯାଉଥିବାବେଳେ କେବଳ ଛାତ୍ର ଏବଂ ପୁରୁଷ ଶିକ୍ଷକମାନଙ୍କୁ ସ୍କୁଲ ଆସିବାକୁ ତାଲିବାନ ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ଛାତ୍ରୀ ଏବଂ ଶିକ୍ଷୟିତ୍ରୀମାନଙ୍କୁ ସ୍କୁଲ ଆସିବା ଲାଗି ଅନୁମତି ମିଳିନାହିଁ। ତାଲିବାନ୍ ଶାସନରେ ଏହି ବୟସର ବାଳିକା ଓ ମହିଳାମାନଙ୍କ ଉପରେ କଟକଣା କଡ଼ାକଡ଼ି ହୋଇଛି। ପୂର୍ବରୁ ତାଲିବାନ ପ୍ରଥମରୁ ଷଷ୍ଠଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଙ୍କୁ ସ୍କୁଲ ଯିବା ଲାଗି ଅନୁମତି ଦେଇଥିଲା। କେତେକ ପ୍ରଦେଶରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରକୁ ବାଦ୍ ଦେଲେ ଅନ୍ୟ କାର୍ଯ୍ୟ ଲାଗି ମହିଳାମାନଙ୍କୁ ଅନୁମତି ଦିଆଯାଉ ନାହିଁ।

## ମହିଳା ମନ୍ତ୍ରଣାଳୟ ହେଲା ପାପ-ପୁଣ୍ୟ ମନ୍ତ୍ରଣାଳୟ

**କାବୁଲ୍, ୧୭।୯**

ଆଫଗାନିସ୍ତାନର ତାଲିବାନ୍ ସରକାର ମହିଳା ମନ୍ତ୍ରଣାଳୟ ନାଁ ବଦଳାଇ ଏହାକୁ ‘ପାପ-ପୁଣ୍ୟ’ ମନ୍ତ୍ରଣାଳୟ ଭାବେ ନାମିତ କରିଛନ୍ତି। ସରକାରୀ ମନ୍ତ୍ରଣାଳୟରେ ପୁରୁଷଙ୍କ ସହ ମହିଳା କର୍ମଚାରୀମାନଙ୍କୁ କାର୍ଯ୍ୟ କରିବା ଲାଗି ଅନୁମତି ମିଳିବ ନାହିଁ ବୋଲି ତାଲିବାନ ପୂର୍ବରୁ କହିଥିଲା। ଶୁକ୍ରବାର କାବୁଲସ୍ଥିତ ମହିଳା ମନ୍ତ୍ରଣାଳୟର ନାମଫଳକ ବଦଳାଯାଇ ଏହାକୁ ତାଲିବାନ ମୋରାଲ ପୋଲିସ ପାଇଁ ରଖାଯିବ ସହ ବିଭାଗର ପୂର୍ବତନ ମହିଳା କର୍ମଚାରୀମାନଙ୍କୁ ବିଲ୍ଡିଂ ଭିତରକୁ ଛଡ଼ାଯାଇ ନ ଥିଲା। ସେଠାରେ ‘ମିନିଷ୍ଟ୍ରି ଅଫ୍ ପ୍ରେୟାର ଆଣ୍ଡ ଗାଇଡାନ୍ସ ଆଣ୍ଡ ଦି ପ୍ରମୋଶନ ଅଫ୍ ଭର୍ଚ୍ଚୁ ଆଣ୍ଡ ପ୍ରିଭେନ୍‌ଶନ ଅଫ୍ ଭାଇସ୍’ ବୋଲି ଦରି ଓ ଆରବିକ୍ ଭାଷାରେ ଲେଖାଯାଇଛି। ମହିଳା କର୍ମଚାରୀମାନଙ୍କୁ ଘରକୁ ଫେରିଯିବା ଲାଗି ବହୁ ସପ୍ତାହ ହେଲା କୁହାଯାଉଥିବାବେଳେ ସେମାନେ କାର୍ଯ୍ୟକୁ ଆସିବା ଲାଗି ଉଦ୍ୟମ ଚଳାଇଛନ୍ତି।

## ୯୦ ଦିନ ପରେ ମହାକାଶରୁ ଫେରିଲେ

### ଚାଇନାର ଦୀର୍ଘତମ ସ୍ପେସ୍ ମିଶନ

**ବେଜିଂ, ୧୭।୯**

ଚାଇନା ଟାଇକୋନଟ୍ସ ସାଙ୍ଗ୍ ହୋଙ୍ଗ୍‌ବୋ, ନିଏ ହାଇଶେଙ୍ଗ୍ ଏବଂ ଲିଉ ବୋମିଙ୍ଗ୍ ଶେନ୍‌ଝୋଉ-୧୨ ସ୍ପେସ୍‌ଶିପ୍‌ରେ ୯୦ ଦିନର ମହାକାଶ ଯାତ୍ରା ଶେଷକରି ଫେରିଛନ୍ତି। ସେମାନେ ଇନର ମଙ୍ଗୋଲିଆ ସ୍ୱୟଂସାଶିତ ଅଞ୍ଚଳର ଡୋଙ୍ଗ୍‌ଫେଙ୍ଗ ଲାଣ୍ଡିଂ ସାଇଟ୍‌ରେ ଶୁକ୍ରବାର ଅପରାହ୍ନ ୧ଟା ୩୦ ମିନିଟରେ ଅବତରଣ କରିଛନ୍ତି। ଏହା ଥିଲା ଅଦ୍ୟାବଧି ଚାଇନାର ଦୀର୍ଘତମ ସ୍ପେସ୍ ମିଶନ। ଚାଇନା ପକ୍ଷରୁ ୨୦୦୩ରୁ ବର୍ତ୍ତମାନ ସୁଦ୍ଧା ୧୪ ମହାକାଶ ଯାତ୍ରୀଙ୍କୁ ମହାକାଶକୁ ପଠାଯାଇଥିବାବେଳେ ଆଗକୁ ଶେନ୍‌ଝୋଉ-୧୩ ଲଞ୍ଚ କରିବାର କାର୍ଯ୍ୟକ୍ରମ ରହିଛି। ପୂର୍ବର ସୋଭିଏତ୍ ୟୁନିୟନ୍ ଏବଂ ଆମେରିକା ପରେ ଏହି ସଫଳତା ହାସଲ କରିବାରେ ଚାଇନା ହେଉଛି ତୃତୀୟ ଦେଶ। ତେବେ ଚାଇନା ସେନା ପକ୍ଷରୁ ଏହି ମହାକାଶ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇ ନାହିଁ।



# କଂଗ୍ରେସ ପାଳିଲା ବେରୋଜଗାର ଦିବସ

### ‘ମୋଦିଙ୍କ ବିଫଳତା ପାଇଁ ଦେଶକୁ ମୂଲ୍ୟ ଦେବାକୁ ପଡ଼ୁଛି’

**ନୂଆଦିଲ୍ଲୀ, ୧୭।୯**



ମୁମ୍ବାଇରେ ଯୁବ କଂଗ୍ରେସ କର୍ମୀମାନେ ଗ୍ରାଜୁଏଶନ ଗାଉନ୍ ପିନ୍ଧି ବୁଟ୍ ପଲିସ୍ କରିବା ସହ ବାଦାମ ବିକି ଜାତୀୟ ବେରୋଜଗାର ଦିବସ ପାଳନ କରୁଛନ୍ତି।



ପାଟନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ ଅବସରରେ ତାଙ୍କ ଫଟୋକୁ ପୂଜା କରୁଛନ୍ତି ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମଦିନ ଅବସରରେ ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାବେଳେ କଂଗ୍ରେସ ଏହାକୁ ବେରୋଜଗାର ଦିବସ ରୂପେ ପାଳନ କରିଛି। ଜନସେବାରେ ମୋଦି ୨୦ ବର୍ଷ ପୂରଣ କରିଥିବାରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ୨୦ ଦିନିଆ ‘ସେବା ଓ ସମର୍ପଣ’ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ଗୁଜରାଟ ମୁଖ୍ୟମନ୍ତ୍ରୀ ହେବାଠାରୁ ଦେଶର ନେତୃତ୍ୱ ନେବା, ୩୭୦ ଉଚ୍ଛେଦ, ରାମମନ୍ଦିର ନିର୍ମାଣର ପଥ ପରିଷ୍କାର କରିବା, ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ୍, ୱାନ୍ ର୍ୟାଙ୍କ ୱାନ୍ ପେନ୍‌ସନ, ଆୟୁଷ୍ମାନ ଭାରତ ଭଳି ପଦକ୍ଷେପକୁ ନଡ୍ଡା ପ୍ରଶଂସା କରିଛନ୍ତି। କଂଗ୍ରେସ ମଧ୍ୟ ଜନ୍ମଦିନରେ ମୋଦିଙ୍କୁ ଅଭିନନ୍ଦନ ଜଣାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ‘ହ୍ୟାପି ବାର୍ଥଡେ ମୋଦି ଜୀ’ ଟୁଇଟ୍ କରି ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତେବେ ମୋଦିଙ୍କ ବିଫଳତା ପାଇଁ ଦେଶକୁ ମୂଲ୍ୟ ଦେବାକୁ ପଡ଼ିଛି ବୋଲି କହି କଂଗ୍ରେସ ଏହାକୁ ବେରୋଜଗାର ଦିବସ, କୃଷକ ବିରୋଧୀ ଦିବସ ଓ ଦରଦାମ ବୃଦ୍ଧି ଦିବସ ଭାବେ ପାଳନ କରିଛି। ଭାଜପା ଯଦି ସେମାନଙ୍କ ବନ୍ଧୁମାନଙ୍କ ପରିବର୍ତ୍ତେ ଲୋକଙ୍କ ପାଇଁ କାମ କରିଥାଆନ୍ତା ତେବେ ‘ଜାତୀୟ ବେରୋଜଗାର ଦିବସ’ ପାଳନ କରିବାକୁ ପଡ଼ି ନ ଥାଆନ୍ତା ବୋଲି ରାହୁଲ ହିନ୍ଦୀରେ ଟୁଇଟ୍ କରିଛନ୍ତି। ଏହି ଅବସରରେ କଂଗ୍ରେସ ପକ୍ଷରୁ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

## ଆଇନ ସଚେତନତା ଶିବିର

ଜଗତ୍‌ସିଂହପୁର ଅଫିସ- ଜିଲା ଆଇନସେବା ପ୍ରାଧୀକରଣ ତରଫରୁ ଶୁକ୍ରବାର ଫୁଲବେଲାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ସୁନନ୍ଦା ପାଢ଼ୀ ପୌରୋହିତ୍ୟ କରି ଜାତୀୟ ଆଇନସେବା ପ୍ରାଧୀକରଣ ଅଧିନିୟମ ୧୯୮୭, ଜିଲା ଆଇନ ସେବା ପ୍ରାଧିକରଣର କର୍ତ୍ତବ୍ୟ, ଘରୋଇ ହିଂସା ଆଇନ, ବିଭିନ୍ନ ଜନମଙ୍ଗଳ ଯୋଜନା, ପୀଡ଼ିତାଙ୍କ ପାଇଁ ଥିବା କ୍ଷତିପୂରଣ, ମାଗଣା ଆଇନ ସେବା ପାଇବାର ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ସରପଞ୍ଚ ନିରଞ୍ଜନ ପଣ୍ଡା, ଆଇନଜୀବୀ ସନ୍ତୋଷ ଦାଶ, ଶିକ୍ଷକ ତପନ ସ୍ୱାଇଁ ଏବଂ ପାରାଲିଗାଲ ସ୍ୱେଚ୍ଛାସେବୀ କ୍ଷୀରୋଦ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ।


ବିରିଡି ବ୍ଲକ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।

# ଖଣିରେ ମହିଳା ଶ୍ରମିକ ଶୋଷିତ

**ଠିକା ସଂସ୍ଥା ଜରିଆରେ କମ୍ପାନୀମାନେ ଶ୍ରମିକଙ୍କୁ ଶୋଷଣ କରି ଦୀର୍ଘଦିନ ହେଲା ଖଣି କାର୍ଯ୍ୟ କରି ଆସୁଛନ୍ତି। ଲାଭ ବଢ଼ିଛି, କମ୍ପାନୀ ଧନୀ ହୋଇଛି। କିନ୍ତୁ ଯେଉଁ ମାଟିର ବକ୍ଷଚିରି କମ୍ପାନୀ ଏହି ଉପଲବ୍ଧି ପାଇପାରିଛି ସେହି ମାଟିର ବାସିନ୍ଦାଙ୍କୁ ଶୋଷଣ, ପ୍ରତାରଣା ଏବଂ ପ୍ରଦୂଷଣଜନିତ ବିଷ ଦେଇଆସିଛି, ଯାହାକି ସୁକିନ୍ଦା ଖଣି ଅଞ୍ଚଳରେ ଦେଖିବାକୁ ମିଳୁଛି।**


କାମ ପାଇବାରୁ ବଞ୍ଚିତ ହୋଇଥିବା ଆଦିବାସୀ ମହିଳା।

■୨୦ ବର୍ଷର ଅଭିଜ୍ଞତାକୁ ଉପେକ୍ଷା
■କାମ ନ ପାଇ ଭୋକ ଉପାସରେ କଟୁଛି ଦିନ

ଯାଜପୁର ଅଫିସ,୧୭।୯

ଟାଟା ଷ୍ଟିଲ ମାଇନିଂରେ ଜୁସ୍କୋ ଠିକା ସଂସ୍ଥାରେ ୧୦ ଜଣ ଆଦିବାସୀ ମହିଳା ଶ୍ରମିକ ୨୦ ବର୍ଷ ପର୍ଯ୍ୟନ୍ତ କାମ କରିବା ପରେ ସେମାନଙ୍କୁ ବହିଷ୍କାର କରି ତାଙ୍କ ବଦଳରେ ୧୫ ଜଣ ପୁରୁଷ ଶ୍ରମିକଙ୍କୁ କାମ ଦିଆଯାଇଛି। ଫଳରେ କାମ ହରାଇ ମହିଳା ଶ୍ରମିକମାନେ ଗଭୀର ମାନସିକ ଚାପରେ ରହିଛନ୍ତି। ଛଟେଇ ମହିଳା ଶ୍ରମିକ ଫୁଲମଣି ଟୁଡୁ, ଗୀତା ମରାଣ୍ଡି, ଶକୁନ୍ତଳା ବାଙ୍କିରା, ସବିତା ସାମରାଏ, ସୀମା ମହାନ୍ତ, ସୁନେଇ ମୁଣ୍ଡା, ସମ୍ପାରୀ ପ୍ରଧାନ, ରିଙ୍କି ହେମ୍ବ୍ରମ, ତୁଳସୀ ହେମ୍ବ୍ରମ ଓ ଜବାମଣି ମରାଣ୍ଡି କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଥକିଗଲେଣି ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁଯାୟୀ ୨୦୨୦ ମାର୍ଚ୍ଚ ୩୧ରେ ଜୁସ୍କୋ ଠିକା ସଂସ୍ଥାର କାମ ବନ୍ଦ ହୋଇଥିଲା। ଫଳରେ ଏହି ଠିକା ସଂସ୍ଥାରେ ୨୦ ବର୍ଷ ହେଲା ବିଭିନ୍ନ କାମ କରି ଆସୁଥିବା ଉପରୋକ୍ତ ମହିଳାମାନଙ୍କୁ ଛଟେଇ କରିଦିଆଯାଇଥିଲା। ପୁଣି କାମ ଆରମ୍ଭ ହେଲେ ନିଯୁକ୍ତି ଦିଆଯିବ ବୋଲି ସେତେବେଳେ ପ୍ରତିଶ୍ରୁତି ମିଳିଥିଲା। ଗତ ଅକ୍ଟୋବରରୁ ପୁନର୍ବାର ଉତ୍ତୋଳନ କାମ ଆରମ୍ଭ ହୋଇଛି। କିନ୍ତୁ ଉକ୍ତ ଠିକା ସଂସ୍ଥା ସେହି ମହିଳା କର୍ମଚାରୀମାନଙ୍କୁ ପୁନଃନିଯୁକ୍ତି ଦେଇନାହିଁ। ଠିକା ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ମହିଳାମାନେ ଭେଟି ନିଯୁକ୍ତି ଦେବାକୁ ଅନୁରୋଧ କଲେ ମଧ୍ୟ ତାରିଖ ପରେ ତାରିଖ ଦିଆଯାଉଛି। ଫଳରେ କାମ ନ ପାଇ ଏହି ମହିଳା ଶ୍ରମିକଙ୍କ ପରିବାରବର୍ଗ ଆର୍ଥିକ ଦୁର୍ଦ୍ଦଶା ଭୋଗୁଛନ୍ତି। ମହିଳାମାନେ କେତେଜଣ ନିର୍ବାଚିତ ପ୍ରତିନିଧି, ପ୍ରଭାବଶାଳୀ ଖଣି ନେତାଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କିଛି ଲାଭ ମିଳିନାହିଁ।

ସୁକିନ୍ଦା ଖଣି ଅଞ୍ଚଳରେ ପୂର୍ବରୁ ଠିକା ସଂସ୍ଥାର ଏଭଳି କାର୍ଯ୍ୟ ବିରୋଧରେ ପ୍ରତିବାଦ କଲେ ଆନ୍ଦୋଳନକାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ନାଲିଆଖି ଦେଖାଯାଉଛି। ଖଣି ବିରୋଧରେ ଜନମତ ସୃଷ୍ଟି କରି ଆନ୍ଦୋଳନ କଲେ ପରିସ୍ଥିତି ଠିକ ହେବ ନାହିଁ ବୋଲି ଖଣି ସହିତ ସମ୍ପୃକ୍ତ କେତେଜଣ ନେତାଙ୍କଠାରୁ ଧମକଚମକ ମିଳୁଛି। ଖଣି ଓ ଶିଳ୍ପକୁ ଆଧାର କରି ସୁକିନ୍ଦା ନିର୍ବାଚନମଣ୍ଡଳୀର କଅଁସ, ଚିଙ୍ଗୁଡିପାଳ, କାଳିଆପାଣି, ରାହାଁସୋଳ, କାଙ୍କଡପାଳ ସମେତ ଦାନଗଦି ବ୍ଲକ ଅଞ୍ଚଳରେ ଏଯାଏ କୌଣସି ଜଳସେଚନ ଭିତ୍ତିଭୂମି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ରେଙ୍ଗାଲି ଡ୍ୟାମ୍ ପାଣି ମଧ୍ୟ ଏଯାଏ ସମସ୍ତ ଅଞ୍ଚଳକୁ ମାଡ଼ି ପାରିନାହିଁ। ସରକାର ଏହାକୁ ଅଣକୃଷି ଅଞ୍ଚଳ ଭାବରେ ପରିଗଣିତ କରିଛନ୍ତି। ଖଣି ଖନନ ଓ ଟ୍ରକ ଲୋଡିଂ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ଜମି, ଜଳ, ଜଙ୍ଗଲ, ଭିଟାମାଟି ଓ ଚାଷଜମି ସମର୍ପଣ କରି ସାରିଛନ୍ତି। ତେଣୁ ଖଣି ଉତ୍ତୋଳନ କାର୍ଯ୍ୟରେ ନିଜର ଜୀବିକା ନିର୍ବାହ ଛଡ଼ା ସେମାନଙ୍କ ପାଇଁ ଅନ୍ୟପନ୍ଥା ନାହିଁ। କିନ୍ତୁ କେତେକ ଠିକା ସଂସ୍ଥା ଜରିଆରେ ବାହାର ଅଞ୍ଚଳ ଲୋକଙ୍କୁ ନିଯୁକ୍ତି ଏବଂ ଖଣି ଓ ଶିଳ୍ପରେ ମେଶିନ ବ୍ୟବହାର ଯୋଗୁ ସ୍ଥାନୀୟ ଲୋକ ବେରୋଜଗାର ହେଉଛନ୍ତି। ପ୍ରଶାସନ ଏ ଦିଗରେ ଆଖିବୁଜି ରହିଥିବାରୁ ଖଣି ପ୍ରଭାବିତ ପ୍ରତି ପରିବାରରେ କ୍ଷୁଧାର ଚିତ୍ର ଦେଖିବାକୁ ମିଳୁଛି।

## ତହସିଲଦାରଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର

ନାଉଗାଁ,୧୭।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ଲଘୁଚାପଜନିତ ବର୍ଷାରେ ଅନେକ କଚ୍ଚା ଘର ଭାଙ୍ଗି ଯାଇଥିବାବେଳେ ଧାନ ଚାଷ ପ୍ରଭାବିତ ହୋଇଛି। ଏସବୁ ସମସ୍ୟାର ସମାଧାନ ଦାବିରେ ଏସୟୁସିଆଇ ନାଉଗାଁ ଶାଖା ପକ୍ଷରୁ ତହସିଲଦାର ଜେ.କଳ୍ପନାଙ୍କୁ ୮ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଦିଆଯାଇଛି। ଦାବିଗୁଡ଼ିକ ମଧ୍ୟରେ ଜଳବନ୍ଦୀ ପରିବାରକୁ ଔଷଧ, ଶୁଖିଲା ଖାଦ୍ୟ ପ୍ରଦାନ, ଭାଙ୍ଗି ଯାଇଥିବା ଚାଳଘର ପାଇଁ ୧୦ ହଜାର ଓ ଅନ୍ୟାନ୍ୟ ଗୃହ ପାଇଁ ୨୦ ହଜାର ସହାୟତା, ଫସଲ କ୍ଷତିର ନିରପେକ୍ଷ ତଦନ୍ତ, ଉଭୟ ଚାଷୀ ଓ ଭାଗ ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ, ରବି ଫସଲ ପାଇଁ ସାର ଏବଂ କୀଟନାଶକ ମାଗଣାରେ ପ୍ରଦାନ, ଜଳସେଚନ ସହ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା, ଭାଙ୍ଗି ଯାଇଥିବା ରାସ୍ତା ଓ ବନ୍ଧକୁ ତୁରନ୍ତ ମରାମତି, ଗୃହପାଳିତ ପ୍ରାଣୀଙ୍କ ପାଇଁ ଗୋ ଖାଦ୍ୟ ପ୍ରଦାନ ଆଦି ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସୁବାସ ସ୍ୱାଇଁ, ରଘୁନାଥ ଦାସ, ବାବାଜୀ କାଣ୍ଡି, ମହେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ତହସିଲଦାରଙ୍କୁ ଅନ୍ୟ ଏକ ଦାବିପତ୍ର ପଦାନ କରାଯାଇଛି।

## ସଂକ୍ଷେପରେ

### ଦୁର୍ବଳ ଲୁଣା ନଦୀ ବନ୍ଧରେ ଘଳିଆ ଚିନ୍ତା

**ମହାକାଳପଡ଼ା,୧୭।୯(ଡି.ଏନ.ଏ.):** ହୀରାକୁଦ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ମହାନଦୀର ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ଚିନ୍ତା ବଢ଼ିଛି। ମହାନଦୀ ଶାଖା ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। କେତେକ ସ୍ଥାନରେ ଦୁର୍ବଳ ନଦୀବନ୍ଧ ଯୋଗୁଁ ଘଳିଆ ପଡିବା ସମ୍ଭାବନା ରହିଛି ବୋଲି ଜଳସେଚନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ଜିଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କ ସମେତ ବିଭାଗର ଅଧିକାରୀ ଶୁକ୍ରବାର ମହାକାଳପଡ଼ା ବ୍ଲକ ଅଧୀନ ଦଶମୌଜି ଅଞ୍ଚଳ ଲୁଣା ନଦୀ ବନ୍ଧ ପରିଦର୍ଶନ କରିଥିଲେ। ସ୍ଥାନୀୟ ଆଶ୍ରମ ବାଲିକୁଦା, ବଦକୁଳ, କରଞ୍ଜ, ଗୋଖାପଡା ଆଦି ଅଞ୍ଚଳର ନଦୀ ବନ୍ଧଗୁଡକ ସ୍ଥାନରେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ପଡିଲେ ବାଲିବସ୍ତା, ବହ୍ଲା ରଖିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ରାଉତଙ୍କୁ ପଚାରିବାରେ ଦଶ ମୌଜି ଅଞ୍ଚଳର ଗୋପୀନାଥପୁର ଗାଁ ନିକଟ ଲୁଣା ନଦୀ ବନ୍ଧ ବୁଲି ଦେଖିଥିଲି। ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ବନ୍ୟା ପରିସ୍ଥିତିକୁ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଜଗତ୍‌ସିଂହପୁର ଅଫିସ, ୧୭।୯:** ଲଘୁଚାପଜନିତ ବର୍ଷା କ୍ଷତିଗ୍ରସ୍ତଙ୍କୁ ସହାୟତା ଓ ଅନ୍ୟାନ୍ୟ ଦାବିରେ ଏସ୍‌ୟୁସିଆଇ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଆନ୍ଦୋଳନକାରୀଙ୍କ ଦାବି ମଧ୍ୟରେ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତଙ୍କୁ ରିଲିଫ ସହାୟତା, ପଲିଥିନ, ଘର ଭାଙ୍ଗି ଯାଇଥିବା ପରିବାରକୁ ଆବାସ ପ୍ରଦାନ, ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୂରଣ ଓଡ଼ପଡ଼ା ଆଦିବାସୀ ସାହିର ପରିବାରକୁ ଘରଡିହ ପଟ୍ଟା ବଣ୍ଟନ, କୃଷି ଆଇନ ବାତିଲ, ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଆଦି ଅନ୍ତର୍ଭୁକ୍ତ। ଏହି ଅବସରରେ ସମସ୍ତ ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ସୁବାସ ସ୍ୱାଇଁ, ପ୍ରଦୀପ୍ତ ରାମ ଶ୍ୟାମ ସିଂ ପ୍ରମୁଖ ସାମିଲ ହୋଇଥିଲେ।

### ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲିକୁଦା,୧୭।୯ (ସ୍ୱ.ପ୍ର.):** ବାଲିକୁଦା ଥାନା ନାଳିଓ ଗାଁର ଏକ ଆମ୍ବ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ସେ ହେଲେ ଏହି ଗାଁର ନଟ କାଣ୍ଡିଙ୍କ ପୁଅ ବସନ୍ତ କାଣ୍ଡି(୨୫)। ଏ ନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୯/୨୧) ରୁଜୁ କରିଛି। ସକାଳେ ଆମ୍ବଗଛରେ ତାଙ୍କ ମୃତହେଦ ଝୁଲୁଥିବା ଦେଖି ଗ୍ରାମର ଜଣେ ବ୍ୟକ୍ତି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହାପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।

# ନଦୀବନ୍ଧ ଅତଡ଼ାରୁ ପଥର ଖସୁଛି

■୯ କୋଟି ବ୍ୟୟରେ ସ୍ପର, ପଥରପ୍ୟାକିଂ ଜାରି ରହିଛି
■ପଥର ତଳୁ ବାଲି ଧସି ଯାଇଛି
■ଦ୍ୱୀପାଞ୍ଚଳବାସୀ ଭୟଭୀତ

ରଘୁନାଥପୁର,୧୭।୯(ଡି.ଏନ୍.ଏ.)

ମହାନଦୀ ନର୍ଥ ଜଳସମ୍ପଦ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୁଳ ପଞ୍ଚାୟତର ପିଁପୁରଠାରେ ମହାନଦୀ ବନ୍ଧ ପଠାର ସୁରକ୍ଷା ପାଇଁ ୯ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବର୍ଷେ ହେବ ସ୍ପର ଓ ପଥର ପ୍ୟାକିଂ କାର୍ଯ୍ୟ ଜାରି ରହିଛି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ କିଛି ସ୍ଥାନରେ ପଥର ତଳୁ ବାଲି ଧସି ଯାଇ ସେଗୁଡିକ ଝୁଲନ୍ତା ଅବସ୍ଥାରେ ରହିଛି। ଏପରିକି ଅନେକ ପଥର ମଧ୍ୟ ପାଣିକୁ ଖସି ପଡିଛି। ଏ ନେଇ ଦ୍ୱୀପାଞ୍ଚଳବାସୀ ଭୟଭୀତ ହୋଇ ଯାଇଛନ୍ତି। ଗତବର୍ଷ ଅଗଷ୍ଟରେ ନଦୀରେ ପ୍ରବାହିତ ବନ୍ୟାଜଳରେ ୫୦ ମିଟର ଚଉଡା ଏବଂ ୨୫୦ ମିଟର ଲମ୍ବର ପଠା ଖାଇ ଜନବସତି ମୁହାଁ ହୋଇଥିଲା। ଏହାପରେ ସମ୍ପୃକ୍ତ ବିଭାଗର ଚେତା ପଶିଥିଲା। ଦିନରାତି ଅଧିକାରୀମାନେ ଉପସ୍ଥିତ ରହି ବଲ୍ହା ପୋତି ହଜାର ହଜାର ଟ୍ରିପ୍ ପଥର ଅତଡ଼ା କଡରେ ପକେଇ କୌଣସି ପ୍ରକାର ବିପଦକୁ ଟାଳି ଦେଇଥିଲେ। ସମ୍ଭାବ୍ୟ ବିପଦ ଆଶଙ୍କାରେ ସେତେବେଳେ ସ୍ଥାନୀୟ ଲୋକେ ମଧ୍ୟ ଘରଦ୍ୱାର ଛାଡି ବନ୍ଧ ଉପରେ ଆଶ୍ରୟ ନେଇଥିଲେ। ତେବେ ଚଳିତ ବର୍ଷ ପୁନର୍ବାର ଅତଡାରୁ ପଥର ଖସିବାରେ ଲାଗିଛି। ଆଗକୁ ମହାନଦୀରେ ଅଧିକ ବନ୍ୟାଜଳ ପ୍ରବାହିତ ହେବାକୁ ଥିବାବେଳେ ଯଦି ଏହାର ସ୍ରୋତ ବନ୍ଧରେ ମାଡ଼ ହୁଏ ତାହା ହେଲେ ବାଲିରେ ନିର୍ମିତ ବନ୍ଧ ଭାଙ୍ଗିବା ଆଶଙ୍କା ରହିଛି।

ଏ ସମ୍ପର୍କରେ ଯନ୍ତ୍ରୀ ମହେନ୍ଦ୍ର କୁମାର ସାହୁ କୁହନ୍ତି, ଗତ ଲଗାଣ ବର୍ଷାରେ ବନ୍ଧରୁ ପାଣି ଗଡି ପଥର ପ୍ୟାକିଂରୁ ବାଲି ଧୋଇ ଯାଇଛି। ଏହାଛଡା ନଦୀବନ୍ଧଟି ସମ୍ପୂର୍ଣ୍ଣ ବାଲିରେ ହୋଇଛି। ଏହାକୁ ଲାଗି କେନାଲ ଥିବାରୁ ଝର ପଡି ପଥର ପ୍ୟାକିଂରେ ଗ୍ୟାପ ସୃଷ୍ଟି କରୁଛି। ଏହି କାର୍ଯ୍ୟ ନିର୍ମାଣଧୀନ ଥିବାବେଳେ ପୁନର୍ବାର ଏହାକୁ ମରାମତି କରାଯିବ ବୋଲି ଯନ୍ତ୍ରୀ ସାହୁ ପ୍ରକାଶ କରିଛନ୍ତି।


ପିଁପୁରଠାରେ ମହାନଦୀବନ୍ଧ ଅତଡାରୁ ପଥର ଖସୁଛି।

# ବର୍ଷା ପରେ ଦୁର୍ଦ୍ଦଶା ଭୋଗୁଛନ୍ତି ବହୁ ପରିବାର

■ପ୍ରଶାସନ ପକ୍ଷରୁ ସହାୟତା ମିଳିନି
■ବର୍ଷାରେ ଚାଳଛପର ଘର ଭାଙ୍ଗିଯାଇଛି

ନାଉଗାଁ,୧୭।୯(ସ୍ୱ.ପ୍ର.)

ଲଘୁଚାପଜନିତ ବର୍ଷା ପରେ ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ପଞ୍ଚାୟତର ସଠଲପୁର ଗ୍ରାମର ୨ ଦଳିତ ପରିବାର ଦୁର୍ଦ୍ଦଶା ଭୋଗୁଛନ୍ତି। ସେମାନେ ହେଲେ କାଳନ୍ଦୀ ରାଉତ ଓ ବୃଦ୍ଧ ଗିରିଧାରୀ ରାଉତଙ୍କ ପରିବାର ସଦସ୍ୟ। ୩ ଦିନ ହେବ ବର୍ଷା ଛାଡିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କ ନିକଟରେ ପ୍ରଶାସନ ପହଞ୍ଚି ପାରିନି। ଉଭୟେ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ଝାଟିମାଟି ଘରେ ରହୁଥିଲେ। ବର୍ଷାରେ ସେମାନଙ୍କ ଚାଳଛପର ଘର ଭାଙ୍ଗିଯାଇଛି। ଫଳରେ ଉଭୟଙ୍କ ପରିବାର ସଦସ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗିରିଧର ୩ ପୁଅ ଓ ବୋହୂ ସହ ଏବେ ନିକଟସ୍ଥ କୁଣ୍ଡେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଉଥିବାବେଳେ କାଳନ୍ଦୀଙ୍କ ପରିବାର ସଦସ୍ୟ ପରଘରେ ଆଶ୍ରୟ ନେଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଉଭୟ ପରିବାରକୁ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳିନାହିଁ। ସରକାରଙ୍କ ପକ୍କାଘର ଯୋଜନାରେ ସାମିଲ ହେବାକୁ ପୂର୍ବରୁ କାଳନ୍ଦୀ ଓ ଗିରିଧାରୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲ୍ଲିକ କହିଛନ୍ତି, ବର୍ଷାରେ ଯେଉଁମାନଙ୍କ ଗୃହ ଭାଙ୍ଗିଯାଇଛି, ତଦନ୍ତପରେ ରିପୋର୍ଟ ଦିଆଯିବା ସହ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯିବ।


ଗିରିଧାରୀ ରାଉତ ଓ ତାଙ୍କ ସ୍ତ୍ରୀ


ପରିବାର ସଦସ୍ୟଙ୍କ ସହ କାଳନ୍ଦୀ ରାଉତ

## ପାଲ ଅପେକ୍ଷାରେ ଘର ଭାଙ୍ଗିଥିବା ପରିବାର

ରଘୁନାଥପୁର,୧୭।୯(ଡି.ଏନ୍.ଏ.)

ଲଗାଣ ବର୍ଷାରେ ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ବହୁ ଲୋକଙ୍କ ଘର ଭାଙ୍ଗି ଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଅନେକ କ୍ଷତିଗ୍ରସ୍ତଙ୍କ ପାଖରେ ପ୍ରଶାସନ ପହଞ୍ଚି ପାରିନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଛପଡା, ଏରଡଙ୍ଗା ପଞ୍ଚାୟତର ଘର ଭାଙ୍ଗିଯାଇଥିବା ଲୋକେ ଏ ସମ୍ପର୍କରେ ବିଧାୟକ ବିଜୟ ଶଙ୍କର ଦାସଙ୍କ ଗସ୍ତ ସମୟରେ ଅଭିଯୋଗ କରିଛନ୍ତି। ଏପରିକି ପ୍ରଶାସନ ପକ୍ଷରୁ ପାଲ ଖଣ୍ଡେ ଯୋଗାଇ ଦିଆଯାଇନାହିଁ ବୋଲି ସେମାନେ କହିଛନ୍ତି। ବଙ୍ଗୋପସାଗରେ ଆଉ ଏକ ଲଘୁଚାପ ଘନୀଭୂତ ହୋଇଥିବାରୁ ତୁରନ୍ତ ଏନେଇ ବ୍ୟବସ୍ଥା କରିବାକୁ ତାରପୁର ସରପଞ୍ଚ ସରୋଜ କୁମାର ଦାସ, ଅଢ଼େଇକୂଳ ସରପଞ୍ଚ ଶେଷଦେବ ସେଠୀ ଓ ତାଙ୍କ ସରପଞ୍ଚ କବିତା ନାୟକ ଦାବି କରିଛନ୍ତି। ପରେ ବିଧାୟକ ଦାସ ତହସିଲଦାରଙ୍କ ସହ ମୋବାଇଲ୍‌ରେ କଥା ହୋଇ ଖୁବ୍‌ଶୀଘ୍ର ଏ ନେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସେହିପରି ବ୍ଲକର ୩ ପରିବାର ସରକାରୀ ଯୋଜନାରେ ପକ୍କାଘର ଖଣ୍ଡେ ପାଇ ନ ଥିବା ବେଳେ ବର୍ଷାରେ ମାଟିଘର କାନ୍ଥ ଭୁଶୁଡ଼ି ଯାଇଛି। ସେମାନେ ହେଲେ ତାଙ୍କ ଗ୍ରାମର ବାବାଜୀ ଦାସ, ଚିକିଣିଆର ଭିନ୍ନକ୍ଷମ ଅଭିରାମ ସାହୁ ଏବଂ ଏରଣ୍ଡପାଳର ଭାରତୀ ଲେଙ୍କାଙ୍କ ପରିବାର। ମାତ୍ର ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ସେମାନଙ୍କୁ ପାଲ ଖଣ୍ଡେ ମିଳି ନ ଥିବାରୁ ଉକ୍ତ ପରିବାରର ସଦସ୍ୟ ବହୁ କଷ୍ଟରେ ଦିନ କାଟୁଛନ୍ତି। ସମ୍ପୃକ୍ତ ପରିବାରଗୁଡ଼ିକୁ ସରକାରୀ ସହାୟତା ପ୍ରଦାନ ସହ ପକ୍କାଗୃହ ଯୋଗାଇ ଦେବା ପାଇଁ ସାମାଜିକ କର୍ମୀ ବଟକୃଷ୍ଣ ନାୟକ ଓ ଜିଲା ଯୁବ ଭାଜପା ଉପସଭାପତି ଜଗନାଥ ବାରିକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବିଶ୍ୱକର୍ମା ପୂଜୋତ୍ସବ: ଫିକା କରିଦେଲା କରୋନା

ପାରାଦୀପ,୧୭।୯(ସ୍ୱ.ପ୍ର.)

ପାରାଦୀପରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ କରୋନା ମହାମାରୀ ପାଇଁ ଲଗାତାର ୨ୟ ବର୍ଷ ବାଧାପ୍ରାପ୍ତ ହୋଇଛି। ଆୟୋଜକମାନେ ଶୁକ୍ରବାର ଛୋଟ ମୂର୍ତ୍ତି କରି ନିଜସ୍ୱ ସଂଘୀୟ ଘରେ ନିରାଡ଼ମ୍ବର ଭାବେ ପୂଜା କରୁଛନ୍ତି। ଗହଳି ନ ଥିବା ବେଳେ ବାଜାବାଣ କିଛି ଶୁଭୁନାହିଁ। ପ୍ରତିବର୍ଷ କନ୍ୟା ସଂକ୍ରାନ୍ତି ବେଳେ ପାରାଦୀପରେ ଏହି ପୂଜୋତ୍ସବ ପାଳିତ ହୋଇଥାଏ। ଏଥିପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଶାଳ ତୋରଣ ସାଙ୍ଗକୁ ସାଜସଜ୍ଜା ହୋଇଥାଏ। ଏହାକୁ ଦେଖିବାକୁ ରାଜ୍ୟ ତଥା ବାହାରୁ ଦର୍ଶକ ଆସିଥାନ୍ତି। ୭ଦିନ ଧରି ଏହି ପୂଜୋତ୍ସବ କରାଯାଏ। ପ୍ରତି ଘରେ କୁଣିଆ ସାଙ୍ଗକୁ ବଜାରରେ ମେଳା ଲାଗିଥାଏ। ପାରାଦୀପର ୩ ଟ୍ରକ ମାଲିକ ସଂଘ, ୩ ଡମ୍ପର ମାଲିକ ସଂଘ, ଅଟୋରିକ୍ସା ସଂଘ ସମେତ ଓମ୍ଫା, ବନ୍ଦର ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ୭ରୁ ଅଧିକ ଟ୍ରେଡ୍ ୟୁନିୟନଙ୍କ ପକ୍ଷରୁ ପୂଜା ମଣ୍ଡପ ନିର୍ମାଣ କରାଯାଇଥାଏ। ମାସାଧିକ ସମୟ ଧରି ତୋରଣ ନିର୍ମାଣ, ଠାକୁର ତିଆରି, ଆଲୋକ ସଜ୍ଜା ଆଦି ଲାଗି ରହିଥାଏ। କହିବାକୁ ଗଲେ ବିଶ୍ୱକର୍ମା ପୂଜା ପାରାଦୀପର ସବୁଠାରୁ ବଡ଼ ଗଣପର୍ବ ଆକାରରେ ପାଳିତ ହୋଇଥାଏ। ତେବେ କରୋନା କଟକଣା ଯୋଗୁ ଗତବର୍ଷ ଏହା ବନ୍ଦ ଥିଲା। ଚଳିତବର୍ଷ ମଧ୍ୟ ଏହା ବନ୍ଦ ରହିଛି। ଯେଉଁଠି ପୂଜା ମଣ୍ଡପ କରାଯାଏ ସେଠାରେ ଏବେ ଅସ୍ଥାୟୀ ପରିବା ବଜାର କରାଯାଇଛି। କରୋନା ଭୂତାଣୁ ସବୁକିଛି ନୀରବ କରିଦେଇଥିବା ପରିମନେ ହେଉଛି।

# ନିରାପଦ ମାତୃତ୍ୱ, ଶିଶୁ ଯତ୍ନ ପାଇଁ ଶପଥ

ଜଗତ୍‌ସିଂହପୁର ଅଫିସ, ୧୭।୯

ଡାକ୍ତରଖାନାକୁ ଆସୁଥିବା ସମସ୍ତ ରୋଗୀ ଏବଂ ସେମାନଙ୍କ ସହଯୋଗୀଙ୍କୁ ଉତ୍ତମ ବ୍ୟବହାର ସହ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା। ବିଶେଷକରି ଗର୍ଭବତୀ ମା'ର ନିରାପଦ ମାତୃତ୍ୱ ସାଙ୍ଗକୁ ନବଜାତ ଶିଶୁର ସମସ୍ତ ଯତ୍ନ ଆଦି ଦିଗ ପ୍ରତି ସଜାଗ ରହିବା। ଶୁକ୍ରବାର ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟର କନ୍‌ଫରେନ୍ସ ହଲ୍ ପରିସରରେ ଅନୁଷ୍ଠିତ ବିଶ୍ୱ ରୋଗୀ ନିରାପତ୍ତା ଦିବସ ପାଳନ ଅବସରରେ ଏହି ଶପଥ ପାଠ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶରେ ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଆୟୋଜିତ ଦିବସରେ ଚଳିତ ବର୍ଷର ଶୀର୍ଷକ ଥିଲା 'ନିରାପଦ ମାତୃତ୍ୱ ଓ ନବଜାତ ଶିଶୁର ଯତ୍ନ'। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟା ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀମାନେ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଡା.ଶତ୍ରୁଘ୍ନ ଦାଶ, ଡା. ପ୍ରମୋଦ ବାରିକ, ଚକ୍ରଧର ଜେନା, ସୁକାନ୍ତ ପ୍ରଧାନ, ଡା. ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ବିଭାଗୀୟ ଅଧିକାରୀ, କମର୍ଚାରୀ ଓ ଅନ୍ୟମାନେ ଶପଥ ନେଉଛନ୍ତି।

# ବନ୍ଦର ନଗରୀରେ ରାଜନୈତିକ ଉଷ୍ମତା

ପାରାଦୀପ,୧୭।୯(ସ୍ୱ.ପ୍ର.)

## ଆଗକୁ ଏକାଧିକ ନିର୍ବାଚନ

ବନ୍ଦରଭିତ୍ତିକ ପାରାଦୀପ ଶିଳ୍ପାଞ୍ଚଳରେ କରୋନା କଟକଣା କୋହଳ ହେବା ପରେ ଧାରଣା, ପ୍ରତିବାଦ ସଭା, କୁଶପୁତ୍ତଳିକା ଦାହ, ଆରୋପ ପ୍ରତ୍ୟାରୋପ,କାର୍ଯ୍ୟକାରିଣୀ ବୈଠକ ଆଦି ଦିନକୁଦିନ ବଢ଼ିବାରେ ଲାଗିଛି। ଏସବୁ ହେବା ପଛରେ ଆଗକୁ ହେବାକୁ ଥିବା ଏକାଧିକ ନିର୍ବାଚନ ମୁଖ୍ୟ କାରଣ ବୋଲି କୁହାଯାଉଛି।

ପଞ୍ଚାୟତ ନିର୍ବାଚନ, ପୌର ନିର୍ବାଚନ ବ୍ୟତୀତ ପାରାଦୀପ ବନ୍ଦରାଞ୍ଚଳରେ ଏକାଧିକ ବଡ ସାଙ୍ଗଠନିକ ନିର୍ବାଚନ ହେବାର ଅଛି। ସେଗୁଡିକ ହେଲା ପାରାଦୀପ ଟ୍ରକ୍ ମାଲିକସଂଘ, ଜଗନ୍ନାଥ ଟ୍ରକ୍ ମାଲିକସଂଘ, ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ(ଓମ୍ଫା), ଲେବର ଟ୍ରଷ୍ଟି ନିର୍ବାଚନ ସହ ୧୨ରୁ ଊର୍ଦ୍ଧ୍ୱ ସୋସାଇଟି କର୍ମକର୍ତ୍ତା ନିର୍ବାଚନ। ଏସବୁ ଆସନ୍ତା ଅକ୍ଟୋବରରୁ ୨୦୨୨ମାର୍ଚ୍ଚ ମଧ୍ୟରେ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡିର ଜିଲା ସଂଯୋଜକ ବୈଠକ ୧୭ ଅଗଷ୍ଟରେ ପାରାଦୀପର ବିଜୁ ମେମୋରିଆଲ ଟ୍ରଷ୍ଟରେ ଅନୁଷ୍ଠିତ ହୋଇଯାଇଛି। ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ଓ ଭାଜପା ମଧ୍ୟରେ କିଛି ଦିନ ହେବ ଆରୋପ ପ୍ରତ୍ୟାରୋପ ଚାଲିଛି। ପାରାଦୀପ ବୃନ୍ଦାବନ କଲୋନୀସ୍ଥିତ ବିର୍ସାମୁଣ୍ଡା ସ୍କୁଲକୁ ଘରୋଇ ସ୍କୁଲରେ ମିଶ୍ରଣକୁ ନେଇ ଭାଜପା ପକ୍ଷରୁ ବିଜେଡିର ନଗର ସଭାପତି ବସନ୍ତ ବିଶ୍ୱାଳଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜବାବରେ ବିଜେଡି ପକ୍ଷରୁ ସ୍କୁଲ ପରିଚାଳନା ସମିତି ଜରିଆରେ ପ୍ରତିବାଦ ସଭା କରି ନିଜର ଦମ୍ ଦେଖାଇବାକୁ ଉଦ୍ୟମ କରାଯାଇଛି। ସେହିପରି ଅନ୍ୟତମ ବୃହତ ପାରାଦୀପ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ଅକ୍ଟୋବରରେ ହେବାର ଅଛି। ଉକ୍ତ ସଂଘରେ ଥିବା କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଚଳିତ ସପ୍ତାହରେ ଶେଷ ହୋଇଛି। ଏହାବାଦ୍ ଜଗନ୍ନାଥ ଟ୍ରକ ମାଲିକ ସଂଘର କାର୍ଯ୍ୟକାଳ ଆସନ୍ତା ବର୍ଷ ଫେବୃୟାରୀରେ ସରିବ। ଏହି ସଂଘର ଆଭ୍ୟନ୍ତରୀଣ ବିବାଦ ବର୍ଷେ ହେବ ଲାଗି ରହିଛି। ସେଥିପାଇଁ ଉକ୍ତ ସଂଘ ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ବାଚନ ମଇଦାନକୁ ଯିବ ବୋଲି ସଂଘର ଜଣେ ବରିଷ୍ଠ ସଦସ୍ୟ ସୂଚନା ଦେଇଛନ୍ତି। ଉପରୋକ୍ତ ଦୁଇ ଟ୍ରକ ମାଲିକ ସଂଘରେ ପ୍ରାୟ ୭ ହଜାର ଗାଡି ରହିଛି। ସଂଘର ପ୍ରମୁଖ କର୍ମକର୍ତ୍ତା ଭିନ୍ନ ଭିନ୍ନ ରାଜନୈତିକ ଦଳର ଜଣାଶୁଣା ଚେହେରା। ସେଥିପାଇଁ ଉକ୍ତ ନିର୍ବାଚନ ସବୁବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥାଏ। ଉପରୋକ୍ତ ୨ ସଂଘ ଓ ଜଗତ୍‌ସିଂହପୁର ଜିଲା ଟ୍ରକ ମାଲିକ ସଂଘକୁ ନେଇ ଜେସିସି(ଜଏଣ୍ଟ କୋଅର୍ଡିନେସନ କମିଟି) ଗଠନ କରାଯାଇଛି। ଜେସିସି ପକ୍ଷରୁ ସପ୍ତାହେ ପୂର୍ବେ ଟ୍ରକରେ ପେଟକୋକ୍ ପରିବହନ ଦାବିରେ ତୈଳ ବିଶୋଧନାଗାର ଆଗରେ ଧାରଣା ଦିଆଯାଇଥିଲା। ଏହାକୁ ପ୍ରାକ୍ ନିର୍ବାଚନ ପାଇଁ ରଣନୀତି ବୋଲି କେତେଜଣ ସଦସ୍ୟ ସେତେବେଳେ କହିଥିଲେ। ଆସନ୍ତାବର୍ଷ ଫେବୃୟାରୀରେ ଓମ୍ଫାର କର୍ମକର୍ତ୍ତା ନିର୍ବାଚନ ହେବ। ସେଥିପାଇଁ ୨ ମାସ ପୂର୍ବରୁ କର୍ମକର୍ତ୍ତା କାର୍ଯ୍ୟକାଳ ସରିବ। ଏହି ସଂଘ ସହ ପ୍ରାୟ ୫୦ ହଜାର ଲୋକ ଜଡିତ ଅଛନ୍ତି। ପାରାଦୀପ ବନ୍ଦର ଲେବର ଟ୍ରଷ୍ଟି ପଦବୀ ୩୧ ମାର୍ଚ୍ଚ ୨୦୧୯ ରୁ ଖାଲି ପଡିଛି। ୨୦୧୯ରେ ସାଧାରଣ ନିର୍ବାଚନ ଯୋଗୁ ଏହା ହୋଇ ନ ଥିଲା। ଏହାପରେ କରୋନା କଟକଣା ଯୋଗୁ ବନ୍ଦ ରହିଥିଲା। ଏବେ କଟକଣା କୋହଳ ହେବାପରେ ଲେବର ଟ୍ରଷ୍ଟି ନିର୍ବାଚନ ହେବା ସମ୍ଭାବନା ସୃଷ୍ଟି ହୋଇଛି। କିନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେଭଳି କୌଣସି ଘୋଷଣା ଏପର୍ଯ୍ୟନ୍ତ କରାଯାଇନାହିଁ। ଉକ୍ତ ନିର୍ବାଚନରେ ବନ୍ଦର ସହ ଜଡିତ ୧୨ ଟ୍ରେଡ ୟୁନିୟନ ଭାଗ ନେଇଥାନ୍ତି। ନିର୍ବାଚନକୁ ଆଖିଆଗରେ ରଖି କେତେକ ୟୁନିୟନ ସେମାନଙ୍କ ଜାତୀୟ କାର୍ଯ୍ୟକାରିଣୀ ବୈଠକ ପାରାଦୀପରେ ଆୟୋଜନ କରିଛନ୍ତି। ଏହାବାଦ୍ ୧୨ରୁ ଊର୍ଦ୍ଧ୍ୱ ସୋସାଇଟି କର୍ମକର୍ତ୍ତା ନିର୍ବାଚନ ଆସନ୍ତା ମାର୍ଚ୍ଚ ମଧ୍ୟରେ ହେବା ସମ୍ଭାବନା ରହିଛି। କରୋନା କଟକଣା ଏବେ ଭଳି କୋହଳ ରହିଲେ ନିର୍ବାଚନ ହେବ ବୋଲି ଜଣେ ସୋସାଇଟି ମୁଖ୍ୟ କହିଛନ୍ତି।

ଏ ସମ୍ପର୍କରେ ଆଇନଜୀବୀ ଗତିକୃଷ୍ଣ ଶତପଥୀ କୁହନ୍ତି, ଆଗକୁ ଏକାଧିକ ନିର୍ବାଚନ ଥିବାରୁ ରାଜନୈତିକ ଦଳଠାରୁ ଆରମ୍ଭ କରି ବିଭିନ୍ନ ସଂଘ ପକ୍ଷରୁ ପରସ୍ପର ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ବନ୍ଦର ନଗରୀରେ ଆର୍ଥିକ କାରବାର ଅଧିକ ହେଉଥିବାରୁ ଏନେଇ ରାଜନୈତିକ ଗତିବିଧି ତୀବ୍ର ହୋଇଯାଇଛି।

### ଗ୍ରାମାଞ୍ଚଳ ନିଯୁକ୍ତି ବଢ଼ାଇବ ଏମ୍ଏସ୍ଏମ୍ଇ

ଦେଶର ଅର୍ଥ ବ୍ୟବସ୍ଥାକୁ ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହି ଆସିଛି। କୋଭିଡ ଯୋଗୁ ଏହି କ୍ଷେତ୍ର ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି। ଏହାର ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ଏହା ଟ୍ରାକ୍‌କୁ ଫେରିଲେ ଗ୍ରାମାଞ୍ଚଳ ନିଯୁକ୍ତିକୁ ବଢ଼ାଇବା ଦିଗରେ କାର୍ଯ୍ୟ କରିବ। ଦେଶର ପ୍ରାୟ ୫୭% କମ୍ପାନୀ ଏଭଳି ବିଶ୍ୱାସ ରଖିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଜିନିୟସ କନ୍‌ସଲ୍‌ଟାଣ୍ଟ ପକ୍ଷରୁ ପ୍ରକାଶିତ 'ସଡନ ରାଇଜ ଅଫ ରୁରାଲ ଅନଏମ୍ପ୍ଲୟମେଣ୍ଟ' ଶୀର୍ଷକ ରିପୋର୍ଟରେ କରୋନା ଦ୍ୱାରା କ୍ଷତିଗ୍ରସ୍ତ ଏମ୍ଏସଏମ୍ଇଗୁଡ଼ିକର ସ୍ଥିତି ଉପରେ ଗୁରୁତ୍ୱାରୋପ କରାଯାଇଛି।

# ଓଡ଼ିଶାରେ ଉପସ୍ଥିତି ଦୃଢ଼ କରୁଛି ଟିଭିଏସ୍

**ଭୁବନେଶ୍ୱର,୧୭।୯(ବ୍ୟୁରୋ)**

ଦୁଇ ଚକିଆ ଏବଂ ୩ ଚକିଆ ଯାନ କ୍ଷେତ୍ରରେ ପ୍ରମୁଖ କମ୍ପାନୀ ଟିଭିଏସ୍ ମୋଟର କମ୍ପାନୀ ଓଡ଼ିଶାରେ ଏହାର ଉପସ୍ଥିତିକୁ ଦୃଢ଼ କରୁଛି। କମ୍ପାନୀ ପକ୍ଷରୁ ଭୁବନେଶ୍ୱର ଖଣ୍ଡଗିରି ଛକଠାରେ ନୂଆ ଡିଲରଶିପ 'ରିତା ଟିଭିଏସ୍' ଶୁକ୍ରବାର ଶୁଭାରମ୍ଭ ହୋଇଛି। କମ୍ପାନୀର ବିକ୍ରି ବିଭାଗ ଉପସଭାପତି ୟୁ.ବି.ପାଣ୍ଡେ, ପୂର୍ବାଞ୍ଚଳ ଏବଂ ୟୁପି ଜୋନର ନ୍ୟାଶନାଲ ସେଲସ ମ୍ୟାନେଜର ଅରବିନ୍ଦ ଗୁପ୍ତା, ରିତା ଟିଭିଏସ୍‌ର ସ୍ୱତ୍ତ୍ୱାଧିକାରୀ ଦିପକ ସ୍ୱାଇଁ ଉପସ୍ଥିତ ରହି ଏହାର ଉନ୍ମୋଚନ କରିଥିଲେ। ନୂଆ ଡିଲରଶିପରେ ବିକ୍ରି, ସର୍ଭିସ ଏବଂ କମ୍ପାନୀର ପାର୍ଟସ ଗ୍ରାହକ ଲାଭ କରିପାରିବେ। ଏଠାରେ ସ୍ୱୟଂକ୍ରିତ ସର୍ଭିସ ଶପ୍ ଏବଂ ସ୍ପେଶାଲ ପାର୍ଟସ କାଉଣ୍ଟର ମଧ୍ୟ ରହିଛି। ଏହି ଅବସରରେ ନୂଆ 'ରେଡର' ମଡେଲକୁ ମଧ୍ୟ ବଜାର ପ୍ରବେଶ କରାଯାଇଥିଲା। ନୂଆ ଡିଲରଶିପ୍ ଦ୍ୱାରା ରାଜ୍ୟରେ ଟିଭିଏସ୍ ମୋଟର କମ୍ପାନୀର ଟଚ୍ ପଏଣ୍ଟ ୩୬ରେ ପହଞ୍ଚିଛି। ଦୀର୍ଘ ୧୦୦ ବର୍ଷର ବିଶ୍ୱାସ ସହ କମ୍ପାନୀ ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଆସୁଛି। ନିରନ୍ତର ଭିତ୍ତିରେ ପ୍ରଡକ୍ଟରେ ଅଭିନବତ୍ୱ, ଗୁଣବତ୍ତାକୁ ସର୍ବୋଚ୍ଚ ଗୁରୁତ୍ୱ ଏବଂ ଅନ୍ତର୍ଜାତୀୟ ମାନର ପ୍ରଡକ୍ଟ ଯୋଗାଣ ଉପରେ ବିଶ୍ୱାସ ରଖାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।


ନୂଆ ରେଡର ମଡେଲକୁ ଉନ୍ମୋଚନ କରୁଛନ୍ତି ୟୁ.ବି. ପାଣ୍ଡେ।

**ଭୁବନେଶ୍ୱରରେ ନୂଆ ଡିଲରଶିପ ରିତା ଟିଭିଏସ୍**

# ଖାଉଟିଙ୍କ ଆତ୍ମବିଶ୍ୱାସ ଶୀଘ୍ର ଫେରିବ: ପାଣ୍ଡେ

**ମହାମାରୀ ଦ୍ୱାରା ଦେଶର ଘରୋଇ ବଜାର ସମେତ ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ଚାପରେ ରହିଛି। ଗ୍ରାହକ ସମସ୍ୟାରେ ରହିଥିବା ବେଳେ କମ୍ପାନୀଗୁଡ଼ିକର ବିକ୍ରିରେ ବ୍ୟାପକ ଭାବେ ହ୍ରାସ ହୋଇଛି। ବିକ୍ରି ଧାରା ଏବେ ଯାଏ ସ୍ୱାଭାବିକ ହୋଇନାହିଁ। କଟକଣା କୋହଳ ହୋଇଥିବା ବେଳେ କାରବାର ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି। ଏଭଳି ସ୍ଥିତିରେ ଟିଭିଏସ୍‌ର କାର୍ଯ୍ୟପନ୍ଥା ନେଇ କମ୍ପାନୀର ବିକ୍ରି ବିଭାଗ ଉପସଭାପତି ୟୁ.ବି. ପାଣ୍ଡେଙ୍କ ସହ ଧରିତ୍ରୀର ସତ୍ୟାନନ୍ଦ ସହ ସାକ୍ଷାତ୍‌କାର...**

**➩ନିୟୁ ନର୍ମାଲରେ କାରବାରକୁ କିଭଳି ଦେଖୁଛନ୍ତି?**

☛ କୋଭିଡ-୧୯ ମହାମାରୀ ଗ୍ରାହକଙ୍କ ମନୋଭାବକୁ ଶକ୍ତ ଧକ୍କା ଦେଇଛି। ଏଥିଲାଗି ଗତ ୨ଟି ଲକଡାଉନରେ କାରବାର ପ୍ରଭାବିତ ହୋଇଛି। ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ କଟକଣା ଯୋଗୁ ଶିଳ୍ପ କ୍ଷେତ୍ର ସଙ୍କଟ ସମୟ ଦେଇ ଗତି କରୁଛି। କୋଭିଡ୍‌ର ଦ୍ୱିତୀୟ ଲହର ବିଶେଷ ଭାବେ ଲୋକଙ୍କୁ କ୍ଷତିଗ୍ରସ୍ତ କରିଛି। ଲୋକଙ୍କ ଆୟ, ନିଯୁକ୍ତି, ଖାଉଟିଙ୍କ ଆତ୍ମ ବିଶ୍ୱାସକୁ ଶକ୍ତ ଧକ୍କା ଲାଗିଛି। ଲୋକଙ୍କ ନିରାପତ୍ତା ବର୍ତ୍ତମାନ ନିୟୁ ନର୍ମାଲ ଭାବେ ବିଶେଷ ଗୁରୁତ୍ୱ ବହନ କରୁଛି। ବର୍ତ୍ତମାନ କଟକଣା କୋହଳ ହେଉଥିବା ବେଳେ ଟିକାକରଣ ତ୍ୱରାନ୍ୱିତ ହେଉଥିବାରୁ ବଜାରର ସ୍ଥିତି ସ୍ୱାଭାବିକ କରିବାରେ ଏହା ସହାୟକ ହେଉଛି। ଆମ କାରବାର କୋଭିଡ୍ ପୂର୍ବ ତୁଳନାରେ ବର୍ତ୍ତମାନ ପ୍ରାୟ ୮୫ରୁ ୯୦% ଯାଏ ଫେରିଲାଣି। ଏହି ଧାରା ଆହୁରି ଉନ୍ନତ ହେବା ନେଇ ଅଶା ରଖିଛୁ। ତୃତୀୟ ଲହର ନ ଆସିଲେ ଜାନୁୟାରୀ ଫେବୃୟାରୀ ବେଳକୁ ଖାଉଟିଙ୍କ ଆତ୍ମ ବିଶ୍ୱାସ ଫେରିଆସିବ। ମାର୍ଚ୍ଚ ଏପ୍ରିଲ ବେଳକୁ ବିଜନେସ୍ ୯୦ରୁ ୯୫% ପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନ କରିପାରେ।

**➩ଆଉ କିଛି ନୂଆ ମଡେଲ ଯୋଡ଼ିବେକି । ଓଡ଼ିଶା ବଜାରରେ ଆପଣଙ୍କ ସ୍ଥିତି କିଭଳି ରହିଛି?**

☛ ହଁ । ଚଳିତ ଆର୍ଥିକ ବର୍ଷ ଆଉ ୨ ନୂଆ ମଡେଲ ଯୋଡିବା ନେଇ ଯୋଜନା ରହିଛି। ଉଭୟ ମୋଟର ସାଇକେଲ ଏବଂ ସ୍କୁଟର ବର୍ଗରେ ଏହା ଆସିବ। ଓଡିଶାରେ ଆମେ ୧୫% ବଜାର ଅଂଶ ହାସଲ କରିଛୁ।

**➩ ଇ-ଯାନ ନେଇ ଆପଣଙ୍କ କମ୍ପାନୀ କିଛି ଯୋଜନା ରଖିଛି କି?**

☛ ନିଶ୍ଚିତ। ଆମେ ଇ-ଯାନ ଉପରେ ବର୍ତ୍ତମାନ କାମ କରୁଛୁ। ୟୁରୋପ ବଜାରରେ ପ୍ରବେଶ ଲାଗି ସୁଇସ୍ କମ୍ପାନୀ ଇକୋ ମୁଭମେଣ୍ଟର ସିଂହଭାଗ ଅଂଶଧନକୁ ଟିଭିଏସ୍ ଅଧିଗ୍ରହଣ କରିଛି। ଭାରତ ପାଇଁ ମଧ୍ୟ ଯୋଜନା ରଖାଯାଇଛି। କମ୍ପାନୀର ନିଜସ୍ୱ ମାନୁଫାକ୍‌ଚରିଂ ୟୁନିଟ ରହିଛି। ଠିକ୍ ସମୟ ଆସିଲେ ବିସ୍ତୃତ ଯୋଜନା ସମ୍ପର୍କରେ କମ୍ପାନୀ ଘୋଷଣା କରାଯିବ।

**➩ସରକାର ଘୋଷଣା କରିଥିବା ୨୬ ହଜାର କୋଟିର ପିଏଲ୍ଆଇ ସ୍କିମ ଇ-ଯାନ ଶିଳ୍ପ ଲାଗି କିଭଳି ସହାୟକ ହେବ?**

☛ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଇ-ଯାନ ଶିଳ୍ପକୁ ଉତ୍ସାହିତ କରିବ ବୋଲି ଆଶାବାଦି। ଆଗାମୀ ଦିନରେ ଇଭିର ଗ୍ରହଣୀୟତା ଏବଂ କମ୍ପାନୀଙ୍କ ନିରନ୍ତର କାରବାର ଧାରା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବର୍ତ୍ତମାନ ଏ ନେଇ ଠିକ୍ ଭାବେ କିଛି ଅନୁମାନ ଲଗାଇ ହେବନି। ଏ ଦିଗରେ ଆହୁରି ଅନେକ କାମ କରିବାକୁ ପଡିବ। ସରକାର କିଭଳି କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

# ନାଲ୍‌କୋ ବକ୍ସାଇଟ ଖଣି ପୁରସ୍କୃତ

**ଭୁବନେଶ୍ୱର,୧୭।୯**



ନାଲ୍‌କୋର ପଞ୍ଚପଟ୍ଟମାଳି ବକ୍ସାଇଟ୍ ଖଣିକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମ୍ମାନ ଜନକ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ ପୁରସ୍କାର-୨୦୨୧ ପ୍ରଦାନ କରାଯାଇଛି। ସ୍ଥାନୀୟ ନୀଳକଣ୍ଠନଗରସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସମାରୋହରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ସମ୍ମାନ ଜନକ ପୁରସ୍କାରକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ କମ୍ପାନୀ ନାଲକୋର ଖଣି ଟିମ୍‌କୁ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସିଏମ୍‌ଡି ଶ୍ରୀଧର ପାତ୍ର ଖଣି ଟିମକୁ ଅଭିନନ୍ଦନ ଜଣାଇବା ସହ ଉନ୍ନତ ପରିବେଶ ପରିଚାଳନା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପାତ୍ର ଉଚ୍ଚ ପ୍ରଶଂସା କରିଥିଲେ।

# ଏଲ୍ଆଇସିର ନୂଆ ପ୍ରଗତି ଆପ୍



**ନୂଆଦିଲ୍ଲୀ,୧୭।୯**

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ପକ୍ଷରୁ ଶୁକ୍ରବାର ନୂତନ ମୋବାଇଲ ଆପ୍ 'ପ୍ରଗତି'ର ଶୁଭାରମ୍ଭ କରାଯାଇଛି। ଏହି ଆପ୍ ବିଶେଷ କରି ସଂସ୍ଥାର ଡେଭଲପମେଣ୍ଟ ଅଫିସରମାନଙ୍କ ପାଇଁ କରାଯାଇଛି। ଏହା ଜରିଆରେ ଅଧିକାରୀମାନେ ସେମାନଙ୍କର ବିଭିନ୍ନ କାର୍ଯ୍ୟ ଓ ତା'ର ସମୀକ୍ଷା ଆଦି କରିପାରିବେ ବୋଲି ଏଲ୍ଆଇସି ପକ୍ଷରୁ କୁହାଯାଇଛି। ଏହି ଆପ୍‌ର ଶୁଭାରମ୍ଭ ଅବସରରେ ଏଲ୍ଆଇସି ଅଧ୍ୟକ୍ଷ ଏମ୍.ଆର୍. କୁମାର, ନିଗମର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମୁକେଶ ଗୁପ୍ତାଙ୍କ ସମେତ ରାଜ୍ କୁମାର ଏବଂ ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏକ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଆପ୍ 'ପ୍ରଗତି' ଜରିଆରେ ନିଗମର ଅଧିକାରୀମାନେ ବିଶେଷ କରି ସଂସ୍ଥାର ବାଣିଜ୍ୟକ କାର୍ଯ୍ୟକଳାପ ଯଥା ପ୍ରିମିୟମ ସଂଗ୍ରହ, ଏଜେଣ୍ଟ ଆକ୍ଟିଭେସନ, ପ୍ରସେପେକ୍ଟିଭ ଏମ୍‌ଡିଆରଟି କାର୍ଯ୍ୟକଳାପ ସହିତ ସଂସ୍ଥାର ବିଭିନ୍ନ ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଓ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ବରିଷ୍ଠ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସାନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 9432985505
Whatsapp : 9953557897

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁର୍‌ସତ୍

# ପ୍ରଦୂଷଣ କମାଇବ ବାଉଁଶ

**ମ**ଣିଷ ସଭ୍ୟତା ଆରମ୍ଭରୁ ବାଉଁଶର ଯାତ୍ରା ଆରମ୍ଭ ହୋଇଛି। ଯେବେଠୁଁ ମଣିଷ ସ୍ଥାୟୀ ଭାବେ ଘର କରି ରହିବା ଆରମ୍ଭ କଲା, ସେବେଠାରୁ ବାଉଁଶ ଆବଶ୍ୟକ ସାମଗ୍ରୀ ମଧ୍ୟରେ ସାମିଲ ହୋଇ ଯାଇଥିଲା। ଶିକାର କରିବାରେ ବାଉଁଶ ଧନୁତୀର ସହିତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ହୋଇଥିଲା, ଯାହାକି ମନୁଷ୍ୟର ଖାଦ୍ୟ ଆବଶ୍ୟକତା ମେଣ୍ଟାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭେଳା ତିଆରି କରି ନଦୀ ପାର କରିବାରେ ବାଉଁଶର ବ୍ୟବହାର ମଧ୍ୟ କରାଯାଉଥିଲା। ସେହିପରି ବାସସ୍ଥାନ ନିର୍ମାଣର ବହୁ କ୍ଷେତ୍ରରେ ବାଉଁଶକୁ ବ୍ୟବହାର କରିବା ଆରମ୍ଭ ହୋଇଥିଲା। ଏବେ ବି ଗାଁ ଗଣ୍ଡାରେ ନଡ଼ାଛପର ଘରେ ବାଉଁଶର ଉପଯୋଗ କରାଯାଉଛି। ବାଉଁଶ ବିନା ନଡ଼ାଛପର ଘର ତିଆରି କରିବା ସମ୍ଭବ ନୁହେଁ। ସେହିପରି ବନ୍ୟାରେ ନଦୀବନ୍ଧରେ ଅତଡ଼ା ଖସିଲେ ବାଉଁଶ ବାଡ଼ରେ ବାଲିବସ୍ତା ପକାଇ ଏହାକୁ ରୋକାଯାଏ। ବାଉଁଶ ଖାଦ୍ୟ, ବାସଗୃହ, ସୁରକ୍ଷା ପ୍ରଦାନ କରିବା ସହିତ ଏକ ଅର୍ଥକରୀ ଗଛର ଭୂମିକା ଗ୍ରହଣରେ ଅତୁଳନୀୟ ସାବ୍ୟସ୍ତ ହୋଇପାରିଛି। ପ୍ରାଚୀନ କାଳରୁ ଆରମ୍ଭ କରି ଏପର୍ଯ୍ୟନ୍ତ ବାଉଁଶ ମଣିଷର ଅତି ଆପଣାର ହୋଇ ରହିଛି। ତେଣୁ ବାଉଁଶ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୱାର୍ଲ୍ଡ ବାମ୍ବୋ ଅର୍ଗାନାଇଜେଶନ ଗଠନ କରାଯାଇଥିଲା। ଏହାର ସଂରକ୍ଷଣ ଲାଗି ୨୦୦୯ ବ୍ୟାଙ୍କକର ୮ମ ୱାର୍ଲ୍ଡ ବାମ୍ବୋ ସମ୍ମିଳନୀରେ ସେପ୍ଟେମ୍ବର ୧୮କୁ 'ବିଶ୍ୱ ବାଉଁଶ ଦିବସ' ଭାବେ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ପରିବେଶ ବିଜ୍ଞାନୀଙ୍କ ମତାନୁସାରେ, ବାଉଁଶରୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରାଗଲେ ପ୍ରଦୂଷଣ ମାତ୍ରା ହ୍ରାସ ପାଇପାରିବ। ଏହା ସହିତ ବାଉଁଶ ଦ୍ୱାରା ଭାରତ ଭଳି ଦେଶର ଆର୍ଥିକ ବିକାଶ ମଧ୍ୟ ସମ୍ଭବ ହୋଇପାରିବ।



**ଆଜି 'ବିଶ୍ୱ ବାଉଁଶ ଦିବସ'**

# ମାଗଣାରେ ଗୁପ୍‌ଚୁପ୍

**ଭୋପାଳ:** ମାଗଣାରେ ମିଳୁଛି ଗୁପ୍‌ଚୁପ୍। ଏମିତି ଏକ ଖବର ଶୁଣି ଦୋକାନ ଆଗରେ ଲାଗିଗଲା ପ୍ରବଳ ଭିଡ଼। ଦୋକାନୀ ଜଣକ ବି ବେଶ୍ ଖୁସିରେ ସମସ୍ତଙ୍କ ପାଇଁ ମାଗଣା ଗୁପ୍‌ଚୁପ୍ ଖାଇବାର ବ୍ୟବସ୍ଥା କରିଦେଲେ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ମଧ୍ୟପ୍ରଦେଶର ଭୋପାଳରେ। ଝିଅ ଜନ୍ମହେବା ଖୁସିରେ ଗୁପ୍‌ଚୁପ୍ ଦୋକାନୀ ମାଗଣାରେ ବାଣ୍ଟିଦେଲେ ୪୦ ହଜାର ଟଙ୍କାର ଗୁପ୍‌ଚୁପ୍। ଏବେ ବି ଏମିତି କେତେଜଣ ଅଛନ୍ତି, ଯେଉଁମାନେ ଝିଅଟିଏ ଜନ୍ମହେଲେ ବୋଝ ବୋଲି ଭାବନ୍ତି। ଲୋକଙ୍କର ଏଭଳି ଭାବନା ଯୋଗୁ ଏବେ ଦେଶର ବିଭିନ୍ନ ଅଞ୍ଚଳରେ କନ୍ୟା ସନ୍ତାନ ହାରରେ ବହୁ ତାରତମ୍ୟ ଦେଖିବାକୁ ମିଳୁଛି। କିନ୍ତୁ କନ୍ୟା ସନ୍ତାନକୁ ରତ୍ନଟିଏ ଭାବନ୍ତି ମଧ୍ୟପ୍ରଦେଶ ଭୋପାଳର କୋଲାର ଅଞ୍ଚଳରେ ଥିବା ଗୁପ୍‌ଚୁପ୍ ଦୋକାନୀ ଅଞ୍ଚଳ ଗୁପ୍ତା। ଝିଅ ଜନ୍ମ ହୋଇଥିବାରୁ ସେ ଏତେ ଖୁସି ହୋଇ ଯାଇଥିଲେ ଯେ, ଦିନକ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଗୁପ୍‌ଚୁପ୍ ଦେବେ ବୋଲି ଘୋଷଣା କରିଥିଲେ।



# ଟ୍ରୋଲ୍ ହେଲେ ନୋରା

**ମୁମ୍ବାଇ:** ଅଭିନୟ ପାଇଁ ସେ ଯେତିକି ଚର୍ଚ୍ଚାକୁ ଆସନ୍ତି ନାହିଁ ତା'ଠାରୁ ବେଶୀ ତାଙ୍କ ଡ୍ୟାନ୍ସରେ ସମସ୍ତଙ୍କୁ ଦିୱାନା କରିଥାନ୍ତି। ସୁଦୂର କାନାଡାରୁ ଆସି ଏବେ ବଲିଉଡ୍‌ରେ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଥିବା ନୋରା ଫତେହି ଏବେ ଖୁବ୍ ଚର୍ଚ୍ଚାରେ। ସୋସିଆଲ ମିଡିଆରେ ଆକ୍ଟିଭ ରହୁଥିବା ଏହି ଡ୍ୟାନ୍ସିଂ କୁଇନ୍ ତାଙ୍କର ଫଟୋ ଓ ଭିଡିଓକୁ ନେଇ ବି ଚର୍ଚ୍ଚାକୁ ଆସିଥାଆନ୍ତି। ନିକଟରେ ସେ ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯାହାକୁ ନେଇ ସେ ଏବେ ଟ୍ରୋଲ୍ ହୋଇଛନ୍ତି। ସେ ଏକ ହ୍ୱାଇଟ କଷ୍ଟ୍ୟୁମରେ ପୋଜ୍ ଦେଇଛନ୍ତି, ଯେଉଁଥିରେ ତାଙ୍କର କ୍ଲିଭେଜ ସ୍ପଷ୍ଟ ଭାବେ ବାରିହୋଇ ପଡୁଛି। ଏହାକୁ ଦେଖିବା ପରେ କେତେଜଣ ସୋସିଆଲ ମିଡିଆ ୟୁଜର୍ସ କହିଛନ୍ତି ନୋରା ଆବଶ୍ୟକତାଠାରୁ ଅଧିକ ଗ୍ଲାମରସ୍ ଲାଗୁଛନ୍ତି। ସେ ଆଉ ଆଗଭଳି ନାହାଁନ୍ତି। ତାଙ୍କର ବୋଲ୍ଡନେସ୍ ଏବେ ସବୁ ସୀମା ଅତିକ୍ରମ କଲାଣି । ଏମିତି ଭାବେ ଟ୍ରୋଲ୍ ହୋଇଛନ୍ତି ଏହି ଡ୍ୟାନ୍ସିଂ କୁଇନ୍ ନୋରା ଫତେହି।


**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**

ଂ ପ୍ରଦିପ୍ତ କୁମାର ମହାନ୍ତି
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ଆମ ଜୀବନର ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି।
ରାନୁ (ପତ୍ନୀ), ମିଟୁ,ଗଣ୍ଡୁ (ପୁତୁରା), ମାମୁନି (ଝିଅ), ପବନ (ଜ୍ୱାଇଁ), ବବ୍‌ଲୁ (ନାତି), କୁବୁଲି (ନାତୁଣୀ), ନୂଆବୋଉ, ଭଉଣୀମାନେ, ବବି, ବୁଲି (ପୁତୁରା ବୋହୂ) ଓ ଆତ୍ମୀୟସ୍ୱଜନ
ଧ-୨୧୬୬୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**

ଂସୁକାନ୍ତ ଚୌଧୁରୀ
ମାଧପୁର, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୮।୦୬।୧୯୫୪
ତିରୋଧାନ: ୨୯।୦୮।୨୦୨୦
ଶ୍ରବଣ ଓ ବାକ୍‌ଶକ୍ତି ବାଧିତ ହୋଇ ମଧ୍ୟ ଆପଣ ନିଜର ଅଦମନୀୟ ଉତ୍ସାହ ଓ ପରିଶ୍ରମ ବଳରେ ଉଭୟ କ୍ରୀଡ଼ାକର୍ମ କ୍ଷେତ୍ରରେ ଯେଉଁ ସଫଳତାର ଶୀର୍ଷକୁ ଛୁଇଁଛନ୍ତି, ତାହା କେବଳ ଆମ ପାଇଁ ନୁହେଁ, ଉତ୍ତର ପିଢ଼ି ପାଇଁ ମଧ୍ୟ ପ୍ରେରଣାଦାୟୀ ହୋଇ ରହିବ ।
ଶୋକସନ୍ତପ୍ତ ଚୌଧୁରୀ ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୧୬୬୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ସୁଶାନ୍ତ କୁମାର ବେହେରା (ବାପି)
ଚୌଦ୍ୱାର, କପାଳେଶ୍ୱର
ଜନ୍ମ: ବୈଶାଖ (ପ୍ରତିପଦା)
ଦେହାନ୍ତ: ଭାଦ୍ରବ (ସୁନିଆ)
ମୋର ଏକୋଇରବଳା ବିଶିକେଶନ। ମୋ ବାପୁନୀ ଜୀବନ ମୋର, ତୋ ଲାଗି ଘର ଅନ୍ଧାର। ଜୀବନର ସୁଖ ଜାଣିନି ମୋ ବାପା, ଈଶ୍ୱର ତତେ ନେଇଗଲେ। ତୋ ବୋଉ ବାପା, ଭଉଣୀ ସବୁଦିନ ପାଇଁ କାନ୍ଦୁଛନ୍ତି। ତୋ ଫୋନ୍, ତୋ ଆସିବା ବାଟକୁ ତୋ ମାଆ ଚାହିଁ ବସିଛି। ଈଶ୍ୱର ତୋ ଆତ୍ମା ସଦ୍‌ଗତି କରି ପୁନର୍ଜନ୍ମ ହେଉ। ଏତିକି ପ୍ରାର୍ଥନା କରୁଛୁ। ଯୋଉଠି ଜନ୍ମ ନେଇଛୁ ଭଲରେ ଥାଆ। ତୋ ବାପା, ବୋଉ, ଭଉଣୀର ଆଶୀର୍ବାଦ, ସ୍ନେହ ସବୁବେଳେ ରହିଛି।
ଇତି ତୋର ବାପା, ବୋଉ, ଭଉଣୀ ।
ଧ-୭୦୩୫୩

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ ସ୍ମୃତିରଞ୍ଜନ ମିଶ୍ର (ପପୁ)
ତଡାସରାମହଂସପୁର, ଚନ୍ଦନପୁର, ପୁରୀ
ଆବିର୍ଭାବ: ୨୩।୦୭।୧୯୮୭ (ଶ୍ରାବଣ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୨୬।୦୯।୨୦୧୫ (ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ)
ତୋର ଅମର ଆତ୍ମା ସଦ୍‌ଗତି ଲାଭ କରୁ। ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୧୬୭୩

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ଂ ନିରଞ୍ଜନ ରାୟ
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ : ୦୪.୦୯.୨୦୧୭ (ଶୁକ୍ଳପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୨୧୬୬୬




## ଭୋଦୁଅ

ଭୋଦୁଅ ଆସିଛି ହସୁଛି ଧରା
ପେଡ଼ି ଲୁଗା ଖରା ଖାଇବ ପରା
କହିଲେ ଆଈ
ସାଦା ପାନ ଖଣ୍ଡେ ପାଟିରେ ଖାଇ।
ରବିବାର ଦିନ ଖୁଦୁରୁକୁଣୀ
ଭୁଲିବନି ମୋ'ର ଗେହ୍ଲୀ ନାତୁଣୀ
ପାଟକୁ ଯିବ
ଓଷାପାଇଁ କଇଁ ତୋଳି ଆଣିବ।
କ୍ଷେତରେ ହସଇ ଶାରଦ ଧାନ
ଶୁଭେନି ବେଙ୍ଗୁଲୀ କଟର ତାନ।
କାଶତଣ୍ଡୀଟି
ଫୁଟି ଦେଉଅଛି ଧରା ମଣ୍ଡିଟି।

*– ନୀଳମଣି ଚାନ୍ଦ, ୨୭, ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*

## ଚଷାଭାଇ

ଚଷାଭାଇ ପରା ବଞ୍ଚାଇଛି ଧରା
ପେଟକୁ ଆହାର ଦେଇ,
ଏଇ ଦୁନିଆର ନୂତନ ବିଧାଣି
ଉପକାରୀ ମିତ ସେଇ।
ନ ଖାଇ ନ ପିଇ କାମେ ଲାଗି ଜାଗି
ଫଳାଉଛି କ୍ଷେତେ ସୁନା,
ତା'ଲାଗି ସଂସାରୁ ଅଭାବ କଷଣ
ସବୁ ହେଇଯାଏ ଚୂନା।
ତଥାପି ବରଷା ଖରା ଶୀତ ଦାଉ
ନ ମାନି କରଇ କାମ,
ବଢ଼ାଏ ସେ ଟେକ ଯଶ ପଉରୁଷ
ଏଇ ଦୁନିଆରେ ଆମ।
ଦୁନିଆକୁ ଯିଏ ଦଉଚି ଆହାର
ସେ ତ ଆମ ଚଷାଭାଇ,
ପୋଛିଦେବା ତା'ର ଆଖି ଲୁହଧାର
ମିଠା ମିଠା ଗୀତ ଗାଇ।
ଭଲ ପାଠ ପଢ଼ି ସୁନାଦେଶ ଗଢ଼ି
ସଭିଙ୍କୁ ବାଣ୍ଟିବା ସୁଖ
କ୍ଷେତରେ ଫଳାଇ ଅମାପ ଫସଲ
ହଟାଇବା ଦେଶୁ ଦୁଃଖ।

*– ପ୍ରଶାନ୍ତ କୁମାର ଦାଶ, କୁଞ୍ଜର, ସଙ୍ଗଳାଇ, ପିପିଲି, ପୁରୀ*

## ଶରତ ଆସୁଛି

ଶରତ ଆସୁଛି ମରତ ହସୁଛି
କାଶତଣ୍ଡୀଫୁଲ ଧୀରେ ନାଚୁଛି,
ବରଷା ସରୁଛି ଶିଶିର ଝରୁଛି
ସୁନାର ଫସଲ ପାଚୁଛି।
ଅନ୍ଧାର ହଟୁଛି ସିନ୍ଦୂରା ଫାଟୁଛି
ଚକମକ ଧରା ଦିଶୁଛି,
ସୂରୁଯ ଉଇଁଛି କିରଣ ଛୁଇଁଛି
ସତେ କି ମାଟିରେ ମିଶୁଛି !
କୁସୁମ ଫୁଟୁଛି ମହକ ଛୁଟୁଛି
ପାରବଣ ରତୁ ବାସୁଛି,
କଳସ ବସୁଛି ମନକୁ ରସୁଛି
ଦୁଃଖ କଷଣକୁ ନାଶୁଛି।
ଓଁକାର ଶୁଭୁଛି କଳୁଷ ଲିଭୁଛି
ଆକାଶୁ ଆଶିଷ ଖସୁଛି
ଶରତ ଆସୁଛି ମରତ ହସୁଛି
ସୁଖର ବୋଇତ ଭାସୁଛି।

*– ଅଧ୍ୟାପକ ଶରତ କୁମାର ଦାସ, ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର*

## ପାଣି ରଖିବା ସାଇତି

କିଏ କହେ ଜଳ, କିଏ କହେ ନୀର
କିଏ କହେ ତାକୁ ପାଣି,
ତା' ବିନୁ ଜଗତେ ବଞ୍ଚେନାହିଁ କେହି
ଉଦ୍ଭିଦ ହେଉ କି ପ୍ରାଣୀ।
ପୃଥିବୀ ପୃଷ୍ଠରେ ଏକଭାଗ ସ୍ଥଳ
ତିନିଭାଗ ପରା ଜଳ,
ମାତ୍ର ଏ ମଣିଷ ଜଳକଷ୍ଟ ଭୋଗି
ହୁଏ ଚହଳବିକଳ।
ଭୂମିରୁ ଆକାଶ, ଆକାଶରୁ ଭୂମି
କରିଥାଏ ଚକ୍ରଗତି,
ତା' ପରଶ ଲଭି ନିଖିଳ ଜୀବନ
ବିକଶିତ ହୁଏ ନିତି।
ଜଳର ବହୁଳେ ନାଶଯାଏ ସୃଷ୍ଟି
ଜଳର ବିହୁନେ ନାଶ,
ଜଳ ଉପକାର ବୁଝିପାରେ ନାହିଁ
ଜୀବଶ୍ରେଷ୍ଠ ଏ ମଣିଷ।
ସାଗରେ ମିଶିଲେ ବୃଷ୍ଟିଜଳ ପୁଣି
ସ୍ଥଳଭାଗ ହୁଏ ଶୂନ୍ୟ,
ଜଳ ସଂରକ୍ଷଣ ନିଶ୍ଚୟ କରିବା
ଜଳ ହିଁ ଆମ 'ଜୀବନ'।
ଆହେ ଶିଶୁଗଣ ! ହୁଅ ସଚେତନ
କରନାହିଁ ଜଳ ନଷ୍ଟ,
ଜଳ ସଂରକ୍ଷଣ ନ କରିବା ଯେବେ
ଭୋଗିବା ନାନାଦି କଷ୍ଟ।

*–ମାଧବୀଲତା ଦେଈ, ଶ୍ରୀମୁଖ, ରେଞ୍ଚ, ନିମାପଡ଼ା*



## ମତାମତ

➤ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ଛୋଟ ଏବଂ ବେଶ୍ ଆକର୍ଷଣୀୟ ହୋଇଥିଲା।
*–କୃଷ୍ଣଚନ୍ଦ୍ର ସାହୁ, ଯାଜପୁର*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି।
*–ଶିବାନୀ ମହାନ୍ତି, ପୁରୀ*

➤'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣିହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।
*–ଅଲେଖ କୁମାର ନାୟକ, ରେଢ଼ାଖୋଲ*

➤ଗତ ସପ୍ତାହରେ ପ୍ରକାଶିତ ବିଜ୍ଞାନ କଥାରେ ସ୍ୱର୍ଣ୍ଣିମ ପ୍ରକ୍ଷେପଣ ଓ ବିଜ୍ଞାନ ସମ୍ପର୍କିତ ବିଷୟରେ ପଢ଼ି ଭଲଲାଗିଲା।
*–ଅଧିରାଜ ମହାନ୍ତି, ବ୍ରହ୍ମପୁର*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ଆକର୍ଷଣୀୟ ହୋଇପାରୁଛି।
*–ଅନିରୁଦ୍ଧ ମିଶ୍ର, କେନ୍ଦ୍ରାପଡ଼ା*

➤ତୁମ ତୂଳୀ ସ୍ତମ୍ଭରେ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଥିଲା।
*–ରଶ୍ମିତା ପଣ୍ଡା, କୋରାପୁଟ*

## ଟଗଲା ଭୀମୁ




## କହିଲ ଦେଖି

ଧଳା ରଙ୍ଗର ଚଢ଼େଇ
ଆକାଶରେ ସିଏ ଉଡ଼ଇ
ଡେଣାକୁ ବାଡ଼େଇ ବାଡ଼େଇ
ଭୋକ ମେଣ୍ଟାଏ ମାଛକୁ ଖାଇ
କିଏ କହିବ ତା' ନାମ ଭାଇ ?
ଉତ୍ତର– **ବଗ**



କଳା ରଙ୍ଗର ଚଢ଼େଇ
ନୀରରେ ସିଏ ବୁଡ଼ଇ
ଜଳରୁ ମୀନ ଆଣଇ
ଭୋକ ମେଣ୍ଟାଏ ତାକୁ ଖାଇ
କିଏ କହିବ ତା' ନାମ ଭାଇ ?
ଉତ୍ତର– **ପାଣିକୁଆ**

ବରଷା ଦେଖିଲେ ନାଚଇ
ବନର ସିଏ ଏକ ଚଢ଼େଇ
ଜାତୀୟ ପକ୍ଷୀ ସେ ଆମର
ସମସ୍ତେ ଜାଣନ୍ତି ଭାରତର
କିଏ କହିବ ନାମ ତାହାର ?
ଉତ୍ତର– **ମୟୂର**



**– ରୋହିତ କୁମାର ମଲିକ,** ଅଣ୍ଡରାଇ, ବୋଡ଼କ, ଭଦ୍ରକ



ଆକାଂକ୍ଷା
୧୦ବର୍ଷ

ଆ
ଇ
ନା

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ବ୍ୟାକ୍ଲିଫ୍ଟରେ ରେକର୍ଡ




ପିଲାମାନେ ତୁମେ ତ ଜାଣିଛ ଆଥ୍ଲେଟ୍ ଓ ସର୍କସ ଖେଳାଳିମାନେ ବାରମ୍ବାର ଅଭ୍ୟାସ କରି ବ୍ୟାକ୍ଲିଫ୍ଟ ପ୍ରଦର୍ଶନ କରିଥା'ନ୍ତି। ବ୍ୟାକ୍ଲିଫ୍ଟରେ ଉପରେ ଝୁଲୁଥିବା ରଶିରେ ଗୋଡ଼ରେ କିମ୍ବା ହାତରେ ଝୁଲି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଲମ୍ଫ ଦେଇଥା'ନ୍ତି। ସେଥିପାଇଁ ବ୍ୟାକ୍ଲିଫ୍ଟ ପ୍ରଦର୍ଶନବେଳେ ଆଥ୍ଲେଟମାନେ ନିଜ କଳା ପ୍ରଦର୍ଶନ କରି ଆଶ୍ଚର୍ଯ୍ୟ କରି ଦେଇଥା'ନ୍ତି। ଗୋଟିଏ ତାରରୁ ଅନ୍ୟ ଏକ ତାରକୁ ଏଭଳି ଭାବେ ହାତ ଓ ଗୋଡ଼ ସାହାଯ୍ୟରେ ଯାଇଥା'ନ୍ତି, ଯାହା ଦେଖିଲେ ବି ବିଶ୍ୱାସ କରିହୁଏନି। ତେବେ ଏଭଳି ବ୍ୟାକ୍ଲିଫ୍ଟରେ ଗିନିଜ୍ ୱାର୍ଲଡ ରେକର୍ଡ କରିଛନ୍ତି ଆମେରିକାର ୱାଟସନ୍। ଧାଡ଼ି ଧାଡ଼ି ହୋଇ ବନ୍ଧା ହୋଇଥିବା ତାରରେ ସେ ଅତିଶୀଘ୍ର ବ୍ୟାକ୍ଲିଫ୍ଟ କରି ଏହି ରେକର୍ଡ କରିଛନ୍ତି। ୫.୮୭ ମିଟର ଦୂରତାରେ ଥିବା ତାରକୁ ଡେଇଁ ସେ ବ୍ୟାକ୍ଲିଫ୍ଟ କରି ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି।

## ତୁମ ପଢ଼ିବା ପାଇଁ

### ପିଲାଙ୍କ ମଜା ଗପ




ପିଲାମାନଙ୍କୁ ଗପ ମାଧ୍ୟମରେ ଅନେକ ଶିକ୍ଷଣୀୟ ଜିନିଷ ବିଷୟରେ ଅବଗତ କରାଯାଇପାରେ। ଏପରି ପ୍ରୟାସ କରାଯାଇଛି ପିଲାମାନଙ୍କ ପାଇଁ ପ୍ରକାଶିତ ଗଳ୍ପ ସଂକଳନ 'ପିଲାଙ୍କ ମଜା ଗପ'ରେ। ଉପାଦେୟ ବିଷୟବସ୍ତୁକୁ ନେଇ ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ଦ୍ୱାରା ରଚିତ ଏହି ଗପଗୁଡ଼ିକ ମଧ୍ୟରୁ ବୁଦ୍ଧିଆ ମୂଷା, ଜେଜେଙ୍କ ସୂତ୍ର, ଯେସାକୁ ତେସା, ଆଶା ପ୍ରଦୀପ, ପରୋପକାର ଆଦିର ଉପସ୍ଥାପନା ପିଲାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ। ଏହି ସଚିତ୍ର ଗଳ୍ପ ସଂକଳନର ମୂଲ୍ୟ ରହିଛି ୪୦ ଟଙ୍କା। **ଯୋଗାଯୋଗ ଠିକଣା :** ଗୋବିନ୍ଦ ଚନ୍ଦ୍ର ମହାରଣା, ମଙ୍ଗଳା ନଗର, ଲେନ୍–୧, ଖୋର୍ଦ୍ଧା, ପିନ୍–୭୫୨୦୫୫।

# ସମସ୍ତେ ଆମର ବନ୍ଧୁ



ଗପ

ଗାଁ ମୁଣ୍ଡରେ କାଳିଆ ଭାଇର ସୁନ୍ଦର ଜମି ଖଣ୍ଡେ। ସେ ସେହିଠାରେ ଧାନଚାଷ ସହ ବିଭିନ୍ନ ପନିପରିବା ଚାଷ କରି ତା' ପରିବାର ପ୍ରତିପୋଷଣ କରେ। ପରିବାର କହିଲେ ତା' ସ୍ତ୍ରୀ ଓ ତା' ପୁଅ ବିକାଶ। ବିକାଶ ଏଇବର୍ଷ ଗାଁ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପଢ଼ୁଛି। କେବେକେବେ କ୍ଷେତରେ ବାପା ହଳ କଲାବେଳେ ମାଆ ସାଙ୍ଗରେ ବାପା ପାଇଁ ପଖାଳ ନେଇ କ୍ଷେତକୁ ଯାଏ।

ଦିନକର କଥା। ଏଇ ଥର ବାପା ଧାନଚାଷ କରିବା ପାଇଁ ଖରଡ଼ି ବତର ଦେଖି ଧାନତଳି ପକାଇଥା'ନ୍ତି। ସେ ଦିନ ସେ କ୍ଷେତକୁ ଯାଇଥାଏ। ଚଢ଼େଇମାନେ ଧାନ ମଞ୍ଜି ଖାଇଯାଉଛନ୍ତି ବୋଲି କାଳିଆ ଭାଇ ହିଡ଼ରେ ଥିବା ବୁଢ଼ା ଡିମିରି ଗଛ ତଳେ ଛାଇରେ ବସି ଚଢ଼େଇମାନଙ୍କୁ ଘଉଡ଼ାଉଥା'ନ୍ତି। ଏସବୁ ଦେଖି ବିକାଶ ପଚାରିଲା– ବାପା, ତମେ ଏ ଚଢ଼େଇମାନଙ୍କୁ କାହିଁକି ଘଉଡ଼ାଉଛ ? ବାପା– ଆରେ ବିକାଶ ତୁ ଏକଥା ଜାଣିନୁ, ଏଠି ପରା ମୁଁ ଧାନତଳି ପକାଇଛି। ଚଢ଼େଇମାନେ ଏସବୁ ଖାଇଗଲେ ଧାନ କ'ଣ ଆଉ ଗଜା ହେବ। ବିକାଶ– ତା'ହେଲେ ଜାଲ ବିଛାଇଦିଅ, ନହେଲେ ଏଠି ବିଷ ଦେଇଦିଅ। ଚଢ଼େଇମାନେ ଏକାଥରକେ ସବୁ ମରିଯିବେ। ତମେ ଆଉ ହଇରାଣ ହେବନି। ମା' କହିଲେ– ଆରେ ନାଇଁରେ ବିକାଶ, ଏହା ଭଲ କାମ ନୁହେଁ। ଆମେ ଯଦି ଜାଲ ବିଛାଇ ଦେବା କି ଏଠାରେ ବିଷ ଦେଇଦେବା, ତା'ହେଲେ ଏଇ ଚଢ଼େଇମାନଙ୍କ ସହ ଅନେକ ଜୀବ ମରିଯିବେ। ବିକାଶକୁ ତା' ବାପା କହିଲେ– ଏଇ ଚଢ଼େଇମାନେ ପରା ଆମ ବନ୍ଧୁ। ଏହା ସହ ଏଇ ମାଟିରେ ଥିବା ଅନେକ ଉପକାରୀ ଜୀବ ଯଥା– କୀଟ, ଜିଆ, ବେଙ୍ଗ, ଘୁଇ ପୋକ, ଏମିତି ଅନେକ ଉପକାରୀ କୀଟ ମଧ୍ୟ ମରିଯିବେ। ସେମାନେ ସମସ୍ତେ ଆମର ବନ୍ଧୁ। ଏମାନେ ଆମର ଚାଷ କରୁଥିବା ମାଟିକୁ ହାଲୁକା କରନ୍ତି, ଯଦ୍ୱାରା ଫସଲ ଭଲ ହୋଇଥାଏ।

ବିକାଶ– ବାପା, ଏଇ କୀଟମାନେ ସିନା ଆମର ଉପକାର କରୁଛନ୍ତି, ଏଇ ଚଢ଼େଇମାନେ ପରା ଆମର ଧାନ ଖାଇ ଯାଉଛନ୍ତି, ସେମାନେ କିପରି ଆମ ବନ୍ଧୁ? ଆରେ ସେମାନେ ମଧ୍ୟ ଆମର ବନ୍ଧୁ। ଏବେ ସିନା ଧାନ ଦୁଇଟା ପଡ଼ିଛି ବୋଲି ସେମାନେ ଖାଉଛନ୍ତି। କାଲି ସେମାନେ ଏଇ ଧାନ କିଆରିରୁ କ୍ଷତିକାରକ ପୋକମାନଙ୍କୁ ଖାଇଯିବେ। ଏହା ସହିତ ତାଙ୍କ ପାଇଁ ଅନେକ ବଡ଼ ବଡ଼ ଗଛ ମଧ୍ୟ ସୃଷ୍ଟି ହୋଇଥାଏ। ଏଇ ଯୋଉ ଡିମିରି ଗଛ ତଳେ ବସିଛୁ, ତାହା ଏଇ ପକ୍ଷୀମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି। ବିକାଶ– ବାପା, ତମେ ପରା କହୁଥିଲ ଏଇ ଡିମିର ଗଛ ଓ ସେଇ ନଈକୂଳର ବରଗଛ ମୋ ଅଜା ଲଗେଇଥିଲେ ବୋଲି। ବାପା– ହଁ , ତୋ ଅଜା ଏଇ ଗଛକୁ ଲଗେଇଥିଲେ ଏହା ସତ ; ହେଲେ ଏହା କ'ଣ ଏଇ ଧାନ ଭଳିଆ ମଞ୍ଜିକୁ ତଳି ପକାଯାଏ କି? ବିକାଶ– ତେବେ କେମିତି ହୁଏ ଏଇ ଗଛର ଚାରା ସବୁ? ବାପା– ଡମିରି, ବର, ପିପ୍ପଳି ଭଳି ଅନେକ ଫଳକୁ ଏଇ ଚଢ଼େଇମାନେ ଖାଆନ୍ତି, ଖାଇ ସାରି ମଳତ୍ୟାଗ କରନ୍ତି। ମଳତ୍ୟାଗ କରିଥିବା ସ୍ଥାନରେ ଯଥା– ବିଭିନ୍ନ ଗଛ କୋରଡ଼, ଘର କାନ୍ଥ, ପୋଲ ଫାଟ, ଛାତଘର ସନ୍ଧି ଆଦି ସ୍ଥାନରେ ଏହି ଚାରାଗୁଡ଼ିକ ସୃଷ୍ଟି ହୋଇଥାଏ। ତାକୁ ନେଇ ଲୋକେ ଯୋଉଠି ଦରକାର, ସେଠି ଲଗାଇଲେ ତାହା ବିରାଟ ଗଛରେ ପରିଣତ ହୋଇଥାଏ।

ଏମିତି ଏକ ଚାରା କୋଉଠୁ ଆଣି ତୋ ଅଜା ଏଠି ରୋପଣ କରିଥିଲେ, ବୁଝିଲୁ। ସେମିତି ଆମ ପୃଥିବୀରେ ଯେତେ ଜୀବଜନ୍ତୁ, ପଶୁପକ୍ଷୀ, ବୃକ୍ଷଲତା ଅଛନ୍ତି ସମସ୍ତେ ଈଶ୍ୱରଙ୍କ ସୃଷ୍ଟି। ଏଇ ମହୀମଣ୍ଡଳରେ ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି ଓ ସମସ୍ତଙ୍କର ଏଇ ମାଟି ମା' ପ୍ରତି କିଛି କର୍ତ୍ତବ୍ୟ ମଧ ଅଛି। ତେଣୁ ସମସ୍ତେ ଆମର ବନ୍ଧୁ। ବିକାଶ– ହଁ ବାପା, ତା'ହେଲେ ମୁଁ ବୁଝିଲି ସମସ୍ତେ ଆମର ବନ୍ଧୁ। ଆମେ କାହାକୁ ମାରିବା ନାହିଁ। ସମସ୍ତଙ୍କୁ ବଞ୍ଚିବାକୁ ଦେବା । ବିକାଶର ଏଇ କଥା ଶୁଣି ତା' ମାଆ ତାକୁ କୋଳେଇନେଲେ। କହିଲେ– ହଁରେ ପୁଅ, ଏବେ ତୁ ଠିକ୍ ବୁଝିଲୁ। ସମସ୍ତେ ଆମର ବନ୍ଧୁ।

*– **ପ୍ରଦୀପ କୁମାର ନାଏକ,** ଦୀପଜ୍ୟୋତି କୁଟୀର, ହାତୀସରା, ଦେଓଗାଁ, ବଲାଙ୍ଗୀର*

## ଖିଲିଖିଲି ହସ

ସାଣ୍ଟା ଟ୍ରେନ୍ରେ ଯାତ୍ରା କରୁଥିବା ବେଳେ ଟିଟିଆଇ ଆସି ତାକୁ ପଚାରିଲେ– ଆଚ୍ଛା ତୁମେ କୁଆଡ଼େ ଯିବ? ତୁମ ଟିକେଟ୍ ଦେଖାଅ। ସାଣ୍ଟା– ସାର୍, ମୁଁ ପ୍ରଭୁ ଶ୍ରୀରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟାକୁ ଯିବି। କିନ୍ତୁ ମୋର ଟିକେଟ୍ ନାହିଁ। ଏକଥା ଶୁଣି ଟିଟିଆଇ କହିଲେ– ଆଚ୍ଛା ଠିକ୍ ଅଛି, ବିନା ଟିକେଟ୍ରେ ତ ତୁମେ ଅଯୋଧ୍ୟା ଯାଇପାରିବନି, ହେଲେ ତୁମକୁ ମୁଁ କୃଷ୍ଣଙ୍କ ଜନ୍ମସ୍ଥାନକୁ ବିନା ଟିକେଟ୍ରେ ନେଇଯିବି। ଏହା ଶୁଣି ସାଣ୍ଟା ଖୁସି ହୋଇ କହିଲା– ସାର୍, ଆଉ ଡେରି କରନ୍ତୁ ନାହିଁ, ମୋତେ ନେଇ ଚାଲନ୍ତୁ। ହେଲେ ସେ ଜାଗା କେଉଁଠି କହିଲେନି ତ? ଟିଟିଆଇ ଉତ୍ତର ଦେଲେ– ଜେଲ।

(ବିଜ୍ଞାନ ଶିକ୍ଷକ–ପପୁ ମଧ୍ୟରେ କଥାବାର୍ତ୍ତା)
ବିଜ୍ଞାନ ଶିକ୍ଷକ– ପିଲାମାନେ, ବଞ୍ଚିବା ପାଇଁ ଅମ୍ଳଜାନ ଆମର ନିହାତି ଆବଶ୍ୟକ । ଏହା ୧୭୭୩ ମସିହାରେ ଆବିଷ୍କାର ହୋଇଥିଲା । ପପୁ– ଥ୍ୟାଙ୍କ୍ ୟୁ ଭଗବାନ୍! ଯାହା ହେଉ, ମୁଁ ୧୭୭୩ ପରେ ଜନ୍ମ ହେଇଛି। ନହେଲେ ମୁଁ ତ ମରି ଯାଇଥା'ନ୍ତି ।

## ତୁମ ତୂଳୀରୁ



**ଦିପ୍ତିରାଣୀ ବାରିକ**
କ୍ଲାସ– ୯, ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟ, ବଲାଙ୍ଗୀର







**ବାଦଲ କୁମାର ନାୟକ**
କ୍ଲାସ– ୬, ଓଏଭି, ଦେଉଳିପାଳ, ଧର୍ମଶାଳା, ଯାଜପୁର



**ଶୁଭ୍ରଦୀପ ମାଣିକ**
କ୍ଲାସ–୩, ଜଳେଶ୍ୱର ପବ୍ଲିକ ସ୍କୁଲ, ଜଳେଶ୍ୱର, ବାଲେଶ୍ୱର





**ସିଧି ସାତ୍ତ୍ୱିକ ବିଶ୍ୱାଳ**
କ୍ଲାସ– ୪, ସେଣ୍ଟ ମ୍ୟାରିସ୍ ସ୍କୁଲ, ନୂଆପଡା



# ଭାଗ୍ୟ ପରିବର୍ତ୍ତନ ଆଶାରେ ୪ ଦଳ

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଚଳିତ ମାସ ୧୯ ତାରିଖରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆରମ୍ଭ ହେବାକୁ ଯାଉଛି। ଆଇପିଏଲର ପ୍ରଥମ ପର୍ଯ୍ୟାୟ ଭାରତରେ ହୋଇଥିଲା। ମାତ୍ର ବାୟୋ-ବବ୍‌ଲ ମଧ୍ୟରେ କରୋନା ସଂକ୍ରମଣ ହେବାରୁ ୨୯ଟି ମ୍ୟାଚ ପରେ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ୨୯ ମ୍ୟାଚ ଶେଷରେ ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପରକିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବୁଲର ପ୍ରଥମ ୪ ସ୍ଥାନ ଅଧିକାର କରିଛନ୍ତି। ଶେଷ ୪ରେ ରହିଛନ୍ତି ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ। ରାଜସ୍ଥାନ ୭ ମ୍ୟାଚରୁ ୬, ପଞ୍ଜାବ ୮ ମ୍ୟାଚରୁ ୬, କୋଲକାତା ୭ ମ୍ୟାଚରୁ ୪ ଓ ସନ୍‌ରାଇଜର୍ସ ୭ ମ୍ୟାଚରୁ ମାତ୍ର ୨ ପଏଣ୍ଟ ପାଇଛି। ତେଣୁ ଟେବୁଲର ନିମ୍ନ ୪ ସ୍ଥାନରେ ଥିବା ଦଳ ଗୁଡ଼ିକୁ ନେଇ ଏହି ଉପସ୍ଥାପନା।

## ପଞ୍ଜାବ କିଙ୍ଗ୍ସ

ପଞ୍ଜାବ କିଙ୍ଗ୍ସ ଏପର୍ଯ୍ୟନ୍ତ ୮ ମ୍ୟାଚ ଖେଳି ୩ ବିଜୟ ଓ ୫ ପରାଜୟ ସହ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ୟୁଏଇ ପର୍ଯ୍ୟାୟ ପାଇଁ ଦଳକୁ ଆଡେନ ମାରକ୍ରାମ, ନାଥାନ ଇଲିସ ଓ ଆଡିଲ ରଶିଦ ଆସିଥିବାବେଳେ ଦାୱିଦ ମଲନ, ରିଲେ ମେରେଡିଥ୍ ଓ ଝେ ରିଚାର୍ଡଶନ ଓହରି ଯାଇଛନ୍ତି। ଓପନର ହେଲେ ପଞ୍ଜାବର ମୁଖ୍ୟ ଶକ୍ତି। ୨୦୧୮ ଓ ୨୦୧୯ରେ ଲୋକେଶ ରାହୁଲ ଓ କ୍ରିସ୍ ଗେଲ୍ ଏବଂ ୨୦୨୦ରେ ରାହୁଲ-ମୟଙ୍କ ଅଗ୍ରୱାଲ ଦଳକୁ ଭଲ ଆରମ୍ଭ ଦେଇଥିଲେ। ୨୦୨୧ର ପ୍ରଥମ ପର୍ଯ୍ୟାୟରେ ମଧ୍ୟ ରାହୁଲ-ଅଗ୍ରୱାଲ ଯୋଡ଼ି ଭଲ କରିଥିଲେ। ବୋଲର ହରପ୍ରୀତ୍ ବ୍ରାର ମଧ୍ୟ ଚମକ ଦେଖାଇବାରେ ସକ୍ଷମ ହୋଇଥିଲେ। ରାହୁଲଙ୍କୁ ଛାଡ଼ିଦେଲେ ଦଳ ଅଗ୍ରୱାଲ, ନିକୋଲସ ପୁରନ, ଗେଲ୍ ଏବଂ ମହମ୍ମଦ ଶାମିଙ୍କ ଉପରେ ଅନେକ ପରିମାଣରେ ନିର୍ଭର କରିବ। ଯୁବ ପ୍ରତିଭା ରବି ବିଷ୍ଣୋଇ ଓ ଅର୍ଶଦୀପ ସିଂ ମଧ୍ୟ ନଜରରେ ରହିବେ। ଗତ ସିଜନରେ ଗ୍ଲେନ ମ୍ୟାକ୍ସୱେଲ, ଶେଲଡନ କଟ୍ରେଲଙ୍କ ଦୁର୍ବଳ ଫର୍ମ ଏବଂ ୬୭୦ ରନ କରିଥିବା ରାହୁଲଙ୍କ ଷ୍ଟ୍ରାଇକ୍ ରେଟ୍ ୧୩୦ ତଳକୁ ରହିବା ଦଳପାଇଁ ମହଙ୍ଗା ପଡ଼ିଥିଲା। ୬ ମ୍ୟାଚରୁ ପୁରନ ୪ଟି ମ୍ୟାଚରେ ଡକ୍(୦)ରେ ଆଉଟ ହେବା ଦଳର ମିଡଲ ଅର୍ଡର ଉପରେ ପ୍ରଭାବ ପକାଇଛି। ଅଷ୍ଟ୍ରେଲୀୟ ଯୋଡ଼ି ରିଚାର୍ଡଶନ ଓ ମେରେଡିଥ ଓହରି ଯାଇଥିବାରୁ ଫାଷ୍ଟ ପିଚ୍‌ରେ ଦଳ ଅସୁବିଧାର ସମ୍ମୁଖୀନ ହୋଇପାରେ। **ସମ୍ଭାବ୍ୟ ଏକାଦଶ:** ଲୋକେଶ ରାହୁଲ (ଅଧିନାୟକ/ଉଇକେଟ କିପର), ମୟଙ୍କ ଅଗ୍ରୱାଲ, କ୍ରିସ୍ ଗେଲ୍, ଦୀପକ ହୁଡା, ନିକୋଲସ ପୁରନ, ଶାହରୁଖ ଖାନ, ଫାବିଆନ ଆଲେନ/ଆଡିଲ ରଶିଦ, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ନାଥାନ ଏଲିସ, ମହମ୍ମଦ ଶାମି।



## କୋଲକାତା ନାଇଟ ରାଇଡର୍ସ

ପଏଣ୍ଟ ଟେବୁଲର ୭ମ ସ୍ଥାନରେ ଥିବା କୋଲକାତା ନାଇଟ ରାଇଡର୍ସ ୭ ମ୍ୟାଚରୁ ମାତ୍ର ୨ଟିରେ ବିଜୟୀ ହୋଇଛି ଏବଂ ୫ଟି ହାରିଛି। ପ୍ରଥମ ପର୍ଯ୍ୟାୟରେ ଖେଳିଥିବା ପ୍ୟାଟ୍ କୁମିନ୍ସ ଓହରି ଯାଇଥିବାବେଳେ ଟିମ୍ ସୌଦୀ ଦଳରେ ସାମିଲ ହୋଇଛନ୍ତି। ଚଳିତ ସିଜନର ପ୍ରଥମ ଭାଗରେ ଆନ୍ଦ୍ରେ ରସେଲ, ନୀତୀଶ ରାଣା ଓ ପ୍ୟାଟ୍ କୁମିନ୍ସ ନିଜ ଦକ୍ଷତା ଦେଖାଇଥିଲେ। ୨୦୨୧ କାରିବିୟନ ପ୍ରିମିୟର ଲିଗ୍ (ସିପିଏଲ) ଫର୍ମ ରସେଲ ୟୁଏଇରେ ଦେଖାଇବା ଆଶା ରହିଛି। ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରିନ ଦଳର ଦୁଇ ମୁଖ୍ୟ ଅସ୍ତ୍ର। ସିପିଏଲରେ ନାରିନ ଚମତ୍କାର ଫର୍ମରେ ଥିବାର ପ୍ରମାଣ ଦେଇଥିଲେ। ୟୁଏଇରେ ହେବାକୁଥିବା ଟି୨୦ ବିଶ୍ୱକପ ପାଇଁ ବରୁଣ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ବରୁଣ ୧୭ଟି ଉଇକେଟ ନେଇ ଦଳର ଅଗ୍ରଣୀ ଉଇକେଟ ହାସଲକାରୀ ଅଛନ୍ତି। ଶୁବମନ ଗିଲ ଓ ଇଅନ ମୋର୍ଗାନ ମଧ୍ୟ ନିଜ ଉପସ୍ଥିତି ଜାହିର କରିଥିଲେ। ମାତ୍ର ଦୀନେଶ କାର୍ତ୍ତିକ ଓ ରସେଲଙ୍କ ପ୍ରଦର୍ଶନରେ ସ୍ଥିରତା ନ ରହିବା ଦଳପାଇଁ ମହଙ୍ଗା ପଡ଼ିଛି। ରସେଲଙ୍କ ଫିଟ୍‌ନେସକୁ ନେଇ ମଧ୍ୟ ସମସ୍ୟା ରହିଛି। ତେଣୁ ଦଳର ପ୍ଲେ-ଅଫ୍ ଆଶା ଅତ୍ୟନ୍ତ କଷ୍ଟସାଧ ହେବ। ଟପ୍ ଅର୍ଡରଙ୍କର ଧିମା ଏବଂ ସଂଘର୍ଷମୟ ଆରମ୍ଭ ପ୍ରଥମ ପର୍ଯ୍ୟାୟରେ ଦଳକୁ କ୍ଷତି ପହଞ୍ଚାଇଥିଲା। ପାୱାର ପ୍ଲେରେ ଏହି ଦଳ ୧୨ଟି ଉଇକେଟ ହରାଇଥିଲା। ଗିଲ୍ ଓ ମୋର୍ଗାନଙ୍କର ଷ୍ଟ୍ରାଇକ୍‌ହାର ଯଥାକ୍ରମେ ୧୧୭ ଓ ୧୧୨ ଏବଂ ଆଭରେଜ ୧୫.୩୩ ଓ ୧୮.୮୫ ରହିଥିଲା। ପରାଜୟର ଭୟ ସବୁବେଳେ ଦଳ ମଧ୍ୟରେ ରହୁଥିଲା ବୋଲି ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକକୁଲମ ସ୍ୱିକାର କରିଥିଲେ। **ସମ୍ଭାବ୍ୟ ଏକାଦଶ:** ଶୁବମନ ଗିଲ, ନୀତୀଶ ରାଣା, ରାହୁଲ ତ୍ରିପାଠୀ, ଇଅନ ମୋର୍ଗାନ (ଅଧିନାୟକ), ଦୀନେଶ କାର୍ତ୍ତିକ, ଆନ୍ଦ୍ରେ ରସେଲ, ସୁନୀଲ ନାରିନ, ପ୍ରସିଦ୍ଧ କ୍ରିଷ୍ଣା, ଶିବମ୍ ମାଭି, ଲୋକି ଫର୍ଗୁସନ, ବରୁଣ ଚକ୍ରବର୍ତ୍ତୀ।

## ଆଇପିଏଲ୍-୧୪





## ରାଜସ୍ଥାନ ରୟାଲ୍ସ

ରୟାଲ୍ସ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ଦଳ ୭ ମ୍ୟାଚ ଖେଳି ୩ଟିରେ ବିଜୟୀ ହୋଇଥିବାବେଳେ ୪ଟି ହାରିଛି। ପ୍ରଥମ ପର୍ଯ୍ୟାୟରେ ଖେଳିଥିବା ଦଳରେ କିଛିଟା ପରିବର୍ତ୍ତନ ହୋଇଛି। ଗ୍ଲେନ ଫିଲିପ୍ସ, ଇଭିନ ଲିୱିସ, ଓଶାନେ ଥୋମାସ ଓ ଟାବ୍ରାଇଜ ଶାମ୍‌ସି ଦଳରେ ସାମିଲ ହୋଇଥିବାବେଳେ ଜୋସ ବଟଲର, ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର ଓ ଆଣ୍ଡ୍ରୁ ଟାଏ ବାଦ୍ ପଡ଼ିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବଟଲର, କ୍ରିସ୍ ମୋରିସ ଓ ଅଧିନାୟକ ସଞ୍ଜୁ ସାମସନଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଦଳ ପଏଣ୍ଟ ଟେବୁଲର ମଝିରେ ରହିବାରେ ସକ୍ଷମ ହୋଇଛି। ଆହତ ସମସ୍ୟା ଯୋଗୁ ଆର୍ଚର ଏବଂ ବ୍ୟକ୍ତିଗତ କାରଣ ଯୋଗୁ ଷ୍ଟୋକ୍ସ ପ୍ରଥମ ପର୍ଯ୍ୟାୟରେ ଖେଳି ନ ଥିଲେ ହେଁ ଦଳର ବୋଲିଂ ବିଭାଗ ଉପରେ ଏହାର ବିଶେଷ ପ୍ରଭାବ ପଡ଼ି ନ ଥିଲା। କ୍ରିସ୍ ମୋରିସ ୧୪ଟି ଉଇକେଟ ନେଇ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ଅଛନ୍ତି। ତାଙ୍କୁ ସୌରାଷ୍ଟ୍ର ଯୋଡ଼ି ଜୟଦେବ ଉନାଡକଟ ଓ ଚେତନ ସାକାରିୟା ଉପଯୁକ୍ତ ସହଯୋଗ କରିଥିଲେ। ରାହୁଲ ଟେୱାଟିଆ ଓ ସାମସନ ମଧ୍ୟ ମ୍ୟାଚ ଜିତିବାରେ ସହାୟକ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ରାଜସ୍ଥାନ ଯଦିଓ ପ୍ରଥମ ପସନ୍ଦର ୩ ଜଣ ଖେଳାଳିଙ୍କୁ ହରାଇଛି ତେବେ ବଦଳ ଖେଳାଳିମାନେ ଚମତ୍କାର ଫର୍ମରେ ଅଛନ୍ତି। ତେବେ ସ୍ପିନରଙ୍କ ଫର୍ମ ଦଳପାଇଁ ଚିନ୍ତାର କାରଣ ହୋଇପାରେ। **ସମ୍ଭାବ୍ୟ ଏକାଦଶ:** ଇଭିନ ଲିୱିସ, ଯଶସ୍ୱି ଜୟସ୍ୱାଲ, ସଞ୍ଜୁ ସାମସନ (ଅଧିନାୟକ/ଉଇକେଟ କିପର), ଲିଆମ ଲିଭିଂଷ୍ଟୋନ, ରିୟାନ ପରାଗ, ଶିବମ୍ ଦୁବେ, କ୍ରିସ୍ ମୋରିସ, ରାହୁଲ ଟେୱାଟିଆ, କାର୍ତ୍ତିକ ତ୍ୟାଗୀ, ମୁସ୍ତାଫିଜୁର ରହମନ, ଚେତନ ସାକାରିଆ/ଜୟଦେବ ଉନାଡକଟ।

## ସନ୍‌ରାଇଜର୍ସ ହାଇଦ୍ରାବାଦ

ସନ୍‌ରାଇଜର୍ସ ହାଇଦ୍ରାବାଦ ୭ ମ୍ୟାଚ ଖେଳିଥିବାବେଳେ ମାତ୍ର ୧ ବିଜୟ ହାସଲ କରିଛି



ଏବଂ ୬ଟିରେ ପରାଜିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଖେଳିଥିବା ଜନି ବେୟାରଷ୍ଟୋ ଓହରି ଯାଇଥିବାବେଳେ ଶେର୍ଫାନେ ରୁଥରଫୋର୍ଡ ସାମିଲ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଦଳ ୨୧ ଖେଳାଳିଙ୍କୁ ବିଭିନ୍ନ ମ୍ୟାଚରେ ଖେଳାଇଥିଲେ ହେଁ ସଫଳ ହୋଇ ନ ଥିଲା। ଶେଷରେ ଅଧିନାୟକ ପଦରୁ ଡେଭିଡ ୱାର୍ନର ବାଦ୍ ପଡ଼ିଥିଲେ। ରଶିଦ ଖାଁ, କେନ୍ ୱିଲିୟମସନ ଓ ବେୟାରଷ୍ଟୋଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ସଂଘର୍ଷ କରିଥିଲେ। ୟୁଏଇ ଚରଣରେ ଦଳକୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିବ। ବେୟାରଷ୍ଟୋଙ୍କ ଅନୁପସ୍ଥିତି ଦଳ ଅନୁଭବ କରିବ। **ସମ୍ଭାବ୍ୟ ଏକାଦଶ:** ଡେଭିଡ ୱାର୍ନର, ରିଦ୍ଧିମାନ ଶାହା, କେନ୍ ୱିଲିୟମସନ, ମନୀଷ ପାଣ୍ଡେ, କେଦାର ଯାଦବ, ବିଜୟ ଶଙ୍କର, ଶେର୍ଫାନେ ରୁଥରଫୋର୍ଡ, ରଶିଦ ଖାଁ, ଭୁବନେଶ୍ୱର କୁମାର, ସନ୍ଦିପ ଶର୍ମା, ଟି. ନଟରାଜନ।

# ନ୍ୟୁଜିଲାଣ୍ଡ ନିଷ୍ପତ୍ତିରେ ପାକିସ୍ତାନରେ ନୈରାଶ୍ୟ

**ରାୱଲପିଣ୍ଡି,୧୭।୯**

ସୁରକ୍ଷା କାରଣରୁ ନ୍ୟୁଜିଲାଣ୍ଡ ଗସ୍ତ ବାତିଲ କରିବା ପରେ ପାକିସ୍ତାନ କ୍ରିକେଟ ଜଗତରେ ନୈରାଶ୍ୟ ଛାଇଯାଇଛି। ପାକିସ୍ତାନ ଅଧିନାୟକ ବାବର ଆଜମ ଏନେଇ ଅସନ୍ତୋଷ ଜାହିର କରିଛନ୍ତି। ସ୍ଥାନୀୟ ରାୱଲପିଣ୍ଡି ଷ୍ଟାଡିୟମରେ ଶୁକ୍ରବାର ପ୍ରଥମ ଦିନିକିଆ ମ୍ୟାଚ୍ ଆରମ୍ଭ ହେବାର ୩୦ ମିନିଟ ପୂର୍ବରୁ ନ୍ୟୁଜିଲାଣ୍ଡ ଗସ୍ତରୁ ଓହରିଯାଇଥିଲା। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଷ୍ଟାଡିୟମ ଭିତରକୁ ପ୍ରବେଶ କରିବା ପାଇଁ ୨୫ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦିଆଯାଇଥିଲା। ସିରିଜ ବାତିଲ ହୋଇଥିବାରୁ ବ୍ୟକ୍ତିଗତ ଭାବେ ବହୁତ ନିରାଶ ହୋଇଛି ବୋଲି ବାବର କହିଛନ୍ତି। ସିରିଜ ଖେଳାଯାଇଥିଲେ ଲକ୍ଷ ଲକ୍ଷ ପାକିସ୍ତାନ କ୍ରିକେଟ ପ୍ରଶଂସକଙ୍କୁ ମୁହଁରେ ହସି ଫୁଟିଥାନ୍ତା। ଆମର ସୁରକ୍ଷା ବ୍ୟବସ୍ଥା ବିଶ୍ୱସ୍ତରୀୟ ଓ ସିକ୍ୟୁରିଟି ଏଜେନ୍ସିଗୁଡ଼ିକ ଉପରେ ଆମର ଯଥେଷ୍ଟ ଭରସା ରହିଛି। ଏଜେନ୍ସିଗୁଡ଼ିକୁ ନେଇ ଆମେ ଗର୍ବକରୁ ଓ ଆଗକୁ ମଧ୍ୟ କରିବୁ ବୋଲି ବାବର ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

ସେହିପରି ପୂର୍ବତନ ପାକିସ୍ତାନ ଦ୍ରୁତ ବୋଲର ସୋଏବ ଅଖତାର ମଧ୍ୟ ନ୍ୟୁଜିଲାଣ୍ଡର ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ନ୍ୟୁଜିଲାଣ୍ଡ ପାକିସ୍ତାନ କ୍ରିକେଟକୁ ହତ୍ୟା କରିଛି ବୋଲି ଅଖତାର ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଖ୍ରୀଷ୍ଟଚର୍ଚ୍ଚରେ ମଧ୍ୟ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ ଓ ଏଥିରେ ୯ଜଣ ପାକିସ୍ତାନ ନାଗରିକ ମୃତ୍ୟୁ ବରଣ କରିଥିଲେ। ଏହାକୁ ନ୍ୟୁଜିଲାଣ୍ଡ ଭୁଲିବା ଉଚିତ ନୁହେଁ। କରୋନା ମହାମାରୀ ଉଗ୍ରରୂପ ଧାରଣ କରିଥିବା ବେଳେ ପାକିସ୍ତାନ ନ୍ୟୁଜିଲାଣ୍ଡ ଗସ୍ତ କରିଥିଲା। ଏହାପୂର୍ବରୁ ପାକିସ୍ତାନ ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ଜିମ୍ବାୱେ ବିପକ୍ଷ ଘରୋଇ ସିରିଜ ଓ ପାକିସ୍ତାନ ସୁପର ଲିଗ (ପିଏସ୍ଏଲ)କୁ ସୁରକ୍ଷିତ ତଥା ସଫଳତାର ସହ ଆୟୋଜନ କରିଥିଲା ବୋଲି ଅଖତାର କହିଛନ୍ତି।

ସେହିପରି ବରିଷ୍ଠ ଖେଳାଳି ମହମ୍ମଦ ହାଫିଜ ସାରା ଦେଶ ପାଇଁ ଏକ ଦୁଃଖଦ ଖବର ବୋଲି ଅଭିହିତ କରିଛନ୍ତି। ପୂର୍ବତନ ୱେଷ୍ଟଇଣ୍ଡିଜ ଅଧିନାୟକ ଡାରେନ ସାମି ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି। ଆଗରୁ ପିଏସ୍ଏଲ ଖେଳିଛି ଓ ପାକିସ୍ତାନରେ ସୁରକ୍ଷା ବ୍ୟବସ୍ଥା ନେଇ କୌଣସି ସମସ୍ୟା ଦେଖିନାହିଁ। ଗତ ୬ ବର୍ଷ ହେବ ପାକିସ୍ତାନ ବାରମ୍ବାର ଗସ୍ତ କରିବା ସହ ସେଠାରେ ଖେଳିଛି ଓ ଅତି ସୁନ୍ଦର ଅଭିଜ୍ଞତା ହାସଲ କରିଛି। ସେଠାରେ ସବୁବେଳେ ସୁରକ୍ଷିତ ଅନୁଭବ କରିଛି। ନ୍ୟୁଜିଲାଣ୍ଡର ଏହି ନିଷ୍ପତ୍ତି ପାକିସ୍ତାନକୁ ଜବରଦସ୍ତ ଝଟ୍‌କା ଦେଇଛି ବୋଲି ସାମି କହିଛନ୍ତି। ପିଏସ୍ଏଲର ବିଦେଶୀ ଖେଳାଳି ଗ୍ରାଣ୍ଟ ଏଲିଅଟ ଓ ଶେର୍ଫନ ରଦରଫର୍ଡ ମଧ୍ୟ ଏ ନେଇ ନୈରାଶ୍ୟ ଜାହିର କରିଛନ୍ତି।

## 'ଆଇସିସିର ଦୃଷ୍ଟି ଆକର୍ଷଣ କରିବୁ'

ନ୍ୟୁଜିଲାଣ୍ଡ ଗସ୍ତ ବାତିଲ କରିଥିବାରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ରମିଜ ରାଜା ଅସନ୍ତୋଷ ଜାହିର କରିଛନ୍ତି। ଏଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ଦୃଷ୍ଟି ଆକର୍ଷଣ କରିବୁ ବୋଲି ରମିଜ ଧମକ ଦେଇଛନ୍ତି। ଆମ ଖେଳାଳି ଓ ପ୍ରଶଂସକମାନେ ଏଥିରେ ନିରାଶ ହୋଇଛନ୍ତି। ନ୍ୟୁଜିଲାଣ୍ଡର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ଏକତରଫା। ତେଣୁ ଆମେ ଏହି ମାମଲାକୁ ଆଇସିସିରେ ପହଞ୍ଚାଇବୁ ବୋଲି ସେ ଟୁଇଟ କରି ଉଲ୍ଲେଖ କରିଛନ୍ତି। ନ୍ୟୁଜିଲାଣ୍ଡର ଗ୍ରେଗ ବାର୍କଲେ ଏବେ ଆଇସିସିର ଅଧ୍ୟକ୍ଷ ରହିଛନ୍ତି। ତେଣୁ ଆଇସିସି ପାକିସ୍ତାନର ଏହି ଅସନ୍ତୋଷକୁ କିଭଳି ଭାବେ ଗ୍ରହଣ କରୁଛି ଓ ଗୁରୁତ୍ୱ ଦେଉଛି ତାହା ଦେଖିବାକୁ ବାକି ରହିଲା। ଏହି ସିରିଜ ବାତିଲ ହେବା ଫଳରେ ପାକିସ୍ତାନ ପାଖାପାଖି ୨୦୦ କୋଟି ଟଙ୍କା କ୍ଷତି ସହିବ ବୋଲି ଅନୁମାନ କରାଯାଉଛି।



ରମିଜ ରାଜା

# ୪୮ ଘଣ୍ଟା ମଧ୍ୟରେ ଇଂଲଣ୍ଡ ନିଷ୍ପତ୍ତି ନେବ

**ଲଣ୍ଡନ,୧୭।୯:** ନ୍ୟୁଜିଲାଣ୍ଡ ଗସ୍ତ ବାତିଲ କରିବା ପରେ ଇଂଲଣ୍ଡର ପାକିସ୍ତାନ ଗସ୍ତ ନେଇ ଆଶଙ୍କା ସୃଷ୍ଟି ହୋଇଛି। ପାକିସ୍ତାନର ପ୍ରକୃତ ସ୍ଥିତି ନେଇ ଇଂଲଣ୍ଡ ତର୍ଜମା କରିବ ଓ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଗସ୍ତ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ କୁହାଯାଇଛି। ଇଂଲଣ୍ଡ ୨ଟି ଟି୨୦ ମ୍ୟାଚ୍ ଖେଳିବାକୁ ଅକ୍ଟୋବରରେ ରାୱଲପିଣ୍ଡି ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ପାକିସ୍ତାନରେ ଇଂଲଣ୍ଡର ସୁରକ୍ଷା ଦଳ ଉପସ୍ଥିତ ଅଛି। ଏହି ଦଳର ପରାମର୍ଶ କ୍ରମେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଇସିବି ତରଫରୁ କୁହାଯାଇଛି।








ସୁଦେଭା ଦିଲ୍ଲୀ ଏଫ୍‌ସି ବିପକ୍ଷରେ ଗୋଲ ଦେବାପରେ ଆର୍ମି ଗ୍ରୀନ୍ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

## ଡୁରାଣ୍ଡ କପ୍: ଆର୍ମି ଗ୍ରୀନ୍ କ୍ୱାର୍ଟର ଫାଇନାଲରେ

**କୋଲକାତା, ୧୭।୯:** ପୂର୍ବତନ ଚାମ୍ପିୟନ ଆର୍ମି ଗ୍ରୀନ୍ ଚଳିତ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ଦଳ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ୧-୦ ଗୋଲରେ ସୁଦେଭା ଦିଲ୍ଲୀ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚର ୫୧ତମ ମିନିଟରେ ଦୀପକ ସିଂ ବିଜୟୀ ଦଳ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ମୋହନ ବାଗାନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ ଗ୍ରୁପ୍ 'ବି'ର ଅନ୍ତିମ ଗେମ୍ ଥିଲା। ଦୀପକ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନ୍‌ରେ ଅନ୍ୟ ଏକ ମ୍ୟାଚରେ ଏଫ୍‌ସି ଗୋଆ ୫-୦ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦେବେନ୍ଦ୍ର ମୁର୍ଗାଓକର ୨୦, ୪୪ ଏବଂ ମହମ୍ମଦ ନେମିଲ ୪୬, ୮୧ତମ ମିନିଟରେ ୨ଟି ଲେଖାଏ ଏବଂ ପ୍ରିନ୍ସଟନ ରିବେଲୋ ୨୬ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଫଳରେ ଜାମସେଦପୁରର ନକ୍‌ଆଉଟ ପ୍ରବେଶ ଆଶା ଶେଷ ହୋଇଛି। ଗୋଆ ପଛକୁ ଦ୍ୱିତୀୟ ସ୍ଥାନରେ ରହି ଆର୍ମି ଗ୍ରୀନ୍ ଗ୍ରୁପ୍ 'ବି'ରୁ କ୍ୱାର୍ଟର ଫାଇନାଲରେ ପହଞ୍ଚି ଯାଇଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଅପାଠୁଆ ଡାକ୍ତରଙ୍କ ଦୌରାତ୍ମ୍ୟ କମୁନି

**ନୟାଗଡ଼ ଅଫିସ,୧୭।୯**

■ ନୟାଗଡ଼ରେ ଗିରଫ, ରଣପୁରରେ ଅନୁକମ୍ପା
■ ବେଆଇନ କ୍ଲିନିକ୍‌ରେ ରୋଗୀଙ୍କ ଜୀବନ ସଙ୍କଟରେ

ନୟାଗଡ଼ ଜିଲାରେ ଅପାଠୁଆ ନକଲି ଡାକ୍ତରଙ୍କ ଦୌରାତ୍ମ୍ୟ କମିବା ପରିବର୍ତ୍ତେ ବଢ଼ି ଚାଲିଛି। ରଣପୁର ବ୍ଲକ ଝାରପଡ଼ା ପଞ୍ଚାୟତ ଖଣ୍ଡିସିରେ ଜଣେ ଅପାଠୁଆ ଡାକ୍ତର ବେଆଇନ କ୍ଲିନିକ ଚଳାଇ ଆସୁଥିଲେ ମଧ୍ୟ ଧରପଗଡ ନାହିଁ। ଏଠାରେ ଭ୍ରୂଣହତ୍ୟା ଅବାଧରେ ଚାଲୁଥିବା ଅଭିଯୋଗ ରହିଛି। ପୁଣି ଦାନ୍ତ ଉପୁଡା ଓ ଅପରେଶନ, ଝାଡା, ବାନ୍ତି, ଜ୍ୱର ରୋଗର ଚିକିତ୍ସା ବି ଚାଲିଛି। ୧୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏଠାରେ ବେଆଇନ ସ୍ୱାସ୍ଥ୍ୟସେବା ଅବାଧରେ ଚାଲୁଛି। ଏଭଳି ସ୍ଥିତିରେ ନୟାଗଡ଼ରେ ସେପ୍ଟେମ୍ବର ୪ରେ ଅପାଠୁଆ ନକଲି ଡା. ବିଶ୍ୱନାଥ ଘଡ଼େଇ ଗିରଫ ହୋଇ ଜେଲ ଗଲେ। ତେବେ ରଣପୁର ଖଣ୍ଡିସିରେ କାହିଁକି ଅପାଠୁଆ ନକଲି ଡାକ୍ତରଙ୍କୁ ଅନୁକମ୍ପା ଦେଖାଯାଉଛି ତା'ର କାରଣ ବୁଝାପଡୁନି। ଜଣେ ୭ମ ପାସ ବ୍ୟକ୍ତି ଡାକ୍ତର ଭାବେ ରୋଗୀ ଦେଖୁଥିବାରୁ ସଙ୍କଟରେ ରୋଗୀଙ୍କ ଜୀବନ। ଖଣ୍ଡିସିର ଏକ ମେଡିସିନ ଦୋକାନରେ ସବୁବେଳେ ଚିକିତ୍ସା ପାଇଁ ରୋଗୀଙ୍କ ଭିଡ଼ ଲାଗି ରହୁଛି। ତେବେ ଏହି ଅପାଠୁଆ ଡାକ୍ତରଙ୍କ ବେଆଇନ କ୍ଲିନିକ୍, ରୋଗୀସେବା ଉପରେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଲଗାମ ଲଗାଇ ପାରୁନି। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସୂଚନା ଅନୁସାରେ, ଜଣେ ବିଧାୟକଙ୍କ ଆଶୀର୍ବାଦ ଯୋଗୁ ଅପାଠୁଆ ନକଲି ଡାକ୍ତର ତିଷ୍ଠି ରହିଛନ୍ତି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭଲ ସ୍ୱାସ୍ଥ୍ୟସେବା ମିଳୁନାହିଁ। ହାତପାହାନ୍ତାରେ ଭଲ ସେବା ମିଳୁଥିବାରୁ ବିରୋଧ ହେଉନାହିଁ। ଅନ୍ୟପକ୍ଷେ ଲୋକ କେମିତି ଜାଣିବେ କିଏ ଅସଲି ଆଉ କିଏ ନକଲି। ଯଦି ନକଲି, ତେବେ ଗିରଫ କରାଯାଉନି କାହିଁକି ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି। ଏଭଳିସ୍ଥଳେ ପ୍ରଶାସନର ନୀରବତା ନକଲି ଡାକ୍ତରଙ୍କୁ ବେଶ୍ ସୁହାଇଛି ବୋଲି କହିଛନ୍ତି। ଏ ନେଇ ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

## ଶୀତଳଭଣ୍ଡାରକୁ ଗଲା ଧରପଗଡ଼

ମେଡିକାଲ ଟର୍ମିନେଶନ ଅଫ ପ୍ରେଗ୍‌ନେନ୍ସି ଆକ୍ଟରେ ଅନୁମତି ନ ପାଇ ମଧ୍ୟ ନୟାଗଡ଼ ଜିଲାର ବିଭିନ୍ନ ଘରୋଇ ହସ୍ପିଟାଲରେ ଭ୍ରୂଣହତ୍ୟା ଚାଲିଛି। ଏଭଳିଆ ଅଭିଯୋଗ ବହୁଦିନ ହେଲା ହୋଇଆସୁଛି। ଅଗଷ୍ଟ ୩୦ରେ ଜିଲା ମୁଖ୍ୟ ଚିକିତ୍ସାଳୟର ପଛପାଖ ଆନନ୍ଦଭବନରେ ଚାଲିଥିବା ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍‌ରେ ଭ୍ରୂଣହତ୍ୟା ଧରା ପଡିଥିଲା। ଏହି ଘଟଣାରେ ଘରୋଇ ହସ୍ପିଟାଲର ମାଲିକ, ୨ ନର୍ସ, ଦଲାଲଙ୍କ ସମେତ ୫ ଜଣ ଗିରଫ ହୋଇ ଜେଲରେ ଅଛନ୍ତି। ୨ୟ ଥର ଭ୍ରୂଣହତ୍ୟା ପ୍ରମାଣିତ ହେବା ପରେ ଚଢ଼ାଉ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। ତେବେ କେତୋଟି ହାତଗଣତି ଘରୋଇ କ୍ଲିନିକ୍ ଓ ଅଲଟ୍ରାସାଉଣ୍ଡ କେନ୍ଦ୍ର ଉପରେ ଚଢ଼ାଉ କରାଯାଇଥିଲା। ପରେ ଧରପଗଡ ଓ ଚଢ଼ାଉ ଶୀତଳଭଣ୍ଡାରରେ ପୁଣି ରହିଗଲା। ସ୍ୱାସ୍ଥ୍ୟ ବିଭାଗର ଧରପଗଡ ନ ଥିବାରୁ ଜିଲାରେ ପିସିଆଣ୍ଡ ପିଏନ୍‌ଡିଟି ଆକ୍ଟ ଠିକ୍‌ରେ କାମ କରୁନାହିଁ ବୋଲି ପୁଣି ଅଭିଯୋଗ ଉଠିଲାଣି। ଭ୍ରୂଣହତ୍ୟା ଚିହ୍ନଟ ପରେ କିଛିଦିନ ଚଢ଼ାଉ ଭୟରେ ଏହା ବନ୍ଦ ଥିଲା। ହେଲେ ରୋଜଗାରର ମୋହ ପୁଣି କେତେଗୋଟି ଘରୋଇ କ୍ଲିନିକରେ ଭ୍ରୂଣହତ୍ୟା ଆରମ୍ଭ ହେଲାଣି ବୋଲି କୁହଯାଉଛି। ପ୍ରକାଶଥାଉ କି ୨୦୦୭ ଜୁଲାଇ ୧୪ରେ ନୟାଗଡ଼ର ଡୁବୁରି ପାହାଡ ପାଦ ଦେଶରେ ୬ଟି ଅପରିପକ୍ୱ ଶିଶୁଙ୍କ ମୃତଦେହ ମିଳିଥିଲା। ଏହା ପରେ ନୟାଗଡ଼ ଜିଲା ଭ୍ରୂଣହତ୍ୟା କ୍ଷେତ୍ରରେ ଚର୍ଚ୍ଚାକୁ ଆସିଥିଲା।

## ଅପାଠୁଆ ଡାକ୍ତରଙ୍କ ସହଯୋଗୀଙ୍କୁ ମାଫ୍

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର କେତେଜଣ ଡାକ୍ତର ଓ ଜିଲା ସଦର ମହକୁମାର କେତେକ ଔଷଧ ଦୋକାନୀଙ୍କ ସହଯୋଗରେ ଅପାଠୁଆ ନକଲି ଡାକ୍ତର ବିଶ୍ୱନାଥ ଘଡ଼େଇ ତାଙ୍କର ବ୍ରୋଇନ କ୍ଲିନିକ୍ କରିଥିଲେ। ଏହି କ୍ଲିନିକ୍‌କୁ ଜିଲା ମୁଖ୍ୟ ଚିକିତ୍ସାଳୟର ବହୁ ଡାକ୍ତର ରୋଗୀ ପଠାଇ ପର୍ସେଣ୍ଟେଜ ପାଉଥିଲେ। ପୁଣି କିଛି ଔଷଧ ଦୋକାନୀ ଔଷଧ ଯୋଗାଇ ଭଲ ରୋଜଗାର କରୁଥିଲେ। ଏକରି କି କେତେଜଣ ଔଷଧ ଦୋକାନୀ ନକଲି ଡାକ୍ତରଙ୍କ ନାଁରେ ପ୍ୟାଡ ଛପାଇ ଅସଲି ଡାକ୍ତର ରୂପ ଦେଇଥିଲେ। ନକଲି ଡାକ୍ତର ଗିରଫ ପରେ ପୋଲିସ ସ୍କାନରରେ କେତେଜଣ ଡାକ୍ତର ଓ ଔଷଧ ଦୋକାନୀ ରହିଥିଲେ। ତେବେ ଅପାଠୁଆ ଡାକ୍ତର ଜେଲ ଯିବାର ୧୦ ଦିନରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ପୋଲିସର କାର୍ଯ୍ୟାନୁଷ୍ଠାନ ନାହିଁ। ଏଥିରେ ଆଉ କେହି ଫସିବେ ନାହିଁ ବୋଲି କୁହାଯାଉଛି। ସେପଟେ ଅପାଠୁଆ ଡାକ୍ତର ଜାମିନରେ ଆସିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି ମାମଲାକୁ ଆଉ ଆଗକୁ ନ ବଢ଼ାଇ ରଫାଦଫା କରିବାକୁ କୁଆଡ଼େ ଚାପ ପଡୁଥିବା କୁହାଯାଉଛି। ଅପାଠୁଆ ଡାକ୍ତରଙ୍କ ସହଯୋଗୀଙ୍କୁ ମାଫ୍ କରାଗଲା ବୋଲି ଚର୍ଚ୍ଚା ହେଉଛି। ଏ ନେଇ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତିଙ୍କୁ ପଚାରିବାରେ ନୟାଗଡ଼ରେ ନକଲି ଡାକ୍ତର ଗିରଫ ପରେ ଏହାର ତଦନ୍ତ ଚାଲୁ ରହିଛି। ଏଥିରେ କିଏ ଫସିବ କହି ହେବ ନାହିଁ ବୋଲି ସେ କହିଛନ୍ତି।

## ଶ୍ରୀହୀନ ହେବ ସୁନାମୁହିଁ ପର୍ଯ୍ୟଟନସ୍ଥଳ

**ଖଣ୍ଡପଡା,୧୭।୯(ସ୍ୱ.ପ୍ର.)**

ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସହ ଅଞ୍ଚଳବାସୀଙ୍କ ଆମୋଦ ପ୍ରମୋଦ ନିମନ୍ତେ ଖଣ୍ଡପଡା ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳ ପରିସରରେ କ୍ଷୁଦ୍ର ଜଳସେଚନ ବିଭାଗ ଓ ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ମାତ୍ର ପର୍ଯ୍ୟଟନସ୍ଥଳ ପରିସରରେ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ସମ୍ପୃକ୍ତ ବ୍ୟକ୍ତିମାନେ ନିଶାଶକ୍ତ ଅବସ୍ଥାରେ ପର୍ଯ୍ୟଟନସ୍ଥଳ ପରିସରରେ ଲଗାଯାଇଥିବା ମୂଲ୍ୟବାନ ସାମଗ୍ରୀଗୁଡ଼ିକୁ ଭଙ୍ଗାରୁଜା କରିବା ସହ ଚୋରି କରି ନେଉଥିବା ଅଭିଯୋଗ ହେଉଛି। ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ପର୍ଯ୍ୟଟନସ୍ଥଳ ପରିସରରେ ଏନ୍‌ଏସି କର୍ତ୍ତୃପକ୍ଷ ଶହେରୁ ଊର୍ଦ୍ଧ୍ୱ ଉନ୍ନତ କିସମର ଆମ୍ବଚାରା ରୋପଣ କରିଥିଲେ। ଅସାମାଜିକ ବ୍ୟକ୍ତିମାନେ ଆମ୍ବଚାରାଗୁଡ଼ିକୁ ଉପାଡି ଫୋପାଡି ଦେଇଥିବା ନେଇ ଶୁକ୍ରବାର ଜଣାପଡିବା ପରେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଡାଲି ଜାତୀୟ ଫାର୍ମ ଜମିରେ ହେବ ମଡେଲ ଫାର୍ମ

**ନୟାଗଡ ଅଫିସ,୧୭।୯:** ନୟାଗଡ଼ ଜିଲା ସଦର ମହକୁମାରେ ଥିବା ଡାଲି ଜାତୀୟ ଫାର୍ମ ଜମିରେ ମଡେଲ୍ ଫାର୍ମ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ କୃଷି ବିଭାଗ ପକ୍ଷରୁ ଶୁକ୍ରବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ କୁମାର ପ୍ରଧାନ, ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ସତ୍ୟ ନାରାୟଣ ପଣ୍ଡା, ମତ୍ସ୍ୟ ଅଧିକାରୀ ପ୍ରଦୀପ କୁମାର ପ୍ରଧାନ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଉଦ୍ୟାନ କୃଷି ଅଧିକାରୀ ମୁରଲୀଧର ବେହେରା, ଡାଲି ଗବେଷଣା କେନ୍ଦ୍ର ବିଶେଷଜ୍ଞ ଅପର୍ଣ୍ଣା ପ୍ରିୟଦର୍ଶିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପରିଦର୍ଶନ କଲେ ବ୍ଲକ ଶିକ୍ଷାଧିକାରୀ
#### ସ୍କୁଲ ପରିସରରେ ବର୍ଷାଜଳ

**ଖଣ୍ଡପଡା,୧୭।୯(ସ୍ୱ.ପ୍ର.):** ଜଳ ନିଷ୍କାସନ ପଥ ବନ୍ଦ ଯୋଗୁ ଲଗାଣ ବର୍ଷାରେ ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ନୋଡାଲ ହାଇସ୍କୁଲ ପରିସରରେ ବର୍ଷା ଜଳ ଜମା ହୋଇ ରହି ସମସ୍ୟା ସୃଷ୍ଟି କରୁଛି। ଏନେଇ ଗତ ୧୫ ତାରିଖରେ 'ସ୍କୁଲ ପରିସରରେ ବର୍ଷାଜଳ, ନିଷ୍କାସନ ପଥ ବନ୍ଦ ଯୋଗୁ ସମସ୍ୟା' ଶୀର୍ଷକ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ନୟାଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଅପରାହ୍ନରେ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ, ଲଗାଣ ବର୍ଷା ଫଳରେ ହାଇସ୍କୁଲ ପରିସରରେ ବର୍ଷାପାଣି ଜମା ହୋଇ ରହିଛି। ତେବେ ବିଦ୍ୟାଳୟର ପୂର୍ବ ପାର୍ଶ୍ୱ ମାଳବନ୍ଧରେ ପାଣି ନିଷ୍କାସନ ପାଇଁ ରହିଥିବା ଏକ ସ୍ଲୁଇସ ଗେଟଟି ବନ୍ଦ ହୋଇଯାଇଛି। ଫଳରେ ବିଦ୍ୟାଳୟ ପରିସରରୁ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ। ଶିକ୍ଷାଧିକାରୀ ପଟ୍ଟନାୟକଙ୍କୁ ଏ ସମ୍ପର୍କରେ ପଚାରିବାରୁ ବିଦ୍ୟାଳୟ ପରିସରରେ ଜମା ହୋଇ ରହିଥିବା ପାଣିକୁ ଅଗ୍ନିଶମ ବିଭାଗ ଦ୍ୱାରା ନିଷ୍କାସନ କରାଯିବ ବୋଲି ସେ କହିଥିଲେ।

### ୪ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ,୧୭।୯:** ବୈଦ୍ୟନାଥପୁର ଥାନା ପୋଲିସ ଶୁକ୍ରବାର ଭୋରରେ ପାଟ୍ରୋଲିଂ କରୁଥିବା ବେଳେ କମାପଲ୍ଲୀ ଭେଣ୍ଡିଂ ଜୋନରେ ଜୁଆ ଖେଳ ଚାଲିଥିବା ଖବର ପାଇଥିଲା। ସେଠାରେ ଚଢ଼ାଉ କରି ପୋଲିସ ୪ ଜୁଆଡ଼ିଙ୍କୁ କାବୁ କରିଥିବା ବେଳେ ଅନ୍ୟ କେତେଜଣ ଚମ୍ପଟ ମାରିଥିଲେ। ସେଠାରୁ ୧୦,୬୫୦ ଟଙ୍କା ଓ ଖେଳ ସରଞ୍ଜାମ ଜବତ କରାଯାଇଛି। ଏ ନେଇ ମାମଲା ନଂ.୨୪୬/୨୧ରେ ମାମଲା ରୁଜୁ ହୋଇଛି। ସମସ୍ତ ଜୁଆଡ଼ିଙ୍କୁ ଜାମିନରେ ଛଡ଼ାଯାଇଛି ବୋଲି ପୋଲିସ କହିଛି।

### ଜେଲ ଗଲେ ଉଠା ଜଳସେଚନ ସହକାରୀ ଯନ୍ତ୍ରୀ
#### ଲାଞ୍ଚ ନେବା ଘଟଣା

**ବ୍ରହ୍ମପୁର ଅଫିସ,୧୭।୯:** ଆସିକାସ୍ଥିତ ଉଠା ଜଳସେଚନ ଉପବିଭାଜନର ସହକାରୀ ଯନ୍ତ୍ରୀ (ବୈଦ୍ୟୁତିକ) ଈଶ୍ୱର ଦାସଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ଗୁରୁବାର ଗିରଫ କରିଥିଲା। ମାମଲା ନଂ.୧୪/୨୧ରେ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପିଙ୍କ ଦାୟିତ୍ୱରେ ଥିବା ଡିଏସପି ହେନେରୀ କୁଲୁ ସୂଚନା ଦେଇଛନ୍ତି। ଈଶ୍ୱରଙ୍କୁ କୋର୍ଟ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ବୁଗୁଡା ବ୍ଲକ କୋଟକୋଲାଠାରେ ଥିବା ନଦୀରେ ଉଠା ଜଳସେଚନ ବିଭାଗ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ଚାଲୁଛି। କଟକର ଆଖଣ୍ଡଳମଣି ଇଲେକ୍ଟ୍ରିକାଲ ଠିକା ସଂସ୍ଥା ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଛି। ପ୍ରକଳ୍ପର ବିଲ୍ ପାସ ପାଇଁ ସେ ଠିକା ସଂସ୍ଥାକୁ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଠିକା ସଂସ୍ଥାର ପ୍ରକଳ୍ପ ସଂଯୋଜକ ଜଗମୋହନ ପଣ୍ଡା ବ୍ରହ୍ମପୁର ଭିଜିଲାନ୍ସରେ ଜଣାଇଥିଲେ। ଗୁରୁବାର ସହକାରୀ ଯନ୍ତ୍ରୀ ଈଶ୍ୱର ବ୍ରହ୍ମପୁରସ୍ଥିତ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଥିବାବେଳେ ସେଠାକୁ ଟଙ୍କା ଆଣିଦେବାକୁ ପୂର୍ବରୁ ସେ ଜଗମୋହନଙ୍କୁ କହିଥିଲେ। ଯୋଜନା ମୁତାବକ ଜଗମୋହନ ବ୍ରହ୍ମପୁର ଯାଇ ଈଶ୍ୱରଙ୍କୁ ୫୦ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଥିବା ଭିଜିଲାନ୍ସ କର୍ମଚାରୀ ଚଢ଼ାଉ କରି ସହକାରୀ ଯନ୍ତ୍ରୀ ଈଶ୍ୱରଙ୍କୁ କାବୁ କରିଥିଲେ। ଭିଜିଲାନ୍ସ ଟିମ ଉକ୍ତ ଟଙ୍କା ଜବତ କରିବା ସହ ତାଙ୍କର ବ୍ରହ୍ମପୁର ଭଡାଘର ସମେତ ୪ଟି ସ୍ଥାନରେ ଚଢ଼ାଉ କରିଥିଲା।

# ବିଦ୍ୟାଳୟ ପରିଦର୍ଶନ କଲେ ୟୁନିସେଫ୍ ଅଧିକାରୀ

**ନୟାଗଡ଼ ଅଫିସ,୧୭।୯**


ୟୁନିସେଫ୍‌ର ଅଧିକାରୀଙ୍କ ସହ ଅନ୍ୟମାନେ ବିଦ୍ୟାଳୟ ବୁଲି ଦେଖୁଛନ୍ତି।

ଉଚ୍ଚ ବିଦ୍ୟାଳୟର ଉଚ୍ଚାକାଂକ୍ଷୀ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଇଟାମାଟି ବାମନ ଅବକାଶ ଉଚ୍ଚ ବିଦ୍ୟାଳୟ ଅନ୍ତର୍ଭୁକ୍ତ ହୋଇଛି। ଏହାର ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ଆଧୁନିକ ବିଜ୍ଞାନାଗାର ପ୍ରଭୃତି ସ୍ଥାପନା ଏବଂ ବିଦ୍ୟାଳୟ ପ୍ରକୋଷ୍ଠ, ସାଇକେଲ ଷ୍ଟାଣ୍ଡ, ଟଏଲେଟ୍ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏହି ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଅବସରରେ ୟୁନିସେଫ୍ ର ଅଧିକାରୀମାନେ ଶୁକ୍ରବାର ବିଦ୍ୟାଳୟ ପରିଦର୍ଶନ ସହ କାର୍ଯ୍ୟର ଅଗ୍ରଗତିକୁ ସମୀକ୍ଷା କରିଛନ୍ତି।

ୟୁନିସେଫ୍ ଓଡ଼ିଶା କାର୍ଯ୍ୟାଳୟର ମୁଖ୍ୟ ଫିଲଡ୍ ଅଫିସର ମୋନିକା ଓଲଡେଜେକନିଲେସନ୍, ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଅଙ୍କୁର ବାରିକ, ଡିଆଇଇଟି ନୟାଗଡ଼ର ବରିଷ୍ଠ ଶିକ୍ଷା ପ୍ରଶିକ୍ଷକ ଡ.ସନ୍ତୋଷ କୁମାର ପରିଡ଼ା, ଅତିରିକ୍ତ ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ପ୍ରମୁଖ ବିଦ୍ୟାଳୟର ନିର୍ମାଣାଧୀନ ସମସ୍ତ କାର୍ଯ୍ୟ ପରିଦର୍ଶନ କରିଥିଲେ। ଶିକ୍ଷା ବିଶେଷଜ୍ଞ ପଟ୍ଟନାୟକ ବିଭିନ୍ନ ଶିକ୍ଷା ପଦ୍ଧତି ବିଷୟରେ ଉପସ୍ଥିତ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସରକାରୀ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।

## ଯୁବ କଂଗ୍ରେସ ପକ୍ଷରୁ ବେରୋଜଗାରୀ ଦିବସ
# ଜୋତା ପଲିସ୍ କଲେ, ଚା ବିକିଲେ

**ନୟାଗଡ଼ ଅଫିସ, ୧୭।୯**

ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସକୁ ବେରୋଜଗାରୀ ଦିବସ ରୂପେ ପାଳନ କଲା ନୟାଗଡ଼ ଯୁବ କଂଗ୍ରେସ। ବର୍ଷକୁ ଦୁଇକୋଟି ଯୁବକଙ୍କୁ କର୍ମନିଯୁକ୍ତି ଦିଆଯିବାର ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଶିକ୍ଷିତ ଯୁବତୀଯୁବକଙ୍କୁ ଅଣଦେଖା କଲେ। ଏହି ପରିପ୍ରେକ୍ଷୀରେ ବେରୋଜଗାରୀ ବୃଦ୍ଧିର ପ୍ରତିବାଦରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମ ଦିବସ ଶୁକ୍ରବାରକୁ ରାଷ୍ଟ୍ରୀୟ ଯୁବ କଂଗ୍ରେସ ଦେଶବ୍ୟାପୀ ବେରୋଜଗାରୀ ଦିବସ ଭାବେ ପାଳନ କରି ସର୍ବସାଧାରଣରେ ଜୋତା ପଲିସଥ ସହ ଚା' ବିକି ଅଭିନବ ପ୍ରତିବାଦ କରିଛନ୍ତି। ନୟାଗଡ଼ ଜିଲା ସଦର ମହକୁମାର ଟ୍ରାଫିକ ଛକ ବସ୍‌ଷ୍ଟପଠାରେ ବେକାର ଯୁବକ ମାନେ ପୂର୍ବାହ୍ନ ୧୧ ଟା ବେଳେ ଜୋତା ପଲିସ୍ କଲେ। ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ମୀରାବୁବେକାର ସିଦ୍ଦିକି, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଆଦିତ୍ୟ ପ୍ରସାଦ ପରିଡା, ଖଣ୍ଡପଡା ବ୍ଲକ ସଭାପତି ଦେବବ୍ରତ ବେହେରା, ନୂଆଗାଁ ବ୍ଲକ ସଭାପତି ଅଶୋକ ନାୟକ ଯୋଗ ଦେଇଥିଲେ। ନୟାଗଡ଼ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ଏଂ ରାଜ୍ୟ କଂଗ୍ରେସ ସମ୍ପାଦକ ହୁସେନ ଖାଁ ପ୍ରମୁଖ ଯୋଗଦେଇଥିଲେ।


ନୟାଗଡ଼ ଟ୍ରାଫିକ ଛକ ବସଷ୍ଟାଣ୍ଡ ନିକଟରେ ଯୁବ କଂଗ୍ରେସ ନେତା ଓ କର୍ମୀମାନେ।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

**ନୟାଗଡ ଅଫିସ,୧୭।୯**

### ସୁରଟରୁ ଗିରଫ ହେଲେ ଟିଉଶନ ଶିକ୍ଷକ

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ଇଟାମାଟି ଥାନା ପୋଲିସ ବାଲୁଗାଁର ଟିଉସନ ଶିକ୍ଷକ ସର୍ବେଶ୍ୱର ମାଝି(୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସର୍ବେଶ୍ୱରଙ୍କୁ ନୟାଗଡ ସବ୍‌ଜେଲକୁ ଶୁକ୍ରବାର ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ, ଅଗଷ୍ଟ ୧୭ରେ ଥାନା ଅଞ୍ଚଳରୁ ଜଣେ ୧୫ ବର୍ଷର ନାବାଳିକା ନିଖୋଜ ହୋଇଥିଲେ। ପରିବାର ପକ୍ଷରୁ ଖୋଜା ଖୋଜି ପରେ ପତ୍ତା ମିଳି ନ ଥିଲା। ତେବେ ଜଣାପଡିଥିଲା ଟିଉସନ ଶିକ୍ଷକ ଝିଅଙ୍କୁ ଅପହରଣ କରି ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୧୨୧/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଜାଣିବାକୁ ପାଇଲା ଟିଉସନ ଶିକ୍ଷକ ସର୍ବେଶ୍ୱର ନାବଳିକାଙ୍କୁ ସୁରଟ୍‌ରେ ନେଇ ରଖିଛନ୍ତି। ଗୁରୁବାର ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରିଥିଲେ। ଗିରଫ ପରେ ଜଣାପଡିଥିଲା ନାବଳିକାଙ୍କୁ ଟିଉସନ ଶିକ୍ଷକ ବଳାତ୍କାର କରିଥିଲେ। ଏପରିକି ବିବାହ କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ପୋକସ ଆକ୍ଟ, ୩୬୩, ୩୭୬, ୩୬୬, ୧୦୯ ଦଫା ଲଗାଇଥିଲା। ଶୁକ୍ରବାର ଡାକ୍ତରୀ ମାଇନା କରି ଝିଅଙ୍କୁ କୋର୍ଟରେ ହାଜର କରାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନାବାଳିକାଙ୍କୁ ୱାନ ଷ୍ଟପ୍ ସେଣ୍ଟର ସଖିରେ ରଖାଯାଇଛି।

## ବିଷ ପିଇ ନାବାଳିକାଙ୍କ ମୃତ୍ୟୁ

**ଆସିକା,୧୭।୯(ଡି.ଏନ.ଏ.)**

ଆସିକା ଥାନା ଅନ୍ତର୍ଗତ ସାହାସପୁର ଗ୍ରାମର ଜଣେ ନାବାଳିକା ବିଷପିଇ ଗୁରୁତର ହୋଇଥିବାରୁ ଶୁକ୍ରବାର ଆସିକା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ନାବାଳିକାଙ୍କ ମା' ଆସିକା ଥାନାରେ ଜଣାଇଛନ୍ତି। ପୋଲିସ ନଂ.୧୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି ।

## ସ୍କୁଟି ସହ ୭ ଗ୍ରାମ ବ୍ରାଉନସୁଗାର ଜବତ

**ନୟାଗଡ ଅଫିସ,୧୭।୯**

ଚାନ୍ଦପୁର ଥାନା ପୋଲିସ ଶୁକ୍ରବାର ସ୍କୁଟି ସହ ୭ ଗ୍ରାମ ବ୍ରାଉନସୁଗାର ଶୁକ୍ରବାର ଜବତ କରିଛି। ବେଆଇନ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଖୋର୍ଦ୍ଧା ଟାଉନ ଥାନା ଖୋର୍ଦ୍ଧାର ପ୍ରକାଶ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ରଣପୁର ସବ୍ ଜେଲକୁ ପଠାଇ ଦିଆଯାଇଛି।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା


ପୂଜା ପାଉଥିବା ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି।

**ଖଣ୍ଡପଡା,୧୭।୯ (ସ୍ୱ.ପ୍ର)**

ସୃଷ୍ଟିର ଶ୍ରେଷ୍ଠ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଶୁକ୍ରବାର ଖଣ୍ଡପଡା ଓ କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ଶିଳ୍ପାନୁଷ୍ଠାନରେ ପାଳିତ ହୋଇଯାଇଛି। ଖଣ୍ଡପଡା ଓ କଣ୍ଟିଲୋ ବିଦ୍ୟୁତ୍ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ, ଜଳ ସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ଆଇଟିଆଇ ସମେତ ବିଭିନ୍ନ ଘରୋଇ ଶିଳ୍ପାନୁଷ୍ଠାନରେ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କାରାଯାଇଥିଲା। ପୂଜା ପାଉଥିବା ମୂର୍ତ୍ତି ହେଉଛନ୍ତି ଚତୁର୍ଭୁଜ। ବାମ ଉପର ହାତରେ ବଟାଳୀ ଓ ବାମ ତଳ ହାତରେ ହାତୁଡି ବା ନିକିତି ରହିଥିବା ବେଳେ ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବା ଠାଣି ଦୃଷ୍ଟି ଗୋଚର ହୋଇଥିଲା। ବାହାନ କେତେକ ସ୍ଥାନରେ ହାତୀ ପୁଣି କେତେକ ସ୍ଥାନରେ ହଂସ ଦେଖିବାକୁ ମିଳିଥିଲା।

# କାଗଜକଲମରେ ସୀମିତ ପଲିଥିନ କଟକଣା

**ଖଣ୍ଡପଡ଼ା,୧୭।୯(ସ୍ୱ.ପ୍ର.)**


ରାସ୍ତା କଡ଼ ଆବର୍ଜନାରେ କୁଢ଼ କୁଢ଼ ପଲିଥିନ।

ଗାଁ ହେଉ ଅବା ସହର ସବୁଠି ପଲିଥିନର ମୋହ ତୁଟାଇ ପାରୁନାହାନ୍ତି ଗ୍ରାହକ କି ବ୍ୟବସାୟୀ। ବିଭିନ୍ନ ସାମଗ୍ରୀ ସହିତ ମାଛ ମାଂସ, ବିସ୍କୁଟ, ମିକ୍ସର, ଗୃହ ସାମଗ୍ରୀ ପ୍ରଭୃତି ଆଣିବା ପାଇଁ ଗ୍ରାହକମାନେ ଘରୁ ବ୍ୟାଗ ନେବା ଦରକାର ପଡୁନି। ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନେ ଯେତେ ବାରଣ କଲେ ମଧ୍ୟ ଗ୍ରାହକ ବାଧ କରୁଛନ୍ତି ପଲିଥିନିରେ ସାମଗ୍ରୀମାନ ଦିଅ। ବ୍ୟବସାୟ ଦୃଷ୍ଟିରୁ ଦୋକାନୀ ବାଧ ହେଉଛି ପଲିଥିନି ଖଣ୍ଡେ ଦେବାକୁ। ଫଳରେ ଖଣ୍ଡପଡା ଏନ୍‌ଏସି ସମେତ, ଖଳିସାହି, କଣ୍ଟିଲୋ ବାଣପୁର, ସିଧାମୂଳା କୋସକା, ଢୋଲମରା, କୁମ୍ଭାରପଡା, ବନମାଳୀପୁର, ଜଗନ୍ନାଥପ୍ରସାଦ ଆଦି ସମସ୍ତ ପଞ୍ଚାୟତରେ ଥିବା ବ୍ୟବସାୟ ପ୍ରତିଷ୍ଠାନରେ ପଲିଥିନିର ବହୁଳ ବ୍ୟବହାର କରାଯାଉଛି।

ପଲିଥିନର ଅତ୍ୟଧିକ ବ୍ୟବହାର ଯୋଗୁ ଆଉ କେହି କାଗଜ ଠୁଙ୍ଗା ପ୍ରସ୍ତୁତ କରୁ ନାହାନ୍ତି। ପୂର୍ବରୁ ପଲିଥିନିର ପ୍ରଚଳନ ନ ଥିବା ବେଳେ କେତେକ ଲୋକ କାଗଜ ଠୁଙ୍ଗା ତିଆରି କରି ପରିବାର ପ୍ରତିପୋଷଣ କରୁଥିଲେ। ରାଜ୍ୟ ସରକାର ଗତ ୨୦୧୮ ଅକ୍ଟୋବର ୨ରୁ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରିଥିବା ବେଳେ ବ୍ୟବସାୟୀମାନେ ଏହାର ଖୋଲାଖୋଲି ଉଲ୍ଲଙ୍ଘନ କରି ଆସୁଛନ୍ତି। ଏଥିପ୍ରତି ଜଲା ପ୍ରଶାସନର ନଜର ରହୁ ନ ଥିବା ପରିଲକ୍ଷିତ ହେଉଛି। ନିୟମ ଅନୁଯାୟୀ, ଏହି ନିୟମକୁ ଉଲ୍ଲଙ୍ଘନ କରୁଥିବା ସଂସ୍ଥା ଓ ବ୍ୟବସାୟୀଙ୍କୁ ଜେଲ୍ ଏବଂ ଜରିମାନା କରିବାକୁ ଥିବା ବେଳେ ଏହା କେବଳ ସରକାରୀ ନାଲିଫିତା ତଳେ ଚାପି ହୋଇରହିଛି। ବିପୁଳ ପରିମାଣର ପଲିଥିନି ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ଗାଁଠାରୁ ସହର ଏବଂ ପର୍ଯ୍ୟଟନସ୍ଥଳୀଗୁଡିକରେ କୁଢକୁଢ ପଲିଥିନି ପଡି ରହିଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ପଡିଥିବା ଆବର୍ଜନା ମଧ୍ୟରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପ୍ରତିଶତ କେବଳ ପଲିଥିନି ବୋଲି ଜଣାପଡିଛି। ନାଳ, ନର୍ଦ୍ଦମାଠାରୁ ଆରମ୍ଭ କରି ଡଷ୍ଟବିନ ପର୍ଯ୍ୟନ୍ତ କୁଢ କୁଢ ପଲିଥିନି ଯୁକ୍ତ ଆବର୍ଜନା। ସେହିପରି ବାହାରେ ପଡୁଥିବା ପଲିଥିନିଗୁଡିକୁ ସମ୍ପ୍ରତି ଗାଈଗୋରୁ ଖାଇ ରୋଗାକ୍ରାନ୍ତ ହୋଇ ପଡୁଛନ୍ତି। ଜିଲା ପ୍ରଶାସନ ପଲିଥିନି ବ୍ୟବହାର ଉପରେ କଟକଣା ଜାରି କରି ଏହାର ବ୍ୟବହାରକୁ ବନ୍ଦ କରିପାରିଲେ ପରିବେଶ ସୁରକ୍ଷିତ ରହି ପାରିବ। ପଲିଥିନି ପଡି ସୃଷ୍ଟି ହେଉଥିବା ଅସ୍ୱାସ୍ଥ୍ୟକର ପରିବେଶରୁ ମୁକ୍ତି ମିଳିବ। ଏ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଏହା ବ୍ୟତୀତ କାଗଜ ଠୁଙ୍ଗା ପ୍ରସ୍ତୁତ କରୁଥିବା ବ୍ୟବସାୟୀଙ୍କ ପୁନରୁଦ୍ଧାର ହୋଇ ପାରନ୍ତା।

## ସଂକ୍ଷେପରେ

### ମାନବବାଦ ସଙ୍ଗଠନର ମୁଖ୍ୟଙ୍କ ମୁକ୍ତି ପାଇଁ ବିକ୍ଷୋଭ

ନୟାଗଡ଼ ଅଫିସ,୧୭।୯: ମାନବବାଦ ସଙ୍ଗଠନର ମୁଖ୍ୟ ତଥା ଆତ୍ମଘୋଷିତ ଗୁରୁଜୀ ମାନସ ଦାସ ଜେଲ ଯିବା ପରେ ସମର୍ଥକମାନେ ବିରୋଧ କରି ଆସୁଛନ୍ତି। ଶୁକ୍ରବାର ଗୁରୁଜୀଙ୍କ ମୁକ୍ତି ଦାବିରେ ନୟାଗଡ ଜିଲାରେ ତାଙ୍କ ସମର୍ଥକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମାନବ ଶୃଙ୍ଖଳ ଓ ବିକ୍ଷୋଭ କରିଥିଲେ। ନୟାଗଡ ପୋଷ୍ଟ ଅଫିସ ସମର୍ଥକମାନେ ବାହାରି ନୟାଗଡ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ସେଠାରେ ଗୁରୁଜୀ ନିର୍ଦ୍ଦୋଷ, ତାଙ୍କୁ ମୁକ୍ତିକର ବୋଲି ନାରବାଜୀ କରିଥିଲେ। ତେବେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇ ନ ଥିଲେ। କେବଳ ବିକ୍ଷୋଭ କରି ଫେରି ଯାଇଥିଲେ। ଏହି ବିକ୍ଷୋଭରେ ୧୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ଦଳିତ ବର୍ଗର ଲୋକ ଉପସ୍ଥିତ ଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ସନ୍ଦେହରେ ସ୍ୱାମୀ ଅଟକ**

କବିସୂର୍ଯ୍ୟନଗର,୧୭।୯(ଡି.ଏନ୍.ଏ.): କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି ଗ୍ରାମର ଏସ୍. ମହେନ୍ଦ୍ର ରେଡ୍ଡୀଙ୍କ ସ୍ତ୍ରୀ ରଙ୍ଗବତୀ (୨୦)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ଝାଡ଼ବାଇ ଗ୍ରାମର ରଙ୍ଗବତୀଙ୍କ ଗୁଡ଼ିଆଳିର ମହେନ୍ଦ୍ରଙ୍କ ସହ ବିବାହ ହୋଇଥିଲା। ପାରିବାରିକ କଳହକୁ କେନ୍ଦ୍ର କରି ପୂର୍ବରୁ ରଙ୍ଗବତୀଙ୍କୁ ମହେନ୍ଦ୍ର ମାରପିଟ୍ କରୁଥିଲେ ଏବଂ ନିଜ ଗ୍ରାମକୁ ଯିବା ଲାଗି କହୁଥିଲେ। ଗୁରୁବାର ରାତିରେ ମଧ ମହେନ୍ଦ୍ର ରଙ୍ଗବତୀଙ୍କୁ ମାରପିଟ କରିଥିବା ନେଇ ରଙ୍ଗବତୀ ବାପଘର ଲୋକଙ୍କୁ ଜଣାଇଥିଲେ। ଶୁକ୍ରବାର ସକାଳୁ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିବା ବେଳେ ଝିଅକୁ ହତ୍ୟା କରାଯାଇଥିବା ନେଇ ବାପଘର ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। କବିସୂର୍ଯ୍ୟନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲକୁ ପଠାଇଥିଲା। ପରିବାର ଲୋକଙ୍କ ହତ୍ୟା ଏତଲା କ୍ରମେ ରଙ୍ଗବତୀଙ୍କ ସ୍ୱାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା

ପାରଳାଖେମୁଣ୍ଡି,୧୭।୯(ଡି.ଏନ୍.ଏ.): ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଗୁମ୍ମା ବ୍ଲକର ଲିଙ୍ଗା ଗ୍ରାମରେ ଏକ ସ୍ୱତନ୍ତ୍ର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାଧାକରଣ ସଚିବ ବ୍ୟୋମକେଶ ନାୟକ ଯୋଗଦେଇ ପ୍ରାଧିକରଣ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ସଚେତନ କରାଇଥିଲେ। ଯେଉଁ ଯୋଗ୍ୟ ହିତାଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନା ପାଇବାରୁ ବଞ୍ଚିତ ହେଲେ, ତୁରନ୍ତ ଆଇନ ସେବା ପ୍ରାଧିକରଣଙ୍କ କାର୍ଯ୍ୟାଳୟକୁ ଆସି ଉଚିତ ଆଇନ ସେବା ପାଇବା ପାଇଁ ଆବେଦନ କରନ୍ତୁ ବୋଲି ନାୟକ କହିଥିଲେ। ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନଟବର ଗରାଡ, ଗୁମ୍ମା ତହସିଲଦାର ଭାସ୍କର ଚନ୍ଦ୍ର ସାହୁ, ଗୁମ୍ମା ସରପଞ୍ଚ ୟୁସ୍‌ଲେସ ମଣ୍ଡଳ ଓ ସ୍ଥାନୀୟ ପୋଲିସ ଅଧିକାରୀ ଯୋଗ ଦେଇଥିଲେ।

# ସୁନା ଥାଳିଆରେ କାକରାପିଠା ଭୋଗ ଲାଗିଲା

- ଶ୍ରୀରଘୁନାଥଜୀଉଙ୍କ ପୀଠରେ ସୁନିଆ ପର୍ବ
- ୧୪୨୯ ସାଲର ଅୟମାରମ୍ଭ

ଓଡ଼ଗାଁ ୧୭।୯(ସ୍ୱ.ପ୍ର.)

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ମଙ୍ଗଳବାର ସୁନିଆ ପର୍ବ ଅବସରରେ ଶ୍ରୀଜୀଉଙ୍କୁ ୩ ସୁନା ଥାଳଆରେ ୩ ବାଡ ସ୍ୱତନ୍ତ୍ର କାକରା ପିଠା ଲାଗି ହୋଇଛି। ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ସୁନିଆ ଓ ବାମନ ଜନ୍ମ ମହୋତ୍ସବ ଶୁକ୍ରବାର ମଧ୍ୟାହ୍ନରେ ପାଳିତ ହୋଇଛି। ଏହି ଦିନଠାରୁ ଗଜପତି ମହାରାଜାଙ୍କ ନାମରେ ନୂତନ ଅଙ୍କ ପ୍ରଚଳନ କରାଯାଇ ୧୪୨୯ ସାଲର ଅୟମାରମ୍ଭ ହୋଇଛି। ଏହି ନୂତନ ଓଡ଼ିଆ ବର୍ଷ ଚାଳନାକୁ ସୁନିଆ କୁହାଯାଇଥାଏ। ଏହିଦିନ ବାମନ ଜନ୍ମ ଅବସରରେ ପରମ୍ପରା ଅନୁସାରରେ ଶ୍ରୀଜୀଉମାନେ ନୂତନ ପାଟ ବସ୍ତ୍ର, ବନାରସୀ ପୋଷାକ, ସୁବର୍ଣ୍ଣ ମୁକୁଟ ସହ ନାନାଦି ଅଳଙ୍କାରରେ ଭୂଷିତ ହୋଇ ଅଗଣିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ।


ସୁନାଥାଳିରେ ଶ୍ରୀ ରଘୁନାଥ ଜୀଉଙ୍କ ପାଖରେ ଭୋଗ ଲାଗି ହେଉଛି।

ସକାଳ ଧୂପ ଅନ୍ତେ ସୁନିଆ ପାଳନ ନିମନ୍ତେ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଆଜ୍ଞାମାଳା ପାଇ ପାଟ ପତନୀ ବେଷ୍ଟିତ ବନରାସୀ ଖଟୁଲୀରେ ବିଜେ ପ୍ରତିମା ସୁନିଆଁ ନୀତି ଲାଗି ହେବା ନିମିତ ଜୟ ବିଜୟ ଦ୍ୱାରକୁ ବିଜେ ହୋଇ ସୁବର୍ଣ୍ଣ ସିଂହାସନ ଉପରେ ଉପବେସନ କରିଥିଲେ। ପୂଜକ ଓ ସେବାୟତଙ୍କ ଗହଣରେ ଶ୍ରୀଜୀଉଙ୍କୁ ଘଣ୍ଟା, ଘଣ୍ଟି, ବାଦ୍ୟ ଓ ଆଲଟ ଚାମର ସେବା ସହିତ ବିଜେ ପ୍ରତିମାଙ୍କୁ ଷୋଡଶ ଉପଚାର ବିଧିରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ୩ ବାଡ କାକରା ରାଜ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହାସହ ଶ୍ରୀଜୀଉଙ୍କୁ ମହାଆଳତୀ ଲାଗି କରାଯାଇଥିଲା। ବର୍ଷକରେ ଥରେ ବାମନ ଦ୍ୱାଦଶୀ ତିଥିରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣ ଥାଳିରେ ଏହି ବିଶେଷ ଭୋଗ ଲାଗି କରାଯିବା ପରମ୍ପରା ମନ୍ଦିର ପ୍ରତିଷ୍ଠା ଦିନରୁ ପ୍ରଚଳିତ ଥିବା ମନ୍ଦିର ଇତିହାସରୁ ଜଣାଯାଏ। ଏହାସହ ଶ୍ରୀଜୀଉଙ୍କ ସେବାରେ ଥିବା ଛତିଶାଣୀ ନିଯୋଗ ତଥା ପୂଜକ ସେବକ, କର୍ମଚାରୀ, ଶ୍ରଦ୍ଧାଳୁ ଓ ଅଧିକାରୀମାନେ ଧନ ଆକାରରେ ପ୍ରଭୁଙ୍କୁ ଅଙ୍କ ଭେଟି ପ୍ରଦାନ କରି ପ୍ରଭୁକୃପା ଲାଭ କରିବାକୁ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଅଙ୍କ ଭେଟି ପ୍ରଦାନ ପରେ ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କ ପ୍ରତ୍ୟାବର୍ତ୍ତନ ପରେ ମଧ୍ୟାହ୍ନ ଧୂପ ସହ ଶ୍ରୀଜୀଉଙ୍କ ଦିବା ପହୁଡ ହୋଇଥିଲା। କୋଠ ସୁଆର ସ୍ୱତନ୍ତ୍ର କାକରା ପ୍ରସାଦ ପ୍ରସ୍ତୁତ କରିଥିଲେ।

# ସିଧାମୂଳାରେ ଗହଣ ଦଳର ବୈଠକ



ଗହଣ ଦଳ ପକ୍ଷରୁ କୀର୍ତ୍ତନ ।

ଖଣ୍ଡପଡ଼ା,୧୭।୯(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଗହଣ ଦଳର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୋକୁଳାନନ୍ଦ ଜୀଉ ପରିଚାଳନା କମିଟିର ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ସିଧାମୂଳା ଗହଣ ଦଳର ମୁଖ୍ୟ ସଂଯୁକ୍ତା ରାଉତ ବୈଠକରେ ସଂଯୋଜନା କରିଥିଲେ। ଜଗନ୍ନାଥ ସଂସ୍କୃତି ଓ ହିନ୍ଦୁଧର୍ମର ପ୍ରଚାର ପ୍ରସାର ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ଅବସରରେ ଭଜନ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳରୁ ଗହଣ ଦଳର କର୍ମକର୍ତ୍ତା ଓ ସଦସ୍ୟାମାନେ ବୈଠକରେ ଉପସ୍ଥିତ ରହି ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନୀତି, ନିର୍ଦ୍ଧାରଣ କରିଥିଲେ।

# ଦଶପଲ୍ଲାର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା


ଦଶପଲ୍ଲାରେ ପୂଜା ପାଉଥିବା ବିଶ୍ୱକର୍ମଙ୍କ ମୂର୍ତ୍ତି।

ଦଶପଲ୍ଲା ,୧୭।୯ (ଡି.ଏନ.ଏ.)

ସରକାରଙ୍କ କୋଭିଡ କଟକଣା ଯୋଗୁ ସବୁ ଉତ୍ସବ ଭଳି ବିଶ୍ୱକର୍ମା ପୂଜା ମଧ ନିରାଡମ୍ବର ଭାବେ ଦଶପଲ୍ଲା ଅଞ୍ଚଳରେ ପାଳିତ ହୋଇଯାଇଛି। ଆଗରୁ ବାଜା, ବାଣ, ମାଇକ୍ ଶବ୍ଦରେ ଉଛୁଳି ପଡୁଥିବା ପୂଜା ମାହୋଲ ଏବେ ଫିକା ପଡି ଯାଇଛି। କେବଳ କାମଚଳା ଢଙ୍ଗରେ ଚାଲିଛି। ଆଗରୁ ୩ଦିନ ଧରି ଚାଲୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉନାହିଁ। ମୂର୍ତ୍ତି ସରକାରୀ ନିୟମ ଅନୁଯାୟୀ ୪ଫୁଟରୁ ଅଧିକ କରାଯାଇନାହିଁ। ତେବେ ବିଦ୍ୟୁତ୍ ବିଭାଗ, ଜଳ ଯୋଗାଣ ବିଭାଗ, ମଟର କର୍ମଚାରୀ ସଂଘ, ଜଳ ଓ ପରିମଳ ବିଭାଗ, ବିଭିନ୍ନ ଗ୍ୟାରେଜରେ ପୂଜା କରାଯାଇଛି।

## ଟ୍ରାକ୍ଟର ଓଲଟି ୧୬ ଆହତ

କାଶୀନଗର,୧୭।୯ (ଡି.ଏନ.ଏ.)

ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଶୁକ୍ରବାର ଶିଆଳି ଗ୍ରାମ ପଞ୍ଚାୟତ ଅଧୀନ ମାଣ୍ଡିଗୁଡ଼ା ଗ୍ରାମର ୧୬ଜଣ ମହିଳା ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ଅଛନ୍ତି। ମାଣ୍ଡିଗୁଡ଼ା ଗ୍ରାମର ମହିଳାମାନେ ଖୁରିଗାଁକୁ ଧାନ ବିଲରେ ଘାସ ବାଛିବାକୁ ଆସିଥିଲେ। କାମ ସରିଲା ପରେ ସମସ୍ତେ ଏକ ଟ୍ରାକ୍ଟର (ନଂ ଓଆର୨୦ଏ ୦୫୩୫)ରେ ଘରକୁ ଫେରିଲା ବେଳେ ଖୁରିଗାଁଗୁଡା ମୁଖ୍ୟ ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି କାଶୀନଗର ମେଡିକାଲରେ ଭର୍ତ୍ତି କରିଥିଲେ। ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ନାବାଳିକାଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ଗିରଫ

ହିଞ୍ଜିଳିକାଟୁ,୧୭।୯(ଡି.ଏନ.ଏ.)

ମୁନିଗୁଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ଭୁବନେଶ୍ୱରର ବାହା ହେବାର ଅଭିନୟ କରି ବଳାତ୍କାର ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମା'ଙ୍କ ଏତଲା କ୍ରମେ ହିଞ୍ଜିଳି ପୋଲିସ ଗତ ଅଗଷ୍ଟ ୧୩ରେ ନଂ.୪୨୪/୨୧ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ରଜାତୋଟା ସାହିର ପରଦେଶୀ ବରା। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି।

# ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ବୃଦ୍ଧ

ନୟାଗଡ ଅଫିସ,୧୭।୯

**ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ ପ୍ରସଙ୍ଗ**


ସୁଦାମ ନାୟକ।

ବୃଦ୍ଧାଶ୍ରମରେ ପେଟ ପୁରା ଖାଇବାକୁ ଦିଆଯାଉ ନ ଥିବାର ଅଭିଯୋଗ ଆଣି ତଡା ଖାଇବା ପରେ ଆତ୍ମହତ୍ୟା ଉଦ୍ୟମ କରିଥିବା ପୂର୍ବତନ ବରିଷ୍ଠ ଖବରଦାତା ସୁଦାମ ନାୟକ(୮୩) ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପରେ ନୟାଗଡ଼ ଟାଉନ ଥାନା ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ନୟାଗଡ଼ ବୃଦ୍ଧାଶ୍ରମରେ ବୃଦ୍ଧାବୃଦ୍ଧମାନଙ୍କୁ ପେଟପୁରା ଖାଇବାକୁ ଦିଆଯାଉ ନ ଥିଲା। ପ୍ରତିବାଦରେ ଗତ ୮ ତାରିଖରେ ସୁଦାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦେଇଥିଲେ। ଏପରିକି ବୃଦ୍ଧାଶ୍ରମରେ ଚାଲିଥିବା ଅବ୍ୟବସ୍ଥା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲେ। ବୃଦ୍ଧାବୃଦ୍ଧଙ୍କ ଦାବିକୁ ଅଣଦେଖା କଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଧମକ ଦେଇଥିଲେ। ହେଲେ ତାଙ୍କୁ ଧାରଣାରୁ ଉଠାଇ ବାହାରେ ଛାଡି ଦିଆଯାଇଥିଲା। ପୁଣି ବୃଦ୍ଧାଶ୍ରମରୁ କାଢ଼ି ଦିଆଯାଇଥିଲା। ସେ କିଛିଦିନ ହେବ ବାହାରେ ଭୋକ ଉପାସ ରହିବା ପରେ ୧୫ ତାରିଖରେ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ସୁଦାମ କହିଛନ୍ତି, ତାଙ୍କର ଘରକୁ ୧୦ ଲକ୍ଷରେ ବିକ୍ରି କରି ଜଣେ ସାମ୍ବାଦିକ ଓ ଅନ୍ୟଜଣେ ସ୍ୱେଚ୍ଛାସେବୀ ଚାଲାକ କରି ନେଇଗଲେ। ପ୍ରତି ବଦଳରେ ପ୍ରତିଶ୍ରୁତି ଦେଇଥିଲେ ମାର୍ବଲ ଘରେ ରଖିବେ। ଇଚ୍ଛା ମୁକାବକ ଖାଇବାକୁ ଦେବା ସହ ଦାୟିତ୍ୱ ନେବେ। ତେବେ ଦାୟିତ୍ୱ ନ ନେଇ ମୋତେ ବୃଦ୍ଧାଶ୍ରମରେ ରଖିଲେ। ବୃଦ୍ଧାଶ୍ରମରେ ପୁଣି ସେମାନେ ଦାୟିତ୍ୱରେ ଅଛନ୍ତି। ସେଠାରେ ଠିକ୍‌ରେ ଖାଇବାକୁ ଦେଲେ ନାହିଁ। ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ଓ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ଘର ବିକ୍ରି ଟଙ୍କା ନେଇଥିବା ବ୍ୟକ୍ତିଙ୍କ ସହ ଅନ୍ୟଜଣେ ତାଙ୍କୁ ନିର୍ଯାତନା ଦେଉଥିବା ସେ କହିଛନ୍ତି। ଅଭିଯୋଗରେ ୩ଜଣଙ୍କ ନାଁ ଦର୍ଶାଇଛନ୍ତି। ଏ ନେଇ ନୟାଗଡ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ଅଭିଯୋଗ ମିଳିଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗକାରୀଙ୍କୁ ପଚରାଉଚୁରା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଅପରାଧ ସମୀକ୍ଷା କଲେ ଏସ୍‌ପି

ଛତ୍ରପୁର,୧୭।୯(ଡି.ଏନ୍.ଏ.):

ଗଞ୍ଜାମ ପୋଲିସ ଜିଲାର ସ୍ୱତନ୍ତ୍ର ଅପରାଧ ସମୀକ୍ଷା ବୈଠକ ଏସ୍‌ପି ବ୍ରିଜେଶ କୁମାର ରଏଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ହୋଇଯାଇଛି । ଅପରାଧୀ, ପୁରୁଣା ୱାରେଣ୍ଟ, ମାଦକ ଦ୍ରବ୍ୟ କାରାବାର ଧରପଗଡ ସହ ଯାନବାହାନ ଯାଞ୍ଚ କଡାକଡି କରିବା ଓ ବିଶୃଙ୍ଖଳା ହେଉଥିବା ସ୍ଥଳରେ ଠିକ୍ ସମୟରେ ପହଞ୍ଚି ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସପି ପରାମର୍ଶ ଦେଇଛନ୍ତି । ଏଥିସହ ବିଭିନ୍ନ ଥାନାରେ ପଡିରହିଥିବା ବିଭିନ୍ନ ମାମଲାର ତୁରନ୍ତ ଫଇସଲା କରିବାକୁ କହିଛନ୍ତି। ନିୟମିତ ଜୁଆଆଡ୍ଡା ଓ ବେଆଇନ ମଦ କାରାବାର ଉପରେ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ସମସ୍ତ ଥାନା ଅଧିକାରୀମାନଙ୍କୁ କହିଥିଲେ। ଲୋକେ ଯେପରି ଠିକ ସମୟରେ ନ୍ୟାୟ ପାଇବେ ସେ ଦିଗରେ ସଚେତନ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ଗଞ୍ଜାମ ପୋଲିସ ଜିଲାର ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ରମେଶ ଚନ୍ଦ୍ର ସେଠୀ, ପି.କେ. ଦଳାଇ ଓ ବିଜୟ କୁମାର ମଲ୍ଲିକ, ଡିଏସପି ସୀମା ସ୍ୱାଇଁ , ଅଜୟ କୁମାର ମିଶ୍ର, ଏସ ପ୍ରଧାନଙ୍କ ସମେତ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ରେଳଷ୍ଟେଶନ ଆଗରେ ଧାରଣା

**ସ୍ୱତନ୍ତ୍ର ଟ୍ରେନ୍‌ରେ ଅଣସଂରକ୍ଷଣ ଟିକେଟ ଦାବି**

ବ୍ରହ୍ମପୁର ଅଫିସ,୧୭।୯

ସ୍ୱତନ୍ତ୍ର ଟ୍ରେନ ପୁରୀ-ଗୁଣପୁର-ପୁରୀ ଏବଂ ପଲାସା-ଭୁବନେଶ୍ୱର-ପଲାସା ଯାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ୟୁଟିଏସ (ଅଣ ସଂରକ୍ଷଣ ଟିକଟ) ଟିକଟ ପ୍ରଦାନ ପାଇଁ ସଂସ୍କାରବାଦୀ ସଂଗଠନ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ଶୁକ୍ରବାର ବ୍ରହ୍ମପୁର ରେଳଷ୍ଟେଶନ ସମ୍ମୁଖରେ ଧାରଣା ଦିଆଯିବା ସହ ବ୍ରହ୍ମପୁର ରେଳ ଷ୍ଟେଶନ୍ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ କୁହାଯାଇଛି ଯେ, ୨୦୧୭ରୁ ବ୍ରହ୍ମପୁର-ପୁରୀ-ବ୍ରହ୍ମପୁର ଟ୍ରେନ ଚଳାଚଳ ନିମନ୍ତେ ଦାବି କରାଯାଉଥିଲେ ସୁଦ୍ଧା ଏଯାଏ ଦାବି ପୂରଣ ହୋଇପାରି ନାହିଁ। ଅନ୍ୟପଟେ ରେଲୱେ ବିଭାଗ କରୋନା ମହାମାରୀର ଆଳ ଦେଖାଇ ୨ବର୍ଷ ହେବ ପାସେଞ୍ଜର ଟ୍ରେନ୍ ଚଳାଚଳ ବନ୍ଦ କରି ସ୍ୱତନ୍ତ୍ର ଟ୍ରେନ୍ ନାମରେ ଯାତ୍ରୀଙ୍କଠାରୁ ଅଧିକ ଭଡା ଆଦାୟ କରୁଥିବା ସଂଘ ଅଭିଯୋଗ କରିଛି। ସରକାର ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ସଂଘର ସମ୍ପାଦକ ଲଳିତ ମୋହନ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଂପାଦକ ହିମାଂଶୁ କୁମାର ପଟ୍ଟନାୟକ, ଉପସଭାପତି ପ୍ରମୋଦ କୁମାର ସାହୁ, ସଂସ୍କାରବାଦୀ ସଦସ୍ୟ ଶିବ ପ୍ରସନ୍ନ ମିଶ୍ର, ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଧାରଣା ଦେଇଥିଲେ।

# ଶ୍ରୀନୀଳମାଧବ ପୀଠରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

ଖଣ୍ଡପଡା,୧୭।୯ (ସ୍ୱ.ପ୍ର)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରରେ ଶୁକ୍ରବାର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ଏବଂ ବାମନ ଜନ୍ମ ପାଳିତ ହୋଇଯାଇଛି। ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀରୁ ଭଗବାନ ବିଷ୍ଣୁ ଶୟନ କରି କାର୍ତ୍ତିକ ଏକାଦଶୀରେ ନିଦ୍ରା ତ୍ୟାଗ କରିଥାନ୍ତି। ଭାଦ୍ରବ ଶୁକ୍ଳ ପକ୍ଷରେ ଶ୍ରୀଜୀଉ କଡ ଲେଉଟାଉଥିବାରୁ ଏହାକୁ ଠାକୁରଙ୍କ ପାର୍ଶ୍ୱ ପରିବର୍ତ୍ତନ କୁହାଯାଏ। ଏହି ଅବସରରେ ଶ୍ରୀଜୀଉଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ସକାଳ ଧୂପ ସମ୍ପନ୍ନ ପରେ ଅପରାହ୍ନ ପ୍ରାୟ ସାଢେ ୧ଟାରେ ବେଢା ପରିକ୍ରମା ପରେ ମଙ୍ଗଳାର୍ପଣ ହୋଇଥିଲା। ରାତିରେ ପୁନର୍ବାର ୩ ଘେରା ବେଢା ପରିକ୍ରମା ପରେ ମହାଦୀପ ଉଠିଥିଲା। ଏହାକୁ ଦର୍ଶନ କରିବାକୁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲା।


ଶ୍ରୀନୀଳମାଧବ ଜୀଉ

# ଗଞ୍ଜାମ ଜିଲାରେ ହୋଇପାରୁନି କୃଷି କଲେଜ

- ମିଳିତ ଉଦ୍ୟମ କରୁନାହାନ୍ତି ଜନ ପ୍ରତିନିଧି
- ବିଜେଡି ବୈଠକରେ ଦାବି ପ୍ରସ୍ତାବ ପ୍ରହସନ

ବ୍ରହ୍ମପୁର ଅଫିସ,୧୭।୯

ନିର୍ବାଚିତ ଜନ ପ୍ରତିନିଧିଙ୍କ ମିଳିତ ଉଦ୍ୟମ ଓ ଆନ୍ତରିକତା ଅଭାବରୁ ଗଞ୍ଜାମ ଜିଲାରେ ହୋଇପାରୁନି ସରକାରୀ କୃଷି କଲେଜ। ଅପରପକ୍ଷରେ ଘୋଷଣାର ୭ ବର୍ଷ ବିତିବାକୁ ଯାଉଥିବା ବେଳେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଶାସକ ଦଳ ନେତାମାନେ ପାଟି ଖୋଲୁନଥିବା ଓ ସରକାରଙ୍କ ଉପରେ ଚାପ ପକାଉ ନ ଥିବା ଉଦ୍‌ବେଗର ବିଷୟ ହୋଇଛି। ଏଭଳି ସ୍ଥିତିରେ ଗତ ବୁଧବାର ଭଞ୍ଜନଗରରେ ଅନୁଷ୍ଠିତ ବିଜେଡି ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଗଞ୍ଜାମରେ କୃଷି କଲେଜ ପାଇଁ ରାଜନୈତିକ ଚିଠା ପ୍ରସ୍ତାବରେ ଦାବି କରାଯାଇଛି।

ସୂଚନାଯୋଗ୍ୟ, ଗଞ୍ଜାମ ହେଉଛି କୃଷିପ୍ରଧାନ ଜିଲା। ୨୦୧୧ ଜନଗଣନା ଅନୁସାରେ ଜିଲାର ୩୫ ଲକ୍ଷାଧିକ ଜନସଂଖ୍ୟା ମଧ୍ୟରୁ ୭୦ରୁ ୮୦ ପ୍ରତିଶତ କେବଳ କୃଷି କାର୍ଯ୍ୟ କରନ୍ତି। ଜିଲାରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ ରହିଛି। ତେବେ କୃଷି କଲେଜ ସ୍ଥାପନ ଲାଗି ଦୀର୍ଘ ବର୍ଷରୁ ହୋଇଥିବା ଦାବି ପ୍ରତି ଅଣଦେଖା କରାଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ରଙ୍ଗେଇଲୁଣ୍ଡା ବ୍ଲକ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟରେ ମତ୍ସ୍ୟ ବିଜ୍ଞାନ କଲେଜ ବହୁ ବର୍ଷ ତଳୁ ପ୍ରତିଷ୍ଠା କରାଯାଇଛି। ଏହି କଲେଜରେ ଦେଶର ବିଭିନ୍ନ ରାଜ୍ୟ ଏବଂ ବିଦେଶରୁ ଆସି ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

ପର୍ଯ୍ୟାପ୍ତ ଜଳସେଚନ ବ୍ୟବସ୍ଥା ନ ଥିବା ସତ୍ତ୍ୱେ ଜିଲାର ପ୍ରାୟ ୪ ଲକ୍ଷ ହେକ୍ଟର ଜମିରେ ସବୁ ବର୍ଷ ଖରିଫ ଧାନ ଓ ଅଣଧାନ ରବି ଫସଲ ଚାଷ କରାଯାଉଛି। ଚାଷୀଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଉନ୍ନତମାନର ଜ୍ଞାନକୌଶଳ ଏବଂ ଗଞ୍ଜାମ ସମେତ ଦକ୍ଷିଣାଞ୍ଚଳର ଅନ୍ୟ ଜିଲାର ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ସରକାର କୃଷି କଲେଜ ପ୍ରତିଷ୍ଠା କରିବା ଅପରିହାର୍ଯ୍ୟ ହୋଇଛି। ମହାବିଦ୍ୟାଳୟ ସ୍ଥାପନ ଲାଗି ବ୍ରହ୍ମପୁର ଆଖପାଖରେ ଆବଶ୍ୟକ ଜମି ଓ ଅନ୍ୟ ଭିତ୍ତିଭୂମି ଅଛି। ମହାନଗର ଉପକଣ୍ଠ ଆଙ୍କୁଶପୁରରେ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ରଙ୍ଗେଇଲୁଣ୍ଡାରେ କୃଷି ବିଭାଗର ଏକ ତାଲିମ କେନ୍ଦ୍ର ଅଛି। ତେଣୁ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠାର ପ୍ରାସଙ୍ଗିକତା ରହିଛି। ଭଞ୍ଜନଗରରେ ଅନୁଷ୍ଠିତ ବିଜେଡି କାର୍ଯ୍ୟକାରିଣୀ ବୈଠକରେ କୃଷି କଲେଜ ସ୍ଥାପନ ପ୍ରସ୍ତାବ ପ୍ରହସନ ଓ ଲୋକଦେଖାଣିଆ ହୋଇଛି। ୨୦୧୪ ଡିସେମ୍ବର ଶେଷ ସପ୍ତାହରେ ଦକ୍ଷିଣାଞ୍ଚଳସ୍ତରୀୟ ଚାଷୀ ସମାବେଶ ଓ କୃଷି ମେଳା ବ୍ରହ୍ମପୁରରେ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ୧୦ ଜିଲାର ବିଧାୟକ, ମନ୍ତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ସରକାରୀ କାର୍ଯ୍ୟକ୍ରମରେ ଗଞ୍ଜାମରେ କୃଷି କଲେଜ ପ୍ରସଙ୍ଗ ଉଠିଥିଲା। ତତ୍କାଳୀନ କୃଷି ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀ ସମାବେଶରେ ଅଧ୍ୟକ୍ଷତା କରିଥିଲେ। ଜିଲାର କେଉଁଠି କରାଯିବ ତାହା ମନ୍ତ୍ରୀ, ବିଧାୟକ ଓ ଏମ୍‌ପି ସ୍ଥାନ ନିରୂପଣ କରିବାକୁ ସେ ପ୍ରସ୍ତାବ ଦେଇଥିଲେ।

ଏହାର ୭ ବର୍ଷ ବିତିବାକୁ ଯାଉଥିବର ବେଳେ ଏଯାବତ ଜନ ପ୍ରତିନିଧିମାନେ ଏକାଠି ଆଲୋଚନା କରିନାହାନ୍ତି ଓ ସରକାରଙ୍କୁ ପ୍ରସ୍ତାବ ମଧ ଦେଇନାହାନ୍ତି। ତେଣୁ ବିଜେଡି କାର୍ଯ୍ୟକାରିଣୀରେ ଆଗତ ଦାବି ପ୍ରସ୍ତାବ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କରାଯାଇଥିବା ଆଲୋଚନା ପରିସରକୁ ଆସିଛି। ଗଞ୍ଜାମ ଶାସକ ବିଜେଡିର ଦୁର୍ଗ ହୋଇଛି ଏବଂ ନବୀନ ପଟ୍ଟନାୟକ ଏହି ଜିଲାରୁ ରାଜନୈତିକ ଜୀବନ ଆରମ୍ଭ କରି ଦୁଇଥର କେନ୍ଦ୍ରମନ୍ତ୍ରୀ ଓ ୫ ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଦଳର ବୈଠକରେ ପ୍ରସ୍ତାବ ଉପସ୍ଥାପିତ ଅପେକ୍ଷା ବିଧାୟକ, ଏମ୍‌ପି ଓ ଅନ୍ୟମାନେ ମିଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି କୃଷି କଲେଜ ଦାବି କରାଯିବାକୁ ବିଭିନ୍ନ ମହଲରୁ ଗୁରୁତ୍ୱ ଦିଆଯାଇଛି।

## ଲଙ୍ଗଳେଶ୍ୱର ଶ୍ରମିକ ସଂଘର ବୈଠକ

ପୋଲସରା,(ଡି.ଏନ.ଏ.): ପୋଲସରା ଏନଏସି ରାଣୀପଡା ସ୍ଥିତ ପଶ୍ଚିମମୁଖୀ ଲଙ୍ଗଳେଶ୍ୱର ମନ୍ଦିର ପରିସରରେ ଶୁକ୍ରବାର ଲଙ୍ଗଳେଶ୍ୱର ଶ୍ରମିକ ସଂଘର ବୈଠକ ସଂଘ ସଭାପତି ସ୍ୱପନେଶ୍ୱର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥି ସହିତ ଶ୍ରମିକ ସଂଘର ଗୃହ ନିର୍ମାଣ କାର୍ଯ୍ୟ ପାଇଁ ୫ ଲକ୍ଷ ଟଙ୍କା ଦେବା ଲାଗି ବୈଠକରେ ଘୋଷଣା କରିଥିଲେ। ଉକ୍ତ ବୈଠକରେ ଶ୍ରମିକ ସଂଘର ଉପଦେଷ୍ଟା ମୋତିରମ ସାହୁ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ନଗର ବିଜେଡି ସଭାପତି ରଞ୍ଜିତ ସାହୁ, ଗୋପାଳ କୃଷ୍ଣ ସାହୁ, ବିଜୁ ଶ୍ରମିକ ସାମୁଖ୍ୟ ଜିଲା ସମ୍ପାଦକ ସନ୍ତୋଷ କୁମାର ବେହେରା ପ୍ରମୁଖ ସମେତ ଶ୍ରମିକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ରାଜପଥ ପାର୍ଶ୍ୱ ଗାଁ ଛକରେ ସୋଲାର ଲାଇଟ୍ ରାଞ୍ଚି-ବିଜୟୱାଡ଼ା କରିଡ଼ର




ଭଞ୍ଜନଗର,୧୭।୯(ଡି.ଏନ.ଏ.): ରାଞ୍ଚି-ବିଜୟୱାଡ଼ା କରିଡ଼ର ଅଧିନରେ ଆସୁଥିବା ଭଞ୍ଜନଗର ଠାରୁ ସୋନପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ କଡ଼ରେ ପଡୁଥିବା ଗ୍ରାମ ଗୁଡ଼ିକରେ ସୋଲାର ଲାଇଟ ଲଗାଯିବ । ଭଞ୍ଜନଗର ଠାରୁ ବଉଦ ଚାରିଛକ ହୋଇ ସୋନପୁର ପର୍ଯ୍ୟନ୍ତ ପ୍ରାୟ ୫ଶହ ସୋଲାର ଲାଇଟ୍ ଲାଗିବ । ଭଞ୍ଜନଗରରୁ ଉକ୍ତ କାମ ଆରମ୍ଭ ହୋଇଛି । ଭଞ୍ଜନଗର କଲେଜ ଛକରୁ ଶ୍ରୀରାମନଗର ପର୍ଯ୍ୟନ୍ତ ଲାଇଟ୍ ଲଗାଇବା କାର୍ଯ୍ୟ ଚାଲିଛି । ଏହାପରେ ବୁଦୁଲି, ମୁଜାଗଡ଼, ନିଧିଆପଲ୍ଲୀ, ଖାରିଗୁଡ଼ା, ଦଦରାଲୁଣ୍ଡି, ରମ୍ଭା, ଦୁର୍ଗାପ୍ରସାଦ ଆଦି ସ୍ଥାନରେ ସୋଲାର ଲାଇଟ ଲାଗିବ। ଗୋଟିଏ ଗୋଟିଏ ଲାଇଟ୍ ପିଛା ପ୍ରାୟ ୭୦ରୁ ୮୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ଜଣାପଡ଼ିଛି । ଠିକାଦାର ୫ ବର୍ଷ ପର୍ଯ୍ୟନ୍ତ ଉକ୍ତ ଲାଇଟ୍‌ର ମରାମତି ଦାୟିତ୍ୱ ନେଇଛି ।

## ସିପିଆଇ ମୋହନା ଆଞ୍ଚଳିକ କମିଟି ପକ୍ଷରୁ ଦାବିପତ୍ର

ଆର.ଉଦୟଗିରି,୧୭।୯(ଡି.ଏନ.ଏ.): ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ସିପିଆଇ ପକ୍ଷରୁ ମୋହନା ବ୍ଲକ କାର୍ଯ୍ୟାଳୟଠାରେ ବିକ୍ଷୋଭ କରାଯାଇଛି। ଏଥିସହ ୧୭ ଦଫା ଦାବି ସମ୍ବଳିତ ପତ୍ର ବିଡ଼ିଓଙ୍କ ଅନୁପସ୍ଥିତିରେ ଜିପିଇଓ ନରସିଂହ ମଣ୍ଡଙ୍ଗୀଙ୍କୁ ପ୍ରଦାନ କରି ଜିଲାପାଳଙ୍କ ନିକଟକୁ ପଠାଯାଇ ଏହାର ଶୀଘ୍ର ସମାଧାନ କରିବା ପାଇଁ ଦାବି କରିଥିଲେ। ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ବିକ୍ଷୋଭରେ କୃଷକ ସଂଘ ସଭାପତି ଜଗନ୍ନାଥ ମିଶ୍ର, ମୋହନା ଆଞ୍ଚଳିକ ସମ୍ପାଦକ ଗୋକୁଳ ଦଳବେହେରା, ସୁନୀଲ ରାଇକା, ସୁରେନ୍ଦ୍ର ମଳିକ, ଦୁର୍ଯ୍ୟୋଧନ ମଣ୍ଡଳଙ୍କ ସମେତ ଶତାଧିକ ସିପିଆଇ କର୍ମୀ ବିକ୍ଷୋଭରେ ଯୋଗଦେଇ ନିଜ ନିଜର ଦାବି ଉପସ୍ଥାପନ କରିଥିଲେ।

## ଖମାରି ଗାଁରେ ଆଇନ ସଚେତନତା ଶିବିର

ଦିଗପହଣ୍ଡି,୧୭।୯(ଡି.ଏନ.ଏ.): ଦିଗପହଣ୍ଡି ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ଖମାରିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନସେବା କମିଟିର ଅଧକ୍ଷ ତଥା ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ସଞ୍ଜୟ ଶୁଭବ୍ରତ ଆଚାର୍ଯ୍ୟ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ସଚେତନତା ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମେତ ବିଭିନ୍ନ ଆଇନ ସମ୍ପର୍କରେ ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମରୁ ଆସିଥିବା ଜନସାଧାରଣଙ୍କୁ ମାଜିଷ୍ଟ୍ରେଟ ସଚେତନ କରିଥିଲେ। ସରପଞ୍ଚ ସନ୍ତୋଷ କୁମାର ପାତ୍ର, ଆଇନଜୀବୀ ବିଜୟ କୁମାର ପ୍ରଧାନଙ୍କ ସମେତ ଆଇନ ସେବା କମିଟିର ସମ୍ପାଦକ ସତ୍ୟନାରାୟଣ ପାଢ଼ୀ ସଭାରେ ମଞ୍ଚାସୀନ ଥିଲେ। କୋର୍ଟ କର୍ମଚାରୀ କାଳିଆ ନାୟକଙ୍କ ସମେତ ପଞ୍ଚାୟତ କର୍ମଚାରୀ ବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# କେଏସ୍‌ୟୁବି, ସାବିତ୍ରୀ ମହାବିଦ୍ୟାଳୟର ୪ ଛାତ୍ରୀ ଟପ୍ପର

**ଯୁକ୍ତ ୩ ପରୀକ୍ଷା ଫଳ**

ଭଞ୍ଜନଗର,୧୭।୯(ଡି.ଏନ.ଏ)


ଅନିତା ବେହେରା ।


ଶ୍ରୀମୟୀ ସାହୁ ।


ଜ୍ୟୋତି ପ୍ରିୟାଦର୍ଶନୀ ନାୟକ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ଯୁକ୍ତ ୩ କଳା, ବାଣିଜ୍ୟ ଓ ବିଜ୍ଞାନର ଷଷ୍ଠ ସେମିଷ୍ଟାର ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିସହ ବିଭିନ୍ନ ବିଭାଗର ଶ୍ରେଷ୍ଠ ୧୦ ଜଣଙ୍କ ତାଲିକା ପ୍ରକାଶିତ ହୋଇଛି । ଭଞ୍ଜନଗରର ଦୁଇ କଲେଜର ୪ ଛାତ୍ରୀ ଟପ୍ପରଙ୍କ ମଧ୍ୟରେ ଅଛନ୍ତି । ପଦାର୍ଥ ବିଜ୍ଞାନରେ ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ଶୈଳଜା କୁମାରୀ ମିଶ୍ର ଟପ୍ପର ହୋଇଛନ୍ତି। ରାଜନିତୀ ବିଜ୍ଞାନରେ ଶ୍ରୀମୟୀ ସାହୁ ଟପ୍ପର ହୋଇଥିବା ବେଳେ ସଙ୍ଗୀତା କୁମାରୀ ରାଉତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। କେଏସ୍‌ୟୁବି କଲେଜ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ଛାତ୍ରୀ ଅନିତା କୁମାରୀ ବେହେରା ଟପ୍ପର ହୋଇଥିବା ବେଳେ ଇଲୋକ୍ଟ୍ରୋନିକ୍ସରେ ଛାତ୍ରୀ ଜ୍ୟୋତି ପ୍ରିୟାଦର୍ଶନୀ ନାୟକ ଟପ୍ପର ହୋଇଛନ୍ତି । ସେହିପରି ବାଣିଜ୍ୟରେ କେଏସ୍‌ୟୁବିର ପି.ସ୍ମୃତିରାଣୀ ପାତ୍ର ତୃତୀୟ ସ୍ଥାନରେ ଥିବାବେଳେ ପଦାର୍ଥ ବିଜ୍ଞାନରେ କେଏସ୍‌ୟୁବି କଲେଜର ଅସୀମ କୁମାର ନାୟକ ୫ମ ଓ ସାବିତ୍ରୀ ମହାବିଦ୍ୟାଳୟର ସୁରଭିନି ବେହେରା ଦଶମ ସ୍ଥାନ ଅଧିକାର କରିଛନ୍ତି । ଶିକ୍ଷାରେ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଦୀପିକା ଭୂୟାଁ ତୃତୀୟ ସ୍ଥାନରେ ଅଛନ୍ତି। ଗଣିତ (ବିଜ୍ଞାନ)ରେ କେଏସ୍‌ୟୁବିର ବ୍ରହ୍ମା ଶଙ୍କର ଗୌଡ଼ ୫ମ, ମୁକେଶ କୁମାର ଦିହୁଡ଼ି ୯ମ ସ୍ଥାନ ଅଧିକାର କରିଛନ୍ତି । ଗଣ ଯୋଗାଯୋଗରେ ବିକାଶ ପ୍ରଧାନ ତୃତୀୟ, ଗୀତା ପ୍ରଧାନ ୪ର୍ଥ, ଲିପି ମହାରଣା ୫ମ, ଅଜୟ ପ୍ରଧାନ ଷଷ୍ଠ, ଗୀତାଞ୍ଜଳି ପରିଡ଼ା ୭ମ, ଅମିର ପ୍ରଧାନ ୮ମ, ଲିପିକା ପ୍ରଧାନ ୯ମ ଓ ଦିପକ କୁମାର ସେଠୀ ୧୦ମ ସ୍ଥାନ ଅଧିକାର କରିଛନ୍ତି । ଇଲୋକ୍ଟ୍ରୋନିକ୍ସରେ ସତ୍ୟବାନ ଚୌଧୁରୀ ଦ୍ୱିତୀୟ, ମାମା ପଣ୍ଡା ତୃତୀୟ, ଶ୍ରୀଧର ଆଚାର୍ଯ୍ୟ ୪ର୍ଥ, ମନୋଜ ପାତ୍ର ୫ମ, ପୂଜା କୁମାରୀ ପାତ୍ର ୬ଷ୍ଠ, ପଦ୍ମନାଭ ଭୂୟାଁ ୭ମ ଓ ରୁଦ୍ର ନାରାୟଣ ପାତ୍ର ୮ମ ସ୍ଥାନରେ ଅଛନ୍ତି । କେଏସ୍‌ୟୁବି କଲେଜ ଅଧକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ ଓ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ଼.ଜୟରାମ ସେନାପତି ଛାତ୍ରୀଛାତ୍ରଙ୍କ ସଫଳତା ନେଇ ଖୁସିବ୍ୟକ୍ତ କରିଛନ୍ତି। ଏହା ଅଧାପିକା, ଅଧାପକମାନଙ୍କ କଠିନ ପରିଶ୍ରମର ଫଳ ବୋଲି ଉଭୟେ କହିଛନ୍ତି ।

# ଗଣେଶପୂଜା ଭୋଜି ଖାଇ ଅସୁସ୍ଥଙ୍କ ସଂଖ୍ୟା ବଢୁଛି


ଚିକିତ୍ସିତ ହେଉଛନ୍ତି ଝାଡାବାନ୍ତି ଆକ୍ରାନ୍ତମାନେ।

କାଶୀନଗର,୧୭।୯(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ନିକଟସ୍ଥ ଗ୍ରାମ କିଡ଼ିଗାଁରେ ଗୁରୁବାର ଗଣେଶ ବିସର୍ଜନ ଭୋଜି ଖାଇ ଶତାଧିକ ମହିଳା, ପୁରୁଷ ଓ ବାଳକ ଝାଡ଼ାବାନ୍ତି, ପେଟବ୍ୟଥା ରୋଗରେ ଆକ୍ରାନ୍ତ ହୋଇଥିଲେ। ଶୁକ୍ରବାର ମଧ ଆହୁରି କେତେଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅସୁସ୍ଥମାନଙ୍କୁ କିଡ଼ିଗାଁ ଗ୍ରାମଠାରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଦଳ ଓ କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର, ନର୍ସ, ଫାର୍ମାସିଷ୍ଟମାନେ କ୍ୟାମ୍ପ ପକାଇ ଚିକିତ୍ସା ଚାଲାଇଛନ୍ତି। ଭେଷଜ ବିଶେଷଜ୍ଞ ଡା.ଅନିଲ ଆଚାର୍ଯ୍ୟ, ଡ଼ା. ପ୍ରକାଶ ପାତ୍ର ପ୍ରମୁଖ ସ୍ୱତନ୍ତ୍ର ଭାବେ ଗୁରୁତରଙ୍କୁ ଚିକିତ୍ସା କରୁଛନ୍ତି। ବ୍ଲକ ଅଧକ୍ଷ ଚିତ୍ରି ସିମାଦ୍ରୀ, ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଡେପୁଟି କଲେକ୍ଟର ଜୁବୁଲି ବେହେରା, ରଘୁରାମ ସାହୁ ପ୍ରମୁଖ ଡାକ୍ତରଖାନା ପରିଦର୍ଶନ କରି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ପ୍ରସ୍ତାବିତ ମାଛଧରା ବନ୍ଦର ବୁଲିଲେ ମତ୍ସ୍ୟ ନିର୍ଦ୍ଦେଶକ


ମତ୍ସ୍ୟ ନିର୍ଦ୍ଦେଶକ ଅନୁଧାନ କରୁଛନ୍ତି ।

ଛତ୍ରପୁର,୧୭।୯(ଡି.ଏନ.ଏ.)

ରାଜ୍ୟ ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ଶୁକ୍ରବାର ଗଞ୍ଜାମ ଜିଲା ଗସ୍ତରେ ଆସି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଆଲୋଚନା କରିଥିଲେ। ପରେ ସେ ଛତ୍ରପୁର ବ୍ଲକ ସାନଆର୍ଯ୍ୟପଲ୍ଲୀ ଗ୍ରାମ ନିକଟରେ ପ୍ରାୟ ୩୫୦କୋଟି ବ୍ୟୟରେ ହେବାକୁ ଥିବା ଆଧୁନିକ ଧରଣର ମାଛଧରା ବନ୍ଦର (ଫିସିଂ ହାର୍ବର) ନିମନ୍ତେ ଚିହ୍ନଟ ହୋଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ନିର୍ଦ୍ଦେଶକଙ୍କ ସହ ଜିଲାପାଳ କୁଲାଙ୍ଗେ, ଡିଏଫଓ (ବ୍ରହ୍ମପୁର) ଅମ୍ଲାନ ନାୟକ, ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ, ଜିଲାମତ୍ସ୍ୟ ଅଧିକାରୀ (ଗଞ୍ଜାମ ଜୋନ) ନିମାଇଁ ଚରଣ ବସ୍ତିଆ, ଉପମତ୍ସ୍ୟ ନିର୍ଦ୍ଦେଶକ (ଗଞ୍ଜାମ ଜୋନ) ହେମନ୍ତ କୁମାର ଦାଶ, ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ସୁବ୍ରତ କୁମାର ପଟ୍ଟନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ବିଶ୍ୱ ଭୂଷଣ ଜେନାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ନିର୍ଦ୍ଦେଶକ ପ୍ରଧାନ ଗୋପାଳପୁର ମତ୍ସ୍ୟ ଅବତରଣ କେନ୍ଦ୍ର ବୁଲି ଦେଖିଥିଲେ ।

## ଯୁବକଙ୍କୁ ଛୁରି ଭୁସି ହତ୍ୟା, ଅଭିଯୁକ୍ତ ଅଟକ

ରାୟଗଡ(ଗଜପତି), ୧୭।୯(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ ଥାନା ଅଧୀନ ଜିରାଙ୍ଗ ସାପ୍ତାହିକ ହାଟରେ ଶୁକ୍ରବାର ଏକ ହତ୍ୟାକାଣ୍ଡ ଘଟିଛି। ଜନଗହଳିପୂର୍ଣ୍ଣ ସପ୍ତାହିକ ହାଟରେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ରାସିବାଡ ଗ୍ରାମର ରଞ୍ଜିତ କୁମାର ଦଣ୍ଡିଆ (୩୫) । ମୃତକଙ୍କ ବାପା ଅଜାମ୍ବର ଦଣ୍ଡିଆଙ୍କ ଅଭିଯୋଗକୁ ଭିତ୍ତିକରି ରାୟଗଡ଼ ପୋଲିସ ନଂ. ୭୯/୨୧ରେ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଏସ୍‌ଡିପିଓ ରାମକୃଷ୍ଣ ପତି କହିଛନ୍ତି। ମୃତକଙ୍କ ସ୍ତ୍ରୀ ସୁଚିତ୍ରାଙ୍କ କହିବାନୁସାରେ, ତାଙ୍କ ବିବାହ ପୂର୍ବରୁ ଅଭିଯୁକ୍ତ ଜଣକ ତାଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ସୁଚିତ୍ରା ରଞ୍ଜିତଙ୍କୁ ବିବାହ କରିଥିଲେ। ହେଲେ ଆକ୍ରମଣକାରି ସୁଚିତ୍ରାଙ୍କୁ ଅନେକ ଥର ହଇରାଣ ହରକତ କରୁଥିଲେ। ଶୁକ୍ରବାର ସ୍ୱାମୀଙ୍କ ସହ ସୁଚିତ୍ରା ଜିରାଙ୍ଗ ସାପ୍ତାହିକ ହାଟକୁ ଯାଇଥିବା ସମୟରେ ଅଭିଯୁକ୍ତ ରଞ୍ଜିତଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରଞ୍ଜିତଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରେମ ବେପାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ରାୟଗଡ଼ ଥାନାଧିକାରୀ ଗୋବିନ୍ଦ ଗୌଡ ସୂଚନା ଦେଇଛନ୍ତି।

# ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ବାର୍ଷିକୋତ୍ସବ


ବିଡ଼ିଓ ଶଶି ଭୂଷଣ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି ।

ଭଞ୍ଜନଗର,୧୭।୯(ଡି.ଏନ.ଏ)

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠରେ ଶୁକ୍ରବାର ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ୫ମ ବାର୍ଷିକୋତ୍ସବ ଓ ମ୍ୟାନେଜିଂ ଟ୍ରଷ୍ଟି ନିରଦା ବାସିନୀ ପଟ୍ଟନାୟକ ସ୍ମୃତିସଭା ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବେଲଗୁଣ୍ଠା ବିଡ଼ିଓ ଶଶି ଭୂଷଣ ମହାପାତ୍ର ଯୋଗଦେଇ ଶ୍ରୀମା ଅରବିନ୍ଦଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ରାଉରକେଲା ଯୋଗମନ୍ଦିରର ସାଧକ ରଞ୍ଜିତ ଦାସ ମୁଖ୍ୟବକ୍ତା ଓ ରାଉରକେଲାର ପ୍ରଫେସର ଭବେଶ ଚନ୍ଦ୍ର ସାହୁ ଅନ୍ୟତମ ବକ୍ତାଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଜିଲା ଆବାହକ ଲକ୍ଷ୍ମୀଧର ଦାସ ଅତିଥି ଭାବେ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ବର୍ଷ ତମାମ କିଭଳି ପାଳନ କରାଯାଉଛି ସେ ସମ୍ପର୍କରେ କହିଥିଲେ । ଅଧାପିକା ସୁପ୍ରଭା ବେହେରା ଦୁର୍ଗାସ୍ରୋତ ପାଠ କରିଥିବା ବେଳେ ସୌରଭ ପଣ୍ଡା ସାବିତ୍ରୀ ପାଠ କରିଥିଲେ । ସୁନିତା ପାଣିଗ୍ରାହୀ ମା' ବହି ପଠନ କରିଥିଲେ । ସୁନନ୍ଦା ଅପା ମାତୃବନ୍ଦନା ଗାନ କରିଥିବା ବେଳେ ରାମେଶ୍ୱର ସାହୁ ତାଙ୍କୁ ସହଯୋଗ କରିଥିଲେ । ରତ୍ନ ମଞ୍ଜରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ୟାପକ ପୋଚ ନଷ୍ଟ, ମଦ ଜବତ

ବୁଗୁଡ଼ା,୧୭।୯(ଡି.ଏନ.ଏ.)

ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ଗୁରୁବାର ତହସିଲ, ପୋଲିସ ଓ ଅବକାରୀ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୨୨୦୦ ଲିଟର ଗୁଡ଼ ପୋଚ ନଷ୍ଟ କରାଯିବା ସହ ୫୦ ଲିଟର ଦେଶୀ ମଦ ଜବତ ହୋଇଛି। ଏଥିସହ ଜଣଙ୍କୁ ଗିରଫ କରାଯାଇଛି। ବୁଗୁଡ଼ା ତହସିଲ ଅନ୍ତର୍ଗତ ମାଣିତରା ସେନାପତି ଜଙ୍ଗଲ ନିକଟରେ ଥିବା ଡିଗ୍ ନାମକ ଏକ ଗ୍ରାମର ଆଖପାଖ ଜଙ୍ଗଲ ମଧ୍ୟରେ ମଦ ମାଫିଆମାନେ ଚୋରା ମଦ ପ୍ରସ୍ତୁତ କରିବା ପାଇଁ ବ୍ୟାପକ ପରିମାଣର ଗୁଡ଼ ପୋଚ ଗଚ୍ଛିତ କରି ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଅବକାରୀ ଥାନାଧିକାରୀ ବ୍ରହ୍ମାନନ୍ଦ ଭୋଇ, ଥାନା ଆଇଆଇସି ଚିତରଞ୍ଜନ ବେହେରାଙ୍କ ନିର୍ଦ୍ଦେଶରେ ପୋଲିସ ପ୍ରଶାସନ ସଦଳବଳେ ଚଢ଼ାଉ କରି ୨୨୦୦ ଲିଟର ଗୁଡ଼ପୋଚ ନଷ୍ଟ କରିଥିଲେ। ସେଠାରୁ ୪୦ ଲିଟର ଦେଶୀ ମଦ ଓ ବିଭିନ୍ନ ବ୍ୟାପକ ସରଞ୍ଜାମ ଜବତ ହୋଇଥିଲା। ଏନେଇ ଅବକାରୀ ଥାନାରେ ନଂ.୨୬/୨୧-୨୨ରେ ମାମଲା ରୁଜୁ କରାଯାଇଛି। ସେହିପରି ଅବକାରୀ ବିଭାଗ ପକ୍ଷରୁ ବୁଗୁଡ଼ା ଥାନା ଅନ୍ତର୍ଗତ ଜଗତପାଟଣା ଠାରେ ଚଢ଼ାଉ କରାଯାଇ ଜଣେ ଯୁବକଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଗିରଫ ଯୁବକ ହେଲେ ବୀରଧନଞ୍ଜୟପୁର ଗ୍ରାମର ବିଭୂତି ଭୂଷଣ ମିଶ୍ର। ଏନେଇ ଅବକାରୀ ଥାନାରେ କେଶ ନଂ.୨୭/୨୧-୨୨ରେ ଏକ ମାମଲା ରୁଜୁ ହୋଇଛି।

## ଭାଜପାର ସାଙ୍ଗଠନିକ ବୈଠକ

ଚିକିଟି,୧୭।୯(ଡି.ଏନ.ଏ.)

ବଡ଼ବରଙ୍ଗା ସ୍ଥିତ ମା ବାରାହୀ ପୀଠରେ ଶୁକ୍ରବାର ଭାଜପା ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀ ତରଫରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଅଧକ୍ଷତାରେ କଳବାଡ ପଞ୍ଚାୟତର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଜପା ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିପଦ ଭଞ୍ଜନ ପଣ୍ଡା, ରାଜୁ ପାଣିଗ୍ରାହୀ, ନବୀନ ପାଢ଼ି, ଉଦୟ ପ୍ରଧାନ, ରଜନୀ ପାଢ଼ି, ରବି ପାଣିଗ୍ରାହୀ, ସୁନୀଲ ସାହୁ, ସୂର୍ଯ୍ୟ ନାରାୟଣ ପଣ୍ଡା, ଖଲି ବାଡ଼ତ୍ୟା, ଦଣ୍ଡରାମ ସାବତ, ଚିନ୍ମୟ ପାଣିଗ୍ରାହୀ, ଭୀମସେନ ପାଣିଗ୍ରାହୀ, ଦେବଦତ୍ତ ପଣ୍ଡା, ଚିକିଟି ଏନଏସି ମଣ୍ଡଳ ସଭାପତି ଅନ୍ତରାମ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ବିଭିନ୍ନ ସଂଘର ମିଳିତ ବୈଠକ

ଭଞ୍ଜନଗର,୧୭।୯(ଡି.ଏନ.ଏ)

ଭଞ୍ଜନଗର ବାଇପାସ୍ ରୋଡ଼ସ୍ଥିତ ଢୁଢୁଆ ମନ୍ଦିରରେ ଶୁକ୍ରବାର ଅଞ୍ଚଳର ବିଭିନ୍ନ ଶ୍ରମିକ ସଂଘ, ଅବସରପ୍ରାପ୍ତ ପୌର କର୍ମଚାରୀ ସଂଘ, ଟେଲର ମାଷ୍ଟର ସଂଘ, ଘୁମୁସର ଦିବ୍ୟାଙ୍ଗ ସଂଘ ପକ୍ଷରୁ ଏକ ମିଳିତ ବୈଠକ ହୋଇଥିଲା । ବିଭିନ୍ନ ସମୟରେ ସରକାରଙ୍କ ବିଭିନ୍ନ ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ । ସରକାରୀ କର୍ମଚାରୀଙ୍କ ଅବହେଳା ଏବଂ ରାଜନୈତିକ ହସ୍ତକ୍ଷେପ ଯୋଗୁ ଯୋଗ୍ୟ ହିତାଧିକାରୀମାନେ ତାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଆଗାମୀ ଦିନରେ ଭଞ୍ଜନଗର ଉପଖଣ୍ଡର ଯୋଗ୍ୟ ହିତାଧିକାରୀମାନଙ୍କ ପାଖରେ ସରକାରଙ୍କ ବିଭିନ୍ନ ଯୋଜନା ନ ପହଞ୍ଚିଲେ ମିଳିତ ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ମହାସଂଘର ସଭାପତି ଡ଼ି.ଚେଲପତି ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସନ୍ତୋଷ କୁମାର ପଣ୍ଡା, ମାଲ ମହାରଣା, କିଶୋର ରାଓ, ରାଜେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।

# ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟିକା ଓ ଅନ୍ୟମାନେ।

ଆସିକା,୧୭।୯(ଡି.ଏନ.ଏ.)

ଆସିକା ବ୍ଲକ ବାଲିସିରା ପଞ୍ଚାୟତ ସାପୁଆପଲ୍ଲୀ ଗ୍ରାମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ ଶୁକ୍ରବାର ଗୋଷ୍ଠୀ କେନ୍ଦ୍ର ଉଦଘାଟନ କରିଛନ୍ତି। ଆମ ଗାଁ ଆମ ବିକାଶ ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି କେନ୍ଦ୍ର ହୋଇଛି। ଏହି ଅବସରରେ ବିଧାୟିକା ଗାଁରେ ବୁଲି ଲୋକଙ୍କ ବିଭିନ୍ନ ସାମୁହିକ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ବିଧାୟିକାଙ୍କ ସହ ବିଜେଡି ଜିଲା ଉପସଭାପତି ଦିଲୀପ ପାଣିଗ୍ରାହୀ, ଅନିଲ କୁମାର ନାୟକ, ରଶ୍ମୀତା ସେନାପତି, ଅଭିମନ୍ୟୁ ନାହାକ, ରାଜେଶ ପଟ୍ଟନାୟକ, ଶିବଶଙ୍କର ମହାନ୍ତି, ଭଗବାନ ପ୍ରଧାନ, ଧନମାଳି ସିୟଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟ ସାମିଲ ଥିଲେ ।

# କବିସୂର୍ଯ୍ୟନଗର: ରୂପାନ୍ତରିତ ହେବ ୨୮ ଉଚ୍ଚ ବିଦ୍ୟାଳୟ

**ଅନୁଧାନ କଲେ ବିଧାୟିକା**

କବିସୂର୍ଯ୍ୟନଗର,୧୭।୯(ଡି.ଏନ.ଏ.)


ସ୍କୁଲ ଅନୁଧାନ କରୁଛନ୍ତି ବିଧାୟିକା।

କବିସୂର୍ଯ୍ୟନଗର ବ୍ଲକରେ ୨୩ ଓ ଏନଏସିରେ ୫ଟି ଉଚ୍ଚ ବିଦ୍ୟାଳୟ ରହିଛି। ପ୍ରଥମ ପର୍ଯ୍ୟାୟରେ ବ୍ଲକ ଅନ୍ତର୍ଗତ ଗଙ୍ଗାପୁରର ରାମେଶ୍ୱର ହାଇସ୍କୁଲ, ଗୁଡ଼ିଆଲି ତାରୁମିଲା ଲକ୍ଷ୍ମୀନାରାୟଣ ହାଇସ୍କୁଲ, ବୁମ୍ପର ରାଧାକୃଷ୍ଣ ହାଇସ୍କୁଲ, କବିସୂର୍ଯ୍ୟନଗର ଏନଏସିର ମର୍ଦ୍ଦରାଜ ହାଇସ୍କୁଲ ଓ ବଡଆଗୁଳସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟକୁ ରୂପାନ୍ତରୀକରଣ କରାଯିବ। ଏହି ସ୍କୁଲଗୁଡିକରେ ଉନ୍ନତମାନର ଶିକ୍ଷାଦାନ ସହ ଡିଜିଟାଲ କ୍ଲାସ ରୁମ, ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ ଖେଳ ପଡିଆ, ସ୍ୱଚ୍ଛ ପାନୀୟ ଜଳ, ସ୍ମାର୍ଟ ବିଜ୍ଞାନଗାର ନିର୍ମାଣ ହେବ। ପିଲାଙ୍କ ଲାଗି ହାଇଜେନିକ ଶୌଚାଳୟ ନିର୍ମାଣ ହେବ। ସୁବିସ୍ତୃତ ଖେଳ ପଡିଆ ରହିବ। ପରବର୍ତ୍ତୀ ସମୟରେ ଆଉ କିଛି ସ୍କୁଲକୁ ସ୍ମାର୍ଟ କରାଯିବାକୁ ପ୍ରସ୍ତାବ ନିଆଯାଇଥିବା ଜଣାପଡିଛି। ପ୍ରତି ବିଦ୍ୟାଳୟ ଲାଗି ୪୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଥିବା ବିଡ଼ିଓ ବାସୁଦେବ ନାୟକ ସୂଚନା ଦେଇଛନ୍ତି। ଗୁରୁବାର ବିଧାୟିକା ଲତିକା ପ୍ରଧାନ କବିସୂର୍ଯ୍ୟନଗର ବ୍ଲକର ବୁଢ଼ାମ୍ବ, ଗଙ୍ଗାପୁର, ଗୁଡ଼ିଆଲି, ବଡଆଗୁଳ ଓ ଏନଏସି ଗସ୍ତ ଉଚ୍ଚ ବିଦ୍ୟାଳୟଗୁଡ଼ିକର ସ୍ଥିତି ପରଖିଥିଲେ। ଉପଯୁକ୍ତ ସ୍ଥାନ ନିରୀକ୍ଷଣ କରିବା ସହ ଖୁବଶୀଘ୍ର କାର୍ଯ୍ୟ ସାରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ବିଧାୟିକାଙ୍କ ସହ ବିଡ଼ିଓ ନାୟକ, ଯନ୍ତ୍ରୀ ମହେଶ୍ୱର ସାବତ, ଜିଲା ବିଜେଡି ଉପସଭାପତି ମନୋରଞ୍ଜନ ମହାପାତ୍ର, ନଗର ବିଜେଡି ସଭାପତି ରସଲ ଦାସ, ନଗର ମହିଳା ବିଜେଡି ସଭାପତି ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ପୁରୁଷୋତ୍ତମପୁର,୧୭।୯(ଡି.ଏନ.ଏ.)

**ୟୁଜିବି ବ୍ୟାଙ୍କର ଟଙ୍କା ଠକେଇ ଘଟଣା**

ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଦିଲୀପ କୁମାର ବାରିକ ୧୫ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ୟୁଜିବି ବ୍ୟାଙ୍କର ଟଙ୍କା ଠକେଇ ଘଟଣାରେ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ସହ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା ପାଥପାଟନାମ ଗ୍ରାମର ତଥା ଜାମୁନି ୟୁଜିବି ବ୍ୟାଙ୍କର ପୂର୍ବତନ କର୍ମଚାରୀ ଜେ.ରାଜା ରାଓ।

୨୦୧୦ ମସିହା ଜୁନ ୧୭ ତାରିଖରେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଜାମୁନି ଗ୍ରାମରେ ଥିବା ୟୁଜିବି ବ୍ୟାଙ୍କରେ ସୁନା ବନ୍ଧକ ଋଣ ଓ କୃଷି ଋଣ ଦାୟିତ୍ୱରେ ରହି କାର୍ଯ୍ୟ କରୁଥିବା ରାଜା ରାଓ ଜାଲିଆତି କରି ବ୍ୟାଙ୍କରୁ ୧୪ ଲକ୍ଷ ୮ ହଜାର ୫୫୦ଟଙ୍କା ଠକେଇ କରିଥିଲେ। ଏହି ଘଟଣା ବ୍ୟାଙ୍କ ପକ୍ଷରୁ ଅଡିଟରେ ଜଣାପଡିବା ପରେ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ପୁରୁଷୋତ୍ତମ ଲେଙ୍କା ୨୦୧୩ ଫେବୃଆରୀ ୨୨ରେ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୧/୧୩ରେ ମାମଲା ରୁଜୁ କରି ଅଭିଯୁକ୍ତ ରାଜା ରାଓଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଦଫା ୪୦୯ ରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଅର୍ଥ ଅନାଦେୟ ହେଲେ ଅଧିକା ୩ ମାସ ଜେଲ ଦଣ୍ଡ ଏବଂ ଦଫା ୪୨୦ ରେ ଏକ ବର୍ଷ ଜେଲ ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକା ୩ମାସ ଜେଲଦଣ୍ଡର ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ରାଜାଙ୍କ ଓକିଲଙ୍କ ପିଟିସନ ପ୍ରକାରେ ବିଚାରପତି ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ କ୍ୟାଡର ଏପିପି ସତ୍ୟବ୍ରତ ମହାନ୍ତି ମାମଲା ପରିଚାଳନା କରୁଥିଲେ।